ବର୍ଷ-୪୮ : ସଂଖ୍ୟା-୮ ଅଗଷ୍ଟ, ୨୦୧୭ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୧୭


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ତୁମ ମନୋଭାବ | ... | ଶ୍ରୀମା | ... | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୫୭) | | | | |
| ନୀରବତାର କଣ୍ଠସ୍ୱର | ... | ମନୋଜ ଦାସ | ... | ୯ |
| ଅତିମାନସର ସୋପାନାବଳୀ | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୪ |
| ବିଜ୍ଞାନ ଓ ଅଧ୍ୟାତ୍ମଜ୍ଞାନ | ... | ନଳିନୀକାନ୍ତ ଗୁପ୍ତ | ... | ୧୯ |
| ଧ୍ୟାନ (୮) | ... | ମାଧବ ପଣ୍ଡିତ | ... | ୨୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୫୫) | ... | ... | ... | ୨୫ |
| ସତ୍ୟରୁ ସାନ୍ତ୍ୱନା | ... | ... | ... | ୨୮ |
| ପ୍ରଜ୍ଞା ପୁରୁଷଙ୍କୁ ପ୍ରଣାମ (କବିତା) | ... | ହୃଷୀକେଶ ପଣ୍ଡା | ... | ୩୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୩୧ |
| ଆଦର୍ଶ ମାତାପିତା (୯) | ... | ଶ୍ରୀମା | ... | ୩୪ |
| ଶାସ୍ତ୍ରଲବ୍ଧ ସିଦ୍ଧାନ୍ତର ଦୁଇଟି ବୃତ୍ତାନ୍ତ | ... | ସନ୍ତୋଷ କୁମାର ଯୋଗାଣିଆ | ... | ୩୭ |
| ଗଙ୍ଗାଧର (୩) | ... | ... | ... | ୪୨ |
| ଗୁପ୍ତ ତଥ୍ୟର ଆବିଷ୍କାର (୨) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୪ |
| ଆମ ଭାଗବତ : ଭକ୍ତି, ଜ୍ଞାନ, ତତ୍ତ୍ୱ ଯହିଁ ଏକତ୍ର | ... | ଧର୍ମ କୁମାର ଶତପଥୀ | ... | ୪୭ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୦) | ... | ସାହାନା ଦେବୀ | ... | ୫୦ |
| ଆମ ସ୍ୱାସ୍ଥ୍ୟ (୨୩) | ... | ଭୋଳେଶ୍ୱର ଭୂୟାଁ | ... | ୫୧ |
| ସେବାବୃକ୍ଷର ଛାୟାସ୍ନାନ | ... | ରଜନୀକାନ୍ତ ମିଶ୍ର | ... | ୫୪ |
| ଆସ ଆଗେଇ ଯିବା (କବିତା) | ... | କିଶୋରୀ ଦାଶ | ... | ୫୫ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୬ |
| ଅଭୀପ୍ସା (କବିତା) | ... | ହରପ୍ରିୟା ସାହୁ | ... | ୫୭ |
| ନାସ୍ତିକ ଓ ଆସ୍ତିକ : | | | | |
| ଦୁଇ ସାମ୍ପ୍ରତିକ ଗବେଷଣାର ସିଦ୍ଧାନ୍ତ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ହେ ପ୍ରଭୁ, ଆମେ ତୁମ ସମ୍ମୁଖରେ ଉଭା ଯେମିତିକି ତୁମରି ସଂକଳ୍ପହିଁ ସାଧିତ ହୋଇପାରିବ । ଆମ ଭାବନାରୁ ଦୂରୀଭୂତ କର ଯାବତୀୟ ବାଧା, ସନ୍ଦେହ, ସମସ୍ତ ଦୁର୍ବଳତା, ସୀମାବଦ୍ଧତା, ଯେତେ ଯାହା ଆମ ଜ୍ଞାନକୁ ଆବରିତ କରେ ଏବଂ ଆମ ବୋଧଶକ୍ତିକୁ କରେ ମ୍ଳାନ ।

ତୁମ ଚେତନା ପାଇଁ ମୁଁ ତୃଷାତୁର, ତୁମ ସହ ପୂର୍ଣ୍ଣାଙ୍ଗ ଏକତା ପାଇଁ ମୁଁ ତୃଷାତୁର – କର୍ମବିମୁଖତା ବା ସ୍ଥୂଳ କର୍ମରୁ ପଳାୟନ ଯୋଗେ ନୁହେଁ, କିନ୍ତୁ ତୁମ ସଂକଳ୍ପର ଏକ ସର୍ବାଙ୍ଗୀଣ, ଚୂଡ଼ାନ୍ତ, ନିଖୁଣ ସିଦ୍ଧି ମାଧ୍ୟମରେ ।

ଧରିତ୍ରୀକୁ ଆଚ୍ଛନ୍ନ କରି ରଖିଥିବା ଅନ୍ଧକାର ଭିତରୁ ଉତ୍ସାରିତ ହେଉ ତୁମ ପରମ ଆଲୋକର ଔଜ୍ଜ୍ୱଲ୍ୟ ।

ଅଗଷ୍ଟ ୯, ୧୯୧୪ — ଶ୍ରୀମା



# ମାତୃବାଣୀ

The Divine Presence is in you. It is in you. You look for it outside; look inside. It is in you. The Presence is there. You want the appreciation of others to get strength – you will never get it. The strength is in you. If you want, you can aspire for what seems to you the supreme goal, supreme light, supreme knowledge, supreme love. But it is in you – otherwise you would never be able to contact it. If you go deep enough inside you, you will find it there, like a flame that is always burning straight up.

(MCW. Vol. 3, pp. 399 - 400) – The Mother

ଭଗବତ୍ ଦିବ୍ୟ-ଉପସ୍ଥିତି ତୁମ ନିଜ ଭିତରେହିଁ ରହିଛି । ଏହା ତୁମ ଭିତରେ ରହିଛି । ତୁମେ ଏହାକୁ ଖୋଜୁଛ ବାହାରେ, ନିଜ ଭିତରକୁ ଚାହଁ । ଏହା ତୁମ ଭିତରେହିଁ ରହିଛି । ସେହିଠାରେହିଁ ରହିଛି ସେହି ଦିବ୍ୟ-ଉପସ୍ଥିତି । ଶକ୍ତି ପାଇବାର ଆଶା ନେଇ ତୁମେ ଅନ୍ୟମାନଙ୍କଠାରୁ ପ୍ରଶଂସା ଚାହୁଁଛ – ତୁମେ ତାହା କେବେହେଲେ ପାଇବ ନାହିଁ । ଶକ୍ତି ରହିଛି ତୁମ ନିଜ ଭିତରେ । ଯଦି ଚାହଁ, ତେବେ ଯାହା ସର୍ବୋତ୍ତମ ଲକ୍ଷ୍ୟ, ସର୍ବୋତ୍ତମ ଆଲୋକ, ସର୍ବୋତ୍ତମ ଜ୍ଞାନ, ପରମ ସର୍ବୋତ୍ତମ ପ୍ରେମ ବୋଲି ତୁମର ମନେହୁଏ, ତାହା ପାଇଁ ଅଭୀପ୍ସା କରିପାର । କିନ୍ତୁ ତାହା ରହିଛି ତୁମ ନିଜ ଭିତରେ – ତା ନ ହୋଇଥିଲେ ତୁମେ କେବେହେଲେ ତାହା ସହିତ ସଂଯୋଗ ସ୍ଥାପନ କରିବା ପାଇଁ ସକ୍ଷମ ହୋଇ ପାରନ୍ତ ନାହିଁ । ତୁମେ ଯଦି ନିଜ ଭିତରେ ଆହୁରି ଆହୁରି ଗଭୀରକୁ ପ୍ରବେଶ କର, ତେବେ ଦେଖିବ ସେଠାରେ ତାହା ବିଦ୍ୟମାନ ହୋଇ ରହିଛି ଏକ ଅଗ୍ନିଶିଖା ରୂପେ, ଯାହାକି ନିତ୍ୟ ନିରନ୍ତର ସିଧା ଊର୍ଦ୍ଧ୍ୱକୁ ନିଜର ଶିଖା ବିସ୍ତାର କରି ପ୍ରଜ୍ୱଳିତ ହୋଇ ଚାଲିଛି ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ**

**(The Descent into Night)**

(୬୪)

## ଶ୍ରୀଅରବିନ୍ଦ

On the dark background of a soulless world
She staged between a lurid light and shade
Her dramas of the sorrow of the depths
Written on the agonised nerves of living things :
Epics of horror and grim majesty,
Wry statues spat and stiffened in life's mud,
A glut of hideous forms and hideous deeds
Paralysed pity in the hardened breast.

ଆତ୍ମାବିହୀନ ଜଗତର ଅନ୍ଧାରି ପ୍ରେକ୍ଷାପଟ ଉପରେ ଏକ ଅତ୍ୟୁଜ୍ଜ୍ୱଳ ଆଲୋକ ଓ ଘନଛାୟା ମଧ୍ୟରେ ସେ ମଞ୍ଚସ୍ଥ କରି ଚାଲିଥିଲେ ଆପଣା ଗଭୀରତାଗୁଡ଼ିକର ବେଦନାଭରା ନାଟକାବଳୀ । ସେହି ନାଟକମାନ ଲିଖିତ ହୋଇଥିଲେ ଜୀବନ୍ତ ବସ୍ତୁରାଜିର ବ୍ୟଥାକ୍ଲିଷ୍ଟ ସ୍ନାୟୁମଣ୍ଡଳୀ ଉପରେ : ଆତଙ୍କ ଏବଂ ନିଷ୍ଠୁର ମହିମାର ମହାକାବ୍ୟ ସକଳ, ଜୀବନର କର୍ଦ୍ଦମରେ ପରିତ୍ୟକ୍ତ ଓ ଟାଣ ପାଲଟି ଯାଇଥିବା କଦାକାର ପ୍ରତିମୂର୍ତ୍ତିମାନ, ଘୃଣ୍ୟ ରୂପ ଓ ଘୃଣ୍ୟ କର୍ମସବୁର ଅତିରିକ୍ତତା ସୁକଠୋର ବୁକୁତଳେ କରୁଣାର ଭାବକୁ ଅଚଳ କରି ପକାଉଥିଲେ ।

In booths of sin and night-repairs of vice
Styled infamies of the body's concupiscence
And sordid imaginations etched in flesh,
Turned lust into a decorative art:
Abusing Nature's gift her pervert skill
Immortalised the sown grain of living death,
In a mud goblet poured the bacchic wine,
To a satyr gave the thyrsus of a god.

ପାପର ପର୍ଣ୍ଣକୁଟୀର ଓ ନୈଶଦୁଷ୍କର୍ମର ପୀଠମାନଙ୍କରେ ଦେହର ଲାଳସାଜନିତ ଯେତେକ ସୁରଚିତ ଅପକୀର୍ତ୍ତି ଏବଂ ମାଂସରେ ଖୋଦେଇକରା ଯେତେସବୁ କୁତ୍ସିତ କଳ୍ପନା କାମଲିପ୍ସାକୁ ପରିଣତ କରିଥିଲା ଏକ ଶୋଭନ ଶିଳ୍ପକଳାରେ । ପ୍ରକୃତିର ଦାନକୁ ଅପବ୍ୟବହାର କରି ତାହାର ବିକୃତ କୌଶଳ ଜୀବନ୍ତ ମୃତ୍ୟୁର ଉପ୍ତ ବୀଜକୁ ଅମରତ୍ୱ ପ୍ରଦାନ କରୁଥିଲା, ମାଟିର ପାତ୍ରରେ ଢାଳୁଥିଲା ଉଲ୍ଲାସମୟ ମଦିରା, ଏବଂ ଦେବତାର ରାଜଦଣ୍ଡ ତୋଳିଦେଉଥିଲା ଏକ କାମୁକ ବଣ୍ୟ ମଣିଷ (ସାଟିର୍) ହାତରେ ।

Impure, sadistic, with grimacing mouths,
Grey foul inventions gruesome and macabre
Came televisioned from the gulfs of Night.

ଅଶୁଦ୍ଧ, କ୍ରୂର ପରପୀଡ଼ନରେ ସୁଖୀ, ଘୃଣା ପ୍ରକଟ କରୁଥିବା ବିକଟ ମୁହଁଟିମାନ ଧୂସର ମନ୍ଦ ଉଦ୍ଦେଶ୍ୟ ବିଶିଷ୍ଟ ଭୟଙ୍କର ଓ ବିଭୀଷିକାମୟ କେତେ କେତେ କଳ୍ପନା ଦୂରଦର୍ଶନରେ ପ୍ରଦର୍ଶିତ ହେଲାଭଳି ରାତ୍ରିର ଗହ୍ୱରରୁ ଉଠି ଆସୁଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ତୁମ ମନୋଭାବ

## ଶ୍ରୀମା

### ସବୁ ନିର୍ଭର କରେ ତୁମ ମନୋଭାବ ଉପରେ

ଏପରି ଏକ ଅବସ୍ଥା ତୁମର ଆସିପାରେ, ଯେତେବେଳେ ତୁମେ ଉପଲବ୍ଧି କରିବ ଯେ, ସବୁକିଛିର ଫଳାଫଳ, ପରିସ୍ଥିତି, ଗତିବୃତ୍ତି ଓ କ୍ରିୟାକର୍ମ ଇତ୍ୟାଦି ସବୁକିଛି ନିର୍ଭର କରେ ସଂପୂର୍ଣ୍ଣ ଭାବେ ଜୀବନର ଚେତନା ଉପରେ ତଥା ଏସବୁ ପ୍ରତି ତୁମର ମନୋଭାବ ଉପରେ । କେଉଁ ଏକ ମୁହୂର୍ତ୍ତରେ ତୁମେ ଖୁବ୍ ସଚେତନ ଭାବେ ଉପଲବ୍ଧି କରିବ ଯେ କୌଣସି କଥା ବା ବସ୍ତୁ ତା' ନିଜ ଆଡୁ ଭଲ ନୁହେଁ କି ମନ୍ଦ ନୁହେଁ : ସେସବୁ କେବଳ ଆମ ସଂପର୍କରେ ଭଲ କି ମନ୍ଦ ହୋଇଥାଏ; ସେମାନଙ୍କ ପ୍ରତି ଆମର ମନୋଭାବ ଅନୁଯାୟୀ ସେସବୁ ଆମ ଉପରେ ପ୍ରଭାବ ପକାଇଥା'ନ୍ତି । ସେଇ ଏକାକଥା, ଅବିକଳ ସେଇ ଏକା ବିଷୟ, ଯଦି ଆମେ ତାକୁ ଈଶ୍ୱରଙ୍କ ଦାନ ରୂପେ ଗ୍ରହଣ କରୁ, ଈଶ୍ୱରଙ୍କ କୃପା ରୂପେ ଗ୍ରହଣ କରୁ, ଆମର ସଂପୂର୍ଣ୍ଣ ସଂହତିର ଫଳ ବୋଲି ମନେ କରୁ, ତେବେ ତାହାହିଁ ଆମକୁ ଅଧିକ ସଚେତନ, ଅଧିକ ଶକ୍ତିଶାଳୀ, ଅଧିକ ସତ୍ୟପରାୟଣ ହେବାରେ ସାହାଯ୍ୟ କରିଥାଏ – ସେହି ଏକା ପରିସ୍ଥିତିକୁ ଯଦି ଆମେ ଭାଗ୍ୟର ବିପର୍ଯ୍ୟୟ ବୋଲି ମନେ କରୁ – ଯଦି ମନେକରୁ ଯେ ଆମେ ଏକ ଦୁଷ୍ଟଶକ୍ତିର ଶିକାର ହେବାକୁ ଯାଉଛୁ, ତେବେ ତାହା ଆମକୁ ବାନ୍ଧିପକାଏ, ତଳକୁ ତଳକୁ ଠେଲି ପକାଏ, ଏବଂ ଆମ ଭିତରୁ ସମସ୍ତ ଚେତନା, ସବୁ ଶକ୍ତି ଏବଂ ଆମର ସମସ୍ତ ସଙ୍ଗତିବୋଧ ହରଣ କରିନିଏ । ଅଥଚ ଦୁଇଟିଯାକ କ୍ଷେତ୍ରରେ ପରିସ୍ଥିତି ଥିଲା ଅବିକଳ ଏକାଭଳି । ମୁଁ ଚାହୁଁଛି ତୁମର ଏପରି ଅଭିଜ୍ଞତା ହେବା ଉଚିତ । କାରଣ, ତା'ହେଲେ ଯାଇ ତୁମେ ତୁମର ପ୍ରଭୁ ହୋଇପାରିବ ।

### ମନ୍ଦ ଚିନ୍ତା

ଶ୍ରୀଅରବିନ୍ଦ କହନ୍ତି – ଜଣେ ଯାହାସବୁ ଭାବୁଥାଏ, ସେ ତାହାହିଁ ହୋଇଉଠେ । ସେ ଯେପରି ଚିନ୍ତା କରେ, ସେହି ଚିନ୍ତାହେତୁହିଁ ସେ ତାହା ହୋଇପାରେ । ଏହି ଜ୍ଞାନଟି ଆମକୁ ଏତିକି ଜଣାଉଛି ଯେ ଜଣେ ନିଜେ ଯାହା ହୋଇପାରିବ ବୋଲି ଯେଉଁସବୁ ଚିନ୍ତା କରେ ତାହା ହେଉଛି ତା'ର ବ୍ୟକ୍ତିସତ୍ତାର ବିକାଶ ପାଇଁ ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଚାବି ।...

ଏଥିରୁ ଆମେ ଏତିକି ବୁଝିଲୁ ଯେ ଯେଉଁସବୁ ଚିନ୍ତା ଆମର ଅଭୀପ୍ସାକୁ ନଷ୍ଟ କରେ, ଏବଂ ଯେଉଁସବୁ ଚିନ୍ତା ଆମ ସତ୍ତାରେ ସତ୍ୟର ସୃଷ୍ଟିକୁ ବ୍ୟାହତ କରେ, ସେସବୁ ଚିନ୍ତାକୁ କେବେ ବି ଆମେ ଆମ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେବା ନାହିଁ । ତୁମେ ଯାହା ହେବାକୁ ଚାହଁ ନାହିଁ କିଂବା ଯାହା କରିବାକୁ ଚାହଁ ନାହିଁ ସେ ସଂକ୍ରାନ୍ତୀୟ ଚିନ୍ତାକୁ ତୁମେ କେବେ ବି ନିଜ ଭିତରକୁ ଆସିବାକୁ ଦେବ ନାହିଁ କିଂବା ସେସବୁ ଚିନ୍ତା ତୁମ ଅନ୍ତରରେ ଯେପରି ସଂଗଠିତ ରୂପ ନ ନିଏ, ସେ ସମ୍ବନ୍ଧେ ଖୁବ୍ ସଚେତନ ଓ ସକ୍ରିୟ ରହିବ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ବୋଲି ତୁମେ ଜାଣିରଖ । କାରଣ, ଏଇସବୁ ବିଷୟରେ ଚିନ୍ତା କରିବା ମାତ୍ରେ ତୁମ ଭିତରେ ସେଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଯାଏ । ତୁମେ ଯେଉଁ କଥା ଚାହଁ ନାହିଁ, ଯାହା ତୁମର ବର୍ଜନୀୟ, ଯାହା ତୁମେ ହେବାକୁ ଅସ୍ୱୀକାର କରୁଛ ସେ ସମ୍ବନ୍ଧେ ଏକାଗ୍ର ହେବା ସବୁ ଦୃଷ୍ଟିରୁ ଖରାପ କଥା ।...

କେବେ ବି ତୁମେ ମନ୍ଦଚିନ୍ତାଗୁଡ଼ିକୁ ତୁମ ଭିତରକୁ ପ୍ରବେଶ କରିବାକୁ ଦେବ ନାହିଁ । କେବେ ବି ଭାବିବ ନାହିଁ ଯେ ଏଗୁଡ଼ିକ କେବଳ ସାମାନ୍ୟ ନିରୀହ ଚିନ୍ତା ମାତ୍ର । ଅସଲରେ ଏହି ଚିନ୍ତାଗୁଡ଼ିକହିଁ ସେସବୁର କାର୍ଯ୍ୟ ପାଇଁ ଉପକରଣ ହୋଇ ଉଠନ୍ତି । ଯଦି ତୁମେ ଏହି ମନ୍ଦ ଚିନ୍ତାଗୁଡ଼ିକ ତୁମ ଭିତରେ ଥିବା ଭଲ କଥାଗୁଡ଼ିକୁ ନଷ୍ଟ ନ କରନ୍ତୁ ବୋଲି ଚାହୁଁଥାଅ, ତେବେ କେବେ ବି ସେହି ମନ୍ଦ ଚିନ୍ତାଗୁଡ଼ିକୁ ନିଜ ଭିତରକୁ ଆସିବାକୁ ଦିଅ ନାହିଁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୫୭)
## ନୀରବତାର କଣ୍ଠସ୍ୱର
## ମନୋଜ ଦାସ

''ବର୍ତ୍ତମାନ ମୋର ମନର ଅବସ୍ଥା ଭିନ୍ନରୂପ... ଏହା ପରେ ମୁଁ ଆଉ ନିଜର ଇଚ୍ଛାଧୀନ ନୁହେଁ, ଭଗବାନ୍ ମୋତେ ଯେଉଁ ସ୍ଥାନକୁ ନେଇଯିବେ, କଣ୍ଢେଇ ଭଳି ମୋତେ ସେହି ସ୍ଥାନକୁହିଁ ଯିବାକୁ ପଡ଼ିବ, ଯାହା କରାଇବେ, ତାହା କଣ୍ଢେଇ ଭଳି କରିବାକୁ ହେବ।''(୧)

୧୯୦୭ ମସିହା ୧୭ ଫେବ୍ରୁଆରୀରେ ମୃଣାଳିନୀ ଦେବୀଙ୍କୁ ଲିଖିତ ଶ୍ରୀଅରବିନ୍ଦଙ୍କ ପତ୍ରର କିୟଦଂଶ।

ଶ୍ରୀଅରବିନ୍ଦଙ୍କର ଏକାନ୍ତ ବ୍ୟକ୍ତିଗତ ଏବଂ ଅନ୍ତରଙ୍ଗ ଏ ପତ୍ରରୁ ଆମେ ଜାଣିବାକୁ ପାଉଁ ଦୁଇଟି ତଥ୍ୟ : ତାଙ୍କର ଏଭଳି ମାନସିକତା ଯୋଗମାର୍ଗରେ ତାଙ୍କ ପ୍ରଥମ ସ୍ଥୂଳ ଦିଗ୍‌ଦର୍ଶକ ବିଷ୍ଣୁ ଭାସ୍କର ଲେଲେ କଳ୍ପନା କରିପାରି ନଥାନ୍ତେ। ଦ୍ୱିତୀୟତଃ ସ୍ୱୟଂ ଶ୍ରୀଅରବିନ୍ଦଙ୍କ ପାଇଁ ମଧ୍ୟ ଏହା ଥିଲା ଅପ୍ରତ୍ୟାଶିତ।

ବରୋଦାରେ ଶ୍ରୀଅରବିନ୍ଦଙ୍କୁ ଯେଉଁଭଳି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଥିଲା, ଆମେ ପୂର୍ବରୁ ତା'ର ବିବରଣୀ ପଢ଼ିଛୁ। ସେ ସହରରେ ତେରବର୍ଷ ଅତିବାହିତ କରିବା ଭିତରେ ଶ୍ରୀଅରବିନ୍ଦ ମହାରାଜାଙ୍କ ଶାସନ ବିଭାଗରେ ତଥା ମହାରାଜାଙ୍କୁ ବ୍ୟକ୍ତିଗତ ସହାୟତା ଦେବାରେ ଦକ୍ଷତା ସହକାରେ କାର୍ଯ୍ୟନିର୍ବାହ କରିବା, କଲେଜରେ ଇଂରାଜୀ ତଥା ଫରାସୀ ଭାଷା ଅଧ୍ୟାପନା ଏବଂ ଉପାଧ୍ୟକ୍ଷ ତଥା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ରୂପେ ଦାୟିତ୍ୱ ପାଳନ କରିବା, ଦୀର୍ଘସମୟ ପ୍ରାଣାୟାମ ଏବଂ ଅଧ୍ୟୟନ ତଥା ଲେଖାଲେଖିରେ ବିତାଇବା ସଙ୍ଗେ ସଙ୍ଗେ ଏକାନ୍ତ ଗୋପନରେ ଦେଶବ୍ୟାପୀ ବିପ୍ଳବୀ ସଂଗଠନରେ ସମୟ ବିତାଇବା ତଥ୍ୟ ସେ ବରୋଦା ଛାଡ଼ିବା ପରେ ବ୍ରିଟିଶ ସରକାରଙ୍କୁ ବିସ୍ମିତ ଓ ବିଚଳିତ କଲା। ସେମାନଙ୍କର ଧାରଣା ହେଲା ଯେ ଶ୍ରୀଅରବିନ୍ଦ ସେ ସହରକୁ ଏକ ବ୍ରିଟିଶ-ବିରୋଧୀ କେନ୍ଦ୍ରରେ ପରିଣତ କରିଯାଇଛନ୍ତି। ଶ୍ରୀଅରବିନ୍ଦ ବରୋଦା ଛାଡ଼ିବାର ପାଞ୍ଚବର୍ଷ ପରେ ମଧ୍ୟ ଦଳେ ବ୍ରିଟିଶ ହାକିମ ଭାରତ ଶାସନର ସର୍ବୋଚ୍ଚ କର୍ତ୍ତା, ଲଣ୍ଡନରେ ଭାରତ ବିଭାଗ ମନ୍ତ୍ରୀ (Secretary of State for India)ଙ୍କ ପାଖକୁ ''ଗୋପନୀୟ ଆଭ୍ୟନ୍ତରୀଣ'' (Secret Internal) ଚିଠିଯୋଗେ ଶ୍ରୀଅରବିନ୍ଦଙ୍କ ନାମରେ ଲେଖିଥିବା ମନଗଢ଼ା 'ତଥ୍ୟ' ସମ୍ବଳିତ ଚିଠିର ଏକ ନମୁନା ଉପରେ ଦୃଷ୍ଟିପାତ କରାଯାଉ। ଶ୍ରୀଅରବିନ୍ଦ କେବେ ବରୋଦା ସରକାରରେ ଯୋଗଦାନ କଲେ, ସେତିକି ତଥ୍ୟ ମଧ୍ୟ ଏଥିରେ ସଂପୂର୍ଣ୍ଣ ଠିକ୍ ନୁହେଁ :

''୧୯୦୨ରେ ଅରବିନ୍ଦ ଘୋଷ ବରୋଦା ରାଜ ସରକାରରେ ଯୋଗଦାନ କଲେ।... ଏଥିରେ ସନ୍ଦେହ ନାହିଁ ଯେ ତାଙ୍କ ଯୋଗୁଁ ବ୍ରିଟିଶ-ବିରୋଧୀ ମନୋଭାବ ବିପୁଳ ବୃଦ୍ଧିଲାଭ କଲା। ରାଜସରକାରର ବହୁ ଉଚ୍ଚପଦସ୍ଥ କର୍ମଚାରୀ ତାଙ୍କ ବନ୍ଧୁଥିଲେ।''

ତାଙ୍କ ପ୍ରଭାବରେ କେମିତି ଜାତୀୟ ବିଦ୍ୟାଳୟମାନ ସ୍ଥାପନ ଆଳରେ ବ୍ରିଟିଶ-ବିରୋଧୀ କାର୍ଯ୍ୟକଳାପ ସଂଗଠିତ କରାଯାଉଥିଲା, ଉପରୋକ୍ତ ଚିଠିରେ ତା'ର ତଥାକଥିତ ବିବରଣୀ ଦିଆଯାଇଛି।(୨) କହିବା ବାହୁଲ୍ୟ, ଏସବୁ ପରବର୍ତ୍ତିକାଳର କଳ୍ପନା।

ବରୋଦା ବାସ କାଳରେ ଶ୍ରୀଅରବିନ୍ଦଙ୍କର ବନ୍ଧୁ-ବଳୟ ଥିଲା କ୍ଷୁଦ୍ର। କିନ୍ତୁ ଯେତେବେଳେ ସେ ସହରକୁ ତାଙ୍କ ପୁନରାଗମନ ଘଟିଲା, ସେତେବେଳେ ତାଙ୍କ ଉପରେ ଅଜାଡ଼ି ପଡ଼ିଲା ଜନସାଧାରଣଙ୍କର ସ୍ୱତଃସ୍ଫୂର୍ତ୍ତ ଭକ୍ତି ଓ ଶ୍ରଦ୍ଧା। ଷ୍ଟେସନରୁ ଖାସେରାଓ ଯାଦବଙ୍କ ଘର (ଯହିଁ ଶ୍ରୀଅରବିନ୍ଦ ତାଙ୍କ ବରୋଦା ବାସର ଅଧିକାଂଶ ସମୟ ବିତାଉଥିଲେ) ପର୍ଯ୍ୟନ୍ତ ସମୁଦ୍ର ଜୁଆର ଭଳି ଜନତା ତାଙ୍କୁ ଅନୁସରଣ କରି କ୍ଷାନ୍ତ ହେଲେ ନାହିଁ; କିପରି ତାଙ୍କୁ ଟିକିଏ ଦେଖି ପାରିବେ, ସେ ପାଇଁ ଦୀର୍ଘସମୟ ସେ କୋଠାକୁ ଘେରି ରହିଲେ।

ଶ୍ରୀଅରବିନ୍ଦ ସହରର ବିଭିନ୍ନ ସ୍ଥାନରେ ତିନିଗୋଟି ଭାଷଣ ଦେଲେ । ମହାରାଜା ସାର୍ ସୟାଜି ରାଓ ଗାଏକଓ୍ୱାଡ୍‌ଙ୍କ ନିମନ୍ତ୍ରଣ କ୍ରମେ ତାଙ୍କୁ ଭେଟିଲେ । ତେବେ ମହାରାଜାଙ୍କ ଦ୍ୱିତୀୟ ନିମନ୍ତ୍ରଣ ରକ୍ଷା କରିପାରିଲେ ନାହିଁ ।(୩)

କିନ୍ତୁ ବହିର୍ଜୀବନରେ ଏସବୁ ହଇଚଗୋଳ ସତ୍ତ୍ୱେ ସେ ଏଭଳି ଏକ ସନ୍ଧାନରେ ବ୍ୟାପୃତ ଥିଲେ, ଯାହା ତାଙ୍କୁ ତାଙ୍କ ଆପଣା ଅନ୍ତର୍ନିହିତ ଅମାପ ଐଶ୍ୱର୍ଯ୍ୟର ସନ୍ଧାନ ଦେବ ।

ଆମେ ପୂର୍ବରୁ ଜାଣିଛୁଁ, ବରୋଦା ବାସ ବେଳେ ଶ୍ରୀଅରବିନ୍ଦ ଦୀର୍ଘସମୟ ଧରି ପ୍ରାଣାୟାମ ସାଧନରେ ବ୍ୟାପୃତ ରହୁଥିଲେ । କିନ୍ତୁ ବରୋଦା ତ୍ୟାଗ ଅନ୍ତେ ତାଙ୍କ ଅତୀବ କର୍ମବହୁଳ ଜୀବନରେ ସେ ଅଭ୍ୟାସ ଅବ୍ୟାହତ ରହିପାରିଲା ନାହିଁ । ସେହି ସମସ୍ୟା ଭିତ୍ତିରେ ସେ କୌଣସି ଜଣେ ଅଭିଜ୍ଞ ଯୋଗୀଙ୍କ ସହ ପରାମର୍ଶର ସୁଯୋଗ ଖୋଜୁଥିଲେ । ବିଷ୍ଣୁ ଭାସ୍କର ଲେଲେ ନାମକ ସେଭଳି ଜଣେ ମହାରାଷ୍ଟ୍ରୀୟ ଯୋଗୀଙ୍କୁ ବାରୀନ୍ଦ୍ର କୁମାର ଗଙ୍ଗନାଥଠାରେ ସ୍ୱାମୀ ବ୍ରାହ୍ମାନନ୍ଦଙ୍କ ଆଶ୍ରମରେ ଭେଟିଥିଲେ । ସେ ଟେଲିଗ୍ରାମ୍ ଯୋଗେ ତାଙ୍କୁ ଭଦୋଦରା (ବରୋଦା) ଡକାଇ ଆଣିଥିଲେ । ଶ୍ରୀଅରବିନ୍ଦଙ୍କୁ ଅବଶ୍ୟ ସର୍ବଦା ଲୋକେ ଘେରି ରହୁଥିଲେ । କିନ୍ତୁ ବାରୀନ୍ଦ୍ର କୁମାର କୌଣସିମତେ ତାଙ୍କ ସହ ଲେଲେ ମହାଶୟଙ୍କ ଗୋପନ ସାକ୍ଷାତର ସୁଯୋଗ କରିପାରିଲେ ।

ବାରୀନ୍ଦ୍ର କୁମାରଙ୍କ ବିବରଣୀ :

''ଲେଲେ ବିଦାୟ ନେବା ଅନ୍ତେ ଶ୍ରୀଅରବିନ୍ଦଙ୍କୁ ମୁଁ ତାଙ୍କ ବିଷୟରେ ପଚାରନ୍ତେ ଶ୍ରୀଅରବିନ୍ଦ ନିଜର ସ୍ୱଭାବ ସୁଲଭ ରୀତିରେ ଉତ୍ତର ଦେଲେ : ଲେଲେ ଜଣେ ଚମତ୍କାର ଯୋଗୀ ।''(୪)

କାର୍ଯ୍ୟକ୍ରମ ବହୁଳତା ତଥା ଭିଡ଼ ଭିତରୁ ପୂରା ସପ୍ତାହଟିଏ ପାଇଁ ବାହାରି ଆସି ତାଙ୍କଠୁଁ ତାଲିମ ନେବା ନିମନ୍ତେ ଲେଲେ ଶ୍ରୀଅରବିନ୍ଦଙ୍କୁ ପ୍ରବର୍ତ୍ତାଇଲେ ।

''ସେ ପରିସ୍ଥିତିରେ ସେଭଳି ବ୍ୟବସ୍ଥା କରିବା ଥିଲା ଅତ୍ୟନ୍ତ କାଠିକର । ସେତେବେଳେ ଅରବିନ୍ଦ ସମଗ୍ର ଜାତିର ନମସ୍ୟ । ତାଙ୍କ ଜ୍ୟୋତିର୍ମୟ ବ୍ୟକ୍ତିତ୍ୱ ଥିଲା ଅନନ୍ୟ । ଚୁମ୍ବକ ଦ୍ୱାରା ଆକର୍ଷିତ ହେଲା ଭଳି ଯୁବ ସଂପ୍ରଦାୟର ହୃଦୟ ତାଙ୍କ ପ୍ରତି ହେଉଥିଲା ଉନ୍ମୁଖ । ଦେଶର ଯେଉଁଠି ଯିଏ ଜାତୀୟବାଦୀ କାମରେ ସଂପୃକ୍ତ ଥିଲେ, ସେ ତାଙ୍କଠାରୁ ଦିଗ୍‌ଦର୍ଶନ ଚାହୁଁଥିଲେ । ଦିବସ ବ୍ୟାପୀ ଆମ ବାସଗୃହକୁ ଘେରି ରହିଥାଏ ଜନତା ।...

ଏହିଭଳି ଅବସ୍ଥା ଭିତରୁ କିନ୍ତୁ ଲେଲେ ଅରବିନ୍ଦଙ୍କୁ ନେଇ ପଳାଇଗଲେ ସହର ମଧ୍ୟସ୍ଥ ଏକ ନିର୍ଜନ କୋଠା ଗୃହକୁ । ସାରାଦିନ ସେଠାରେ ଧ୍ୟାନାଭ୍ୟାସ ଚାଲିଥାଏ । ସାତଦିନ ବ୍ୟାପୀ...

ଯୁବକମାନେ ପ୍ରାଣପଣ ଚେଷ୍ଟା କରୁଥା'ନ୍ତି ସେମାନଙ୍କ ନୂତନ ନେତାଙ୍କୁ ଠାବ କରିବା ନିମନ୍ତେ । ଅବଶେଷରେ ଯେତେବେଳେ ଶ୍ରୀଅରବିନ୍ଦ ତାଙ୍କ ବିଶେଷ ଅନୁରାଗୀମାନଙ୍କର ଏକ ସଭାରେ ଯୋଗଦେଲେ, ସେତେବେଳକୁ ତାଙ୍କ ଉପରେ ଅବତରଣ କରିଥାଏ ଏକ ଅନିର୍ବଚନୀୟ ଶାନ୍ତି । ସେହି ଶାନ୍ତିହିଁ ତାଙ୍କ ଭବିଷ୍ୟତ୍ ସାଧନାର ଭିତ୍ତି ଭାବରେ ଅବ୍ୟାହତ ରହିଥିଲା ।''(୫)

ସର୍ଦାର ମଜୁମଦାର ନାମକ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ କୋଠାର ସର୍ବୋଚ୍ଚ ମହଲାରେ ଦିନ ବିତାଉଥିଲେ ଲେଲେ ଏବଂ ଶ୍ରୀଅରବିନ୍ଦ । ବହୁବାର ସେଦିନର ଅଭିଜ୍ଞତା ସମ୍ପର୍କରେ ଶ୍ରୀଅରବିନ୍ଦ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି । ୧୯୩୨ ମସିହା ମଇ ମାସରେ ପ୍ରଦତ୍ତ ସେମିତି ଏକ ଉତ୍ତରରୁ ଆମେ ଜାଣିବାକୁ ପାଉଁ ଯେ ପୂର୍ବରୁ ଚାରିବର୍ଷ କାଳ ପ୍ରାଣାୟାମ ଏବଂ ଅନ୍ୟାନ୍ୟ ଯୌଗିକ କ୍ରିୟା ନିୟମିତ ଅଭ୍ୟାସ କରି ଶ୍ରୀଅରବିନ୍ଦ ସୃଜନଶୀଳତା, ଓଜଃ ଏବଂ ନାନାଦି ଅତିଭୌତିକ ଅଭିଜ୍ଞତା ଅବଶ୍ୟ ଅର୍ଜନ କରିଥିଲେ, କିନ୍ତୁ ସେସବୁ ଏକପ୍ରକାର ସ୍ଥାଣୁ ଅବସ୍ଥାକୁ ଆସିଯାଇଥିଲା । ଲେଲେ ନିଜେ ଯେ ଜଣେ ଖୁବ୍ ପ୍ରାଜ୍ଞ ଯୋଗୀ ଥିଲେ ତାହା ନୁହେଁ, କିନ୍ତୁ ତାଙ୍କ ସହାୟତାରେ ଶ୍ରୀଅରବିନ୍ଦଙ୍କ ଆଗରେ ଆଧ୍ୟାତ୍ମିକ ଅଭିଜ୍ଞତାର ଯେଉଁ ଅସୀମ ଦିଗ୍‌ବଳୟ ଉନ୍ମୋଚିତ ହେଲା, ତାହା ଲେଲେଙ୍କର ସମ୍ପୂର୍ଣ୍ଣ କଳ୍ପନାତୀତ । ଲେଲେ ଅଦ୍ୱୈତବାଦୀ ନଥିଲେ । କିନ୍ତୁ ଶ୍ରୀଅରବିନ୍ଦ ସେହି ଅଳ୍ପ ସମୟ ଭିତରେ ଅଦ୍ୱୈତ ଓ ବେଦାନ୍ତ ନିରୂପିତ ନାନାଦି ଅବର୍ଣ୍ଣନୀୟ ଅଭିଜ୍ଞତା ଅର୍ଜନ କଲେ ତୀବ୍ର ଗତିରେ । ବିସ୍ମିତ ଲେଲେ ବୁଝିଲେ ଯେ ଏ ଯୋଗାର୍ଥୀ ଜଣଙ୍କୁ କିଛି ଦିଗ୍‌ଦର୍ଶନ ଦେବା ତାଙ୍କ ସାଧ ବାହାରେ । ଲେଲେ ଶୁଣିଲେ ନିଜ ଅନ୍ତରରେ ଏକ ବାଣୀ । ଶ୍ରୀଅରବିନ୍ଦ ଏଣିକି ତାଙ୍କ ନିଜ ଅନ୍ତରସ୍ଥ ଭଗବାନଙ୍କ ଦ୍ୱାରା ପରିଚାଳିତ ହେବେ, ଏହାହିଁ ଥିଲା ସେ ବାଣୀର ମର୍ମ ।(୬) କହିବା ବାହୁଲ୍ୟ, ବିଧାତାର ବିଧାନରେ ଶ୍ରୀଅରବିନ୍ଦଙ୍କ ପାଇଁ ଲେଲେ ଥିଲେ ଏକ ସାମୟିକ ମାଧ୍ୟମ ମାତ୍ର ।

ଏହା ପରେ ଶ୍ରୀଅରବିନ୍ଦଙ୍କ ମନରେ ବିରାଜମାନ କଲା ଏକ ନିଖୁଣ ନିରବତା । ସେ ନିଜକୁ ପ୍ରଶ୍ନ କଲେ, ଏମିତି ମାନସିକତାରେ ସେ ତାଙ୍କ କାର୍ଯ୍ୟକଳାପ ବଜାୟ ରଖିବେ କେମିତି – ବିଶେଷତଃ ଲୋକେ ତାଙ୍କଠାରୁ ଆଶା କରୁଥିବା ବକ୍ତୃତା ଦେବେ ବା କେମିତି ? ପରେ ପରେ ମୁମ୍ବାଇଠାରେ ଏକ ସ୍ୱନାମଖ୍ୟାତ ସଂସ୍ଥା (Bombay National Union) ତାଙ୍କୁ ଏକ ଭାଷଣ ଦେବା ନିମନ୍ତେ ନିମନ୍ତ୍ରଣ କଲେ । ଶ୍ରୀଅରବିନ୍ଦଙ୍କ ମନରେ ଦ୍ୱନ୍ଦ୍ୱ ଥିବା ଜାଣି ଲେଲେ ତାଙ୍କୁ ପ୍ରତିଶ୍ରୁତି ଦେଲେ କି କାର୍ଯ୍ୟକ୍ରମରେ କୌଣସି ଅସୁବିଧା ଉପୁଜିବ ନାହିଁ । ସେତେବେଳେ ଶ୍ରୀଅରବିନ୍ଦ ନିରବ ବ୍ରହ୍ମଚେତନାରେ ନିମଜ୍ଜିତ ଥାନ୍ତି । ବକ୍ତୃତା ଦେବେ କେମିତି ? ସେ ଯାହାହେଉ, ଲେଲେଙ୍କ ପରାମର୍ଶ ଗ୍ରହଣ କରି ସେ ଜନତାକୁ ନାରାୟଣ ବିଚାରରେ ନମସ୍କାର କରି କହିବାକୁ ଆରମ୍ଭ କଲେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ କହିଚାଲିଲେ – ସତେ ଯେପରି ଅନ୍ୟ ଏକ ଶକ୍ତି ତାଙ୍କ ମାଧ୍ୟମରେ ଅଭିବ୍ୟକ୍ତରତ । ମୁମ୍ବାଇରୁ ବାହାରି କଲିକତାରେ ଉପନୀତ ହେବା ଭିତରେ ତାଙ୍କୁ ବହୁ ସଭାରେ ଭାଷଣ ଦେବାକୁ ପଡ଼ିଥିଲା । ସବୁଠାରେ ଏହି ପଦ୍ଧତିହିଁ କାର୍ଯ୍ୟ କରୁଥାଏ ।[୭]

ସେତେବେଳେ ସେ ଦେଇଥିବା ବକ୍ତୃତାର ଧ୍ୱନି ଓ ପ୍ରତିଧ୍ୱନି ମହାକାଳର ଦିଗ୍‌ବଳୟରେ ବିଲୀନ । କିନ୍ତୁ କାଗଜପତ୍ରରୁ ଓ ସ୍ମୃତିଧରମାନଙ୍କ ସାକ୍ଷ୍ୟରୁ ଯାହା ଜଣାଯାଏ, ସେସବୁର ପ୍ରଭାବ ଥିଲା ଅପରିସୀମ ।

୧୯୮୧ର କଥା । ନାଗପୁର ନଗରୀର ଜଣେ ନବେ ବର୍ଷ ବୟସର ହୋଟେଲ ମାଲିକଙ୍କୁ ତାଙ୍କର ଜଣେ ବନ୍ଧୁ କୌଣସି ଏକ ବସ୍ତୁ ଉପହାର ଦେଲେ । ତହିଁ ଉପରେ ଶ୍ରୀଅରବିନ୍ଦ ଆଶ୍ରମ ବୋଲି ଲେଖାଥିଲା । ତତ୍‌କ୍ଷଣାତ୍ ସେ ଭଦ୍ରଲୋକ ତାଙ୍କ ବାଲ୍ୟ କାଳରେ ସେ ନଗରୀରେ ଶ୍ରୀଅରବିନ୍ଦଙ୍କ ଭାଷଣ ଶୁଣିବାର ଅଭିଜ୍ଞତା ବର୍ଣ୍ଣନା କଲେ । (୧୯୦୮ ମସିହା ଜାନୁଆରୀ ୩୦ରୁ ୧ ତାରିଖ ଫେବ୍ରୁଆରୀ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ନାଗପୁରରେ ରହିଥିଲେ ।) ସେଦିନର ସେ ବାଳକ ଶ୍ରୋତା ଜଣକ ବକ୍ତୃତା ଶୁଣି ସାରିବା ମାତ୍ରେ ନେଲେ ଏହି ସିଦ୍ଧାନ୍ତ : ସେ କଦାପି ଇଂରେଜ ସରକାର ଅଧୀନରେ ଚାକିରି କରିବେ ନାହିଁ ଏବଂ ପ୍ରଥାନୁଯାୟୀ ''ଆପଣଙ୍କର ଏକାନ୍ତ ଆଜ୍ଞାବହ ଭୃତ୍ୟ'' (Your most obedient servant) ବୋଲି କୌଣସି ଇଂରେଜ ମାଲିକକୁ ଲେଖିବେ ନାହିଁ ।

ବୃଦ୍ଧ ଜଣକଙ୍କ ସ୍ମୃତିରେ ସେପର୍ଯ୍ୟନ୍ତ ଅମଳିନ ରହିଥାଏ ଶ୍ରୀଅରବିନ୍ଦଙ୍କର ''ଚମତ୍କାର ଶବ୍ଦ ଚୟନ'' ଏବଂ କାହାରି ନାମ ନଧରି କଂଗ୍ରେସର ସୁରତ ଅଧିବେଶନରେ ମାନ୍ଦାପନ୍ଥୀମାନଙ୍କ ଆଚରଣ ସମ୍ପର୍କରେ ଭଦ୍ର ଭାବରେ ତାଙ୍କ ଅସନ୍ତୋଷ ପ୍ରକାଶ ।[୮]

ପରବର୍ତ୍ତିକାଳରେ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେଇଥିବା ଏବଂ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ରଚନା ଓ ଭାଷଣ ଯୋଗୁଁ ଖ୍ୟାତି ଅର୍ଜନ କରିଥିବା ସେଦିନର ବିପ୍ଳବବାଦୀ କିଶୋର ଏ. ବି. ପୁରାଣି ଲେଖିଛନ୍ତି, ''ଶ୍ରୀଅରବିନ୍ଦଙ୍କ ତତ୍କାଳୀନ ଭାଷଣସବୁ ଶ୍ରୋତୃବର୍ଗଙ୍କ ଭାବରାଜ୍ୟରେ ପ୍ରଭଞ୍ଜନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅନେକଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା ।''[୯]

ବିଖ୍ୟାତ ବେଦ-ବିଦ୍ୱାନ୍ ଟି. ଭି. କପାଳିଶାସ୍ତ୍ରୀ ଏମିତି ସ୍ମୃତିଚାରଣ କରିଛନ୍ତି : ''ପ୍ରଥମେ ମୁଁ ଶ୍ରୀଅରବିନ୍ଦଙ୍କ ନାମ ଶୁଣିଲି ଏକ ଅପ୍ରତ୍ୟାଶିତ ପରିସ୍ଥିତିରେ । ୧୯୦୭ ମସିହାର କଥା । ବିପିନ ପାଲ ଆସିଥା'ନ୍ତି ମାଡ୍ରାସ(ଚେନ୍ନାଇ) ଏବଂ ସମୁଦ୍ର ତଟରେ ବିରାଟ ଜନସଭାରେ ସେ ବଜ୍ର କଣ୍ଠରେ ଭାଷଣ ଦେଉଥା'ନ୍ତି । ସେହି ଦେଶାତ୍ମବୋଧକ ଉତ୍ତେଜନାରେ ସାମିଲ ହୋଇ ମୁଁ ମଧ୍ୟ ସେସବୁ ସଭାରେ ଯୋଗ ଦେଉଥାଏ । ସେମିତି ଏକ ବକ୍ତୃତା ପରେ ମୋର ଜଣେ ବନ୍ଧୁ (ସେତେବେଳର କଲେଜ ଛାତ୍ର ଓ ପରବର୍ତ୍ତୀ କାଳରେ ପ୍ରିନ୍‌ସିପାଲ) ମୋତେ ଏକାନ୍ତରେ କହିଲେ, ''ପାଲ ମହାଶୟ ଖୁବ୍ ଓଜସ୍ୱିନୀ ଭାଷଣ ଦିଅନ୍ତି, ଖୁବ୍ ଅନୁପ୍ରାଣିତ ଠିକ୍, କିନ୍ତୁ ପ୍ରଧାନ ନେତା ସିଏ ନୁହନ୍ତି । ପର୍ଦ୍ଦା ଆଢୁଆଳରେ ଅଛନ୍ତି ଆଉ ଜଣେ । ତାଙ୍କରି ନିର୍ଦ୍ଦେଶରେ ସବୁ ପରିଚାଳିତ । ତାଙ୍କ ନାମ ଅରବିନ୍ଦ ଘୋଷ – ଜଣେ ସନ୍ଥ ପ୍ରକୃତିର ମଣିଷ, ଶକ୍ତି-ଉପାସକ ।'' ମୁଁ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଉତ୍ସୁକ ହେଲି । ବର୍ଷକ ପରେ ଅନ୍ୟ ଜଣେ ବନ୍ଧୁ ନାଗପୁରରୁ ଆସିଥା'ନ୍ତି । ଶ୍ରୀଅରବିନ୍ଦ ସୁରତ କଂଗ୍ରେସ ପରେ କଲିକତା ପ୍ରତ୍ୟାବର୍ତ୍ତନ ପଥରେ ସେଠାରେ ବକ୍ତୃତା ଦେଇଥିଲେ ଏବଂ ବନ୍ଧୁ ଶୁଣିଥିଲେ । ବନ୍ଧୁ ଶ୍ରୀଅରବିନ୍ଦଙ୍କୁ ବିପୁଳ ସମ୍ମାନ ସହ ଉଚ୍ଛ୍ୱସିତ ପ୍ରଶଂସା କରୁଥା'ନ୍ତି । ଶ୍ରୀଅରବିନ୍ଦ 'ଉଚ୍ଚ କଣ୍ଠରେ କହୁ ନଥା'ନ୍ତି । କିନ୍ତୁ ସୁସ୍ପଷ୍ଟ ସ୍ୱରରେ ଯେତେବେଳେ ସେ କହିବାକୁ ଆରମ୍ଭ କଲେ, ମନେ ହେଲା ସେ ବିପୁଳ ଜନ ସମାବେଶ ଉପର ଦେଇ ଯେମିତି ଏକ ଛନ୍ଦମୟତା ଖେଳି ଯାଉଥାଏ । ବକ୍ତୃତା ସମାପ୍ତ ହୁଅନ୍ତେ ମନେ ହେଲା ଆମେ ଏକ ମନ୍ତ୍ର-ତନ୍ମୟ ଅବସ୍ଥାରୁ ଜାଗି ଉଠିଲୁଁ ।'– ବନ୍ଧୁ ଜଣାଇଥିଲେ ।''[୧୦]

ସେତେବେଳେ ଡାକବାଜି ଯନ୍ତ୍ରର ପ୍ରବର୍ତ୍ତନ ହୋଇ

ନାହିଁ । ଶ୍ରୀଅରବିନ୍ଦ ଭାଷଣ ଦେଉଥିଲେ ଇଂରାଜୀରେ, ବିଶୁଦ୍ଧ ବିଲାତି ଉଚ୍ଚାରଣରେ । ତଥାପି ଜନସାଧାରଣ ଶୁଣୁଥିଲେ, ଅନୁପ୍ରାଣିତ ହେଉଥିଲେ, ଏହା ତାତ୍ପର୍ଯ୍ୟପୂର୍ଣ୍ଣ ।

ସମ୍ଭବତଃ ଜାନୁଆରୀ ୧୦ ତାରିଖରେ ଶ୍ରୀଅରବିନ୍ଦ ମୁମ୍ବାଇ ଅଭିମୁଖେ ବରୋଦା ଛାଡ଼ିଲେ । ଭୀଷଣ ଶୀତ ପଡ଼ିଥାଏ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଦେହରେ ଜାମା ଖଣ୍ଡିଏ ଛଡ଼ା ଆଉ କିଛି ନଥାଏ । ସେ ସାଥିରେ ବିଛଣା ନେଇ ନଥିଲେ । ''ରେଳଗାଡ଼ି ଭିତରେ କାଠପଟା ଉପରେ ନିଜ ହାତକୁ ତକିଆ ଭାବେ ବ୍ୟବହାର କରି ଶୋଉଥିଲେ । ସର୍ଦ୍ଦାର ମଜୁମଦାର ତାଙ୍କୁ ଖଣ୍ଡିଏ ପଶ୍ମିନା ଶାଲ ଉପହାର ଦେଇଥା'ନ୍ତି ।''(୧୧)

ବାରୀନ୍ଦ୍ର ମୁମ୍ବାଇରୁ କଲିକତା ଚାଲି ଆସିଲେ । ଶ୍ରୀଅରବିନ୍ଦ ୧୧ ତାରିଖରେ ପୁନାରେ ପହଞ୍ଚିଲେ ଓ ତିଳକଙ୍କ ଅତିଥି ରୂପେ ରହିଲେ; ୧୩ ତାରିଖ ଦିନ ପ୍ରାୟ ଚାରି ହଜାର ଶ୍ରୋତା-ସମ୍ବଳିତ ଏକ ସଭାରେ ଭାଷଣ ଦେଲେ । ପରଦିନ ମୁମ୍ବାଇ ଫେରି ଆସି ଗୁରଗାଓଁଠାରେ ''ଜାତୀୟ ଶିକ୍ଷା'' ଉପରେ ଏକ ବିରାଟ ସଭାରେ ଭାଷଣ ଦେଲେ । ତିଳକଙ୍କ ସମ୍ପାଦିତ ''କେଶରୀ'' ଏବଂ ଅନ୍ୟାନ୍ୟ ପତ୍ରିକାରେ ପ୍ରକାଶିତ ସମ୍ବାଦ ଭିତ୍ତିରେ ପୁଲିସ ଯେଉଁ ବିବରଣୀ ପ୍ରସ୍ତୁତ କରିଥିଲା, ସେଥିରୁ ଜଣାଯାଏ ଶ୍ରୀଅରବିନ୍ଦ ୧୯ ତାରିଖରେ ମହାଜନୱାଡ଼ିଠାରେ ମଧ୍ୟ ଭାଷଣ ଦେଇଥିଲେ । ପୁଲିସ ବିବରଣୀର କିୟଦଂଶ :

''ପ୍ରଚାରପତ୍ର ସଭାର ମାତ୍ର ଚାରିଘଣ୍ଟା ପୂର୍ବରୁ ବିତରିତ ହୋଇଥିଲେ ମଧ୍ୟ ବାବୁ ଅରବିନ୍ଦ ଘୋଷଙ୍କୁ ଶୁଣିବା ନିମନ୍ତେ ତିନି ହଜାରରୁ ଅଧିକ ସଂଖ୍ୟକ ଶ୍ରୋତା ସମବେତ ହୋଇଥିଲେ । 'ଯୁଗାନ୍ତର'ର ମୁଦ୍ରାକରଙ୍କ ବିରୋଧରେ ସରକାର ଅନ୍ୟାୟ ପଦକ୍ଷେପ ନେବା କଥା କହି ସେ ବଙ୍ଗଦେଶରେ ଦେଖା-ଦେଇଥିବା ନବ ଜାଗରଣର ଭିତ୍ତି ଜାତୀୟତାବୋଧ ଓ ଭଗବାନଙ୍କ ଉପରେ ଆସ୍ଥା ବୋଲି କହିଥିଲେ । ଶାସକ ଗୋଷ୍ଠୀର ପରାକ୍ରମ ସହ ତୁଳନା କଲେ ଆମେ ଅସହାୟ ବୋଲି ମନେ ହୋଇପାରେ ଏବଂ ଜାତୀୟବାଦୀମାନେ ପାଗଳ ବୋଲି ଅନେକଙ୍କ ଧାରଣା ହୋଇପାରେ । କିନ୍ତୁ ଯାହା ସାଧାରଣ ଦୃଷ୍ଟିରୁ ଅସମ୍ଭବ, ଭଗବାନଙ୍କ ଉପରେ ଅଟଳ ଆସ୍ଥା ରଖିଥିବା ଜାତୀୟବାଦୀମାନଙ୍କ ପାଇଁ ତାହା ସମ୍ଭବପର ।''(୧୨)

ବିନା ପ୍ରସ୍ତୁତିରେ ସେ ଭାଷଣ ଦେଉଥିଲେ । ସେତେବେଳେ ଚାଞ୍ଚଲ୍ୟ ସୃଜିଥିବା ଏକ ବକ୍ତୃତାର କିୟଦଂଶ :

''ମୋର ଦେଶବାସିବୃନ୍ଦ ! ଶ୍ରୀ ରାନାଡ଼େ କହି ଦେଇଛନ୍ତି ଏ ଅନୁଷ୍ଠାନରେ ସଭାପତି ନାହାନ୍ତି, କିନ୍ତୁ ଭଗବାନ୍ ସ୍ୱୟଂ ସଭାପତି । ମୁଁ ତାଙ୍କର ଏ ମନ୍ତବ୍ୟ ଶ୍ରଦ୍ଧାଭରେ ଗ୍ରହଣ କରୁଛି ଏବଂ ଆପଣମାନଙ୍କୁ ଉଦ୍‌ବୋଧନ ଦେବା ପୂର୍ବରୁ ମୋତେ ଅନୁପ୍ରାଣିତ କରିବା ନିମନ୍ତେ ଭଗବାନଙ୍କୁ ନିବେଦନ କରୁଛି । 'ଆଜିର ପରିସ୍ଥିତିର ଦାବି' ଉପରେ କହିବାକୁ ମୋତେ ବରାଦ କରାଯାଇଛି । ଆଜିର ପରିସ୍ଥିତିର ରୂପ କ'ଣ ? ଆଜିର ଦେଶର ପରିସ୍ଥିତି କ'ଣ ? ମୁଁ ଏଠାକୁ ଆସିବା ବେଳେ ମୋତେ ଜଣେ ଏ କାଗଜଟି ଧରାଇ ଦେଲେ । (ସେ 'ବନ୍ଦେ ମାତରମ୍'ର ଏକ ସଂଖ୍ୟା ଦେଖାଇଲେ ।) ପ୍ରଥମ ପୃଷ୍ଠା ଉପରେ ଆଖି ପକାଇ ମୁଁ ଦେଖିଲି ଦୁଇଟି ସମ୍ବାଦ : 'ଯୁଗାନ୍ତର' ବିଚାରର ରାୟ ଘୋଷଣା କରାହୋଇଛି । ମୁଦ୍ରାକର ଦୋଷୀ ସାବ୍ୟସ୍ତ ଏବଂ ତାଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ । ଦ୍ୱିତୀୟ ସମ୍ବାଦ ହେଲା 'ନବଶକ୍ତି' କାର୍ଯ୍ୟାଳୟ ଉପରେ ଚଢ଼ଉ ହୋଇଛି ଏବଂ ମୁଦ୍ରାକର ଦଶ ହଜାର ଟଙ୍କା ଜାମିନରେ ଛାଡ଼ ପାଇଛନ୍ତି । ଏହାହିଁ ଆଜି ଏ ଦେଶର ପରିସ୍ଥିତି ।''

ଏହା ପରେ ଜାତୀୟବାଦର ସ୍ଫୁରଣ ଏବଂ ତା'ର ତାତ୍ପର୍ଯ୍ୟ ବୁଝାଇସାରି ବକ୍ତା ଶ୍ରୋତୃମଣ୍ଡଳୀକୁ ପ୍ରଶ୍ନ କଲେ : ''ଜାତୀୟବାଦର ଗୁରୁତ୍ୱ ଆପଣମାନେ ଉପଲବ୍ଧି କରିଛନ୍ତି ତ ? ନା, ଏହାକୁ କେବଳ ମାତ୍ର ଏକ ବୌଦ୍ଧିକ ଆଦର୍ଶ, ଯାହାର ଦୁହାଇ ଦେଇ ଆମେ ନିଜ ନିଜକୁ ଅନ୍ୟମାନଙ୍କଠୁଁ ଉଚ୍ଚ ସ୍ତରର ନାଗରିକ ଜ୍ଞାନ କରିବୁଁ, ସେହି ଦୃଷ୍ଟିରୁ ଏହାକୁ ମାନି ନେଇଛନ୍ତି ? ଜାତୀୟବାଦ କ'ଣ ? ଏହା ତୁଚ୍ଛା ରାଜନୈତିକ କାର୍ଯ୍ୟକ୍ରମ ନୁହେଁ । ଜାତୀୟବାଦ ଭଗବତ୍-ପ୍ରଦତ୍ତ ଏକ ଧର୍ମ । ଜାତୀୟବାଦକୁ ଆମ ଜୀବନର ଏକ ଶୃଙ୍ଖଳା ଭାବରେ ଅନୁସରଣ କରିବାକୁ ପଡ଼ିବ ।...''(୧୩)

ବାସ୍ତବ ପରିସ୍ଥିତି ସହ ମହତ୍ତମ ଆଦର୍ଶର ସମନ୍ୱୟର ଏକ ଏକ ଦୃଷ୍ଟାନ୍ତ ଥିଲା ଶ୍ରୀଅରବିନ୍ଦଙ୍କର ତତ୍କାଳୀନ ଏସବୁ ବକ୍ତୃତା — ଯାହାର ଉତ୍ସ ଥିଲା ନିରବତା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**


୧. ଶ୍ରୀଅରବିନ୍ଦଙ୍କ ବଙ୍ଗଳା ରଚନାବଳି : ଶ୍ରୀଅରବିନ୍ଦ ଆଶ୍ରମ ।

୨. "Maharaja Sayajirao and British Government" in *Source Material for History of the Freedom Movement in India; Bombay Government Record, 1883-1920.*
୩. ଏ.ବି. ପୁରାଣି : *Life of Sri Aurobindo* ଏବଂ ବାରୀନ୍ଦ୍ର କୁମାର ଘୋଷ : *Sri Aurobindo as I understand Him*. ପୁରାଣିଙ୍କ ବିବରଣୀ ଅନୁସାରେ ଶ୍ରୀଅରବିନ୍ଦ ଦ୍ୱିତୀୟ ଥର ମହାରାଜାଙ୍କୁ ଭେଟିଲେ ନାହିଁ ଲେଲେ ବାରଣ କରିବା ଯୋଗୁଁ ।
୪. ବାରୀନ୍ଦ୍ର କୁମାର ଘୋଷ : *Sri Aurobindo as I understand Him*; Sri Aurobindo Ashram Archives.
୫. ତତ୍ରୈବ
୬. Sri Aurobindo : *On Himself*, SABCL, Vol.26
୭. ଏ. ବି. ପୁରାଣି : *The Life of Sri Aurobindo* ଏବଂ *Evening Talks*. ଶ୍ରୀଅରବିନ୍ଦ ଆଶ୍ରମ ।
୮. ସୁଧା ସୁନ୍ଦରମ୍‌ଙ୍କ ନିକଟକୁ ନାଗପୁରରୁ ଏ. କେ. ଚୌଧୁରୀଙ୍କର ୧୦.୧.୧୯୮୧ରେ ଲିଖିତ ପତ୍ର ।
୯. ଏ. ବି. ପୁରାଣି : *Reminiscences*; Sri Aurobindo Ashram Archives.
୧୦. *Collected Works of T. V. Kapalisastry*; Vol.2; Sri Aurobindo Ashram Archives.
୧୧. ଏ. ବି. ପୁରାଣି : *Life of Sri Aurobindo.*
୧୨. *Source Material for History of Freedom Movement in India; Bombay Government Record, 1883-1920.*
୧୩. *Bande Mataram*, SABCL, Vol. 1 ❑

## ଶାଶ୍ୱତ ସଖା ଏବଂ ଅଭ୍ରାନ୍ତ ଦିଗ୍‌ଦର୍ଶକ

# ଶ୍ରୀକୃଷ୍ଣ କାହାଣୀ

ଯୁଗେ ଯୁଗେ ଅଗଣନ ସନ୍ଧାନୀ ମାନବାତ୍ମାକୁ ଦିଗ୍‌ଦର୍ଶନ ଦେଇଛି ଯୋଗେଶ୍ୱର କୃଷ୍ଣଙ୍କ 'ଗୀତା'; ଆଲୋକ ଓ ଆନନ୍ଦ ଦେଇଛି ତାଙ୍କୁ ପ୍ରତିଭାତ କରୁଥିବା 'ଭାଗବତ' ଏବଂ 'ମହାଭାରତ' । କିନ୍ତୁ ଏ ମହତ୍ ଐଶ୍ୱର୍ଯ୍ୟ ବାହାରେ ମଧ୍ୟ ସାହିତ୍ୟ, ସଙ୍ଗୀତ, ନୃତ୍ୟ, କଳା, ଲୋକକଥା ଓ ସଂସ୍କୃତିର ଯାବତୀୟ କ୍ଷେତ୍ରରେ ଶ୍ରୀକୃଷ୍ଣ ଏକ ଅନିବାର୍ଯ୍ୟ ବିଷୟବସ୍ତୁ ତଥା ସୃଜନୀ ପ୍ରେରଣା ।

କିଶୋର-କିଶୋରୀମାନଙ୍କ ଆଗରେ ଏହି ଅନନ୍ୟ ଜୀବନର ସରଳ ଓ ସଂକ୍ଷିପ୍ତ ପରିଚୟ ଉପସ୍ଥାପନ କରିବ ଏ ଧାରାବାହିକ । ପରବର୍ତ୍ତୀ ସମୟରେ ଶ୍ରୀକୃଷ୍ଣଙ୍କୁ ଭିତ୍ତିକରି ସୃଜିତ ନାନାଦି ଜ୍ଞାନଗର୍ଭକ ଗ୍ରନ୍ଥ ଓ ଦର୍ଶନ ଅଧ୍ୟୟନରେ ସେମାନଙ୍କୁ ଏହା ଯତ୍‌କିଞ୍ଚିତ୍ ସହାୟତା ଦେବ ।

ଆଗାମୀ ସଂଖ୍ୟାରୁ ପ୍ରକାଶିତ ହେବ ।

ଯୋଗସମନ୍ୱୟ (୭୫)

# ଅତିମାନସର ସୋପାନାବଳୀ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଏକବିଂଶ ଅଧ୍ୟାୟ ''ଅତିମାନସର ସୋପାନାବଳୀ'' (**The Synthesis of Yoga, Part - IV, The Yoga of Self-Perfection, Chapter - XXI "The Gradations of the Supermind"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ଆରୋହଣ ଓ ଅବରୋହଣ ଦୁଇଟି କ୍ରିୟାକୁ ନେଇ ଚେତନାର କ୍ରମୋନ୍ନୟନ ଚାଲେ । ଅତିମାନସରୁ ମନୋଭୂମି ଓ ମନୋଭୂମିରୁ ଅତିମାନସ ଭୂମି ଯାଏ ଯିବା ପାଇଁ ରହିଛି ଚେତନାର ବହୁ ସୋପାନ । ଏହା ଏବେ ଆଲୋଚନା କରିବା ।

ଅତିମାନସ ପୁରୁଷୋତ୍ତମଙ୍କର ସ୍ୱରୂପ ଶକ୍ତି । ବିଶ୍ୱ ସେହି ଶକ୍ତିର ପ୍ରକାଶ ବା ସୃଷ୍ଟି । ଏଣୁ ଅତିମାନସ ସର୍ବତ୍ର ଅନୁସ୍ୟୂତ । ଆମ ଭିତରେ ମଧ ତା'ର କ୍ରିୟା ଚାଲିଛି ଗୁପ୍ତଭାବେ । ଅତିମାନସ ଉପଲବ୍ଧିର ପଥରେ ବୋଧିର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ପୂର୍ବବର୍ତ୍ତୀ ପ୍ରବନ୍ଧରେ ଆଲୋଚିତ ହୋଇଛି । ବୋଧିର ବଳୟ ମଧରେ ରହିବାର ଅର୍ଥ କ'ଣ ? ଅର୍ଥାତ୍ ଏକ ଆନନ୍ଦ ଚିନ୍ମୟ ସତ୍ୟ ଶକ୍ତିର ପ୍ରଭାବରେ ଆବିଷ୍ଟ ହୋଇ ରହିବା । ଏହା ଆତ୍ମ- ବିସ୍ମରଣ ନୁହେଁ, ଆତ୍ମ-ବିସ୍ତାରଣ । ଏହାର ଏକ ଉଦାହରଣ ହେଲା ମେଘାଚ୍ଛନ୍ନ ଆକାଶରେ ଯେବେ ସୂର୍ଯ୍ୟର କିରଣ ପଡ଼େ ତେବେ ସେଇ ମେଘ ଆଲୋକିତ ହୋଇଉଠେ । ସେଇ ଆଲୋକ ବିଚ୍ଛୁରିତ ହୁଏ ପୃଥିବୀରେ । କିନ୍ତୁ ମେଘମୁକ୍ତ ଆକାଶରେ ସୂର୍ଯ୍ୟର ପ୍ରକାଶକୁ ତା' ସହ ତୁଳନା କଲେ, ପ୍ରଥମଟି ବୋଧିମାନସର ରୂପ (intuitive), ଦ୍ୱିତୀୟଟି ଅତିମାନସ (supramental) ଯାହା ସର୍ବବ୍ୟାପୀ, ସର୍ବାବଗାହୀ ପରମ ସତ୍ତା, ଚୈତନ୍ୟ ଏବଂ ଆନନ୍ଦ ଅଥବା ତା'ର ଘନବିଗ୍ରହ । ଯେପରି ମନ ଓ ବୋଧି ମଧରେ ବୁଦ୍ଧି ଏକ ସେତୁ, ସେପରି ବୁଦ୍ଧି ଓ ଅତିମାନସ ମଧରେ ବୋଧି ଏକ ସେତୁ । ଅତିମାନସ ବୋଧି ମାଧମରେ ତା'ର କିଛି ଆଲୋକର ବିଚ୍ଛୁରଣ କରିଥାଏ । ଏଣୁ ବୋଧିମାନସ ସମ୍ପୂର୍ଣ୍ଣ ଜ୍ୟୋତିର୍ମୟ ନୁହେଁ । ତଥାପି ସଂବୋଧି ବା ବୋଧିମନ ସତ୍ୟର ଏକ ଅପରୋକ୍ଷ ରୂପାନ୍ତର । ଏହା ଅତିମାନସ ତତ୍ତ୍ୱ ଦ୍ୱାରା ଅର୍ଦ୍ଧ ରୂପାନ୍ତରିତ । ଯୋଗର ପୂର୍ବ ସୋପାନରେ ସାଧାରଣ ବୁଦ୍ଧି ଯେପରି ସ୍ଥାନିତ ହୋଇଥିଲା, ଅତିମାନସ ତୁଳନାରେ ବୋଧି ସେହିପରି ସ୍ଥାନିତ ।

ସଂବୋଧିମନର ଭାବନା ସତ୍ୟର ଆକାରକୁ ଗଠନ କରୁଥିବା ଚାରିଗୋଟି ସାମର୍ଥ୍ୟ ଦ୍ୱାରା ନିଷ୍ପନ୍ନ ହୋଇଥାଏ । ପ୍ରଥମଟି ହେଉଛି ସତ୍ୟର ବିଚାରକୁ ସୂଚାଇ ଦେଉଥିବା ଏକ ସଂବୋଧି, ଏହାର ଅନ୍ୟ ନାମ ଆଭାସନ (suggestion), ଦ୍ୱିତୀୟଟି ହେଉଛି ବିବେଚନା ଦ୍ୱାରା ତାରତମ୍ୟ ନିରୂପଣ କରୁଥିବା ଏକ ସଂବୋଧି । ତା'ର ଅନ୍ୟ ନାମ ବିବେଚନ (discrimination), ତୃତୀୟଟି ପ୍ରେରଣା ବା ଉଦ୍ଦୀପନା, ପ୍ରସ୍ଫୁରଣ (inspiration), ଚତୁର୍ଥଟି ସତ୍ୟର ପୂର୍ଣ୍ଣ ଉନ୍ମୋଚନ ବା ପ୍ରକାଶନ (revelation) । ଏହାହିଁ ଜ୍ୟୋତିର୍ମୟ ସଂବୋଧି (illuminative inspiration) । ଏମାନେ ମାନସିକ କ୍ରିୟାବଳୀରୁ ସଂପୂର୍ଣ୍ଣ ଭିନ୍ନ । କାରଣ ଏହି ଉଚ୍ଚ ଶକ୍ତିମାନେ ମନୋଭୂମିରେ ଅଜ୍ଞାନର ଅନ୍ଧକାର ଭିତରେ ମଧ କ୍ରିୟା କରିଥା'ନ୍ତି । କିନ୍ତୁ ଏହି ଶକ୍ତିମାନେ ଯେବେ ଅତିମାନସ ଭୂମିରେ କ୍ରିୟା କରନ୍ତି, ତେବେ ସେମାନେ ନିଜର ସର୍ବୋତ୍ତମ ସ୍ତରରେ ସକ୍ରିୟ ହୋଇଥା'ନ୍ତି । ଆଭାସନ ବା suggestion ସ୍ତରରେ ଆହରଣ କରାଯାଏ ନାହିଁ । ଆମେ ବହି ପଢୁ, ତଥ୍ୟ ସଂଗ୍ରହ କରୁ, ଆଲୋଚନା କରୁ – ଏହିପରି ଜ୍ଞାନାର୍ଜନ କରୁ ଯାହାକୁ ମାନସିକ ଜ୍ଞାନ କୁହାଯାଏ । ମାତ୍ର ଆଭାସନ ସ୍ତରରେ ଆମେ ସ୍ୱତଃ ଜ୍ଞାନୀ । ଆମେ ଜ୍ଞାନ ପ୍ରକାଶ କରିପାରୁ । ଆମ ପାଖରୁ ଏଠାରେ ଜ୍ଞାନ ଉତ୍ସାରିତ ହୁଏ ।

ମନୋମୟ ଭୂମିର ବିଶେଷ କ୍ରିୟାଠାରୁ ଏସବୁ ଭିନ୍ନ । ମନୋଭୂମିରେ ଜ୍ଞାନ ଆହରଣ କରାଯାଏ; ଉତ୍ସାରଣ କରାଯାଏ

ନାହିଁ । ତା' ମଧ୍ୟରେ ମଧ୍ୟ ନିଶ୍ଚୟତା ନଥାଏ । ଏଣୁ ବୋଧିର କ୍ରିୟା ଏହାଠାରୁ ସଂପୂର୍ଣ୍ଣ ବିପରୀତ । ଏଠି ଜ୍ଞାନକୁ ଆଲୋକ ଅନ୍ଧକାର ମଧ୍ୟରେ ବାହାରେ ଖୋଜିବାକୁ ହୁଏ ନାହିଁ । ବିଦ୍ୟୁତ୍ ଝଲକରେ ସେ ଅନ୍ତର୍ଭୂମିରେ ଆପେ ଉତ୍ସାରିତ ହୋଇଯାଏ । ବୋଧିର ଆଭାସନ ଆତ୍ମଗତ । ଏହା ସତ୍ୟର ପ୍ରତ୍ୟଭିଜ୍ଞା (recognisation) ।

ବୁଦ୍ଧି ତା'ର ଭାବନାର ଉପାଦାନ ଗ୍ରହଣ କରେ ମନରୁ । ମନ ତାହା ଗ୍ରହଣ କରେ ଇନ୍ଦ୍ରିୟ ସଂବିତ୍‌ରୁ । ଯଦ୍ୟପି ଇନ୍ଦ୍ରିୟ ସଂବିତ୍ ସ୍ୱଷ୍ଟ ହୋଇପାରେ ତଥାପି ତାହା ଅନ୍ତର୍ଜ୍ଞାନ ନୁହେଁ, ବହିର୍ଜ୍ଞାନ ଓ ଏକଦିଗଦର୍ଶୀ । ଏଣୁ ଯଥାର୍ଥ ସତ୍ୟକୁ ପ୍ରତ୍ୟକ୍ଷ କରିବାକୁ ସେ ଅସମର୍ଥ । ମନ, ବୁଦ୍ଧି ବିଷୟକୁ ବାହାରେ ରଖି ତାକୁ ଜାଣେ, ତା' ସହ ଏକାତ୍ମ ହୋଇପାରେ ନାହିଁ । ବୋଧିର କ୍ରିୟା ଏହାର ସମ୍ପୂର୍ଣ୍ଣ ବିପରୀତ । ମନ, ବୁଦ୍ଧିର ଗତି ଆରୋହଣ ଧାରାର ବିଷୟ । ବୋଧିର ଗତି ଅବରୋହଣ ଧାରାର ବିଷୟ ।

ସଂବୋଧିଗତ ଅନ୍ତଃପ୍ରେରଣା ସତ୍ୟର ବାହକ, ନିଜ ମଧ୍ୟରେ ସେ ଯାହା କିଛି ବହନ କରେ ତା'ର ଆଲୋକମୟ ଇଙ୍ଗିତ ଦିଏ । ମାତ୍ର ସତ୍ୟର ପୂର୍ଣ୍ଣ ଉଦ୍‌ଘାଟନ କରିପାରେ ନାହିଁ । ଅନ୍ତଃପ୍ରେରିତ ସଂବୁଦ୍ଧ ମନ ବିଦ୍ୟୁତ୍-ଝଲକିତ ମନ । ପୂର୍ବୋକ୍ତ ବର୍ଣ୍ଣିତ ଚାରିଗୋଟି ସାମର୍ଥ୍ୟର ଏକୀକୃତ କ୍ରିୟାହିଁ ସୁସମ୍ବଳିତ ସଂବୋଧିଗତ ବିଜ୍ଞାନମୟତାକୁ ଗଠନ କରିପାରେ । ଏହି ଚାରୋଟିଯାକ ସାମର୍ଥ୍ୟର ଯୁଗପତ୍ ଅଭିବ୍ୟକ୍ତି ନିମ୍ନତର ସମୀକ୍ଷଣାତ୍ମକ ସଂବୋଧିଗତ ମନଟି ସୃଷ୍ଟି କରି ପାରିବ । ତା'ପରେ ଏହାର ଉପରକୁ ଅନ୍ୟ ଦୁଇଟି ଯଥା ଅନ୍ତଃପ୍ରେରଣା ଓ ପ୍ରତ୍ୟକ୍ଷ ଦୃଷ୍ଟିଯୁକ୍ତ ସଂବୋଧି ପ୍ରେରିତ ମନର ବିକାଶ ଘଟାଇବ । ଏବେ ତିନୋଟିଯାକ କ୍ରିୟା ମିଳିତ ହୋଇଯିବେ । ତା'ପରେ ଏହା ଉତ୍ତୋଳିତ ହୋଇ ସଂବୋଧିଗତ ବିଜ୍ଞାନମୟତାର ପ୍ରତ୍ୟକ୍ଷ ଦୃଷ୍ଟିର ସାମର୍ଥ୍ୟ ସହ ଐକ୍ୟ ଲାଭ କରିବ । ଏପରି ସମୟ ଆସିବ ଯେବେ ମନର ଭୂମିରେ ଅତିମାନସର ସୀମିତ ଆଲୋକ ପଡ଼ିବ । ମନୋଭୂମିରେ ଏ ଦିଗରେ ଯେତିକି ଅଗ୍ରଗତି ସମ୍ଭବ, ତାହା ପୂର୍ଣ୍ଣ ହୋଇଯିବ । ମନୋମୟ ସତ୍ତାରେ ସଂବୋଧି ମନଟି ପରିପୂର୍ଣ୍ଣ ରୂପେ ଗଠିତ ହୋଇଯିବ । ଏଇ ଅବସ୍ଥାରେ ଅଗ୍ରଗତି ସମ୍ଭବ ହେବ । ମନ ଊର୍ଦ୍ଧ୍ୱକୁ ଉତ୍ତୋଳିତ ହୋଇପାରିବ । ଫଳରେ ତହିଁରେ ଅତିମାନସ ବୁଦ୍ଧିସମ୍ପନ୍ନତାର ପ୍ରଭାବକୁ ସ୍ଥାପିତ କରି ହେବ । କାରଣ ମନକୁ ଊର୍ଦ୍ଧ୍ୱଭୂମିର ଆକର୍ଷଣ ସେଇ ଦିଗରେ ନେଇଯିବ । ଯଦି ଆସ୍ପୃହା ଶିଥିଳ ହୋଇଯାଏ ତେବେ ନିମ୍ନର ଆକର୍ଷଣରୁ ଚେତନାର ପତନ ଘଟିବାର ସମ୍ଭାବନା ଅଛି ।

ବର୍ତ୍ତମାନ ଆମେ ମନୋଭୂମିରେ ରହିଛୁ । କିନ୍ତୁ ଇତର ପ୍ରାଣୀ ଯେପରି ଭୌତିକ, ପ୍ରାଣିକ ଓ ଇନ୍ଦ୍ରିୟଗତ କ୍ରିୟାରେ ବାନ୍ଧିହୋଇ ରହିଛନ୍ତି, ଆମେ କିନ୍ତୁ ସେପରି ନାହୁଁ । ଆମେ କେତେକ ପରିମାଣରେ ମାନସିକ ଉଚ୍ଚତାକୁ ଆରୋହଣ କରି ଯାଇଛୁ । ସେଇ ଭୂମିରୁ ପ୍ରାଣ, ଇନ୍ଦ୍ରିୟ ଓ ଶରୀର କ୍ରିୟାକୁ ଅବଲୋକନ କରି ପ୍ରକୃତିର କ୍ରିୟାର ପରିବର୍ତ୍ତନର ଇଚ୍ଛା କରି ପାରୁଛୁ । ଆମେ ସେଇ ଭୂମିରୁ ଉଚ୍ଚତର ଭୂମି ଉପରେ ଦୃଷ୍ଟି ପକାଇ ପାରୁଛୁ । ଆମେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସେଇ ଭୂମିର ପ୍ରେରଣା ପାଉଛୁ । ଏହା ଆତ୍ମଜ୍ଞାନରେ ଅଗ୍ରସର ହୋଇଥିବା ବ୍ୟକ୍ତିମାନଙ୍କ ବ୍ୟତୀତ ନିଜ ଅନ୍ତରାଳରେ କ'ଣ ଚାଲିଛି ତାହା ଜାଣିପାରୁ ନାହାନ୍ତି । ଆତ୍ମ-ଜ୍ଞାନୀ ଜାଣୁଛି ଯାବତୀୟ ଭାବନା ଓ ଇଚ୍ଛା କେବଳ ସେଇ ଊର୍ଦ୍ଧ୍ୱଭୂମିରୁ ଆସୁଛି । ଏହା ମନର ସ୍ତରରେ ରୂପ ଗ୍ରହଣ କରି ସେହିଠାରୁ ପ୍ରକାଶ ପାଉଛି । ଆମେ ଭୌତିକ ମନରେ ମସ୍ତିଷ୍କର ଯନ୍ତ୍ର ଓ ଶରୀର ଚେତନାରୁ ମୁକ୍ତ ହେଲେ ଯାଇ ଶୁଦ୍ଧ ମନୋଭୂମିରେ ଅବସ୍ଥାନ ଓ ବିଚରଣ କରିପାରିବା । ଏସବୁ ଜାଣିବା ।

ସଂବୋଧିମନର ବିକାଶ ଦ୍ୱାରା ଉଚ୍ଚଭୂମି ସହ ମନର ସଂଯୋଗ ଓ ତା'ର ସଂଚାର ସଚେତନ ଭାବେ ଓ ସ୍ୱଷ୍ଟଭାବେ ଘଟେ । ଏବେ ଅତିମାନସର ସଂଚାର ସମ୍ଭବ ହୁଏ ମନ ମାଧ୍ୟମରେ ସତ୍ତାର ସକଳ ସ୍ତରରେ । କିନ୍ତୁ ଏହା ଘଟେ ମନୋମୟ ଉପାଦାନ ଓ ପରିବେଶ ମଧ୍ୟରେ ଓ ସେଇ ଛାଞ୍ଚରେ । କିନ୍ତୁ ଯେତେବେଳେ ଅତିମାନସ ବୁଦ୍ଧିର ବିକାଶ ଘଟେ ସେତେବେଳେ ପୁରୁଷ ମନଃସ୍ତରର ଉପରକୁ ଉଠିଯାଏ । ସେଇ ଊର୍ଦ୍ଧ୍ୱଭୂମିରୁ ସମ୍ପୂର୍ଣ୍ଣ ଭିନ୍ନ ଜ୍ୟୋତିଃ ଓ ବାତାବରଣ ମଧ୍ୟରୁ ତାହା ନିମ୍ନସ୍ଥ ମନ, ପ୍ରାଣ, ଇନ୍ଦ୍ରିୟ ଓ ଶରୀରର ସମସ୍ତ କ୍ରିୟାକୁ ଅବଲୋକନ କରେ । ଆମେ ଏବେ ମଧ୍ୟ ଇତର ପ୍ରାଣୀର ସଂବୃତି ମଧ୍ୟରୁ କେବଳ ଆଂଶିକ ଭାବେ ମୁକ୍ତ । ମନର ସୀମାକୁ ଆମେ ଏବେ ଡେଇଁ ପାରୁ ନାହୁଁ । ମାତ୍ର ଅତିମାନସର ଉଚ୍ଚତର ସୋପାନକୁ ଉଠିଗଲେ ଆମେ ନିମ୍ନର ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ ହୋଇଯିବୁ । ଆମ ସଂବୋଧିମନର ସଂଗଠନ ଏବେ ସମ୍ଭବ ହେବ । ଏଣୁ ବ୍ୟକ୍ତି ଆପଣାର ମନ, ଇନ୍ଦ୍ରିୟ, ପ୍ରାଣ, ଶରୀର ଉପରେ ସ୍ୱୟଂ ପ୍ରଭୁ ହୋଇପାରିବ ।

ଅତିମାନସୀ ବୁଦ୍ଧିକୁ ଆମେ ଅତିମାନସର ପ୍ରଥମ

ରୂପାନ୍ତର ବୋଲି କହିବା । ଏହି ରୂପାନ୍ତର ସମସ୍ତ କାର୍ଯ୍ୟଟିକୁ ସମ୍ପନ୍ନ କରି ନପାରେ ମାତ୍ର ସେ ପ୍ରାରମ୍ଭିକ ରୂପାନ୍ତର କରିପାରିବ ।

ଅତିମାନସୀ ବୁଦ୍ଧିସମ୍ପନ୍ନତାକୁ ବିଜ୍ଞାନବୁଦ୍ଧି ବି କହିପାରୁ । ଏହା ତା' ସ୍ୱଭାବ କ୍ଷେତ୍ରରେ ଏକ ଆଧ୍ୟାତ୍ମିକ, ଅପରୋକ୍ଷ, ଜ୍ୟୋତିର୍ମୟ ତଥା ସ୍ୱୟଂକ୍ରିୟ ଇଚ୍ଛା ଓ ବୁଦ୍ଧି । ଯେଉଁ ଚାରିଗୋଟି ସାମର୍ଥ୍ୟ ଦ୍ୱାରା ସମ୍ବୋଧିଗତ ମନ କାର୍ଯ୍ୟ କରୁଥାଏ, ଏହା ମଧ୍ୟ ତା' ଦ୍ୱାରା କାର୍ଯ୍ୟ କରେ । ସଂବୋଧିଗତ ବିବେଚନା ଶକ୍ତି ଏହା ମଧ୍ୟରେ ପ୍ରଚ୍ଛନ୍ନ ଭାବେ କାର୍ଯ୍ୟ କରୁଥାଏ । ଏହି ବୁଦ୍ଧି ମଧ୍ୟରେ ଥାଏ ତିନୋଟି ସ୍ତର । ପ୍ରଥମଟି ହେଲା ଅତିମାନସ-ସଂବୋଧି । ତା'ର କ୍ରିୟା ଯାହା ସତ୍ୟ-ସଂକଳ୍ପ, ସତ୍ୟ-ଜ୍ଞାନ । ଦ୍ୱିତୀୟଟି ଅତିମାନସର ଅନ୍ତଃପ୍ରେରଣା ଏବଂ ତୃତୀୟଟି ବୃହତ୍ ଅତିମାନସର ପ୍ରତ୍ୟକ୍ଷ ଦୃଷ୍ଟି । ସେ ସବୁର ପଥ ପ୍ରଦର୍ଶକ ।

ଆମର ମନୋଗତ ବୁଦ୍ଧି ତା'ର ସୀମା ମଧ୍ୟରେ କାର୍ଯ୍ୟ କରେ । ଅତିମାନସ ଭୂମିରେ ସବୁକିଛିକୁ ଗ୍ରହଣ କରିଥାଏ ସୀମାତିରିକ୍ତ ସ୍ତରରୁ । ଏହା ବାସ୍ତବ ସତ୍ୟ ।

ଆଭାସନ ଓ ବିବେଚନ ପରସ୍ପରର ପରିପୂରକ ନହେଲେ ବୋଧିମାନସର କ୍ରିୟା ସ୍ପଷ୍ଟ ହୁଏ ନାହିଁ । ଆଭାସନ ମାଧ୍ୟମରେ ସତ୍ୟର କିଛି ଝଲକ ଊର୍ଦ୍ଧ୍ୱରୁ ଆସିଯାଏ, କିନ୍ତୁ ତା'ର ବିଶୁଦ୍ଧ ଓ ସୁସଙ୍ଗତ ରୂପ ବିବେଚନ ଅଭାବରେ ସମ୍ଭବ ହୁଏ ନାହିଁ । ଏଣୁ ସାଧନାର ଆରମ୍ଭରେ ଏଥି ଯୋଗୁଁ ଅନେକେ ବିଭ୍ରାନ୍ତ ହୋଇ ପଡ଼ନ୍ତି । କେବଳ ବିବେଚନ ଅସଲ ଓ ନକଲ କ'ଣ ସୂଚାଇ ପାରେ । ମାତ୍ର ଚେତନାର ସାବଲୀଳତାର ଅଭାବରେ ସତ୍ୟର ସୀମାକୁ ପ୍ରସାରିତ କରିପାରେ ନାହିଁ । ଏଣୁ ବୋଧି ଭିତରେ ଏକଦିଗଦର୍ଶିତା ଦେଖା ଦେଇପାରେ । ଆଭାସନ ଓ ବିବେଚନ ଦୁଇଟି ବୃତ୍ତି ଏକା ସାଥିରେ ଯେବେ କ୍ରିୟାଶୀଳ ହୁଅନ୍ତି ତେବେ ଅନୁଭବ ସ୍ପଷ୍ଟ ଓ ପୂର୍ଣ୍ଣ ହୁଏ ।

ଆଉ ଗୋଟିଏ ସତ୍ୟ ହେଲା ପରାବୃତ୍ତି ଓ ଅପରାବୃତ୍ତି ମଧ୍ୟରେ ସଂଯୋଗ ଓ ସହଯୋଗିତା ନଥିଲେ ଶକ୍ତି ସଞ୍ଚାରଣ କ୍ଷମତା ସଙ୍କୁଚିତ ହୋଇଯାଏ । ଧରନ୍ତୁ ପରାବୃତ୍ତି ନିଜ ଧାମରେ ସ୍ୱମହିମାରେ ପ୍ରତିଷ୍ଠିତ । କିନ୍ତୁ ଅପରାବୃତ୍ତିର ସହଯୋଗର ଅଭାବ ଘଟିଲେ ବିଶ୍ୱରେ ତା'ର ସଞ୍ଚାରଣ ଓ କ୍ରିୟାଶୀଳତା କିପରି ସମ୍ଭବ ହେବ ? ସର୍ବଦା ପରାବୃତ୍ତି ସହ ଅପରାବୃତ୍ତିର ସଂଯୋଗ ସେତୁର ଆବଶ୍ୟକତା ଅନିବାର୍ଯ୍ୟ ।

ବୋଧି ଯେପରି ପ୍ରତିଲୋମ କ୍ରମେ ଆଭାସନରେ ଊର୍ଦ୍ଧ୍ୱାୟିତ ହୁଏ ରୂପାନ୍ତର ସାଧନାରେ, ଅନୁଲୋମ କ୍ରମେ ସେ ଅବତରି ଆସେ ତା'ର ଚିଦ୍‌ଘନ ପ୍ରତ୍ୟକ୍ଷରୁ ଏବଂ ଏହା କରେ ମାନସ-ଚେତନାରେ ତା'ର ଜ୍ୟୋତିଃର ବର୍ଷଣ । ଚାରିଗୋଟି ସାମର୍ଥ୍ୟ ସଂଯୁକ୍ତ ହୁଏ ବୋଧିର ବିଜ୍ଞାନରେ ଯାହା Intuitive Gnosis । ଏହା ସର୍ବାଙ୍ଗୀଣ ସାମର୍ଥ୍ୟର ପ୍ରକାଶ ।

ମାନସ ଚେତନାର ଉପରେ ଆଭାସନ (suggestion), ବିବେଚନ (discrimination), ପ୍ରସ୍ଫୁରଣ ବା ପ୍ରେରଣା (inspiration), ପ୍ରକାଶନ (revelation) ଚାରିଗୋଟି ପୂର୍ବ ବର୍ଣ୍ଣିତ ବୃତ୍ତିଚୟ ଏକ ସଙ୍ଗେ ଯେବେ କାର୍ଯ୍ୟ କରେ, ଏହି ସମୟରେ ମନର କ୍ରିୟାକୁ ଯଥାସମ୍ଭବ ଶିଥିଳ କରାଯାଏ ଓ ତାକୁ ଆଭାସ ଗ୍ରହଣରେ ପ୍ରଥମେ ଅଭ୍ୟସ୍ତ କରିବାକୁ ହୁଏ । ମନର ପଛରେ ଏକ ଜ୍ୟୋତ୍ସ୍ନାର ପରିମଣ୍ଡଳ ଗଢ଼ି ଉଠେ । ଏହା ଗାଢ଼ ହେଲେ ବିବେଚନ ଶକ୍ତିର ଉଦ୍ଭବ ହୁଏ । ଏହା ଫଳରେ ସାମାନ୍ୟତମ ଭେଜାଲ ବି ତିରୋହିତ ହୋଇଯାଏ । ମନ ଏବେ ମିଥ୍ୟା ଭାବନାରୁ ମୁକ୍ତ, କେବଳ ସତ୍ୟ ଭାବନା ତା' ମଧ୍ୟରେ ସ୍ଥାନାଧିକାର କରେ । ମନ ଏବେ ସର୍ବଭାବନା ମୁକ୍ତ, ଶାନ୍ତ । ଏବେ ଜାଗେ ବୋଧିଚେତନା । ଋତମ୍ଭରା ଭାବନାର ମନରେ ପ୍ରସ୍ଫୁରଣ ହୁଏ । ଏହା ବାକ୍ ସିଦ୍ଧିର ବିଭୂତି । ଶେଷରେ ଚେତନା ଶକ୍ତି ବୈଦ୍ୟୁତିର ଊର୍ଦ୍ଧ୍ୱକୁ ଉନ୍ନୀତ ହୁଏ ସତ୍ୟର ଆଦିତ୍ୟ ମଣ୍ଡଳକୁ ।

ଏହି ଋତମ୍ଭରା ଅତିମାନସୀ ବୁଦ୍ଧିର ଉନ୍ମେଷ ସଙ୍ଗେ ସଙ୍ଗେ ପ୍ରକାଶିତ ହୁଏ ଚେତନାର ଦୁଇଟି ପରିଣାମ । ପ୍ରଥମ ପରିଣାମ ମନଃକ୍ରିୟାର ଆମୂଳ ପରିବର୍ତ୍ତନ । ଏବେ ମନ ଅଛି ପଶୁର ମନ ଓ ଦିବ୍ୟମନର ମଧ୍ୟ ସ୍ଥଳରେ, ଯଦିଚ ସେ ପଶୁ-ମନର ସାକ୍ଷୀ ତଥାପି ସେ ତା'ର ପ୍ରଭାବରୁ ମୁକ୍ତ ନୁହେଁ । ଦିବ୍ୟମନର କ୍ରିୟା ତା' ମଧ୍ୟରେ ସ୍ପଷ୍ଟ ନୁହେଁ । ଏବେ ଅତିମାନସର କ୍ରିୟା ହେବ ତା' ମଧ୍ୟରେ ଅପରୋକ୍ଷ । ସେ ବୁଝିପାରେ ତା'ର ସମସ୍ତ ଭାବନା, ଅନୁଭବ ଓ ସଂକଳ୍ପର ଉତ୍ସ ଅଛି ଊର୍ଦ୍ଧ୍ୱରେ । ଏହା ସର୍ବ ସୀମା ମୁକ୍ତ । ଏହା ଅନନ୍ତ, ଅସୀମ । ଦ୍ୱିତୀୟ ପରିଣାମ ତା'ର ସାମର୍ଥ୍ୟର ଅଭିବୃଦ୍ଧି । ଅତିମାନସ ଭୂମିରେ ସବୁ ସିଦ୍ଧ । ସେଠି ସାଧ୍ୟ ବୋଲି କିଛି ନାହିଁ । ସାଧ୍ୟର ଜଗତ୍ ଆମର ଅପରାର ଜଗତ୍, ତ୍ରିକାଳର ଜଗତ୍ । ଅତିମାନସ ଭୂମିରେ ସବୁ ନିଶ୍ଚିତ । ଏଠି ଅନିଶ୍ଚିତତାର ପ୍ରଶ୍ନ ଉଠୁନି । ଜ୍ଞାନ ଓ ସଂକଳ୍ପର ଐକ୍ୟ ଅତିମାନସର ଏକ

ବିଶିଷ୍ଟ ଲକ୍ଷଣ । ଏଠି ଅଛି ନୈଶ୍ଚିତ୍ୟ ଓ ସାମର୍ଥ୍ୟ । ଅବଶ୍ୟ ପୂର୍ଣ୍ଣ ସାମର୍ଥ୍ୟ ଧୀରେ ଧୀରେ ଗଢ଼ି ଉଠେ । ହଠାତ୍ ମ୍ୟାଜିକ୍ ଭଳି କିଛି ଘଟେ ନାହିଁ । କାଳର ପରିଣାମକୁ ସ୍ୱୀକାର କରି ଆରମ୍ଭରୁ ଶକ୍ତିର କ୍ରିୟା ଚାଲେ । ଏଣୁ ପୂର୍ଣ୍ଣ ରୂପାନ୍ତର ହଠାତ୍ ହୁଏ ନାହିଁ । ଯଦି ଆଧାର ଶୁଦ୍ଧ ଥାଏ, ତେବେ ରୂପାନ୍ତର କ୍ଷିପ୍ର ହୁଏ । ଏଇ ଶରୀର, ମନ, ପ୍ରାଣ, ଇନ୍ଦ୍ରିୟାଦିର ଶୁଦ୍ଧିର ବିଷୟ ପୂର୍ବେ ଆଲୋଚନା କରିଅଛୁ । ଏହାକୁ ଆଧାର ଶୁଦ୍ଧି କୁହାଯାଏ ।

ପୂର୍ବେ କହିଛୁ ଅତିମାନସୀ ବୁଦ୍ଧି ବିଜ୍ଞାନମୟୀ । ବୋଧିମାନସ ଭଳି ତା'ର ବି ଚାରିଗୋଟି ବୃତ୍ତି ଅଛି । କିନ୍ତୁ ତା'ର କ୍ରିୟା ସ୍ୱତଃସ୍ଫୂର୍ତ୍ତ ଓ ଅବିମିଶ୍ର । ଏଠି ବିବେଚନୀ ବୁଦ୍ଧି ସ୍ୱାଭାବିକଭାବେ ମାନୁଷୀ ବୁଦ୍ଧି ପରି ସଂସ୍ଥାପିତ । ବୋଧିମାନସ ସଙ୍ଗେ ଅତିମାନସୀ ବୁଦ୍ଧିର ଏଇ ତଫାତ୍ । ବୋଧିମାନସ ଅତିମାନସର ବିଭାବ ହେଲେ, ଅତିମାନସୀ ବୁଦ୍ଧି ତା'ର ସ୍ୱଭାବ ।

ଏଠାରେ ସ୍ମରଣ କରାଇ ଦେଉଛୁ ସଂବୋଧିମନ ତଥାପି ଏକ ମଧ୍ୟବର୍ତ୍ତୀ ସ୍ତର । ଊର୍ଦ୍ଧ୍ୱର ବୃହତ୍ତର ଚିଦ୍‌ଗତତାର ଏକ ଉପସ୍ଥିତି ପ୍ରଥମେ ଏକ ଆଲୋକ, ସାମର୍ଥ୍ୟ, ଉତ୍ସ, ଅନନ୍ତତା ରୂପେ ଆବିର୍ଭୂତ ହୋଇ ଆସେ । ତାକୁ ସମ୍ବୋଧି ମନ ଯେତିକି ଗ୍ରହଣ କରେ ସେତିକି ପ୍ରକାଶିତ ହୁଏ । କିନ୍ତୁ ଆମର ବିକାଶ ଅନୁରୂପ ଚିଦ୍‌ଗତ ଅନୁଭୂତିର ବୃହତ୍ତର କ୍ରିୟା ନିଜକୁ ବ୍ୟକ୍ତ କରିଚାଲେ । ବୁଦ୍ଧି ଯେପରି ବୋଧି ଓ ମନ ମଧ୍ୟରେ ଏକ ସେତୁ, ପୂର୍ବେ କହିଛୁ ଅତିମାନସ ବୁଦ୍ଧି ମଧ୍ୟରେ ସଂବୋଧି ସେହିପରି ଏକ ସେତୁ । ଊର୍ଦ୍ଧ୍ୱରୁ ନିମ୍ନକୁ ଅବତରଣ ଓ ନିମ୍ନରୁ ଊର୍ଦ୍ଧ୍ୱକୁ ଉତ୍ତରଣ ଏହି ଦ୍ୱିବିଧ କ୍ରିୟାରେ, ସଂବୋଧିର ସ୍ଥାନ ଗୁରୁତ୍ୱପୂର୍ଣ୍ଣ ।

ନିମ୍ନତର ସାଧନଗୁଡ଼ିକର ପ୍ରସ୍ତୁତି ପୂର୍ଣ୍ଣ ହୋଇଥିଲେ ଉଚ୍ଚତର ଆଲୋକରେ ରୂପାନ୍ତର ଅଧିକ ସହଜ ହୋଇଯାଏ । ଅତିମାନସ-ବୁଦ୍ଧି ସମ୍ପନ୍ନତା ରୂପାନ୍ତରକୁ ପରିପୂର୍ଣ୍ଣ ନକରି ପାରିଲେ ମଧ୍ୟ ତା'ର ପ୍ରାରମ୍ଭିକ ପ୍ରସ୍ତୁତି ପରିପୂର୍ଣ୍ଣ କରିନିଏ ।

ଏହା ତା'ର ସ୍ୱଭାବ କ୍ଷେତ୍ରରେ ଏକ ଅପରୋକ୍ଷ, ଜ୍ୟୋତିର୍ମୟ ସ୍ୱୟଂ କ୍ରିୟାଶୀଳ ଇଚ୍ଛା ଓ ବୁଦ୍ଧି । ଏହା ମାନସ-ବୁଦ୍ଧି ନୁହେଁ ବିଜ୍ଞାନ-ବୁଦ୍ଧି । ଏହା ମନୋମୟ ଉପାଦାନ ଦ୍ୱାରା ବିକୃତ ନୁହେଁ । ସଂବୋଧିମନର ଚାରୋଟିଯାକ ସାମର୍ଥ୍ୟ ବିଜ୍ଞାନ ବୁଦ୍ଧିରେ ବି କାର୍ଯ୍ୟକାରୀ ହୁଏ । ଏଇ ଚାରିଗୋଟି ସାମର୍ଥ୍ୟ ଉଚ୍ଚତର ଆଲୋକ, ସତ୍ୟ ସଂକଳ୍ପ ଓ ସତ୍ୟ ଜ୍ଞାନର ଅଧିକ ଘନୀଭୂତ ଉପାଦାନ । ଏହା ସ୍ୱୟଂ-ସମ୍ପୂର୍ଣ୍ଣତା ଓ ଉଚ୍ଚତର ତଥା ବିଶାଳତର ପରିସର ମଧ୍ୟକୁ ଉତ୍ତୋଳିତ କରିନିଏ ।

ଆମର ମନୋଗତ ବୁଦ୍ଧି ଓ ଏହା ସହ ତୁଳନା କଲେ ଦେଖିବା ମନୋଗତ ବୁଦ୍ଧି ଯାହା କରିପାରେ ଏହା ତାହାକୁ ଆଉ ବୃହତ୍ତର ଓ ସୀମାତିରିକ୍ତଭାବେ କରିପାରେ । ଏଠି ଅନୁଭୂତି ହୁଏ ବାସ୍ତବ ।

ଏହା ସବୁକିଛି ଅନାବୃତ କରିପକାଏ । ଇନ୍ଦ୍ରିୟଲବ୍ଧ ତଥ୍ୟଗୁଡ଼ିକୁ ମଧ୍ୟ ଏହା ଆପଣା ମଧ୍ୟରେ ସମୃଦ୍ଧ କରିଦିଏ । ନିମ୍ନତର ଅନୁଭବକୁ ଉଚ୍ଚତର ସତ୍ୟ ସହ ଏହା ଯୋଡ଼ିଦିଏ । ଏହା ଈଶ୍ୱରଙ୍କ ଏକ ଜ୍ୟୋତିଃ । କିନ୍ତୁ ତାଙ୍କର 'ପରା ସ୍ୱା ପ୍ରକୃତି' ନୁହେଁ ମାତ୍ର 'ସୂର୍ଯ୍ୟ ଶକ୍ତିହିଁ' ଆଧ୍ୟାତ୍ମିକ ବୁଦ୍ଧି ମଧ୍ୟରେ କ୍ରିୟାଶୀଳ ଥାଏ । ଆତ୍ମ-ଶକ୍ତି ଅତିମାନସ ଭୂମିରେ ଅପରୋକ୍ଷଭାବେ କେବଳ କାର୍ଯ୍ୟକ୍ଷମ ।

ମଣିଷର ଚେତନା ପ୍ରକୃତିଗତ ଚେତନା । ଏହା ମଧ୍ୟରେ ଉଚ୍ଚତର ଚେତନାର ପ୍ରତିଫଳନ ହୋଇପାରେ, ମାତ୍ର ଅତିମାନସ ଭୂମି ପରମସତ୍ୟର ଭୂମି, ଉଚ୍ଚତର ଚେତନାର ଭୂମି । ଏହା ସତ୍ୟମ୍-ଶିବମ୍-ସୁନ୍ଦରମ୍‌ଙ୍କୁ ଧାରଣ କରିପାରେ, ପ୍ରକାଶ କରିପାରେ । ଅତିମାନସୀ ବୁଦ୍ଧି ଅତିମାନସର ଆଦି ବିଭୂତି । ଏଠି ଅନିଶ୍ଚିତତା ନାହିଁ ।

ବିଜ୍ଞାନ ବୁଦ୍ଧିକୁ ଇଂରାଜୀରେ spiritual reason ବୋଲି ଭାଷାନ୍ତର କରିପାରିବା । ଏହା ମନୋବୁଦ୍ଧି ଉପରେ କ୍ରିୟା କରିପାରେ । ଏହାର ଧାରା କିନ୍ତୁ ମନୋବୁଦ୍ଧିଠାରୁ ଭିନ୍ନ । ଏହା ତା'ର ବିପରୀତ । ମନୋବୁଦ୍ଧିର ଗତି ସ୍ଥୂଳରୁ ସୂକ୍ଷ୍ମ ଯାଏ, ଇନ୍ଦ୍ରିୟ ସଂବିତ୍‌ରୁ ଅତୀନ୍ଦ୍ରିୟ ପ୍ରତ୍ୟୟ ଦିଗରେ । କିନ୍ତୁ ତାହା ସ୍ପଷ୍ଟ ନୁହେଁ । ବିଜ୍ଞାନ ବୁଦ୍ଧିର ଗତି ସୂକ୍ଷ୍ମରୁ ସ୍ଥୂଳ ଦିଗରେ । ଅତୀନ୍ଦ୍ରିୟ ପ୍ରତ୍ୟୟ ଇନ୍ଦ୍ରିୟ ସଂବିତ୍ ପରି ସ୍ପଷ୍ଟ । ମାନସ ବୁଦ୍ଧି ପରି ବିଜ୍ଞାନ ବୁଦ୍ଧି ମଧ୍ୟରେ ଭାବନା ଓ କ୍ରିୟାର ସମାହାରର ସାମର୍ଥ୍ୟ ଅଛି । କିନ୍ତୁ ମାନସ ବୁଦ୍ଧିର ଉପାଦାନରେ ଯେପରି ସଜାତୀୟ ଭେଦର ସମ୍ବନ୍ଧ (ଯେପରି ଗୋଟିଏ ଗଛ ସହ ଅନ୍ୟ ଏକ ଗଛର ସମ୍ବନ୍ଧ), ବିଜ୍ଞାନ ବୁଦ୍ଧିରେ ସେପରି ସ୍ୱଗତ ଭେଦର ସମ୍ବନ୍ଧ (ଯେପରି ଗୋଟିଏ ଗଛର ତା'ର ବିଭିନ୍ନ ଭାଗ ମଝିରେ) ରହିଛି । କାରଣ ବିଜ୍ଞାନ ବୁଦ୍ଧିରେ ସତ୍ୟର ସ୍ୱରୂପ ପ୍ରକଟିତ । ବିଜ୍ଞାନ ବୁଦ୍ଧି ମାନସ ବୁଦ୍ଧି ପରି ଇନ୍ଦ୍ରିୟ ସଂବିତ୍‌କୁ ବ୍ୟବହାର କରେ । ମାତ୍ର ତତ୍ ସହ ତା'ର ଅଛି ଚିନ୍ମୟ ଇନ୍ଦ୍ରିୟ ଓ ତା'ର ଅନୁବର୍ତ୍ତୀ ଆନ୍ତର ମନର ଇନ୍ଦ୍ରିୟ । ଏହାକୁ ଷଷ୍ଠେନ୍ଦ୍ରିୟ କୁହାଯାଏ ।

ଆଧ୍ୟାତ୍ମିକ ଚେତନା ତଥା ଆଧ୍ୟାତ୍ମିକ ବୁଦ୍ଧିରେ ଆମେ ଅନୁଭବ କରିବା ସବୁ କିଛି ଏକ । କିନ୍ତୁ ଏହାକୁ କାର୍ଯ୍ୟକାରୀ କରି ହୁଏ ନାହିଁ କିନ୍ତୁ ଅତିମାନସ ବୁଦ୍ଧିରେ ଅନୁଭବ ହୁଏ ଆତ୍ମା ବା ବ୍ରହ୍ମ ସମସ୍ତଙ୍କ ମଧ୍ୟରେ ଅଛି । ଆତ୍ମା ମଧ୍ୟରେ ସବୁ ଅଛି ଏବଂ ସବୁ ଆତ୍ମା ବ୍ରହ୍ମ – 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' । ଏହା ଖାଲି ଜ୍ଞାନରେ ନଥାଏ, ଏହା ସକଳ କ୍ରିୟାରେ ପ୍ରତିଫଳିତ ଓ କାର୍ଯ୍ୟକାରୀ ହୁଏ । ଯାହା ଏହି ଚେତନାରେ ଦେଖାଯାଏ ତାହା ସତ୍ୟର ଜ୍ୟୋତିର୍ମୟ ରୂପ ଏବଂ ଆନନ୍ଦମୟ ମଧ୍ୟ ।

ଏବେ ଆମେ ଜାଣିଲେ ଜଡ଼ଠାରୁ ବ୍ରହ୍ମଯାଏ ଚେତନାର ତଳ ଉପର ହୋଇ ବହୁ ସ୍ତର ଅଛି । ଆମେ ପ୍ରଥମେ ଅନୁଭବ କରୁ ଏସବୁ ସମ୍ପର୍କହୀନ । ବୁଦ୍ଧି ପ୍ରସୂତ ଏକ ଉପସ୍ଥାପନା ଦ୍ୱାରା ଏହା ଅଧିକ ବୋଧ୍ୟ ହୁଏ । ମାତ୍ର ପରମ ଅନନ୍ତ ଏହି ଅବରୋହଣ ଓ ଆରୋହଣ ରେଖାଗୁଡ଼ିକୁ ପାର ହୋଇ ଆସିଥା'ନ୍ତି ଏବଂ ନିଜ ସ୍ୱରୂପରେ ଉପନୀତ ହେବାର ଇଙ୍ଗିତ ଦିଅନ୍ତି । ସଂବୋଧି ମନ ସ୍ତରରେ ରହିଥିଲେ ମଧ୍ୟ ଊର୍ଦ୍ଧ୍ୱସ୍ଥ ବସ୍ତୁଗୁଡ଼ିକ ଖୋଲି ଯାଆନ୍ତି । ଊର୍ଦ୍ଧ୍ୱରୁ ନିମ୍ନକୁ ସେ ସବୁ ଆସିବାରେ ଲାଗିଥା'ନ୍ତି । ତା'ପରେ ଆମର ଅଧିକ ବିକାଶ ଘଟେ । ଆମେ ଯେବେ ଅତିମାନସ ସ୍ତରରେ ପହଞ୍ଚୁ, ପୂର୍ବ ପରି ଅନିୟମିତ ଭାବରେ ନୁହେଁ ନିୟମିତ ଭାବରେ ବୃହତ୍ତର ଊର୍ଦ୍ଧ୍ୱଭୂମିର ଜ୍ୟୋତିଃ ପୁନଃ ପୁନଃ ଅନୁଭବ କରୁ । ଏବେ ମନ ସହଜ ଭାବେ ସଂବୋଧି ମନରେ ରୂପାନ୍ତରିତ ହୋଇଯାଏ । ଅନନ୍ତ ଚେତନା ମନକୁ ଚତୁର୍ଦ୍ଦିଗରୁ ଆବୃତ କରି ରଖେ ଓ ତାକୁ ଅଧିକାର କରିଯାଏ । ଏବେ ସଂବୋଧି ମନରେ ଅତିମାନସର ସ୍ପନ୍ଦନ ସ୍ୱାଭାବିକ ଭାବେ ବାରି ହୁଏ ।

ଆମ ଚେତନା କେବଳ ଆତ୍ମସତ୍ତା ଦିଗରେ ଉତ୍ତୋଳିତ ହୋଇଯାଏ ନାହିଁ । ସଂବୋଧିମନ ଅତିମାନସର ଗତିସ୍ପନ୍ଦନରେ ରୂପାନ୍ତରିତ ହୋଇଯାଏ ଅତି ସହଜରେ ଏବଂ ଅନନ୍ତ ଚେତନା ମଧ୍ୟକୁ ସମଗ୍ର ଭାବେ ବିକଶିତ ହୋଇଯାଏ । ଏବେ ପ୍ରକୃତିର ତଦନୁସାରେ ରୂପାନ୍ତର ହୋଇଯାଏ । ଆମେ ଅତିମାନସରେ ସେତେବେଳେ ବାସ କରୁ । ତଥାପି ସେତେବେଳେ ନିମ୍ନପ୍ରକୃତିରେ ରହିଥିବା ଅନ୍ୟମାନଙ୍କ ଜ୍ଞାନ ଓ ଅନୁଭୂତିଠାରୁ ବିଚ୍ଛିନ୍ନ ହୋଇ ନଥାଉ ।

ଆମର ସନ୍ଦେହ ହୁଏ ଏହି ଉଚ୍ଚତର ଭୂମିରେ ଅର୍ଥାତ୍ ଅତିମାନସରେ ବାସ କରୁଥିବା ବେଳେ ଆମେ ନିମ୍ନଭୂମି ସହ ସମ୍ପର୍କ ଯଦି ରଖିପାରୁ, ନିମ୍ନଭୂମିରୁ ତାଙ୍କ ସହ ସମ୍ପର୍କ ରଖିବା କ'ଣ ସ୍ୱାଭାବିକ ? ନା, ଏହା ଅତି କଷ୍ଟକର । ସେଇଥିପାଇଁ ପରମ ଈଶ୍ୱର ଆମକୁ ସହଜରେ ଜାଣନ୍ତି, ଆମ ସହ ଏକାତ୍ମ ହୋଇପାରନ୍ତି ମାତ୍ର ଆମ ମଧ୍ୟରେ ଯେପରି କ୍ରିୟା ପ୍ରତିକ୍ରିୟା ଚାଲିଛି ତା'ଠାରୁ ତଥାପି ସେ ବିଚ୍ଛିନ୍ନ ହୋଇଥା'ନ୍ତି, ଫଳରେ ଆମେ ତାଙ୍କ ସହ ସହଜରେ ସମ୍ପର୍କ ରଖିପାରୁ ନାହିଁ । The Synthesis of Yogaର ଭାଷାରେ : ''The supreme Ishwara too is not aloof from us; he knows, lives in, identifies himself with all and yet is not subjugated by the reactions or limited in his knowledge, power and Ananda by the limitations of the mind and life and physical being in the universe.''

(*The Synthesis of Yoga,* p. 824)

ଊର୍ଦ୍ଧ୍ୱଚେତନାରେ ଅତିମାନସ ତା'ର ଶକ୍ତିରେ ନିମ୍ନକୁ ଧାରଣ କରିପାରେ ଓ ତାକୁ ଉତ୍ତୋଳିତ କରି ଦିବ୍ୟଚେତନାରେ ରୂପାନ୍ତରିତ କରିପାରେ । ଯଦି ନିମ୍ନର ସେପରି ଆସ୍ପୃହା ଥାଏ, ଦିବ୍ୟକୃପାର ଅବତରଣ ଏହି ରୂପାନ୍ତରକୁ ସହଜରେ ସାଧନ କରିପାରେ । ନ ହେଲେ ବିବର୍ତ୍ତନ ଧାରାରେ ବହୁ ବର୍ଷ ପରେ ରୂପାନ୍ତର ଅବଶ୍ୟ ଘଟିବ ।

ଜଡ଼ରୁ ପ୍ରାଣ, ପ୍ରାଣରୁ ମନ, ମନରୁ ବୁଦ୍ଧି, ବୁଦ୍ଧିରୁ ଉଚ୍ଚତର ବୁଦ୍ଧି, ବୁଦ୍ଧିରୁ ବୋଧି, ତା'ପରେ ଜ୍ୟୋତିର୍ମୟ ଆଧ୍ୟାତ୍ମିକ ବୋଧି, ତତ୍ପରେ ଅତିମାନସିକ ବୁଦ୍ଧି, ତା'ପରେ ଅଧିମାନସ (overmind) ଏବଂ ଶେଷରେ ଅତିମାନସ (supermind) ଏହି ଭଳି ଚେତନାର ଊର୍ଦ୍ଧ୍ୱାୟନ ବା ଉତ୍ତରଣ ହୋଇଥାଏ । ସେହିପରି ଅତିମାନସରୁ ଜଡ଼ ଯାଏ ଚେତନାର ଅବତରଣ ଘଟିଥାଏ । କିନ୍ତୁ ଏହି ଉତ୍ତରଣ ଓ ଅବତରଣ କେବଳ ମାନସିକ ବିଚାର ପାଇଁ ଉପସ୍ଥାପନ କରୁଛୁ । ଦିବ୍ୟଚେତନାର ସ୍ୱାତନ୍ତ୍ର୍ୟ ଅଛି । ସୋପାନମାନଙ୍କୁ ବାଦ୍ ଦେଇ ମାତୃଶକ୍ତିର କୃପାରେ ସାଧକକୁ ମୁହୂର୍ତ୍ତକ ମଧ୍ୟରେ ସିଦ୍ଧି ମଧ୍ୟ ମିଳିପାରେ । କାରଣ ମା ସର୍ବଶକ୍ତି ସମ୍ପନ୍ନା । ପରମକୃପାର ତୁଳନା ନାହିଁ ।

❑❑❑

# ବିଜ୍ଞାନ ଓ ଅଧ୍ୟାତ୍ମଜ୍ଞାନ

## ନଳିନୀକାନ୍ତ ଗୁପ୍ତ

ଈଶ୍ୱର ନାମରେ ଜଗତର ଜଣେ ସଚେତନ ନିର୍ମାତା ଯେ ଅଛନ୍ତି, ଏକ ସମୟରେ ତା'ର ନିଃସନ୍ଦେହ ପ୍ରମାଣ ହିସାବରେ ଦେଖା ଯାଉଥିଲା ଜଗତର ନିର୍ମାଣ-କୌଶଳ। ଆମେ ଗୋଟିଏ ଘଡ଼ି ଯଦି ଦେଖୁ, ଦେଖୁ ତା'ର ବହୁଳ କଳକବ୍‌ଜା, କିପରି ସେସବୁ ସଜା ହୋଇଛି, କେତେ କ୍ଷୁଦ୍ର କ୍ଷୁଦ୍ର ଅଙ୍ଗପ୍ରତ୍ୟଙ୍ଗ ତା'ର, କେତେ ଜଟିଳ ଗତି ସେସବୁର, ଅଥଚ ପରସ୍ପର ସହିତ ମିଶି କି ଅପୂର୍ବ ସାମଞ୍ଜସ୍ୟରେ ଏକହିଁ ଉଦ୍ଦେଶ୍ୟ ସାଧନରେ ଚଳନ୍ତି ସେମାନେ ! ସେତେବେଳେ ସେଇଥିରୁହିଁ ଅବ୍ୟର୍ଥଭାବେ ଘଡ଼ି-ନିର୍ମାତାଙ୍କ ଅସ୍ତିତ୍ୱ ଥିବା ସିଦ୍ଧାନ୍ତ ଆମେ ନେଇଥାଉ, ଯାହାଙ୍କର ବୁଦ୍ଧିର ନୈପୁଣ୍ୟ ତାଙ୍କ ଦ୍ୱାରା ନିର୍ମିତ ବସ୍ତୁରେ ପ୍ରତିଫଳିତ ହୋଇଛି। ଏଇ ଜଗତ୍ କ'ଣ ସେହିଭଳି ଗୋଟିଏ ଚମତ୍କାର ଯନ୍ତ୍ର ନୁହେଁ ?

ଜ୍ୟୋତିଷ୍କମଣ୍ଡଳୀ ବା ତାରାଗଣ କିପରି ଅଖଣ୍ଡ, ଅବ୍ୟଭିଚାରୀ ବା ଅକାଟ୍ୟ ନିୟମରେ ପରସ୍ପରର ସମ୍ବନ୍ଧ ଅତୁଟ, ଅବିଚ୍ଛିନ୍ନ ରଖି କୋଟି କୋଟି ବର୍ଷ ଧରି ଚାଲିଛନ୍ତି ଯାହାକୁ ଋଗ୍‌ବେଦୀୟ ଭାଷାରେ "ନ ମେଥତେ, ନ ତସ୍ଥତୁ।" ଅର୍ଥାତ୍ ସେମାନେ ମିଶି ଯାଆନ୍ତି ନାହିଁ କି ଥମି (ରହି) ଯାଆନ୍ତି ନାହିଁ। ଆଉ ଯେଉଁ ନିୟମରେ ସେମାନେ ଚାଲିଛନ୍ତି, ବୁଦ୍ଧିର ପରାକାଷ୍ଠା ଦେଖାଇ ଆମେ (ମଣିଷ) ଯାହା ଆବିଷ୍କାର କରିଛୁ, ତାହା କେଡ଼େ ଅପୂର୍ବ ଗାଣିତିକ ନିୟମ ! ବୃହତ୍‌କୁ ଛାଡ଼ି କ୍ଷୁଦ୍ର ମଧ୍ୟରେ ଦେଖ; ଦେଖ ଦାନା-ବନ୍ଧା ଜ୍ୟାମିତି, ପରମାଣୁ ମଧ୍ୟକୁ ଚାଲିଯାଅ, ଦେଖ 'ପ୍ରୋଟନ୍', 'ଇଲେକ୍‌ଟ୍ରୋନ୍'ର ଛକସବୁ, ତା' ପାଖରେ କେଉଁଠି ଲାଗେ ତାଜମହଲର କଳାକୌଶଳ !

ଗୋଟିଏ ଫୁଲ ମଧ୍ୟରେ – ତା'ର ବୃନ୍ତ, ପାଖୁଡ଼ା, ତା'ର ଗର୍ଭକୋଷ, ପରାଗରେଣୁ, ତା'ର ରଙ୍ଗର ହାଟ, ରେଖାର ସମାବେଶ – ଏଥିରେ ଯେ କେଡ଼େ ନିଖୁଣ, ନିପୁଣ କାରିଗରୀ ରହିଛି, ତା' ଉପରେ ଟିକିଏ ଧ୍ୟାନ ଦେଲେ ବିସ୍ମୟରେ ସ୍ତମ୍ଭିତ ହେବାକୁ ହୁଏ। ପୁଣି ସେଇ ଫୁଲ କିପରି ଫଳରେ ରୂପାନ୍ତରିତ ହୋଇ ଧୀରେ ଧୀରେ ପରିପକ୍ୱ, ପରିଣତ ଅବସ୍ଥାକୁ ଆସି ରସାୟିତ ହୋଇ ଏକ ସୁନ୍ଦର ରୂପ ଧାରଣ କରୁଛି, ତା'ର ଇତିହାସ ବି କିଛି କମ୍ ଚିତ୍ତାକର୍ଷକ ନୁହେଁ।

ପୁଣି ଦେଖ ଏଇ ଯେଉଁ ଲକ୍ଷ ଲକ୍ଷ କୋଟି କୋଟି ସଂଖ୍ୟାତୀତ ତୃଣଗୁଳ୍ମ, ତରୁଲତା,– ସେମାନଙ୍କର ଜୀବନ କେତେ ବିଚିତ୍ର, କେତେ ବହୁରୂପ – ଦେଶ ଦେଶର ମାଟିରେ ଆଉ ବାତାବରଣ ସହିତ ଅପୂର୍ବ ସାମଞ୍ଜସ୍ୟ ରଖି ସେମାନେ କେତେ ଆକାରରେ, କେତେ ପ୍ରକାରରେ ଦେଖା ଦେଇଛନ୍ତି। ମରୁଭୂମିରେ ତୃଣର ଅବସ୍ଥିତି, ଦେଖ କି ଶକ୍ତ, ଆଭରଣହୀନ, ବାହୁଲ୍ୟ-ବର୍ଜିତ ତପସ୍ୱୀ ସଦୃଶ ତା'ର ଗଠନ – କେତେ ଅଳ୍ପ ଜଳରେ ତା'ର ପ୍ରୟୋଜନ ମେଣ୍ଟିଯାଏ, ତା'ର ମସ୍ତକ, ତା'ର ଚେର, ତା'ର ଅଙ୍ଗପ୍ରତ୍ୟଙ୍ଗ ସବୁ ସେଇ ଏକହିଁ ଲକ୍ଷ୍ୟରେହିଁ ତିଆରି ହୋଇଛି। ଶୀତପ୍ରଧାନ ଦେଶ – ସାଇବେରିଆର 'ଲିଚେନ୍' ପୁଣି ତା'ର ନିଜସ୍ୱ ପରିସ୍ଥିତିର ସମତାଳରେ ଚଳିବା ପାଇଁ ଭିନ୍ନ ଧାରା ଗ୍ରହଣ କରିଛି। ଗ୍ରୀଷ୍ମ-ମଣ୍ଡଳର ଗୁଳ୍ମଠାରୁ ମହାନ୍ ମହୀରୁହ ପୁଣି ତୃତୀୟ ପର୍ଯ୍ୟାୟର ବ୍ୟବସ୍ଥା ଦର୍ଶାଏ। ପ୍ରାଣୀ ଜଗତକୁ ଦୃଷ୍ଟି ଦିଅ – ଜଳଚର, ସ୍ଥଳଚର, ଉଭୟଚର, ଖେଚର ପ୍ରତ୍ୟେକଙ୍କର ଦେହ ଗଢ଼ା ହୋଇଛି ନିଜ ନିଜର ପାରିପାର୍ଶ୍ୱିକ ପ୍ରୟୋଜନ ଅନୁସାରେ। ଏଇ ଯେଉଁ ପ୍ରୟୋଜନ ଅନୁସାରେ ବୈଷମ୍ୟ, ବହୁବିଧତା – ଏହା ମଧ୍ୟରେ ଯେ କେତେ ପରିମାଣ ଶାସ୍ତ୍ରଜ୍ଞାନ ରହିଛି ତା'ର ଇୟତ୍ତା ନାହିଁ। ପରିମିତି ଅର୍ଥ ପ୍ରୟୋଜନ ଅନୁସାରେ ଆୟୋଜନ – ଶ୍ରମର କି ଉପକରଣର ଅଯଥା ବ୍ୟୟ ନାହିଁ। ମାଛକୁ ପାଣିରେ ରହିବାକୁ ହେବ, ଚଳପ୍ରଚଳ କରିବାକୁ ହେବ। ତେଣୁ ପାଣିର ଚାପ ସହ୍ୟ କରିବା ଭଳି କରି ତା'ର ଅଙ୍ଗପ୍ରତ୍ୟଙ୍ଗ ପ୍ରସ୍ତୁତ କରା ହୋଇଛି, ସଜା ହୋଇଛି, ଖଞ୍ଜା ଯାଇଛି, ପାଣିର ଚାପ କାଟି ଦ୍ରୁତ ବେଗରେ ଚାଲିବା ପାଇଁ ତାକୁ ବିଶିଷ୍ଟ ଆକାର ବି ଦିଆହୋଇଛି (ଯାହାର ନକଲ କରି ମଣିଷ 'ସବ୍‌ମେରିନ୍ ଟର୍‌ପେଡ଼ୋ' ତିଆରି କରିଛି)। ପକ୍ଷୀକୁ ଆକାଶରେ ଉଡ଼ିବାକୁ ହେବ – ଯେଉଁ ଜିନିଷକୁ ଆଶ୍ରୟ କରି ସେ ଉଡ଼ିବ, ତା'ର ଓଜନ ହେବା ଦରକାର ଅଳ୍ପ, ଆଉ ଗଠନ ହେବା ଦରକାର ଦୃଢ଼ ଓ ନମନୀୟ। ପକ୍ଷୀ ଡେଣାର ଆକାର ଦେଖ – ତା' ହାଲୁକା ହେବା ଆବଶ୍ୟକ। ତେଣୁ ତାହା ଫମ୍ପା, ପତଳା, କିନ୍ତୁ ଦୃଢ଼, ବାଙ୍କିଯାଏ କିନ୍ତୁ ଭାଙ୍ଗେନି। ମନୁଷ୍ୟ-

ତିଆରି ଉଡ଼ାଜାହାଜ ଠିକ୍ ଏହିସବୁ ବିଧାନ ଉପରେ ପ୍ରତିଷ୍ଠିତ ।

ଆଉସବୁ କଥା ଛାଡ଼ି ଯେତେବେଳେ ନିଜକୁ ଦେଖୁ, ଦେଖୁ ମନୁଷ୍ୟର ଦେହ – କେଡ଼େ ଅପୂର୍ବ, ଅଦ୍ଭୁତ ରଚନା ତାହା ! ସତରେ କହିଲେ ତାହା ଏକ ବିପୁଳ, ଜଟିଳ କାରଖାନା । ମନୁଷ୍ୟ ଯେପରି ଏକ ଯନ୍ତ୍ର ତା' ତୁଳନାରେ ମନୁଷ୍ୟ-ଗଠିତ ଯନ୍ତ୍ରସବୁ ଅକିଞ୍ଚିତ୍‌କର, ତୁଚ୍ଛ ମନେ ହୁଏ । ମନୁଷ୍ୟ ଶରୀରରେ ଅସ୍ଥିର ସଂସ୍ଥାନ, ପେଶୀର ସଙ୍ଗଠନ, ଗ୍ରନ୍ଥିର ଅବସ୍ଥାନ, ସ୍ନାୟୁମଣ୍ଡଳୀର ସମାବେଶ, ରକ୍ତର ଚଳାଚଳ, ନିଃଶ୍ୱାସ-ପ୍ରଶ୍ୱାସର କଳା-କୌଶଳ, ପରିପାକ କ୍ରିୟାର ବ୍ୟବସ୍ଥା, ପଞ୍ଚ-ଇନ୍ଦ୍ରିୟର ଗଠନ ଓ କ୍ରିୟାକଳାପ – ପଦାର୍ଥତତ୍ତ୍ୱ ଏବଂ ରସାୟନତତ୍ତ୍ୱର କେତେ ପ୍ରକାରର ପ୍ରୟୋଗ କ୍ଷେତ୍ର ଏଇ ଦେହ – ପୁଙ୍ଖାନୁପୁଙ୍ଖଭାବେ ଦେଖିଲେ ସାଧାରଣ ମଣିଷ ପକ୍ଷରେ ଏହା ବୁଝିବା କଷ୍ଟସାଧ ହୋଇଉଠେ ଯେ ଏଇ ଦେହଟି ସ୍ୱତଃ, ଆପଣାଛାଏଁ ଗଢ଼ିଉଠିଛି ନା ଏହାର କୌଣସି ଜଣେ ପରମ ନିପୁଣ ସଚେତନ କାରିଗର ଅଛନ୍ତି ।

ତେଣୁ ଏକ ସମୟରେ ମନେ ହେଉଥିଲା ଯେ, ଜଗତ୍-ଯନ୍ତ୍ରଟିର ଯନ୍ତ୍ରୀ ହିସାବରେ ଈଶ୍ୱର ବା ଭଗବାନଙ୍କର ଅସ୍ତିତ୍ୱକୁ ନ ମାନି ଅନ୍ୟ ଉପାୟ ନାହିଁ । ଆମ ଦେଶରେ ଚାର୍ବାକ୍-ପନ୍ଥୀମାନେ ଜନସମାଜରେ ଅବଶ୍ୟ ଥିଲେ – କିନ୍ତୁ ସେମାନଙ୍କ ଅସ୍ୱୀକୃତିର ବିଶେଷ କିଛି ମୂଲ୍ୟ ନଥିଲା । କାରଣ, ସେମାନେ ଏକପ୍ରକାର ଯାହାକୁ କହନ୍ତି 'ଦେହ-ବଳ' ଦେଇ ଅସ୍ୱୀକାର କରୁଥିଲେ, କିନ୍ତୁ ଅସ୍ୱୀକାରର ଯଥାଯଥ ଯୁକ୍ତି ଦେଇପାରୁ ନଥିଲେ । ସେମାନଙ୍କର ବକ୍ତବ୍ୟ ଥିଲା ଯେ, ସୃଷ୍ଟି ନିଜ ଭିତରୁ ନିଜେ ବା ଆପେ ଆପେ ସୃଷ୍ଟ ହୋଇଛି, ନିଜେ ଚାଲୁଛି, ପ୍ରକୃତିର ଯେଉଁସବୁ ଯନ୍ତ୍ରପାତି, କଳକବ୍‌ଜା, ସେଥିରେ କୌଣସି ରହସ୍ୟ ନାହିଁ । ପ୍ରକୃତିର ପ୍ରକୃତି ହେଲା ଏଇୟା –''ସ୍ୱଭାବୋ ଯଦୃଚ୍ଛା'' ଅର୍ଥାତ୍ (ପ୍ରକୃତିର ସ୍ୱଭାବ ହେଲା ତା' ନିଜର ଯାହା ଇଚ୍ଛା ତାହା କରିପାରେ । ନିଜେହିଁ ସେ 'ସ୍ୱୟଂକ୍ରିୟ') । ହେଲେ ଏ ଧରଣର କଥା କହିଲେ ଠିକ୍ କିଛି କୁହା ହୁଏନି । ଏହା ଅଯଥାର୍ଥ ଯୁକ୍ତି । (ଏପରିକି ଅଧ୍ୟାତ୍ମପନ୍ଥୀମାନଙ୍କ ମଧ୍ୟରେ ବି କେହି କେହି – ବୌଦ୍ଧମାନେ, ସାଂଖ୍ୟପନ୍ଥୀମାନେ ଈଶ୍ୱର ବା ଭଗବାନଙ୍କୁ ମାନନ୍ତି ନାହିଁ ସତ, କିନ୍ତୁ ସେମାନେ ଚିନ୍ମୟ ପୁରୁଷ ବା ଚିନ୍ମୟୀ ପ୍ରକୃତି ବା ଚିନ୍ମୟ ପୁରୁଷଙ୍କ ସହିତ ଚେତନଶୀଳ ପ୍ରକୃତିକୁ ମାନନ୍ତି ।)

କିନ୍ତୁ ବିଜ୍ଞାନର ଯୁଗ ଆଣି ଦେଲା ଏକ ନୂତନ ପ୍ରତ୍ୟକ୍ଷ ଆଲୋକ । ମନୁଷ୍ୟର ଏକ ନୂତନ ଦୃଷ୍ଟି ଖୋଲିଲା, ତା'ର କଲ୍ୟାଣରେ ସୃଷ୍ଟି ରହସ୍ୟର ସକଳ ରହସ୍ୟ ସହଜ ସ୍ୱାଭାବିକଭାବେ ସେ ବ୍ୟାଖ୍ୟା କରି ପାରିଲା । ସୃଷ୍ଟିର ଅତୀତ ସମ୍ପର୍କରେ କହୁଥିବା ଯାଦୁକର (Deus ex machina)ଙ୍କର ଆଉ କୌଣସି ପ୍ରୟୋଜନ ରହିଲା ନାହିଁ । ଲାମାର୍କ-ଡାରଉଇନ୍‌ଙ୍କର କ୍ରମପରିଣାମବାଦ ବା ବିବର୍ତ୍ତନବାଦ ସୃଷ୍ଟିଧାରା ମଧ୍ୟରେ ଏପରି ଆଲୋକ-ସଂପାତ କଲା ଯେ, ସକଳ ସମସ୍ୟା ନିଜ ନିଜର ସରଳ, ଅବ୍ୟର୍ଥ ମୀମାଂସା ବା ସମାଧାନ ନେଇ ପରିଷ୍କାର ହୋଇ ଦେଖା ଦେଲେ । ସେଗୁଡ଼ିକର ଆବିଷ୍କାର ଫଳରେ ମୋଟ ଉପରେ ଯେଉଁ ସିଦ୍ଧାନ୍ତ ମିଳିଲା ତାହା ହେଲା – ସୃଷ୍ଟି ମଧ୍ୟରେ ଯେଉଁ ଅଦ୍ଭୁତ ଲକ୍ଷ୍ୟାନୁସରଣ, ଉଦ୍ଦେଶ୍ୟ ଅନୁଯାୟୀ ଯଥାଯଥ ଉପାୟ ନିର୍ଦ୍ଧାରଣ, ଅବସ୍ଥା ଅନୁଯାୟୀ ବ୍ୟବସ୍ଥା ଇତ୍ୟାଦି,– ତା'ର କାରଣ ସେ ଜିନିଷଟି ଏକ କ୍ରମ-ପରିଣାମର ଧାରାରେ ନିର୍ବାଚନ ଓ ଉଦ୍‌ବର୍ତ୍ତନର ଅଲଂଘନୀୟ ଫଳ ମାତ୍ର । ପାରିପାର୍ଶ୍ୱିକ ଅବସ୍ଥା ସହିତ ସଜୀବ ଦେହର ତଥା ଦେହର ଅଙ୍ଗସକଳର ପରସ୍ପର ସହିତ ଯେଉଁ ଜଟିଳ ଛନ୍ଦ-ସୌଷମ୍ୟ, ସୃଷ୍ଟିର ସର୍ବତ୍ର ଏତେ କଳାକୌଶଳ ସେସବୁ ଦିନକରେ ଦେଖା ଦେଇ ନାହିଁ, ପ୍ରଥମେ ତାହା ଏତେ ବିଚିତ୍ର ଓ ଏତେ ନିର୍ଦୋଷ ନଥିଲା । ପ୍ରଥମେ ମୋଟାମୋଟି ଏକ ପ୍ରକାରର କୌଣସି ଏକ ବ୍ୟବସ୍ଥା ମାତ୍ର ଥିଲା । ସଂସ୍ପର୍ଶର, ସଂଘର୍ଷର, କ୍ରିୟା-ପ୍ରତିକ୍ରିୟାର ଆଦାନ-ପ୍ରଦାନ ଫଳରେ ଧୀରେ ଧୀରେ ଏଇ ସାମଞ୍ଜସ୍ୟ, ଏଇ ଲକ୍ଷ୍ୟାନୁଗତ୍ୟ – ବସ୍ତୁର ଉଦ୍ଦେଶ୍ୟାନୁଯାୟୀ ଗଠନ ଓ କ୍ରିୟା ଫୁଟିଉଠିଛି । ଜୀବନଧାରଣର କଠୋର ପ୍ରୟୋଜନର ଚାପରେ ଜୀବ-ଜଗତରେ ଜଡ଼ ଦେହରେ ଏଇ ଅପୂର୍ବ ଯନ୍ତ୍ର ଗଢ଼ିଉଠିଛି । ବର୍ତ୍ତମାନ ଯେଉଁମାନେ ବଞ୍ଚି-ବର୍ତ୍ତି ଯାଇଛନ୍ତି, – ଉଦ୍ଭିଦ, ପ୍ରାଣୀ ବା ମନୁଷ୍ୟ ହେଉ – ସେମାନେ ବଞ୍ଚିଛନ୍ତି ଠିକ୍ ଏଇଥିପାଇଁ ଯେ, ସେମାନେ ଜୀବନ-ଯୁଦ୍ଧରେ ଜୟୀ ହୋଇଛନ୍ତି । ସେମାନଙ୍କର ଆଧାର, ସେମାନଙ୍କର ଗଠନ ଓ କର୍ମ-ସାମର୍ଥ୍ୟ ଶରୀରର ବହୁ ଦିନର, ବହୁ ଯୁଗର ଏକ ବଛାବଛି ଫଳରେ ପ୍ରସ୍ତୁତ ହୋଇଛି । ଅପଟୁ, ଅକ୍ଷମ ଆଧାର ଯେପରି ନଷ୍ଟ ଓ ଲୁପ୍ତ ହୋଇ ଯାଇଛନ୍ତି ସେହିପରି ଯେଉଁମାନଙ୍କ ଭିତରେ ପଟୁତା ଦେଖା ଦେଇଛି, ବୃଦ୍ଧିଲାଭ କରିପାରିଛି – ସେମାନଙ୍କ ମଧ୍ୟରେ ଉର୍ଦ୍ଧ୍ୱତନର ସମ୍ଭାବନା ଦେଖାଦେଇଛି ବା ରହିଛି ।

ଉଦ୍ଭିଦରୁ ପ୍ରାଣୀ, ପ୍ରାଣୀରୁ ମନୁଷ୍ୟ ଏଇଭଳି ଏକ ପୂର୍ଣ୍ଣରୁ ପୂର୍ଣ୍ଣତର, ସରଳ ସାମଞ୍ଜସ୍ୟରୁ ବହୁମୁଖୀ ସାମଞ୍ଜସ୍ୟ ଦିଗରେ କ୍ରମଗତିର ପରିଚୟ ଦେଇଛି । ସୁତରାଂ ପ୍ରକୃତି ମଧ୍ୟରେ ଯେଉଁ ଯନ୍ତ୍ରକୌଶଳ ଦେଖିବାକୁ ପାଉ ତାହା କ୍ରିୟା-ପ୍ରତିକ୍ରିୟାର ଚାପରେ, ବଛାବଛି ଫଳରେ ଅବ୍ୟର୍ଥଭାବେ ଦେଖାଦେଇଛି, ଅନ୍ୟପ୍ରକାର ହେବାର କୌଣସି ଅବସର ଏଠାରେ ନଥିଲା । ପାର୍ବତ୍ୟ ନଦୀର ସ୍ରୋତରେ, ଘାତ-ପ୍ରତିଘାତ ଫଳରେ ଉପଳ (ପ୍ରସ୍ତର) ଖଣ୍ଡ ଯେପରି ମସୃଣ ଓ ଗୋଲାକାର ହୁଏ, ପାଏ ଏକ ସୁଷମ ରୂପ, ଏ କଥାଟି ବି ସେହି ପ୍ରକାରର । ପ୍ରକୃତି ନିଜ ଭିତରୁହିଁ ଆପେ ଆପେ ଯନ୍ତ୍ର ହୋଇ ଗଢ଼ିଉଠିଛି, ବାହାରୁ କୌଣସି ଯନ୍ତ୍ରୀଙ୍କର ହାତର ପ୍ରୟୋଜନ ଏଠାରେ ନାହିଁ !...

ପ୍ରକୃତି-ରୂପକ ଯନ୍ତ୍ରକୁ ଏଇଭାବେ ବ୍ୟାଖ୍ୟା କରି ବୈଜ୍ଞାନିକମାନେ ଈଶ୍ୱର ବା ଭଗବାନଙ୍କୁ ସୃଷ୍ଟିରୁ ବହିଷ୍କାର କରି ଦେଇଛନ୍ତି । 'ଲାପ୍ଲାସ୍' ତାଙ୍କ ସୃଷ୍ଟିର ମାନଚିତ୍ରରେ ସ୍ରଷ୍ଟା ବା ଭଗବାନଙ୍କ ପାଇଁ କୌଣସି ସ୍ଥାନ ଖୋଜି ପାଇ ନାହାନ୍ତି; ତା'ର କୌଣସି ପ୍ରୟୋଜନବୋଧ ବି କରି ନାହାନ୍ତି । ସୃଷ୍ଟିର ସ୍ରଷ୍ଟା, ଯନ୍ତ୍ରର ଯନ୍ତ୍ରୀ କିଏ କେଉଁଠି ଥିଲେ ତାଙ୍କ ବିଷୟରେ ବୈଜ୍ଞାନିକମାନେ କହନ୍ତି ସେ ଅଜ୍ଞେୟ, ଆମମାନଙ୍କ ପକ୍ଷରେ 'ନାସ୍ତି' ।

ବିଜ୍ଞାନ ସୃଷ୍ଟି-ସମସ୍ୟାର ଏଇ ମୀମାଂସା ପାଇ, ଧାରଣ କରି କିଛିଦିନ ବେଶ୍ ନିଶ୍ଚିତ ଥିଲା । କିନ୍ତୁ ଅନ୍ୟାନ୍ୟ କ୍ଷେତ୍ର ପରି ଏଥିରେ ବି ଫାଙ୍କ ଦେଖା ଦେବାକୁ ଆରମ୍ଭ କଲା, ସନ୍ଦେହର ମେଘ ଘନେଇ ଆସିବାକୁ ଲାଗିଲା । ନୂଆ ନୂଆ ତଥ୍ୟ, ଘଟଣା ଓ କଥାର ଆବିଷ୍କାର ପୂର୍ବତନ ମୀମାଂସାକୁ ଟଳାଇ ଦୋହଲାଇ ଦେଲା । ଏଇ ଯେମିତି – ମୀମାଂସା ହୋଇଥିଲା, ସ୍ୱତଃସିଦ୍ଧ ସିଦ୍ଧାନ୍ତ ପ୍ରାୟ ହୋଇ ଯାଇଥିଲା ଯେ, ଜୀବନ-ଧାରଣ ପାଇଁ ଆଧାରରେ ଯେଉଁ ପରିବର୍ତ୍ତନଟି କାର୍ଯ୍ୟରେ ଲାଗେ ତାହାହିଁ ବର୍ତ୍ତି ଯାଏ, ଜିଇଁ ରହେ ଓ କ୍ରମେ ପୁଷ୍ଟ ହେବାକୁ ଲାଗେ – ଏବଂ ଯାହା ଅନୁପଯୋଗୀ ତାହା କ୍ଷୟପ୍ରାପ୍ତ ହୁଏ, ଶେଷରେ ଲୋପ ପାଇଯାଏ ।

କିନ୍ତୁ ପ୍ରଥମ ପ୍ରଶ୍ନ, ଆରମ୍ଭରେ ଯେଉଁ ପରିବର୍ତ୍ତନ ହଠାତ୍ ଦେଖା ଦେଲା ତାହା ସାମାନ୍ୟ ଅକିଞ୍ଚିତ୍କର । ସେତେବେଳେ ତ ତା'ର ଉପଯୋଗିତାର ପ୍ରମାଣ ମିଳି ନାହିଁ, ଉପଯୋଗିତାର ପ୍ରମାଣ ସେତେବେଳେ ହୁଏ ଯେତେବେଳେ ପରିବର୍ତ୍ତନଟି ପୂର୍ଣ୍ଣ ତଥା ଯଥେଷ୍ଟଭାବେ ପରିଣତ ହୋଇଥାଏ । 'ଲାମାର୍କ'ଙ୍କ ତତ୍ତ୍ୱ ମାନିନେଲେ କହିବାକୁ ହେବ, ପରେ କାର୍ଯ୍ୟରେ ଆସିବ – ଏଇ ଭବିଷ୍ୟତର ଆଶାରେ ବା ପୂର୍ବଦୃଷ୍ଟି ଫଳରେ ସାମାନ୍ୟ ପରିବର୍ତ୍ତନଟି ବର୍ତ୍ତି ରହେ ଓ ବଢ଼ିବାକୁ ଲାଗେ, ବୃଦ୍ଧିପ୍ରାପ୍ତ ହୁଏ । କିନ୍ତୁ ଏହା ତ ଆଦୌ ଯାନ୍ତ୍ରିକତାର ଧର୍ମ ନୁହେଁ – ଏହା ତ ଚୈତନ୍ୟର ଧର୍ମ – ଚେତନାର ସ୍ୱଭାବ । ତେଣୁ ଏଇ ସଙ୍କଟରୁ ଉଦ୍ଧାର ପାଇବା ପାଇଁ ଆକସ୍ମିକ ବୃହତ୍-ପରିବର୍ତ୍ତନର ତତ୍ତ୍ୱ (mutation) ଆବିଷ୍କାର କରାହେଲା । କିନ୍ତୁ ତାହା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହେଲା କି ? କଠିନ ଅବସ୍ଥାଗୁଡ଼ିକ ସହଜ ହେଲା କି ? ଅସୁବିଧା ସୁବିଧା ହେଲା କି ? ବାସ୍ତବ ବସ୍ତୁର ଓ ଘଟଣାର ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣ ଯେତେ ବିସ୍ତୃତ ହେବାକୁ ଲାଗିଲା, ତା'ଫଳରେ ଦେଖାଗଲା ଯାହା ଦୂର ବା ସୁଦୂର ଭବିଷ୍ୟତରେ କାର୍ଯ୍ୟରେ ଲାଗିବ, ବର୍ତ୍ତମାନ ତା'ର କୌଣସି ପ୍ରୟୋଜନ ନାହିଁ, ଏ ପ୍ରକାର ବ୍ୟବସ୍ଥା ଜୀବ ଦେହରେ ବା ଜୀବ ଓ ତା'ର ପରିସ୍ଥିତିର ସମ୍ବନ୍ଧ ମଧ୍ୟରେ ଯଥେଷ୍ଟ ମିଳେ । କେବଳ ଯନ୍ତ୍ର ପରି କ୍ରିୟା-ପ୍ରତିକ୍ରିୟା ଫଳରେ ଏ ପ୍ରକାର ବ୍ୟବସ୍ଥା ଯେ ଗଢ଼ିଉଠିଛି ତାହା ସ୍ୱୀକାର କରିବା କଠିନ ହୋଇପଡ଼େ । ବେଶୀ କଥା କହିବା ଆବଶ୍ୟକ କ'ଣ ? ଯେତେବେଳେ ଚିନ୍ତା କରି ଦେଖୁ, ଅଣୁ ପରିମାଣର ଗୋଟିଏ ବୀଜକୋଷ ବା ମଞ୍ଜି ମଧ୍ୟରେ ସମଗ୍ର ମହୀରୁହ ବା ବୃକ୍ଷଟି କିପରି ଲୀନ ହୋଇ ରହିଥାଏ ପୁଣି ଏକା ପ୍ରକାର ମାଟିରେ, ଏକା ପ୍ରକାର ଆହାର୍ଯ୍ୟ ବା ଖାଦ୍ୟରେ ଗୋଟିଏ ମଞ୍ଜି ନିଜକୁ ବିଶାଳ, ବିପୁଳ ଏକ ଅଶ୍ୱତ୍ଥ ବୃକ୍ଷରେ ପରିଣତ କରେ, ଆଉ ଅନ୍ୟ ଗୋଟିଏ ମଞ୍ଜି ସାମାନ୍ୟ ଲତାଟିଏ ବା କ୍ଷୁଦ୍ର ଗୁଳ୍ମ (ବୁଦା)ଠାରୁ ବଡ଼ ହୋଇପାରେ ନାହିଁ କି ତା'ର ପରିମାଣକୁ ଅତିକ୍ରମ କରିଯାଇପାରେ ନାହିଁ । କେତେ ଯୋଡ଼ା 'କ୍ରୋମୋଜୋମ୍' ମଧ୍ୟରେ ଜୀବ-ଦେହର, ଜୀବନ-ଚିତ୍ରର ଯାବତୀୟ ବୈଚିତ୍ର୍ୟ ସମ୍ପୁଟିତ ବା ଅନ୍ତର୍ନିହିତ ଥାଏ । ସେତେବେଳେ ବୀଜକୋଷ ବା ମଞ୍ଜିଟିଏ ଯେ କେବଳ ଏକ ଜଡ଼ ଯନ୍ତ୍ର ମାତ୍ର, ରାସାୟନିକ କ୍ରିୟା ପ୍ରତିକ୍ରିୟାର କ୍ଷେତ୍ର ମାତ୍ର – ଏ ସିଦ୍ଧାନ୍ତ ଖାଲି ଜୋର୍ ଜବରଦସ୍ତି କରି ଲଦି ଦିଆଯାଏ ବୋଲି କହିବାକୁ ହେବ ।

କେବଳ ଜଡ଼ଶକ୍ତିର କ୍ଷେତ୍ରରେ ଯାହା ବି ହେଉ – ସେ କଥା ପରେ କହୁଛି – ଜୀବନୀ ଶକ୍ତିର କ୍ଷେତ୍ରରେ ଯେ ଏକ ପୂର୍ବାନୁଭୂତି, ଉଦ୍ଦେଶ୍ୟ-ପରାୟଣତା, ଲକ୍ଷ୍ୟାଭିମୁଖୀ ଗତି, ଭବିଷ୍ୟତର ପ୍ରୟୋଜନ ଲାଗି ବର୍ତ୍ତମାନର ଆୟୋଜନ – ଏସବୁର ଯଥେଷ୍ଟ ଉଦାହରଣ ଯେ ମିଳେ, ତାହା ଆଜିକାଲି

*(ଅବଶିଷ୍ଟାଂଶ ପୃଷ୍ଠା ୨୪ରେ ଦେଖନ୍ତୁ)*

# ଧ୍ୟାନ

## (୮)

## ମାଧବ ପଣ୍ଡିତ

### ପ୍ରତ୍ୟାହାର

ମନକୁ ତା'ର ସ୍ୱଭାବଗତ ବହିର୍ମୁଖୀ ପ୍ରବାହରୁ ପ୍ରତ୍ୟାହାର କରି ନେବାକୁ ହୁଏ । ଇନ୍ଦ୍ରିୟ ଏବଂ ମନର, ଉପନିଷଦ୍ ମତରେ(୧) ଦ୍ୱାରସବୁ ବାହାରକୁ ଖୋଲା ଅଛି ଏବଂ ସ୍ୱତଃ ସେମାନେ ସେମାନଙ୍କର ବହିଃଲକ୍ଷ୍ୟ ଆଡ଼କୁ ଉନ୍ମୁକ୍ତ ଅଛନ୍ତି । ପ୍ରତ୍ୟେକ ଇନ୍ଦ୍ରିୟ ତା'ର ଲକ୍ଷ୍ୟ ଦ୍ୱାରା ବାହାରକୁ ଆକର୍ଷିତ ହୁଏ ଏବଂ ମନ ଇନ୍ଦ୍ରିୟକୁ ଅନୁସରଣ କରେ । ପ୍ରତି ମୁହୂର୍ତ୍ତରେ ଶହ ଶହ ଆକର୍ଷଣ କାର୍ଯ୍ୟ କରନ୍ତି, ମନ ସର୍ବଦା ଏକ ବିକର୍ଷିତ ଅବସ୍ଥାରେ କେତେବେଳେ ଏ ଦିଗରେ ତ କେତେବେଳେ ଅନ୍ୟ ଦିଗରେ ପ୍ରଧାବିତ ହୁଏ । ଇନ୍ଦ୍ରିୟ ଓ ମନର ଏହି ବହିର୍ମୁଖୀ ଗତିଶୀଳତାକୁ ବାନ୍ଧିରଖିବା ଦରକାର ଏବଂ ସେମାନଙ୍କର ଦୃଷ୍ଟିକୁ ଅନ୍ତର୍ମୁଖୀ କରାଇବା ଦରକାର । ଏହି ମନ ଓ ତା'ର ଅଙ୍ଗଚୟ ସେମାନଙ୍କ ସ୍ୱଭାବସୁଲଭ ଲକ୍ଷ୍ୟ ଦିଗରୁ ଆବଶ୍ୟକ ପ୍ରତ୍ୟାହରଣକୁ ପ୍ରତ୍ୟାହାର କୁହାଯାଏ । ଏହି ଦିଗଟିକୁ କାର୍ଯ୍ୟକାରୀ କରିବାକୁ ଦୃଢ଼ ଇଚ୍ଛା ଓ ବହୁଳ ଧୈର୍ଯ୍ୟ ମଧ୍ୟ ଆବଶ୍ୟକ । କାରଣ ବହିର୍ମୁଖୀ ଗତିବୃତ୍ତି ଅଭ୍ୟାସଗତ ଶକ୍ତି ବଳରେ ନିଜକୁ ଦୃଢ଼ଭାବେ ଆରୋପ କରେ ଏବଂ ଯେପର୍ଯ୍ୟନ୍ତ ଏହାର ବିପରୀତ ଅନ୍ତର୍ମୁଖୀ ଉନ୍ମୀଳନ ଅଭ୍ୟାସରେ ପରିଣତ ନହୋଇଛି ଏହା କେବଳ ବ୍ୟକ୍ତିର ଇଚ୍ଛା ଓ ସଚେତନତା ଏବଂ ଯାନ୍ତ୍ରିକ ପ୍ରକୃତିର ଆକର୍ଷଣ ମଧ୍ୟରେ ଏକ ସତତ ଟଣା-ଓଟରା ହୋଇହିଁ ରହିଥାଏ । ଯାହା ହେଲେ ବି ଯଦି ପ୍ରଚେଷ୍ଟାର ପଶ୍ଚାତ୍‌ରେ ଏକ ବିଶୁଦ୍ଧ ଆନ୍ତରିକ ଆସ୍ପୃହା ଥାଏ, ବହିଃପ୍ରକୃତିର ଦାବିକୁ ପରିତ୍ୟାଗ କରିବାର ଏକ ଦୃଢ଼ ଇଚ୍ଛା ଥାଏ ଏବଂ ଏହି ଇଚ୍ଛାରେ ଏକ ଅବିଚ୍ଛିନ୍ନ ଅବିଚଳିତତା ଥାଏ ତେବେ ବାହ୍ୟ ଆକର୍ଷଣ ଦୁର୍ବଳ ହେବାକୁ ଆରମ୍ଭ କରେ ଏବଂ ମନ କ୍ରମଶଃ ଏହାର କବଳରୁ ନିଜକୁ ଶିଥିଳ କରି ନେଇପାରେ ।

### ଧାରଣା

କିନ୍ତୁ ସାଧାରଣ ମନ ତା'ର ଲକ୍ଷ୍ୟ ପାଇଁ କିଛି ବସ୍ତୁ ଆବଶ୍ୟକ କରେ । ଏହା ସାଧାରଣ ଭାବରେ କୌଣସି ଗତି ବା କାର୍ଯ୍ୟ ବ୍ୟତୀତ ରହିପାରେ ନାହିଁ । ଯଦି ଏହାକୁ କୌଣସି ବାହ୍ୟ ବସ୍ତୁ ମନା କରି ଦିଆଯାଏ ତେବେ ନିଶ୍ଚୟ ଏହାର ଏକ ଆନ୍ତର ବସ୍ତୁ ଦରକାର ଯାହା ଉପରେ ଏହାର ଶକ୍ତି ଏକାଗ୍ର ଓ ପ୍ରବାହିତ ହୋଇପାରେ । ଏଣୁ ବାହ୍ୟ ବସ୍ତୁରୁ ମନର ପ୍ରତ୍ୟାହାର ପରେ ପରବର୍ତ୍ତୀ ପଦକ୍ଷେପ ହେଲା ଏହାକୁ ଏକ ଆନ୍ତର ବସ୍ତୁ ପ୍ରଦାନ କରିବା ଯାହା ଉପରେ ଏହା ଏକାଗ୍ର ହୋଇପାରିବ । କେତେକ ମାର୍ଗରେ ଏପରିକି ଏକ ସୂକ୍ଷ୍ମ ବିନ୍ଦୁ ବା ଅଗ୍ନିଶିଖା ପରି ବାହ୍ୟ ଲକ୍ଷ୍ୟବସ୍ତୁ ମଧ୍ୟ ମନର ଏକାଗ୍ରତା ପାଇଁ ବ୍ୟବହୃତ ହୁଏ (ତ୍ରାଟକ) । ମାତ୍ର ଏହି ବସ୍ତୁଟି କେବଳ ନାମକୁ ମାତ୍ର ବାହ୍ୟ କାରଣ ଅଟେ । ଏହା ମନକୁ ତା'ର ଏକାଗ୍ରତାର ପରିସର ବାହାରକୁ ଆକର୍ଷିତ କରେ ନାହିଁ । ଏହି ମାନସିକ ଶକ୍ତିର ନିର୍ଦ୍ଦିଷ୍ଟ ଲକ୍ଷ୍ୟବସ୍ତୁ ଉପରେ ଏକାଗ୍ରତା ଏବଂ ନିରବଚ୍ଛିନ୍ନ ଭାବରେ ତାକୁ ଧରି ରଖିବାକୁ ଧାରଣା କୁହାଯାଏ । ଆଧ୍ୟାତ୍ମିକ ସାଧନା, ଯଥା : ଧ୍ୟାନ ଓ ଯୋଗରେ ନିରୂପିତ ଲକ୍ଷ୍ୟବସ୍ତୁ ସାଧନାରେ ଏହା ପ୍ରକୃତି ଓ ଲକ୍ଷ୍ୟ ଉପରେ ନିର୍ଭର କରେ । କିନ୍ତୁ ଏହା ଦିବ୍ୟପ୍ରଭୁଙ୍କରହିଁ ପ୍ରତିନିଧିତ୍ୱ କରେ, ଯେ କି ସମସ୍ତ ଅନ୍ୱେଷଣର ଶେଷ ଲକ୍ଷ୍ୟ ଅଟନ୍ତି । ଏହା ଏକ ଆକାର, ଏକ ନାମ, ଏକ ଚିନ୍ତନ, ସୂତ୍ର ବା ସାଧନାର ଅନ୍ତର୍ନିହିତ ସତ୍ୟର ପ୍ରତିଫଳନକାରୀ ଧାରଣା ହୋଇପାରେ । ଏକାଗ୍ରତା ପାଇଁ ମନୋନୀତ ଆକାର ଗୋଟିଏ ପ୍ରତିକୃତି ହୋଇପାରେ ବା ଭଗବାନଙ୍କର ସଙ୍କେତ ହୋଇପାରେ, ଯାହା ଉପରେ ସମ୍ମାନାତିଶଯ୍ୟରେ ଓ ସପ୍ରେମ ଏକାଗ୍ର ହେବାକୁ ହୁଏ, ଏହା ମଧ୍ୟ ମନୋନୀତ ଦେବତାଙ୍କର ନାମ ହୋଇପାରେ ଯାହା ମାନସିକ ଏକାଗ୍ରତା ସହ ଜପ

---

(୧) ପାରଞ୍ଚି ଖାନି ବ୍ୟତଣସ୍ୱୟଂଭୂତଃ ତସ୍ମାତ୍ ପରାଙ୍ ପଶ୍ୟତି ନାନ୍ତରାତ୍ମନ୍ ।
ସ୍ୱୟମ୍ଭୂ ଶରୀରର ଦ୍ୱାରସବୁ ବାହାରକୁ ଖୋଲି ଦେଇଛି । ସେଥିପାଇଁ ମନୁଷ୍ୟର ଆତ୍ମା ବାହାରକୁ ଦେଖୁଛି ।

ଭାବରେ ପୁନଃ ପୁନଃ ଆବୃତ୍ତି କରାଯାଏ କିଂବା ଏହା ମଧ୍ୟ ହୋଇପାରେ ଏକ ଧାରଣା ଉପନିଷଦ୍‌ର ମହାକାବ୍ୟମାନଙ୍କ ପରି[୨] – ଏକ ସୂତ୍ର ଯାହା ଉପରେ କେବଳ ଏତତ୍ ନିହିତ ତାତ୍ପର୍ଯ୍ୟକୁ ସମ୍ପୂର୍ଣ୍ଣଭାବେ ଗ୍ରହଣ କରିନେବା ପାଇଁ ମନକୁ ଏକାଗ୍ର କରାଯାଏ । ପ୍ରତ୍ୟେକ କ୍ଷେତ୍ରରେ ଏହି ବାହ୍ୟ ଆକୃତି, ଶବ୍ଦ କିଂବା ଚିନ୍ତନ ହେଉଛି କେବଳ ଆରମ୍ଭ ବିନ୍ଦୁମାତ୍ର । ଯେପରି ଆମେମାନେ ଦେଖିଛୁ ଏକାଗ୍ରତାର ଅତ୍ୟନ୍ତ ମୂଳତତ୍ତ୍ୱ ହେଲା ଯେ ଯଦି ଏକ ଉଲ୍ଲେଖଯୋଗ୍ୟ ସମୟସୀମା ପର୍ଯ୍ୟନ୍ତ ଯଥେଷ୍ଟ ଗୁରୁତ୍ୱର ସହ ଏହା (ଏକାଗ୍ରତା) ସମ୍ପାଦିତ ହୁଏ ତେବେ ଅଭିଳଷିତ ବସ୍ତୁ ଧୀରେ ଧୀରେ ତା'ର ସତ୍ତାର ସତ୍ୟକୁ ଉଦ୍‌ଘାଟନ କରେ । ସତ୍ୟତାର ବାୟୁମଣ୍ଡଳ ଯାହା ପ୍ରତିକୃତି ବା ସଙ୍କେତର ଅନ୍ତରାଳରେ ଲୁକ୍‌କାୟିତ ହୋଇ ରହିଥାଏ, ସତ୍ତାର ସେହି ସତ୍ୟ ଯଦ୍ଦ୍ୱାରା ବିଶିଷ୍ଟ ନାମଟି ପରିସ୍ପନ୍ଦିତ ହୋଇଥାଏ, ଅନନ୍ତଙ୍କର ସେହି ଆତ୍ମସତ୍ତା ଯାହା ଧାରଣାର ଆକୃତିକୁ ପରିଧାନ କରିଥାଏ – ସମସ୍ତେ ସେମାନଙ୍କର ଅର୍ଥକୁ ବାଢ଼ି ଦିଅନ୍ତି । ସେମାନେ ସେହି ମନରେ ପ୍ରବାହିତ ତଥା ବୃଦ୍ଧିପ୍ରାପ୍ତ ହେବାରେ ଲାଗନ୍ତି ଯାହାକି ସେମାନଙ୍କ ଉପରେ କେନ୍ଦ୍ରିତ ହୋଇଥାଏ ।

ଉକ୍ତ ଏକାଗ୍ରତା ସେତିକି ପରିମାଣରେ ସଫଳ ହୁଏ ଯେତିକି ପରିମାଣରେ ସମଗ୍ର ସତ୍ତାର ଚେତନା ମନର ପଶ୍ଚାତ୍‌ଭାଗରେ ଏକତ୍ରିତ ହୁଏ, ଯାହା କି ପୂର୍ଣ୍ଣ ଗ୍ରହଣଶୀଳତାର ଏକ ସୂକ୍ଷ୍ମ ବିନ୍ଦୁରେ ପରିଣତ ହୋଇଥାଏ । ଏହା ନିଶ୍ଚିତଭାବେ ଏକ କଷ୍ଟକର ବ୍ୟାପାର, ମାତ୍ର ଯଦି ଏ ବିଷୟରେ ଯଥାର୍ଥ ମନୋଭାବ ଥାଏ ତେବେ ଏକାଗ୍ରତା ସହଜରେ ଓ ସ୍ୱତଃ ଆସିଥାଏ । ଧ୍ୟାନରେ ଯଦି ଆସ୍ପୃହା ତୀବ୍ର ତଥା ଏକମୁଖୀ ହୋଇଥାଏ ମନ ସେଥିରେ ଆବଶ୍ୟକ ଅନୁଯାୟୀ ସମର୍ଥନ ପାଏ, ତେବେ ଏକାଗ୍ରତା ଆଉ କଷ୍ଟକର ହୋଇ ରହେ ନାହିଁ ।

ପରବର୍ତ୍ତୀ ସୋପାନକୁ ଯିବା ପୂର୍ବରୁ ଆମେ ଏଠାରେ କହି ରଖୁଛୁ ଯେ ଯେତେବେଳେ ଚେତନାର ଏକତ୍ରୀକରଣ ଓ ଏକାଗ୍ରତା ସମ୍ପନ୍ନ ହେଉଥାଏ ସତ୍ତାର ସକଳ ଅଂଶର ସାଧାରଣ ପ୍ରୋତ୍‌ଥାନ ଘଟେ, ସେମାନଙ୍କ ମଧ୍ୟରୁ କେତେକେ ସ୍ୱତଃସ୍ଫୂର୍ତ୍ତ ଭାବରେ ସୂକ୍ଷ୍ମତର ଅବସ୍ଥିତିର ବଳୟ ମଧ୍ୟକୁ ପ୍ରବେଶ କରନ୍ତି । ବ୍ୟକ୍ତି ବିଭିନ୍ନ ପ୍ରକାରର ବାଦ୍ୟ ଶୁଣିପାରେ ଓ ବିଭିନ୍ନ ପ୍ରକାରର ଦୃଶ୍ୟ ଦେଖିପାରେ, ଜଣା ଅଜଣା ବହୁ ଗନ୍ଧ ଆଘ୍ରାଣ କରିପାରେ ଏବଂ ଏପରିକି ବହୁ ପ୍ରକାରର ରସ ଆସ୍ୱାଦନ କରିପାରେ[୩] । ସେମାନଙ୍କ ମଧ୍ୟରୁ କେତେକେ ପ୍ରତ୍ୟକ୍ଷ ଭାବରେ ଲକ୍ଷ୍ୟ ସହ ଆଦୌ ସମ୍ପର୍କିତ ହୋଇ ନଥା'ନ୍ତି । ସେଗୁଡ଼ିକ କେବଳ ସୂକ୍ଷ୍ମ ସ୍ତରରେ ଅତି ସାଧାରଣ ଯାହାସବୁ ଊର୍ଦ୍ଧ୍ୱାରୋହୀ ପରିବ୍ୟାପ୍ତିଶୀଳ ଚେତନାକୁ ସ୍ୱାଗତ କରନ୍ତି । କିନ୍ତୁ ଏପରି କିଛି ଅନୁଭୂତି ଅନୁସନ୍ଧିତ୍ସୁର ଦୃଷ୍ଟି ଏବଂ ଶ୍ରୁତିରେ ବାଢ଼ି ହୁଏ ଯାହା ମିଳୁଥିବା ପ୍ରଗତିର ସୂଚନା ଦେବା କିଂବା ଗତିର ଦିଗ୍‌ନିର୍ଦ୍ଦେଶ କରିଦେବା ଦ୍ୱାରା ସାଧନା ଉପରେ କିଛି ପ୍ରଭାବ ପକାଇ ଥାଆନ୍ତି । ଯାହାବି ହେଉ ସେଗୁଡ଼ିକୁ ଅନାବଶ୍ୟକ ଅତ୍ୟୁଲ୍ଲାସ ବା ଉତ୍ତେଜନା ବିରହିତ ହୋଇ ଲକ୍ଷ୍ୟ କରିବାକୁ ହୁଏ ଏବଂ ଅଧିକ ଅଗ୍ରଗତି କରିବା ଲାଗି ସେଗୁଡ଼ିକୁ ନିୟମ ସମ୍ମତ ଭାବେ ପ୍ରୟୋଗ କରିବାକୁ ହୁଏ ।

(କ୍ରମଶଃ)

ଇଂରାଜୀ *Dhyana* ପୁସ୍ତକରୁ

ଅନୁବାଦ : ରଜନୀକାନ୍ତ ମିଶ୍ର ❑

---

(୨) 'ପ୍ରଜ୍ଞାନମ୍ ବ୍ରହ୍ମ' । 'ଚେତନାହିଁ ବ୍ରହ୍ମ' । (ଐତିରୀୟ ଉପନିଷଦ୍)
'ତତ୍ ତ୍ୱମସି' । 'ତୁମେହିଁ ସେହି' । (ଛାନ୍ଦୋଗ୍ୟ ଉପନିଷଦ୍)
'ଅହଂ ବ୍ରହ୍ମୋସ୍ମି' । 'ମୁଁ ବ୍ରହ୍ମ' । (ବୃହଦାରଣ୍ୟକ ଉପନିଷଦ୍)
'ଅୟମାତ୍ମା ବ୍ରହ୍ମ' । 'ଏହି ଆତ୍ମାହିଁ ବ୍ରହ୍ମ' । (ମାଣ୍ଡୁକ୍ୟ ଉପନିଷଦ୍)
ଧନୁର୍ଗୃହୀତ୍ୱୋପନିଷଦଂ ମହାସ୍ତ୍ରଂ ଶରଂ ତ୍ୟୁପାସନିଶିତଂ ସଂଧୟୀତ ।
ଆୟମ୍ୟତଦ୍ ଭାଗବତେନ ଚେତସା ଲକ୍ଷ୍ୟଂ ତଦେବାକ୍ଷରଂ ସୌମ୍ୟ ବିଦ୍ଧି ॥
ସମର୍ପିତ ହୃଦୟ ରୂପକ ଧନୁକୁ ଆମଞ୍ଚନ କର । ହେ ସୌମ୍ୟଦର୍ଶନ, ସେହି ଲକ୍ଷ୍ୟକୁ, ସେହି ପରମ ଅଟଳକୁ ଭେଦ କର ।
(ମୁଣ୍ଡକ ଉପନିଷଦ୍)

(୩) ''ନିହାରଧୂମାର୍କନଲାନିଲାନାଂ ଖଦ୍ୟୋତବିଦ୍ୟୁତ୍‌ସ୍ଫଟିକଶଶୀନାମ୍ । ଏତାନି ରୂପାଣି ପୁରଃସରାଣି ।''... ॥

କୁହୁଡ଼ି ଓ ଧୂଆଁ, ସୂର୍ଯ୍ୟ, ଅଗ୍ନି ଓ ପବନ, ଜୁଳୁଜୁଳିଆ ପୋକ, ବିଦ୍ୟୁତ୍, ସ୍ଫଟିକ ଓ ଚନ୍ଦ୍ର, ଏହି ସବୁ କଥା ପୂର୍ବରୁ ଦୃଷ୍ଟିଗୋଚର ହୋଇଥାଏ । (ଶ୍ୱେତ. ଉପ. ୨ୟ, ୧୧)

''ଯଥା ମହାରାଜନଂ ବାସୋ, ଯଥା ପାଣ୍ଡବାଦିକ, ଯଥେନ୍ଦ୍ର ଗୋପୋ ଯଥା ଅଗ୍ନ୍ୟର୍ଚି, ଯଥା ପୁଣ୍ଡରିକଂ, ଯଥା ସକୃତ୍ ବିଦ୍ୟୁତ୍ ।''
ଗୈରିକ ରଙ୍ଗଯୁକ୍ତ ପରିଧାନ, ଲୋହିତ ରଙ୍ଗର ପାନପାତ୍ର, ଅଗ୍ନିଶିଖା, ପଦ୍ମପୁଷ୍ପ, ବିଦ୍ୟୁତ୍ ଝଟକ ପରି ରୂପ ସବୁ ।

(ବୃହଦା. ଉପ. ୧୧ଶ, ୩୧୬)

''ଶ୍ରୂୟତେ... ନାଦୋ ନାନାବିଧୋ ମହାନ୍... ଆଦୌ ଜଳଧି-ଜୀମୂତ-ଭେରୀ ନିର୍ଝର-ସମ୍ଭବଃ । ମଧ୍ୟେ ମର୍ଦଳଶବ୍ଦାଭିଃ ଘଣ୍ଟା-କାହାଳଜସ୍ତଥା । ଅନ୍ତେ ତୁ କିଙ୍କିଣୀ-ବଂଶୀ-ବୀଣା-ଭ୍ରମର-ନିଃସ୍ୱନଃ...ମହାଭେର୍ୟ୍ୟାଦି''
ସେ ନାନାବିଧ ଉଚ୍ଚସ୍ୱର ଶୁଣେ... ପ୍ରଥମରେ ସମୁଦ୍ର, ମେଘ, ଭେରୀ ଏବଂ ଝରଣାର ଶବ୍ଦ... ମଧ୍ୟରେ ମର୍ଦଳ, ଘଣ୍ଟା, କାହାଳୀର ଶବ୍ଦ... ଶେଷରେ କିଙ୍କିଣୀ, ବଂଶୀ, ବୀଣା, ଭଅଁରର ଶବ୍ଦ... ଭେରୀ ଆଦି ।'' (ନାଦବିନ୍ଦୁ ଉପ. ୩୨ଶ-୩୬)

ହଂସ-ଉପନିଷଦ୍ ୧୦ ପ୍ରକାର ଶବ୍ଦର କଥା କହେ : ଚିନ୍, ଚିନିଚିନ୍, ଘଣ୍ଟାଶବ୍ଦ, ଶଙ୍ଖଶବ୍ଦ, ବୀଣା ବା ସାରଙ୍ଗ, ଝାଞ୍ଜ, ବଂଶୀ, ଢୋଲ, ମୃଦଙ୍ଗ ଓ ମେଘ ଗର୍ଜନର ଶବ୍ଦ ।

---

*(ପୃଷ୍ଠା ୨୧ର ଅବଶିଷ୍ଟାଂଶ)*

ଆଉ ଅଗ୍ରାହ୍ୟ କଲେ, ଅସ୍ୱୀକାର କଲେ, ନ ମାନିଲେ ଚଳିବନି । ପ୍ରାଣଶକ୍ତିର ଖେଳକୁ କେବଳ ଜଡ଼ଶକ୍ତିର କଥା ଦ୍ୱାରା ସମ୍ପୂର୍ଣ୍ଣ ବା ସନ୍ତୋଷଜନକ ବ୍ୟାଖ୍ୟା ଦେଇ ବୁଝାଇବା ଅସମ୍ଭବ । ମନର ଜଗତରେ (ବିଶେଷଭାବେ ମନୁଷ୍ୟ ମଧ୍ୟରେ ଏବଂ କଥଞ୍ଚିତ୍, କେଉଁଠି କେଉଁଠି ହୁଏତ ଉଚ୍ଚତର ପ୍ରାଣୀଙ୍କ ମଧ୍ୟରେ) ସଚେତନ ଇଚ୍ଛାଶକ୍ତି ପ୍ରକଟ । ପ୍ରାଣର, ଜୀବନୀ ଶକ୍ତିର ଜଗତରେ ଇଚ୍ଛାଶକ୍ତି ସଚେତନ ହୋଇ ନାହିଁ, କିନ୍ତୁ ତା' ବୋଲି 'ନାସ୍ତି' ବା ନାହିଁ ବୋଲି କହି ହେବନି । ମାନସ ଇଚ୍ଛାଶକ୍ତିର ପରିବର୍ତ୍ତେ ନିମ୍ନତର ପ୍ରାଣୀ ଓ ଉଦ୍ଭିଦଗୁଡ଼ିକ ମଧ୍ୟରେ ରହିଛି ପ୍ରାଣଜ ଇଚ୍ଛାଶକ୍ତି । ମାନବେତର ବା ମଣିଷଠାରୁ ନିମ୍ନ ଉଚ୍ଚତର ପ୍ରାଣୀ ମଧ୍ୟରେ ପ୍ରାଣଜ ଇଚ୍ଛାଶକ୍ତିହିଁ ପ୍ରଧାନ, ତେବେ ତା' ମଧ୍ୟରେ ମାନସ ଇଚ୍ଛାଶକ୍ତିର ନ୍ୟୂନାଧିକ ଆବେଶ ବା ପ୍ରବେଶ ହୋଇଛି । ପ୍ରାଣଜ-ଇଚ୍ଛାଶକ୍ତି-ଅଧିକୃତ ମାନସ-ଇଚ୍ଛାଶକ୍ତିରହିଁ ନାମ ହେଲା ପଶୁ-ସୁଲଭ ସହଜାତ ପ୍ରେରଣା (instinct) । ଉଦ୍ଭିଦ ମଧ୍ୟରେ ମନର କୌଣସି ଆବେଶ ବା ଅନ୍ତର୍ପ୍ରବେଶ ନାହିଁ, ସେଠାରେ ରହିଛି ବିଶୁଦ୍ଧ, ଅମିଶ୍ର ପ୍ରାଣଜ ଇଚ୍ଛାଶକ୍ତି । ଉଦ୍ଭିଦର ଯେଉଁ ବୃତ୍ତିକୁ 'ଆଭିମୁଖ୍ୟତା' (tropism) ବୋଲି କୁହାଯାଏ ଅର୍ଥାତ୍ ଯେଉଁଆଡ଼ୁ ଆଲୋକ ବା ଆହାର୍ଯ୍ୟ (ଖାଦ୍ୟ) ବା ଅବଲମ୍ବନ (ଆଶ୍ରୟ)ର ସମ୍ଭାବନା ରହିଛି, ବାଧା ସତ୍ତ୍ୱେ ବି ସେଇଆଡ଼କୁ ବାଙ୍କିବୁଙ୍କି (ଲତା ସଦୃଶ) ଚାଲିବା ବା ଗଛ ପରି ଉଠିବା, ତାହା ଉଦ୍ଭିଦର ପ୍ରାଣଜ ଇଚ୍ଛାଶକ୍ତିର ଅପୂର୍ବ ପରିଚୟ ।

(କ୍ରମଶଃ)

[ମୂଳ ବଙ୍ଗଳା ରଚନାବଳୀ, ସପ୍ତମ ଖଣ୍ଡରୁ ଅନୂଦିତ]

ଅନୁବାଦ : ରାମଚନ୍ଦ୍ର ପାଣି ❑

ଭାରତର ନବ ଜାଗରଣ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ସୁନିଶ୍ଚିତ ଏବଂ ଏହି ବିରାଟ ଦେଶର ତ୍ରିଂଶକୋଟି* ଜନତା, ଯେଉଁମାନଙ୍କର ରହିଛି ଏକ ଅସାଧାରଣ ମତିଗତି, ଜୀବନର ଏକ ଅତୁଳନୀୟ ଐତିହ୍ୟ, ଅତି ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଯେଉଁ ଦେଶର ରହିଛି ପ୍ରଚ୍ଛନ୍ନ ଶକ୍ତିବିଶିଷ୍ଟ ବିରାଟ ଜନତା ତାହାର ନବଜନ୍ମ ଆଧୁନିକ ଜଗତର ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ହେବା ଅବଶ୍ୟମ୍ଭାବୀ ।

(*The Ideal of Human Unity*) — ଶ୍ରୀଅରବିନ୍ଦ

*୧୯୨୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଭାରତର ଲୋକସଂଖ୍ୟା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୫)

**୧୫ ଅଗଷ୍ଟ ୧୯୨୩ :**

୬ ଅଗଷ୍ଟ ୧୯୨୩ରେ ଶ୍ରୀଅରବିନ୍ଦଙ୍କୁ ତାଙ୍କର ଜନ୍ମଦିନ କିପରି ଭାବରେ ପାଳନ କରିବୁ କଥା ପଚାରିବାରୁ ସେ ଏହି ମର୍ମରେ ଉତ୍ତର ଦେଇଥିଲେ : ''୧୫ ଅଗଷ୍ଟର ଅନ୍ତର୍ନିହିତ ଅର୍ଥ କ'ଣ ? କ'ଣ ପାଇଁ ଏହି ଦିନଟି ଏତେ ତାତ୍ପର୍ଯ୍ୟପୂର୍ଣ୍ଣ ? ମୁଁ ଏହି ଦିନଟିକୁ ଅନ୍ୟ ଯେକୌଣସି ଦିନ ଭଳି ସାଧାରଣ ଦିନ ହିସାବରେ ଗ୍ରହଣ କରିବାକୁ ଚାହେଁ । ପାକସ୍ଥଳୀ ବା ଉଦରପୂର୍ତ୍ତି ସହିତ ଏହାର କୌଣସି ସମ୍ପର୍କ ରହିଛି କି ? ଏହି ଦିନଟିର ଏକ ଆନ୍ତର ତାତ୍ପର୍ଯ୍ୟ ରହିଛି, ଏବଂ ଏହି ତାତ୍ପର୍ଯ୍ୟକୁ ଯଦି ଉପଯୁକ୍ତ ଭାବରେ ପାଳନ କରିବାର କୌଣସି ଏକ ଧାରା ଥାଏ, ତେବେ ସେମିତି ଭାବରେ ଏହି ଦିନଟିକୁ ଉତ୍ସବରୂପେ ପାଳନ କରିବାରେ ମୋର କୌଣସି ଆପତ୍ତି ନାହିଁ । ଏହି ଦିନଟିରେ କୌଣସି ପ୍ରକାର ପ୍ରାଣିକ ଗତିବିଧିର ପରିପ୍ରକାଶ ମୁଁ ଆଦୌ ଚାହେଁ ନାହିଁ, ବିଶେଷ କରି ମୁଁ ଯେତେବେଳେ ଯୋଗ-ସାଧନା କ୍ଷେତ୍ରରେ ଏକ ନୂତନ ଧାରା ଗ୍ରହଣ କରିସାରିଛି ।''

ପ୍ରତିଦିନ ଭଳି ଆଜି ସାଧାରଣ ଭୋଜନର ବ୍ୟବସ୍ଥା ହୋଇଥିଲା । ଉପରଓଳି ଉପସ୍ଥିତ ବ୍ୟକ୍ତିଙ୍କୁ ଶ୍ରୀଅରବିନ୍ଦଙ୍କ ବକ୍ତବ୍ୟର ସାରାଂଶ ଏହିପରି ଥିଲା :

''ଇତିପୂର୍ବରୁ ଆମେ ପ୍ରତିଥର ମୋର ଭୌତିକ ଶରୀରର ଜନ୍ମତିଥିଟିକୁ 'ପ୍ରାଣିକ' ଧାରାରେ ପାଳନ କରିଆସିଛୁ । ଏହି ଦିନଟିରେ ଆଭ୍ୟନ୍ତରୀଣ ପରମସତ୍ୟର ବୀଜାକାରରେ ଏକ ତାତ୍ପର୍ଯ୍ୟ ରହିଛି, କିନ୍ତୁ ଏହାର ପରିପ୍ରକାଶ ଘଟିଛି ପ୍ରାଣିକ ଧାରାରେ । ଏବେ, ମୁଁ ଚାହେଁ ଯେ ଯଦି ଏହି ଦିବସଟିକୁ ଉତ୍ସବ ରୂପେ ପାଳନ କରାଯିବ, ତେବେ ଏହି ଦିନଟି ପ୍ରତୀକାତ୍ମକ ଭାବରେ ଯେଉଁ ପରମସତ୍ୟର ତାତ୍ପର୍ଯ୍ୟ ବହନ କରିଛି, ସେଇଟି ସହିତ ସମତ୍ୱ ରଖି ଏହା ପାଳନ କରାଯିବା ଉଚିତ ।

''ତୁମେମାନେ ସମସ୍ତେ ଜାଣ ପୃଥିବୀପୃଷ୍ଠରେ, ଆମର ଜୀବନଧାରାରେ ଅତିମାନସ ସତ୍ୟର ଅବତରଣ ଘଟିବାର ଅଛି । ଏହି ଦିନଟି ସେହି ପରମସତ୍ୟର ପ୍ରତୀକ ହୋଇଉଠିଛି । କିନ୍ତୁ ପୃଥିବୀପୃଷ୍ଠରେ ଏହାର ଅବତରଣ ଘଟିବାର ପଥରେ କେତେକ ବାଧା ଉପୁଜୁଛି । ବିଶ୍ୱଗତ ମନ ରହିଛି ଏବଂ ତା' ସାଙ୍ଗକୁ ରହିଛି ମାନସିକ କଳ୍ପନା ଓ ଭାବନାରାଜି, ଯାହାକି ଊର୍ଦ୍ଧ୍ୱଲୋକରୁ ଅବତରଣ କରି ଆସୁଥିବା ସେହି ସତ୍ୟକୁ ଦୃଢ଼ ଭାବରେ ଆୟତ୍ତ କରି ନିଜ ନିଜର ଉଦ୍ଦେଶ୍ୟସବୁର ସାଧନ ନିମିତ୍ତ ତାକୁ ବ୍ୟବହାର କରିବା ସକାଶେ ଚେଷ୍ଟା ଚଳାଇଛି । ଉଦାହରଣସ୍ୱରୂପ, ପୁଣି ରହିଛି ବିଶ୍ୱଗତ ପ୍ରାଣ ବା ଜୀବନୀ-ଶକ୍ତି, ଯିଏକି ଊର୍ଦ୍ଧ୍ୱତର ଦିବ୍ୟ-ଶକ୍ତିକୁ ବ୍ୟଗ୍ରଭାବରେ ପରାଭୂତ କରି ଅଶୁଦ୍ଧ କ୍ରିୟାକଳାପରେ ରୀତିମତ ପରିପ୍ରକାଶ ଘଟାଉଛି । ଏହି ଯେଉଁ ଦିବ୍ୟସତ୍ୟ ନିମ୍ନକୁ ଅବତରଣ କରିଆସୁଛି, ତାହା ମାନସିକ ନୁହେଁ, ଅତିମାନସିକ । ନିମ୍ନରେ ଅର୍ଥାତ୍ ପୃଥିବୀପୃଷ୍ଠରେ ସେହି ସତ୍ୟ ସମ୍ପୂର୍ଣ୍ଣ ଭାବରେ ଉଚିତ ରୂପେ କର୍ମ କରିପାରିବା ସକାଶେ, ଏଠାରେ ଅର୍ଥାତ୍ ନିମ୍ନର ସମସ୍ତ ସାହାଯ୍ୟକାରୀ ଉପକରଣର ଅତିମାନସୀକରଣ ହେବା ବିଧେୟ । ନିମ୍ନତର ଅର୍ଥାତ୍ ଜାଗତିକ ଶକ୍ତିଗୁଡ଼ିକ ସେମାନଙ୍କର ସାଧାରଣ ଗତିବିଧିସବୁର ତୃପ୍ତି ସକାଶେ ଊର୍ଦ୍ଧ୍ୱଲୋକର ସେହି ଦିବ୍ୟସତ୍ୟକୁ ବ୍ୟବହାର କରିବାକୁ ସଦାତତ୍ପର ଥା'ନ୍ତି । ଯେତେବେଳେ କୌଣସି ବ୍ୟକ୍ତି ଜୀବନର ସୁଖ ସମ୍ଭୋଗାଦି ଉପଭୋଗ କରେ, କିଂବା ନିଜର ଜୀବନକୁ ସ୍ୱାର୍ଥପର ଅଭିପ୍ରାୟାଦିରେ ନିୟୋଜିତ କରେ, ପ୍ରକୃତରେ କହିବାକୁ ଗଲେ, ସେତେବେଳେ ସେହି ବିଶ୍ୱଗତ ବା ଜାଗତିକ ଶକ୍ତିରାଜିହିଁ ବ୍ୟକ୍ତି ମଧ୍ୟରେ ଏବଂ ବ୍ୟକ୍ତି ମାଧ୍ୟମରେ ସେସବୁ ଉପଭୋଗ କରିଥାଏ ।

''ଏହି ଊର୍ଦ୍ଧ୍ୱଲୋକର ଦିବ୍ୟସତ୍ୟ ତା'ର ବିଶୁଦ୍ଧତା ସହିତ ଏଠାରେ କ୍ରିୟାଶୀଳ ହେବାକୁ ସକ୍ଷମ ହୋଇଉଠିବା ସକାଶେ, ବ୍ୟକ୍ତିକୁ ଊର୍ଦ୍ଧ୍ୱସ୍ଥ ଅସାଧାରଣ ସାମର୍ଥ୍ୟଯୁକ୍ତ ଦିବ୍ୟଶକ୍ତି ପ୍ରତି ନିଜକୁ ଉନ୍ମୁକ୍ତ ରଖିବା ଏକାନ୍ତ ଆବଶ୍ୟକ । ନିଜକୁ ସମ୍ପୂର୍ଣ୍ଣରୂପେ ସେହି ଶକ୍ତିଠାରେ ସମର୍ପି ଦେବାକୁ ହେବ ଏବଂ ସେହି ଊର୍ଦ୍ଧ୍ୱଲୋକର ଦିବ୍ୟସତ୍ୟର କ୍ରିୟାରେ ବାଧାପ୍ରଦାନକାରୀ ଉପାଦାନସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ, ଏକେବାରେ ଦୂରକୁ ହଟାଇ

ଦେବାକୁ ହେବ । ନିଜକୁ ଦିବ୍ୟସତ୍ୟ ପ୍ରତି ସମର୍ପିତ କରି ରଖିବାର ସାମର୍ଥ୍ୟ ଏହି ତିନୋଟି ସାଧନ ଉପରେ ନିର୍ଭରଶୀଳ ବା ଏହାର ଅତ୍ୟାବଶ୍ୟକ ବିଭାବ ।

''ଏହି କେତେ ବର୍ଷ ଧରି ମୁଁ ସେହିସବୁ ବାଧାବିପତ୍ତିର ସମ୍ମୁଖୀନ ହୋଇ ସେସବୁକୁ ଦୂର କରି ନିରାପଦ ଯୋଗମାର୍ଗ ପ୍ରସ୍ତୁତ କରିବାରେ ଅନବରତ ଲାଗି ରହିଛି ଯଦ୍ୱାରା ତୁମମାନଙ୍କୁ ଏହି ମାର୍ଗରେ ଅଗ୍ରସର ହେବାର ପ୍ରଚେଷ୍ଟାରେ ଅଧିକ ଆୟାସସାଧ୍ୟ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ଏବଂ ତୁମମାନଙ୍କର ଆନ୍ତରିକ ପ୍ରଚେଷ୍ଟାରେ ମୋର ସହାୟତା ସର୍ବଦା ରହିଛି, କିନ୍ତୁ ମୋର ସେହି ସାହାଯ୍ୟ ତୁମମାନଙ୍କର ଗ୍ରହଣଶୀଳତାର ସାମର୍ଥ୍ୟ ଉପରେ ସମ୍ପୂର୍ଣ୍ଣତଃ ନିର୍ଭର କରେ । ମୁଁ ଅପରିମିତ ଭାବରେ ଅନବରତ ସାହାଯ୍ୟ କରିପାରେ, କିନ୍ତୁ ତୁମମାନଙ୍କର ଗ୍ରହଣଶୀଳତାର କ୍ଷମତାନୁଯାୟୀ ତା' କାର୍ଯ୍ୟକାରୀ ହେଉଛି । ଏମିତି ଏକ ଧାରଣା ରହିଛି ଯେ ଏହି ୧୫ ଅଗଷ୍ଟରେ ପ୍ରତ୍ୟେକ ସାଧକ ଏକ ନୂତନ ଅନୁଭୂତି ଲାଭ କରିଥାଏ । ଏହା ନିର୍ଭର କରେ ତୁମ ନିଜ ଭିତରେ ସେହି ସତ୍ୟକୁ ଗ୍ରହଣ କରିବାର ସାମର୍ଥ୍ୟ ଉପରେ । ଯଥାର୍ଥ ଆଧ୍ୟାତ୍ମିକ ସମର୍ପଣ ହେଉଛି, ନିଃସନ୍ଦେହରେ, ସମ୍ପୂର୍ଣ୍ଣରୂପେ ଏକ ସ୍ୱତନ୍ତ୍ର ବିଷୟ; କିନ୍ତୁ ତୁମମାନଙ୍କ ଭିତରୁ କେହି ଯଦି ତା'ର ବିନ୍ଦୁମାତ୍ର ଅନୁଭୂତି ଲାଭ କରିପାର, ଏପରିକି କିଛି ମାତ୍ରାରେ ତା'ର ଝାପ୍‌ସା ପ୍ରତିବିମ୍ବିତ ସ୍ୱରୂପକୁ ଅଙ୍ଗେ ଲିଭାଇ ପାର, ତା'ହେଲେ ୧୫ ଅଗଷ୍ଟ ପାଳନ କରିବାର ଉଦ୍ଦେଶ୍ୟ ସାଧିତ ହେବ ।''

*

**୧୫ ଅଗଷ୍ଟ ୧୯୨୩ (ସନ୍ଧ୍ୟା) :**

ସନ୍ଧ୍ୟା ଛ'ଟା ସମୟରେ ଶ୍ରୀଅରବିନ୍ଦ ତାଙ୍କ ପ୍ରକୋଷ୍ଠରୁ ବାହାରି ଆସି ବାରଣ୍ଡାରେ ତାଙ୍କର ଆସନ ଗ୍ରହଣ କଲେ ।

ଶିଷ୍ୟ : ଆପଣଙ୍କର ସାଧନାର ବର୍ତ୍ତମାନ ସ୍ଥିତି ସମ୍ବନ୍ଧେ ଆମେମାନେ କିଛି ଜାଣିପାରୁ କି ?

ଶ୍ରୀଅରବିନ୍ଦ : (ସ୍ପଷ୍ଟ ଅଥଚ ମୃଦୁକଣ୍ଠରେ) ମୁଁ ଏହାକୁ ଏକ ସ୍ଥିତି ବା ଏକ ଅବସ୍ଥା ବୋଲି କହିପାରିବି ନାହିଁ । ଏହା, ବରଂ ଏକ ଜଟିଳ ବା ମିଶ୍ର ଗତିବିଧି । ମୁଁ ବର୍ତ୍ତମାନ ଶାରୀର-ଚେତନା ମଧ୍ୟକୁ, ଏପରିକି ନିମ୍ନ-ଜଡ଼-ଉପାଦାନ ମଧ୍ୟକୁ ଅତିମାନସର ଅବତରଣ ଘଟାଇବାରେ ମଗ୍ନ ରହିଛି । ଶରୀରଟି ସ୍ୱଭାବତଃ ଜଡ଼, ଅଗ୍ରଗତିରେ ସାହାଯ୍ୟ କରିବାରେ ଦ୍ୱିଧା ବୋଧ କରେ, ପରିବର୍ତ୍ତନବିମୁଖ ହେବା ସାଙ୍ଗକୁ ଏହା ଅସମ୍ଭବ ଭାବରେ ପ୍ରତିରୋଧ ବି ସୃଷ୍ଟି କରୁଛି । ବେଦର ଉକ୍ତି ଅନୁଯାୟୀ ଏହି କାର୍ଯ୍ୟଟି 'ମାଟି ଖୋଳି ଗର୍ତ୍ତ କରିବା' ସଦୃଶ ।...

''ସଂବୋଧି-ମାନସର ତିନୋଟି କ୍ରିୟାକଳାପର ଅନୁରୂପାନୁଯାୟୀ ଅତିମାନସର ତିନୋଟି ସ୍ତର ରହିଛି । ପ୍ରଥମଟିକୁ ମୁଁ କହେ ବ୍ୟାଖ୍ୟାମୂଳକ ଅତିମାନସ (Interpretative Supermind) । ମୁଁ ଏହାର ନାମ ବ୍ୟାଖ୍ୟାମୂଳକ ରଖିଛି, କାରଣ ମାନସିକ ସ୍ତରରେ ଯାହାର କେବଳ ସମ୍ଭାବ୍ୟତା ରହିଛି, ଅତିମାନସିକ ସ୍ତରରେ ଏହା ହୋଇଉଠେ ପ୍ରଚ୍ଛନ୍ନ ଭାବରେ ନିହିତ ଶକ୍ତିର ସମ୍ଭାବ୍ୟତା (potentiality) ।

''ଦ୍ୱିତୀୟଟିର ନାମ ଦେଇଛି ପ୍ରତୀକଧର୍ମୀ ନିର୍ବାଚିତ ଅତିମାନସ (Representative Supermind) । ଏହା ପ୍ରଚ୍ଛନ୍ନ ଭାବରେ ନିହିତ ଶକ୍ତିର ସମ୍ଭାବ୍ୟତାର କ୍ରିୟା ଓ ତା'ର ପ୍ରକ୍ରିୟାକୁ ଯଥାର୍ଥ ଭାବରେ ସୂଚାଇଦିଏ ଏବଂ ଯେତେବେଳେ ସଂବୋଧି (Inspiration) ଅତିମାନସିକ ପ୍ରାଧାନ୍ୟତା ଲାଭ କରେ, ସେତେବେଳେ ଏହା ହୋଇଉଠେ ପ୍ରତୀକଧର୍ମୀ ନିର୍ବାଚିତ ଅତିମାନସ । ଏହା କିନ୍ତୁ ସର୍ବୋଚ୍ଚମାନର, ଅର୍ଥାତ୍ ଊର୍ଦ୍ଧ୍ୱତମ ଅତିମାନସ ନୁହେଁ ।... ତୁମେ ଜାଣ ଯେ କେତେକ ନିର୍ଦ୍ଦିଷ୍ଟ ସମ୍ଭାବ୍ୟତା ଏଠାରେ ପ୍ରାୟ କ୍ରିୟାଶୀଳ ଥାଏ, ଏବଂ ଅନେକ କ୍ଷେତ୍ରରେ ତୁମେ କହିପାର କ'ଣ ଘଟିବ, ନ ଘଟିବ, କିଂବା କିପରି ଏକ ନିର୍ଦ୍ଦିଷ୍ଟ ଘଟଣା ଘଟିଲା ବା ଘଟିପାରେ, କିନ୍ତୁ ଏଥିରେ କୌଣସି ନିଶ୍ଚୟତା ନଥାଏ । (କିନ୍ତୁ ପ୍ରତୀକଧର୍ମୀ ନିର୍ବାଚିତ ଅତିମାନସିକ ସ୍ତରରେ ରହିଥାଏ ନିଶ୍ଚୟତା ।)

''ପରିଶେଷରେ ରହିଛି ଅନୁଜ୍ଞାସୂଚକ ଅତିମାନସ (Imperative Supermind) ଯାହାକି ଦିବ୍ୟଜ୍ଞାନର ଅନୁରୂପ, ପ୍ରକଟିତ ଦିବ୍ୟସତ୍ୟ ବା ଦିବ୍ୟଜ୍ଞାନର ଅନୁରୂପ (Revelation) । ଏହା ଚିରସତ୍ୟ ଯେ ଏହି ଦିବ୍ୟଜ୍ଞାନ ବା ଦିବ୍ୟସତ୍ୟ ବିରୋଧରେ କିଛି ବି ତିଷ୍ଠି ପାରିବ ନାହିଁ । ଏହା ନିଜର ଅନ୍ତର୍ନିହିତ ସହଜାତ ଶକ୍ତିରେ ସ୍ୱୟଂସମ୍ପୂର୍ଣ୍ଣ ଦିବ୍ୟପ୍ରଜ୍ଞା ।

''ମୋତେ ଅତିମାନସର ଉପରୋକ୍ତ ତିନୋଟି ପର୍ଯ୍ୟାୟ ମଧ୍ୟରେ ପାର୍ଥକ୍ୟକୁ ଲକ୍ଷ୍ୟ କରିବାକୁ ହେବ ଏବଂ ଅନୁଜ୍ଞାସୂଚକ ଅତିମାନସକୁ ଭୌତିକ ସ୍ତରରେ ଅବତରଣ କରାଇବାକୁ ହେବ । ତେଣୁ ମୋତେ ଅନବରତ ଉତ୍ଥାନ-ପତନ ମଧ୍ୟଦେଇ ଗତି

କରିବାକୁ ହେଉଛି । ମୁଁ ବର୍ତ୍ତମାନ ମୋର ସମଗ୍ର ସତ୍ତାଟିକୁ ସଚେତନ କରି ଗଢ଼ିଛି, କିନ୍ତୁ ବର୍ତ୍ତମାନ ଯାହା ସର୍ବପ୍ରଥମ ଆବଶ୍ୟକ, ତା' ହେଉଛି ମୋର ଭୌତିକ ସତ୍ତାକୁ ଯେମିତି କୌଣସି ବିରୋଧୀ ଶକ୍ତି ଆକ୍ରମଣ ନକରିବା ଉଚିତ ।

''ତା'ପରେ ଦ୍ୱିତୀୟ ଆବଶ୍ୟକତାଟି ହେଉଛି ମୋ ନିଜର ଆନ୍ତର ବା ଆଭ୍ୟନ୍ତରୀଣ ଉପାଦାନରେ ଅନୁଜ୍ଞାସୂଚକ ଅତିମାନସକୁ ପ୍ରୟୋଗ କରିବା, ଏବଂ ତୃତୀୟତଃ ସେଇଟିକୁ ବହିର୍ଜଗତରେ ପ୍ରୟୋଗ କରିବା । ବର୍ତ୍ତମାନ ଅତିମାନସ ଶକ୍ତିର ପ୍ରୟୋଗରେ ମୋ ଶରୀର ଉପରେ ଆକ୍ରମଣ କରୁଥିବା ଯେକୌଣସି ବିରୋଧୀ ଶକ୍ତିକୁ ଦୂରକୁ ହଟାଇ ଦିଆଯାଇ ପାରୁଛି । କିନ୍ତୁ ଏହି ପ୍ରକ୍ରିୟା ଯେତେବେଳେ ସମ୍ପୂର୍ଣ୍ଣ ହୋଇଉଠିବ, ସେତେବେଳେ କୌଣସି ସଚେତନ ବିରୋଧୀ ଶକ୍ତି ମୋ ଶରୀରକୁ ଆକ୍ରମଣ କରିବା ଏକେବାରେ ଅସମ୍ଭବ ହୋଇ ଉଠିବ । ମୁଁ ବର୍ତ୍ତମାନ ଯେଉଁସବୁ ଧାରାର ଅନୁସରଣ କରୁଛି ସେସବୁକୁ ମୁଁ ପଣ୍ଡିଚେରୀକୁ ଆସିବା ପରଠୁ ମୋ ସକାଶେ ଏକ ବିଶେଷ ଧରଣର କାର୍ଯ୍ୟକ୍ରମ ହିସାବରେ ପ୍ରସ୍ତୁତ କରାଯାଇଥିଲା ।''

*

ଶିଷ୍ୟ : କେଉଁଟିକୁ ଜଣେ ମନଃସ୍ତରରେ ଲାଭ କରିଛି ଏବଂ କେଉଁଟିକୁ ଅତିମାନସ ସ୍ତରରେ – ଏ ଦୁଇଟି ମଧ୍ୟରେ ଥିବା ପ୍ରଭେଦକୁ ଉଦାହରଣ ଦେଇ ସ୍ପଷ୍ଟ କରିଦେବା କ'ଣ ସମ୍ଭବ ?

ଶ୍ରୀଅରବିନ୍ଦ : ମୁଁ ତୁମକୁ ଏକ ବିଶେଷ ଦୃଷ୍ଟାନ୍ତ ଦେଇପାରେ – ମୁଁ ମାସ ମାସ ଧରି ଏକ ସମତା ଲାଭ କରିଥିଲି, ମୋତେ କୌଣସି କିଛି ବିଚଳିତ କରିପାରୁ ନଥିଲା; ଏହା ଥିଲା ଶଙ୍କରାଚାର୍ଯ୍ୟଙ୍କ ମାର୍ଗର ସମତା, ମାନସିକ ସମତା । କିନ୍ତୁ ମୁଁ ପ୍ରକୃତ ଆଧ୍ୟାତ୍ମିକ ସମତା ସେତେବେଳେ ଲାଭ କଲି, ଯେତେବେଳେ ଅନୁଜ୍ଞାସୂଚକ ଅତିମାନସ ଶକ୍ତି ମୋ ମଧ୍ୟକୁ ଅବତରଣ କଲା । ସେହି ଶକ୍ତିର ଆତ୍ମ-ନିଶ୍ଚୟତା (self-certainty)ହିଁ ପ୍ରକୃତ-ଦିବ୍ୟ-ସମତାର ଅନୁଭୂତି ଆଣିଦେଇଥାଏ ।

ଇତିପୂର୍ବରୁ ଜ୍ଞାନଗର୍ଭକ ସଂକଳ୍ପ (will of knowledge) ଏବଂ ଜ୍ଞାନପ୍ରସୂତ ସଂକଳ୍ପ (knowledge-will) – ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ, ଯେମିତି ଶକ୍ତି (force) ଓ ଜ୍ଞାନାଲୋକ (knowledge) ଭିତରେ ତଫାତ ଜାଣିବାରେ କେତେକ ବାଧା ରହିଥିଲା ।

ଶିଷ୍ୟ : ଆପଣଙ୍କର ଏହି ସାଧନାର ସମାପ୍ତି କେବେ ଘଟିବ ?

ଶ୍ରୀଅରବିନ୍ଦ : ନିର୍ଦ୍ଦିଷ୍ଟ ସମୟ-ସୀମା ରଖାଯାଇ ପାରିବ ନାହିଁ ।

ଶିଷ୍ୟ : ଏଇ ଅଳ୍ପ ଦିନ ଭିତରେ ଆପଣଙ୍କ ପ୍ରତି ବିରୋଧୀ ଶକ୍ତିର କି ଧରଣର ଶେଷ ଆକ୍ରମଣ ଥିଲା ?

ଶ୍ରୀଅରବିନ୍ଦ : ଯେଉଁ ମୁହୂର୍ତ୍ତରେ ମୋ ସାଧନାର ଏକ ନିର୍ଦ୍ଦିଷ୍ଟ ସ୍ଥିତି ବା ପର୍ଯ୍ୟାୟର ପରିସମାପ୍ତି ଘଟିବାକୁ ଯାଉଥିବ, ଠିକ୍ ସେହି ମୁହୂର୍ତ୍ତରେ ସଜାଗ ବିରୋଧୀ ଶକ୍ତିରାଜି ଆସି ମୋ ସାମନାରେ ଉଭା ହୁଅନ୍ତି ଏବଂ ସେମାନଙ୍କର ସର୍ବପ୍ରଥମ କାର୍ଯ୍ୟ ହେଉଛି ମୋ ସତ୍ତାର କୌଣସି ଏକ ନିର୍ଦ୍ଦିଷ୍ଟ ଅଂଶକୁ ମୋ ସମ୍ମୁଖରେ ଟୋକି ଧରି ମୋତେ କହନ୍ତି, 'ହେଇ ଦେଖ, ଏଇଟିକୁ ତୁମେ ତ ତୁମ ଅଧିକାରରେ ଆଣିପାରି ନାହଁ !' ଏବଂ ସେମାନେ ବି ମୋତେ ସେଇ ଅନଧିକୃତ ଅଂଶଟି ମାଧ୍ୟମରେ ଆକ୍ରମଣ କରିପାରନ୍ତି ।

ଶିଷ୍ୟ : ଏଇ ଅତିମାନସର ଧାରଣା ବେଦରେ ରହିଛି କି ?

ଶ୍ରୀଅରବିନ୍ଦ : ହଁ, ଏକେବାରେ ସ୍ପଷ୍ଟ ରୂପେ ବର୍ଣ୍ଣିତ ଅଛି, ଯଦିଓ ବୈଦିକ ଋଷିଗଣ ଊର୍ଦ୍ଧ୍ୱକୁ ଉଠିବାରେ ଅଧିକ ଗୁରୁତ୍ୱ ଦେଉଥିଲେ, ଆରୋହଣ କରିବାରେ । କିନ୍ତୁ ସେହି ଊର୍ଦ୍ଧ୍ୱଲୋକରୁ ପ୍ରତ୍ୟାବର୍ତ୍ତନ କରି ନିମ୍ନ ପ୍ରକୃତିକୁ ନିଜ କର୍ତ୍ତୃତ୍ୱରେ ଆଣିବା ଏବଂ ତାକୁ ରୂପାନ୍ତରିତ କରିବା ଉପରେ ସେତେ ଗୁରୁତ୍ୱ ଦେଉ ନଥିଲେ ।

*

ଶିଷ୍ୟ : ଅତିମାନସକୁ ନିମ୍ନକୁ ଅବତରଣ କରିବା ସମ୍ବନ୍ଧେ ଗୀତା କୌଣସି ଗୁରୁତ୍ୱ ଦେଇଛି କି ?

ଶ୍ରୀଅରବିନ୍ଦ : ନା । ସଂସାରରେ ରହି କର୍ତ୍ତବ୍ୟ-କର୍ମ, ଦିବ୍ୟକର୍ମ କରିବା ଉପରେ ଗୀତା ଦୃଢ଼ ଭାବରେ ବାର ବାର ଜୋର୍ ଦେଇଛି; କାର୍ଯ୍ୟକାରିଣୀ ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଦେଇଛି, ଅତିମାନସ ସମ୍ବନ୍ଧରେ ନୁହେଁ । ଅଧିକନ୍ତୁ ଅନ୍ୟ ବହୁତ କିଛି ଗୀତାରେ ରହିଛି ।

('Evening Talks', Ed. 2007, pp. 503 - 06)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

କାହାଣୀ :

# ସତ୍ୟରୁ ସାନ୍ତ୍ୱନା

ଦ୍ୱୈପାୟନ ଧନୀ ଘରର ସନ୍ତାନ । କିନ୍ତୁ ବାଲ୍ୟକାଳରୁ ତା' ମନରେ ବୈରାଗ୍ୟ ଭାବର ଉଦୟ ହୋଇଥାଏ । ଧନସମ୍ପଦ, ସଂସାରର ସୁଖସୁବିଧା, ମାନସମ୍ମାନ ଏସବୁରେ ନଥାଏ ତା'ର ଆଗ୍ରହ ।

ଯେତେବେଳେ ସେ ଦେଖିଲା ତା' ମାଆବାପା ତା'ର ବିବାହ ନିମନ୍ତେ ପାତ୍ରୀ ଖୋଜୁଛନ୍ତି, ସେ କାହାକୁ କିଛି ନଜଣାଇ ଦିନେ ଘର ଛାଡ଼ି ଚାଲିଗଲା ।

ଯାଇ ପହଞ୍ଚିଲା ହିମାଳୟ ମୂଳକରେ । ତହିଁ ବହୁତ ଆଶ୍ରମ, ଅନେକ ଯୋଗ୍ୟ ଗୁରୁ । ସେ ଗୋଟିଏ ପରେ ଗୋଟାଏ ଆଶ୍ରମରେ କିଛି କିଛି କାଳ ରହୁଥାଏ; ଧ୍ୟାନ, ତପ ଇତ୍ୟାଦି କରୁଥାଏ । ଭିନ୍ନ ଭିନ୍ନ ଗୁରୁଙ୍କ ପାଖରୁ ଯୋଗତତ୍ତ୍ୱ, ଧର୍ମତତ୍ତ୍ୱ ଶୁଣୁଥାଏ । ନୂଆ କୌଣସି ବୈରାଗୀକୁ ଭେଟିଲେ ତାକୁ ମଧ୍ୟ ତତ୍ତ୍ୱ ଶୁଣାଉଥାଏ । ଏମିତି ବିତିଗଲା କୋଡ଼ିଏ ବର୍ଷ ।

ଦିନେ ତା'ର କୌତୂହଳ ହେଲା, ତା' ମାଆବାପା ଓ ପରିବାରର ଅବସ୍ଥା କ'ଣ ହୋଇଥିବ ? ସାନ ଭାଇ ଓ ଭଉଣୀମାନେ ବାହାସାହା ହୋଇ ସାରିବେଣି, ଘରସଂସାର କରୁଥିବେ । ଥରେ ଯାଇ ଦେଖି ଆସିଲେ ମନ୍ଦ ହୁଅନ୍ତା ନାହିଁ ।

ସେ ବାଟ ଚାଲିବାକୁ ଆରମ୍ଭ କଲା ।

ଆସି ପହଞ୍ଚିଲା ଗୋଟାଏ ସହରରେ । ସନ୍ଧ୍ୟା ହୋଇ ଆସୁଥାଏ । ''ଏଠାରେ କୌଣସି ମନ୍ଦିର ବା ଅତିଥିଶାଳା ଅଛି ?'' ସେ ଜଣକୁ ପଚାରିଲା ।

''ଆପଣ ରାତି ପାଇଁ ଆଶ୍ରୟ ଖୋଜୁଛନ୍ତି ତ ? ମାଣ୍ଡବ୍ୟଜିଙ୍କ ଘରକୁ ଚାଲିଯା'ନ୍ତୁ । ସେ ଅତ୍ୟନ୍ତ ଅତିଥିପରାୟଣ ଏବଂ ସ୍ୱଚ୍ଛଳ ବ୍ୟକ୍ତି । ସେ ଖୁସି ହେବେ ।'' ଲୋକଟି ପରାମର୍ଶ ଦେଲା ।

ଦ୍ୱୈପାୟନ ଯାଇ ମାଣ୍ଡବ୍ୟଜିଙ୍କ ଘରେ ପହଞ୍ଚିଲା । ଜଣେ ସାଧୁପୁରୁଷଙ୍କୁ ଦେଖି ଗୃହସ୍ୱାମୀ ତାଙ୍କୁ ସ୍ୱାଗତ କଲେ । ଅତିଥିମାନଙ୍କ ପାଇଁ ଉତ୍ସର୍ଗ ହୋଇ ରହିଥାଏ ତାଙ୍କର ଯୋଡ଼ିଏ କୋଠରି । ଦ୍ୱୈପାୟନକୁ ସେଠାରେ ରଖାଇ ସେ କହିଲେ, ''ଆପଣ କ୍ଲାନ୍ତ ଦିଶୁଛନ୍ତି । ଖାଲି ଆଜି ରାତିକ ନୁହେଁ, ଯେଯାଏ ପୁଣି ବାଟ ଚାଲିବା ଭଳି ଉତ୍ସାହ ଅନୁଭବ ନ କରିଛନ୍ତି, ସେଯାଏ ବିନା ଦ୍ୱିଧାରେ ଆପଣଙ୍କ ସେବା କରିବାର ସୁଯୋଗ ମୋତେ ଦିଅନ୍ତୁ'' ।

ଦ୍ୱୈପାୟନ ଗୃହସ୍ୱାମୀଙ୍କୁ ଧନ୍ୟବାଦ ଦେଲା ।

ପରଦିନ ଗୃହସ୍ୱାମୀଙ୍କ ଟିକି ପୁଅଟି ଗୋଟାଏ ପେଣ୍ଡୁ ଗଡ଼ାଇ ଗଡ଼ାଇ ଖେଳୁଥାଏ । ପେଣ୍ଡୁଟି ଗାତଟିଏ ଭିତରକୁ ଚାଲିଗଲା । ତାକୁ ବାହାର କରି ଆଣିବାକୁ ପିଲାଟି ଯେମିତି ଗାତରେ ହାତ ପୂରାଇଛି, ତାକୁ କାମୁଡ଼ି ଦେଇ ସାପଟିଏ ତହିଁରୁ ବାହାରି ଚାଲିଗଲା ।

ଅଦୂରରୁ ତାହା ଦେଖି ପକାଇଲେ ପିଲାଟିର ମାଆ । ସେ ଦୌଡ଼ି ଆସିଲେ । ପୁଅକୁ କୋଳ କରି ନେଇଯାଇ ଖଟ ଉପରେ ଥୋଇଲେ । ସେ ଚେତା ହରାଇଥାଏ ।

ସାପଟି ବିଷଧର ବୋଲି ଜଣାଗଲା । ସହରର ସବୁଠାରୁ ବଡ଼ ଗୁଣିଆ ଡକା ହୋଇ ଆସିଲେ । ଆତ୍ମୀୟସ୍ୱଜନମାନେ ଗୁଣିଆଙ୍କ ବରାଦ ଅନୁସାରେ ଆବଶ୍ୟକ ପୂଜା ସାମଗ୍ରୀମାନ ଯୋଗାଇ ଦେଲେ । କିନ୍ତୁ ପୁଅର ଚେତା ଫେରିଲା ନାହିଁ ।

ସନ୍ଧ୍ୟା ହେଲା । ଗୁଣିଆ କହିଲେ, ''ନାଃ, ବଞ୍ଚାଇ ପାରିଲି ନାହିଁ । ମୋର ଦୁର୍ଭାଗ୍ୟ ।''

ସେ ବିଦାୟ ନେଲେ । ଆତ୍ମୀୟସ୍ୱଜନମାନେ ମଧ୍ୟ ଚାଲିଗଲେ । ମାଆବାପା ବୁଝିଲେ, ପିଲାର ପ୍ରାଣବାୟୁ ଉଡ଼ିଗଲାଣି ।

ଦ୍ୱୈପାୟନ ଚୁପ୍‌ଚାପ୍ ବସିଥାଏ । ମାଣ୍ଡବ୍ୟଜି ତାଙ୍କୁ ଭିଡ଼ି ନେଇ ଆସିଲେ ପୁଅ ପାଖକୁ ଏବଂ ବ୍ୟାକୁଳ କଣ୍ଠରେ କହିଲେ, ''ହେ ମହାତ୍ମା ! ଆପଣହିଁ ବର୍ତ୍ତମାନ ମୋର ଏକମାତ୍ର ଭରସା । ଆପଣ ସାଧୁ ଓ ଯୋଗୀ । ଆପଣଙ୍କ ଶକ୍ତି ଦ୍ୱାରା ପୁଅକୁ ବଞ୍ଚାଇ ଦିଅନ୍ତୁ ।''

ଦ୍ୱୈପାୟନ ବୁଝାଇଲା – ତା'ର ସେଭଳି ଦୈବୀଶକ୍ତି ନାହିଁ । ସେ ମିଛ ଆଶା ଦେବାର ପକ୍ଷପାତୀ ନୁହେଁ । କିନ୍ତୁ ଗୃହସ୍ୱାମୀ ସେଥିରେ କର୍ଣ୍ଣପାତ କଲେ ନାହିଁ । ସେ ବାରଂବାର କହିଲେ, ''ଆପଣ ଆପଣଙ୍କ ନିଜ ଶକ୍ତି ସମ୍ପର୍କରେ ଜାଣି ନାହାନ୍ତି । ହିମାଳୟରେ ଯିଏ କୋଡ଼ିଏ ବର୍ଷକାଳ ସାଧନା କରିଛି, ତା' ପାଖରେ କେତେ ବିଭୂତି ରହିଥିବ ସେକଥା କ'ଣ ଆମେ

ଅନୁମାନ କରିପାରିବା ନାହିଁ ? ଆପଣ ଦୟାକରି ଆପଣଙ୍କ ଶକ୍ତି ପ୍ରୟୋଗ କରନ୍ତୁ ।''

ଦୁହିଙ୍କ ଭିତରେ ଏହି ମର୍ମରେ ସଂଳାପ ଚାଲିଲା । ମାଣ୍ଡବ୍ୟଜିଙ୍କ ବିଶ୍ୱାସ, ତାଙ୍କ ଅତିଥି ନିଶ୍ଚୟ ପିଲାଟିକୁ ପୁନର୍ଜୀବନ ଦେଇ ପାରିବେ । ଦ୍ୱୈପାୟନ ଜାଣେ ତା'ର ସେଭଳି ଶକ୍ତି ନାହିଁ । କିନ୍ତୁ ସେ ସେକଥା ବୁଝାଇବ କେମିତି ?

ଅବଶେଷରେ କାନ୍ଦକାନ୍ଦ ହୋଇ ଦ୍ୱୈପାୟନ କହିଲା, ''ଶୁଣ ମୋ ଜୀବନର ସତ କଥା । ମୋର ବୈରାଗ୍ୟ ଯେତିକି ଥିଲା, ତା' ତୁଳନାରେ ଘର ସଂସାରର ସମସ୍ୟାରେ ନପଡ଼ିବା ନିମନ୍ତେ ଆଗ୍ରହ ଥିଲା ଅଧିକ । ସେଥିପାଇଁ ମୁଁ ଘର ଛାଡ଼ିଥିଲି । କିନ୍ତୁ ହିମାଳୟର ଭିନ୍ନ ଭିନ୍ନ ଆଶ୍ରମରେ ରହିବା ସଙ୍ଗେ ସଙ୍ଗେ ଅନେକ ପ୍ରକୃତ ମହାତ୍ମାଙ୍କ ସମ୍ପର୍କରେ ଆସି ବୁଝିଲି, ମୋର ଆଧାତ୍ମିକ ଆସ୍ପୃହା ବିଶେଷ ନାହିଁ । କିନ୍ତୁ ଗୋଟାଏ ଜୀବନଧାରା ଥରେ ଗ୍ରହଣ କରିନେବା ଅନ୍ତେ ସେଥିରୁ ଓହରି ଆସିବା ସହଜ ନୁହେଁ । ତେଣୁ ଯଥାରୀତି ସାଧୁ ବୋଲାଇ ରହିଛି । ନିଜ ଆତ୍ମାକୁ ଚିହ୍ନିବାର ବା ଭଗବାନଙ୍କୁ ଜାଣିବାର ବିଶେଷ ପ୍ରୟାସ କରି ନାହିଁ । ମାମୁଲି ଭାବରେ ଧ୍ୟାନଧାରଣା କରିଛି, ଉପଦେଶ ପାଇଛି, ଉପଦେଶ ଦେଇଛି, କିନ୍ତୁ ମୁଁ ବାସ୍ତବିକ କୌଣସି ପ୍ରକାର ସିଦ୍ଧ ପୁରୁଷ ନୁହେଁ ।''

ଏକଥା ନିଃସଙ୍କୋଚରେ କହିବା ବେଳେ ଦ୍ୱୈପାୟନ ମୃତ ବା ମୃତପ୍ରାୟ ପିଲାଟି ମୁଣ୍ଡରେ ହାତ ରଖିଥାଏ । ହଠାତ୍ ଦେଖାଗଲା, ପିଲାଟି ଆଖି ଖୋଲିଲା; ମାଆବାପାଙ୍କୁ ଅନାଇ କିଛି କହିବାର ଚେଷ୍ଟା କଲା । କିନ୍ତୁ ପୁଣି ନିସ୍ତେଜ ହୋଇଗଲା ।

ଦ୍ୱୈପାୟନର ମୁହଁ ଉଜ୍ଜ୍ୱଳ ଦେଖାଗଲା । ସେ ଦୃଢ଼ କଣ୍ଠରେ କହିଲା, ''ମୁଁ ଏହି ମୁହୂର୍ତ୍ତରେ ଗୋଟିଏ ସତ୍ୟ ଉପଲବ୍ଧି କରିପାରୁଛି । ମୋର ମୋ ନିଜ ସମ୍ପର୍କରେ ସତ୍ୟ କଥନର ପ୍ରଭାବହିଁ ବାତାବରଣକୁ ଶୁଦ୍ଧ କରିଛି; ପିଲାଟି ଭିତରେ ଜୀବନର ସଞ୍ଚାର ହୋଇଛି । ବର୍ତ୍ତମାନ ତୁମେ ଦୁଇ ଜଣ ନିଜ ନିଜ ଜୀବନର ସତ୍ୟ ନିଷ୍କପଟରେ କହି ବାତାବରଣକୁ ଆହୁରି ଶୁଦ୍ଧ କର ।''

ମାଣ୍ଡବ୍ୟଜି କହିଲେ, ''ସତ୍ୟହିଁ କହୁଛି । ଲୋକେ ମୋତେ ଖୁବ୍ ବଦାନ୍ୟ, ଅତିଥିପରାୟଣ ବୋଲି ଭାବନ୍ତି । ମୁଁ କିନ୍ତୁ ତାହା ନୁହେଁ । ମୋ ପିତାମହ ଏବଂ ପିତା ଯେଭଳି ମହତ୍ ଥିଲେ, ଲୋକଙ୍କ ଆଶା ମୁଁ ମଧ୍ୟ ସେହିପରି ହୋଇଥିବି । ସେହି ଆଶା ସହିତ ତାଳ ଦେଇ ମୁଁ ବଦାନ୍ୟତାର ଓ ଅତିଥି-ପରାୟଣତାର ଅଭିନୟ କରେ । କିନ୍ତୁ ମୁଁ ସ୍ୱତଃସ୍ଫୂର୍ତ୍ତଭାବେ ଦାନ ଧର୍ମ କରେ ନାହିଁ । ଦାନ ଦେବାବେଳେ ମୋ ମନରେ ବିରକ୍ତି ଆସେ । ଏହାହିଁ ମୋ ବାହାରର ରୂପ ଏବଂ ଭିତରର ଅବସ୍ଥା ଭିତରେ ପାର୍ଥକ୍ୟ ।''

ପୁଅଟି ଚାହୁଁ ଚାହୁଁ ଉଠି ବସିଲା ଓ ମାଆ ଆଡ଼କୁ ଢଳିଗଲା ।

''ବର୍ତ୍ତମାନ ତୁମ ଜୀବନର ସତ୍ୟ ପ୍ରକାଶ କର ।'' ଦ୍ୱୈପାୟନ ମାଣ୍ଡବ୍ୟଜିଙ୍କ ପତ୍ନୀଙ୍କୁ ନିର୍ଦ୍ଦେଶ ଦେଲା ।

''କହୁଛି । ବିଭା ହୋଇ ଏ ଘରକୁ ଆସିବା ଦିନଠାରୁ ମୁଁ ଅଣନିଃଶ୍ୱାସୀ ଅନୁଭବ କରିଛି । ଶାଶୂ, ଶ୍ୱଶୁରଙ୍କର ଯଥାର୍ଥ ସେବାରେ ତ୍ରୁଟି କରି ନାହିଁ । କିନ୍ତୁ ଶାଶୂ ମୋ ଉପରେ ସନ୍ତୁଷ୍ଟ ହେବା ତ ଦୂରର କଥା, ପରୋକ୍ଷରେ କହୁଥା'ନ୍ତି ସେ ତାଙ୍କ ପୁଅଙ୍କ ପାଇଁ ମୋଠୁଁ ବହୁତ ଅଧିକ ଭଲ ବୋହୂ ଘରକୁ ଆଣି ପାରିଥା'ନ୍ତେ ! ମୋ ଛାତି କରତି ହୋଇଯାଏ; କିନ୍ତୁ ମୁଁ ହସିଦିଏଁ । ଭାବିଥିଲି ମୋ ସ୍ୱାମୀ ମୋ ଦୁଃଖ ବୁଝିବେ । ସେ ଭଲ ଲୋକ; କିନ୍ତୁ ନିଜ ବେପାରବଣିଜ ବୁଝିବାରେ ତାଙ୍କର ସମସ୍ତ ସମୟ ଯାଏ । ନିଜ ଅଜାଣତରେ ମୋ ପ୍ରତି ଏମିତି ବ୍ୟବହାର କରନ୍ତି, ମୁଁ ଯେପରି କ୍ରୀତଦାସୀଟିଏ । କିନ୍ତୁ ପୁଅ ମୁହଁକୁ ଚାହିଁ ମୁଁ ସବୁ ସହିଯାଏଁ । ଜାଣେ, ପୁଅ ଦିନେ ବଡ଼ ହେଲେ ତା' ନିଜ ସଂସାରକୁ ନେଇ ମାତି ରହିବ । ତା' ଚେତନାରେ ମୋ ସ୍ଥାନ ହେବ ଗୌଣ । କିନ୍ତୁ ସେ ହତାଶାଭାବ ସତ୍ତ୍ୱେ ମୁଁ ଆଶାକୁ ନେଇ ବଞ୍ଚି ରହେ – ବା ସେମିତି ଭାବରେ ବଞ୍ଚି ରହିବାର ଅଭିନୟ କରେ ।'' କାନ୍ଦି କାନ୍ଦି କହିଲେ ମାଣ୍ଡବ୍ୟଜିଙ୍କ ପତ୍ନୀ ।

ପୁଅ ହଠାତ୍ ଖଟରୁ ଓହ୍ଲାଇପଡ଼ି ଅଦୂରରେ ପ୍ରଦୀପଟି ପାଖରେ ପଡ଼ିଥିବା ତା' ପେଣ୍ଡୁକୁ ଉଠାଇ ନେଇ ଖେଳିବାକୁ ଉଦ୍ୟତ ହେଲା । ତା' ମାଆ ତାକୁ କୁଣ୍ଢାଇ ପକାଇ ଖଟ ଉପରେ ବସାଇଲେ ଏବଂ ଦୁଧ ଆଣି ପିଇବାକୁ ଦେଲେ ।

ସ୍ତ୍ରୀ ତାଙ୍କ ଦୁଃଖ କହିଲା ବେଳେ ଚୁପ୍‌ଚାପ୍ ବସିଥିଲେ ଗୃହସ୍ୱାମୀ । ସେ ଉଠିପଡ଼ି ଦ୍ୱୈପାୟନଙ୍କୁ ପ୍ରଣାମ କଲେ ଓ କହିଲେ, ''ଆପଣ କହୁଛନ୍ତି ଆପଣଙ୍କର କୌଣସି ସିଦ୍ଧି ନାହିଁ । ଯେଉଁ ନିଷ୍କପଟ ସତ୍ୟ ଆପଣ କହିଲେ ଏବଂ ଯାହାର ପ୍ରଭାବରେ ଆମକୁ ସତ୍ୟ କୁହାଇଲେ, ତାହା କମ୍ ସିଦ୍ଧି ନୁହେଁ । ବାସ୍ତବିକ, ମୁଁ ଆଜି ପର୍ଯ୍ୟନ୍ତ ମୋ ପତ୍ନୀଙ୍କୁ ମୋ ସମକକ୍ଷ ଜଣେ ମଣିଷ ଭାବରେ ଦେଖି ନାହିଁ ! ସତେଅବା ମୋ ପରିବାର ନିମନ୍ତେ ଖଟିବାହିଁ ତାଙ୍କର ମୋ ପାଖରେ ଏକମାତ୍ର ମୂଲ୍ୟ ।

ସେ ମୋହରି ଭଳି ସ୍ୱତନ୍ତ୍ର ଆଶା ଆକାଂକ୍ଷା, ସୁଖଦୁଃଖର ଅନୁଭବ ସହ ବଞ୍ଚୁଥିବା ଜଣେ ମଣିଷ, ସେ ଚିନ୍ତା ମୁଁ କେବେ କରି ନାହିଁ । କିନ୍ତୁ ଏହି ମୁହୂର୍ତ୍ତରୁ ମୋର ଆଚରଣ ଭିନ୍ନ ହେବ ।''

ଦ୍ୱୈପାୟନ କହିଲେ, ''କିଛି ତପସ୍ୟା ନକରି ମଧ ମୋର ସାମାନ୍ୟ ସିଦ୍ଧି ହୋଇଛି ବୋଲି ଆପଣ କହୁଛନ୍ତି । ଏଣିକି ମୁଁ ମୋ ସାଧନା ପ୍ରତି ମନୋଯୋଗୀ ହେବି । ଯେଉଁ ଜୀବନକୁ ଆଦରି ନେଇଛି, ତାକୁ ଭଲ ପାଇବି । ଭଲ ପାଇ କର୍ମ କଲେହିଁ ସେ କର୍ମରୁ ଆନନ୍ଦ ମିଳେ । ଆପଣ ମଧ ଆପଣଙ୍କ ବଦାନ୍ୟତା ଏବଂ ଅତିଥିପରାୟଣ କର୍ମକୁ ଭଲ ପାଇବାକୁ ଚେଷ୍ଟା କରନ୍ତୁ । ଆପଣଙ୍କ ସ୍ତ୍ରୀଙ୍କୁ ମୋର ପରାମର୍ଶ, ସେ ପରିବାରର ପରିଚର୍ଯ୍ୟାକୁ ନିଜ ସାଧନା ରୂପେ ଗ୍ରହଣ କରନ୍ତୁ । ବିନା ବିରକ୍ତିରେ କର୍ମ କଲେ କ୍ରମେ କର୍ମ ମଧ ଆମ ପ୍ରତି ସଦୟ ହୁଏ । କର୍ମ ଯୋଗୁଁ ଶକ୍ତିକ୍ଷୟ ହେବା ପରିବର୍ତ୍ତେ କର୍ମ ଆମକୁ ଶକ୍ତି ଯୋଗାଏ ।''

ପରଦିନ ବିଦାୟ ନେଇ ଦ୍ୱୈପାୟନ ହିମାଳୟ ପ୍ରତ୍ୟାବର୍ତ୍ତନ କଲେ ।

(ମ. ଦା.)

❑❑❑

# ପ୍ରଜ୍ଞା ପୁରୁଷଙ୍କୁ ପ୍ରଣାମ

## ହୃଷୀକେଶ ପଣ୍ଡା

ହେ ପ୍ରଜ୍ଞା ପୁରୁଷ !
ମହାକାଳର କପାଳରେ
ଅଙ୍କା ହୋଇଛି ତୁମ ନାମ
ଅଲିଭା ଅକ୍ଷରେ
ସତ୍ୟ ଶିବ ସୁନ୍ଦରର
ଅଭିବ୍ୟକ୍ତି ପାଇଁ
ଆଜି ଆଉ ଆଗାମୀ କାଳରେ ।

ସମୟର ବିପୁଳ ଓଠରେ
ପ୍ରକୃତିର ସମସ୍ତ କଣାରେ
ତୁମେ ଅଛ, ରହିଥିବ
ପବନର ପ୍ରତି ରନ୍ଧ୍ରେ
ଆକାଶର ଶିରା, ପ୍ରଶିରାରେ
ଦେବାକୁ ଉତ୍ତର ପୁଣି
ଜୀବନର ସବୁ ଜ୍ୟାମିତିରେ ।

ତୁମେହିଁ ତ ପୂର୍ଣ୍ଣ ଜୀବକୋଷ,
ମନ, ପ୍ରାଣ ସଞ୍ଜୀବନୀ
ରକ୍ତାମୃତ ଧାରା
ବିଶାଳ ଏ ଭୂଗୋଳର
ତୁମେ ମହାଭାଷ୍ୟ ।

ନିଖିଳ ନିର୍ମଳ ଦେହେ
ତୁମେ ଏକା ମୁକ୍ତିର ଆଲେଖ୍ୟ,
ପାଶବ ଅନ୍ଧାର ଚିରି
ବୁଣିଦିଅ ଦିଗ ଦିଗନ୍ତରେ
ଆଶାର କିରଣ ରେଣୁ
ମଣିଷର ଦିବ୍ୟଜ୍ଞାନାଲୋକ;
ତୁମ ଦାନ ସୃଜନ ଶକ୍ତିରେ
କୃତାର୍ଥ ଧରଣୀ ଆଜି
ପାଦ ଥାପି ନୂତନ ସୃଷ୍ଟିରେ । ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦)

## ମହେନ୍ଦ୍ର ନାଥ ସ୍ୱାଇଁ

**ସଂକଳ୍ପ ଓ ପ୍ରତୀକ୍ଷା :**

କର୍ମର ମୁଖବନ୍ଧ ବା ପ୍ରାରମ୍ଭ ହେଲା ସଂକଳ୍ପ । କିନ୍ତୁ କାର୍ଯ୍ୟ କରିବା ସମୟରେ ଏହାକୁ ସାଙ୍ଗରେ ଧରି ଚାଲିବା କ୍ୱଚିତ୍ ଦେଖା ଯାଇଥାଏ । କିନ୍ତୁ ମା ତାଙ୍କର ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକରେ ଏହି ସଂକଳ୍ପ ଓ କାର୍ଯ୍ୟଧାରାକୁ ଏକତ୍ରିତ କରି ଏକ ଛଳଛଳ ପ୍ରବହମାନ ସ୍ରୋତରେ ପରିଣତ କରିଛନ୍ତି । ପ୍ରତ୍ୟେକ ପ୍ରାର୍ଥନା ହେଉଛନ୍ତି ଏକ କ୍ରିୟାଶୀଳ ଶକ୍ତି ଏବଂ ସାଧନାର ଦଲିଲ ବା ରେକର୍ଡ଼ । ଭବିଷ୍ୟତ୍ ବଂଶଧରମାନଙ୍କ ନିମନ୍ତେ ଏହାକୁ ସୁରକ୍ଷିତ କରି ରଖାଯାଇଛି । ''ସଂକଳ୍ପ ସାଧନାରେ ପରିଣତ ହୋଇଯାଏ ଏବଂ ସାଧକର ସାଥୀ ହୋଇ ବାଟ ଚାଲୁଥାଏ । ସଂକଳ୍ପ ହେଉଛି ବିଶ୍ୱାସ, ଅନୁଭବ, ପ୍ରାର୍ଥନା ଏବଂ ଏକ 'ମାଷ୍ଟର-ଆକ୍ଟ' ।'' ମା'ଙ୍କ ଧ୍ୟାନ ଓ ପ୍ରାର୍ଥନାର ସଂକଳ୍ପ ବା ପ୍ରତିଜ୍ଞାବଦ୍ଧତାର ଗୀତି-କବିତାଗୁଡ଼ିକ ସୌନ୍ଦର୍ଯ୍ୟମୟ ଆଳଙ୍କାରିକ ଭାଷାରେ ପରିପୂର୍ଣ୍ଣ । ଏହି ଅଳଙ୍କାରମାନଙ୍କର 'ଭାବ' ହେଲା 'ପ୍ରତୀକ୍ଷା' ଏବଂ 'ଏକମୁଖୀନତା' (one-pointedness) । ପ୍ରତୀକ୍ଷା ଏକ ବୀରୋଚିତ କାର୍ଯ୍ୟ । ସ୍ଥିର-ଦୃଷ୍ଟି ବା ଏକାଗ୍ରତା ମଧ୍ୟ ଏକ ଚମତ୍କାର କାର୍ଯ୍ୟ । ଏହି ବ୍ୟବସ୍ଥା ଦ୍ୱୟ ସଚେତନ ଭାବରେ 'ଦକ୍ଷ' ହୋଇଉଠିବା ନିମନ୍ତେ ନିଶ୍ଚିତ ଭାବରେ ଏକ କଷ୍ଟସାଧ୍ୟ କାର୍ଯ୍ୟ । ରାତି ପାହିଲେ ସବୁକଥା ଯେ ନିଜ ଅକ୍ତିଆର ଭିତରକୁ ଆସିଯିବ – ରୂପାନ୍ତରିତ ହୋଇଯିବ – ଏହା ଭାବିବା ଏକ କପୋଳକଳ୍ପିତ କଥା ।

ସମୟକ୍ରମେ ଆମ ଭିତରେ ଥିବା ମନୋଭାବ ସ୍ୱୟଂ ଅନୁଭୂତ ହୋଇଥାଏ; ବେଳେବେଳେ ଆମେ ତାକୁ ଜାଣିବାକୁ ପ୍ରଚେଷ୍ଟା କରୁ ନଥିଲେ ମଧ୍ୟ ତାହା ଆପେ ଆପେ ଆଗରେ ଠିଆ ହୋଇଯାଉଥାଏ – ''ମୋତେ ଦେଖ'' ବୋଲି କହି ହେଉଥାଏ । ଏହି ଅବସ୍ଥାରେ ଏତାଦୃଶ ଭାବାବେଗକୁ ଲିପିବଦ୍ଧ କରୁଥିବା ବ୍ୟକ୍ତିଟିହିଁ 'କବି' ହୋଇଯାଇଥାଏ । ସେ ସାଧନାର ଫ୍ରେମ୍‌ରେ ବାନ୍ଧି ହୋଇଯାଏ ଏବଂ ଏକ 'ନମୁନା' (model)ରେ ପରିଣତ ହୋଇ ଠିଆ ହୋଇଯାଇଥାଏ । ସେତେବେଳେ 'ସଂକଳ୍ପ' କ'ଣ ବୋଲି ସାଧକ ବୁଝିପାରେ । ମା' ଅଗଷ୍ଟ ୧୮, ୧୯୧୪ ପ୍ରାର୍ଥନାରେ କହୁଛନ୍ତି :

''Let me turn to Thee in a profound and silent contemplation; let me place this integral being and its multiple activities at Thy feet as an offering; let me stop all the play of these forces, unify all these consciousnesses, so that one alone may persist,..''

''ହେ ପ୍ରଭୁ ! ଏକ ଗଭୀର, ନୀରବ, ଧ୍ୟାନମଗ୍ନ ଅବସ୍ଥା ମଧ୍ୟରେ ଆପଣଙ୍କ ଆଡ଼କୁ ମୁଖ ଫେରାଇବା ପାଇଁ ମୋତେ ଅନୁମତି ଦିଅନ୍ତୁ, ମୁଁ ଯେପରି ଏହି ସାମଗ୍ରିକ ସତ୍ତା ଓ ଏହାର ବହୁବିଧ କାର୍ଯ୍ୟକଳାପକୁ ଏକତ୍ରିତ କରି ଆପଣଙ୍କ ପାଦପଦ୍ମରେ ନିବେଦିତ କରି ଦେଇପାରେ । ଏହି ସମଗ୍ର ଶକ୍ତିମାନଙ୍କର ଲୀଳାଖେଳାକୁ ବନ୍ଦ କରିଦିଏ, ସକଳ ଚେତନାମାନଙ୍କୁ ଏକତ୍ରିତ କରି ଦେଇପାରେ, ଫଳତଃ ସେହି ଏକତ୍ରିତ ଏକମାତ୍ର ଚେତନାହିଁ ଆଗକୁ ବଢ଼ିପାରିବ ।''

ଏହି 'Multiple activities' ବା 'ବହୁବିଧ କାର୍ଯ୍ୟକଳାପ' ଖଣ୍ଡବାକ୍ୟଟି ବିଶେଷକରି ଧୀଶକ୍ତିସମ୍ପନ୍ନ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କ ପକ୍ଷରେ ପ୍ରଯୁଜ୍ୟ । ସୁତରାଂ ଶିଳ୍ପୀ ଏବଂ କଥାକାରମାନେ ସହଜରେ ସେମାନଙ୍କର କାର୍ଯ୍ୟକଳାପକୁ ସମର୍ପଣ କରିପାରନ୍ତି ନାହିଁ ବା କରିବାକୁ ଅତ୍ୟନ୍ତ କଷ୍ଟବୋଧ କରିଥା'ନ୍ତି । ସେମାନେ ମଧ୍ୟ ଏକମୁଖୀ ହୋଇପାରନ୍ତି ନାହିଁ, ବିଭିନ୍ନ ଚେତନାକୁ ଏକତ୍ରିତ କରିବା କଷ୍ଟସାଧ୍ୟ କାର୍ଯ୍ୟ ବୋଲି ଭାବନ୍ତି । ଅନ୍ୟ କୌଣସି 'କବି' ଏତେ ଦୀର୍ଘ ସମୟ ଧରି, ନିରବଚ୍ଛିନ୍ନ ଭାବରେ ଏକମାତ୍ର ପରମ ପ୍ରଭୁଙ୍କ ସହ ସମ୍ପର୍କ ସ୍ଥାପନ କରିପାରି ନାହାନ୍ତି ବା ଏକମୁଖୀ ସମ୍ପର୍କ ରଖିପାରି ନାହାନ୍ତି । ଗୋଟିଏ ବିଷୟ ଉପରେ ନିଶ୍ଚଳ ଭାବରେ ଏକାଗ୍ର ହୋଇ ତିଷ୍ଠି ରହିବା, ଲାଗି ରହିବା ଅନ୍ୟ କେଉଁଠାରେ ଦେଖାଯାଇ ନାହିଁ । ଦିବ୍ୟଜନନୀ ଶ୍ରୀମାଙ୍କର ଏତାଦୃଶ ଅନନ୍ୟ ସାଧାରଣ ସମର୍ପଣ ଭାବକୁ ହୃଦୟଙ୍ଗମ କରିବାକୁ ହେଲେ 'ଧ୍ୟାନ

ଓ ପ୍ରାର୍ଥନା'ର ପାଠକମାନଙ୍କୁ ଅନ୍ତର ଭିତରକୁ ଯାଇ ମୁଦ୍ରିତ-ଦୃଷ୍ଟିରେ ପ୍ରତ୍ୟେକ ଶବ୍ଦକୁ ନିରୀକ୍ଷଣ କରିବାକୁ ହେବ ।

''ଧ୍ୟାନ ଓ ପ୍ରାର୍ଥନା''ର ପାଠକମାନେ ନିଶ୍ଚିତ ଭାବରେ ଏକ ବିଶେଷ କଥା ଲକ୍ଷ୍ୟ କରିଥିବେ । ତାହା ହେଉଛି ପ୍ରତୀକ୍ଷା ଅର୍ଥାତ୍ ଅପେକ୍ଷା କରି ରହିବା । ପ୍ରତୀକ୍ଷା କରି ରହିବା ଏକ ମହିମମଣ୍ଡିତ ପ୍ରତ୍ୟୁତ୍ତରକୁ – ଅଥବା ପ୍ରତ୍ୟୁତ୍ତରର 'ପ୍ରତିଧ୍ୱନି'କୁ । ଏହି ବିଷୟକୁ ଶ୍ରୀଅରବିନ୍ଦ ଅତ୍ୟନ୍ତ ଚମତ୍କାର ଭାବରେ ''ଯୋଗ ସମନ୍ୱୟ'' ଗ୍ରନ୍ଥ (ପ୍ରଥମ ଭାଗ, ଚତୁର୍ଥ ଅଧ୍ୟାୟ)ରେ ଆଲୋଚନା କରିଛନ୍ତି । 'ପ୍ରତୀକ୍ଷା' ହେଉଛି ଏକ ପ୍ରତୀକ(Metaphor)ଯାହା ଶ୍ରୀଅରବିନ୍ଦଙ୍କ 'ଆତ୍ମନିବେଦନ' (sacrifice)ର ବାଣୀମାନଙ୍କ ସହିତ ସମ୍ପର୍କିତ ।

''But the true essence of sacrifice is not self-immolation, it is self-giving; its object not self-effacement, but self-fulfilment; its method not self-mortification, but a greater life, not selfmutilation, but a transformation of our natural human parts into divine members, not self-torture, but a passage from a lesser satisfaction to a greater Ananda.''

(SABCL 23 - 24 : 109)

''ଆତ୍ମନିବେଦନର ପ୍ରକୃତ ଅର୍ଥ ନିଜକୁ ଶେଷ କରିଦେବା ନୁହେଁ; ଏହା ହେଉଛି ନିଜକୁ ସମର୍ପଣ କରିଦେବା, ଏହାର ଅର୍ଥ ନୁହେଁ ନିଜକୁ ନିଶ୍ଚିହ୍ନ କରିଦେବା କିନ୍ତୁ ନିଜକୁ ପରିପୂର୍ଣ୍ଣ କରି ଗଢ଼ି ତୋଳିବା; ନିଜକୁ ଅସ୍ୱୀକାର କରିବା ଏହାର କାର୍ଯ୍ୟଧାରା ନୁହେଁ, କିନ୍ତୁ ଏହା ଏକ ଉନ୍ନତତର ଜୀବନ; ନିଜକୁ ଟିକିଟିକି କରି ନାରଖାର କରିବା ନୁହେଁ, ଆମ ଭିତରେ ଥିବା ପ୍ରାକୃତିକ ମାନବିକ ଅଂଶଗୁଡ଼ିକୁ ଭଗବାନଙ୍କ ସହଯୋଗୀ ହେବା ପାଇଁ ରୂପାନ୍ତରିତ କରାଇବା, ନିଜକୁ ଯନ୍ତ୍ରଣା ଜର୍ଜରିତ କରିବା ନୁହେଁ, କିନ୍ତୁ ସ୍ୱଳ୍ପତୃପ୍ତିରୁ ବୃହତ୍ତର ଆନନ୍ଦ ଆଡ଼କୁ ଯାତ୍ରା କରିବା ପାଇଁ ଏକ ମାର୍ଗ ।''

ନିଜକୁ ପ୍ରଭୁଙ୍କ ପାଦପଦ୍ମରେ ନିବେଦନ କରିଦେଲା ପରେ ଭକ୍ତକୁ ଅପେକ୍ଷା କରିବାକୁ ପଡ଼ିବ ଧୈର୍ଯ୍ୟର ସହିତ । ସେପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ଯେପର୍ଯ୍ୟନ୍ତ ଅପରପକ୍ଷରୁ ଏକ ଫଳପ୍ରଦ ଗ୍ରହଣର ସୂଚନା ମିଳି ନାହିଁ "fruitful acceptance from the other side." ଏହା ହେଉଛନ୍ତି ଆମ ଭିତରେ ଥିବା ସାକାର ଆତ୍ମା (ଜୀବାତ୍ମା) । ଆମର ସଚେତନ ପ୍ରକୃତି ଓ ଚିରନ୍ତନ ଆତ୍ମ-ପୁରୁଷଙ୍କ ମଧ୍ୟରେ ଏକ ଆଦାନ-ପ୍ରଦାନର ବ୍ୟବସ୍ଥା । ପୁନଶ୍ଚ ଶ୍ରୀଅରବିନ୍ଦ କହୁଛନ୍ତି, ''ଯଦିଓ ଆତ୍ମନିବେଦନ ବେଳେ କୌଣସି ପ୍ରତିଦାନ ପାଇବାର ଦାବି କରାଯାଇ ନଥାଏ, ତଥାପି ଆମ ଚେତନାର ଗଭୀରତମ ପ୍ରଦେଶରେ ଏକ ଚମତ୍କାର ପ୍ରତିଦାନ ପ୍ରାପ୍ତିର ଆଶା ଅପରିହାର୍ଯ୍ୟ ହୋଇ ରହିଯାଇଥାଏ ।''

'ଧ୍ୟାନ ଓ ପ୍ରାର୍ଥନା'କୁ ଗଭୀରତମ ଦୃଷ୍ଟିରେ ଅନୁଧ୍ୟାନ କଲେ ପାଠକ ଜାଣିପାରିବେ ଯେ ମା' ପରମପ୍ରଭୁଙ୍କ ପାଖରେ ନିଜକୁ ନିବେଦିତ କରିଦେଲା ପରେ କିପରି ଫଳପ୍ରାପ୍ତି ନିମନ୍ତେ ଅପେକ୍ଷା କରି ରହିଛନ୍ତି । ମା' ସମୟ ଉପରେ ନିର୍ଭର କରି ନାହାନ୍ତି । କେତେବେଳେ ମିଳିବ ବୋଲି ପ୍ରଶ୍ନ କରି ନାହାନ୍ତି, ଦାବି କରି ନାହାନ୍ତି । ଏହାର ସୂଚନା ମିଳେ ଜୁଲାଇ ୩୧, ୧୯୧୫ ପ୍ରାର୍ଥନଟିରେ –

"When the moment arrives, it will burst forth, and time is nothing in Eternity."

''ବେଳ ହୋଇଗଲେ ଏହା ନିଜେ ନିଜେ ଫାଟି ପଡ଼ିବ, ଏବଂ ଚିରନ୍ତିନୀ ଗର୍ଭରେ ସମୟ ବା କାଳର କୌଣସି ଅର୍ଥ ନାହିଁ ।''

ସୁତରାଂ ପ୍ରତୀକ୍ଷା ଚିନ୍ତା ମୁକ୍ତ ହେବା ଉଚିତ । ଏହାହିଁ ହେଉଛି ଚୈତ୍ୟପୁରୁଷଙ୍କ ଫଳପ୍ରଦ ପ୍ରକ୍ରିୟା (Positive action) ।

ଉକ୍ତ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦରେ ମା' ଦୃଢ଼ୋକ୍ତି ପ୍ରକାଶ କରି କହୁଛନ୍ତି :

''ଏକଥା ନିଶ୍ଚିତ ଯେ ସ୍ୱର୍ଗ ଅଧିକୃତ ହୋଇଯାଇଛି ଏବଂ କେହି ବି ଏହାକୁ ମୋ'ଠାରୁ ବଳପୂର୍ବକ ଛଡ଼ାଇ ନେଇ ପାରିବେ ନାହିଁ । କିନ୍ତୁ ପୃଥିବୀକୁ ଅଧିକାର କରିବା ବର୍ତ୍ତମାନ ସୁଦ୍ଧା ସମ୍ଭବ ହୋଇପାରି ନାହିଁ । ଯେତେସବୁ ଝଡ଼ଝଞ୍ଜା ଦୃଷ୍ଟିଗୋଚର ହେଉଛି, ତଥାପି ତାହାରି ଭିତରେ ଏହି କାର୍ଯ୍ୟ ଚାଲିଛି । ଯେତେବେଳେ କିଛି ସଫଳତା ମିଳୁଛି, ତାହା ହେଉଛି ଦୂରରେ ଥିବା ବୃହତ୍ତର ସଫଳତାର ଏକ ସମ୍ପର୍କିତ ଅଂଶ ମାତ୍ର । ଏହି ସଂସାରରେ ଯେତେ ସଫଳତା ମିଳିଥାଏ ସେସବୁ ଏକ ଅଧିକତର ଗୌରବମୟ ଉଜ୍ଜ୍ୱଳ-ସଫଳତା ଦିଗରେ କ୍ରମଶଃ ଉଠିଯିବା ନିମନ୍ତେ ଗୋଟିଏ ଗୋଟିଏ ପାବଚ୍ଛ ବ୍ୟତୀତ ଅନ୍ୟ କିଛି ନୁହେଁ । ହେ ପ୍ରଭୁ ! ଆପଣଙ୍କ ଇଚ୍ଛା ଶକ୍ତି ମୋ ମନକୁ ଏପରି ଗଢ଼ି ଦେଇଛି ଯେ ତାହା ଲକ୍ଷ୍ୟସ୍ଥଳ ସମ୍ପର୍କରେ ଧାରଣା

ଦେଇ ପାରୁଛି; ବିଜୟ ସମ୍ପର୍କରେ ଅନୁଭବ କରିପାରୁଛି – ଏହା ହେଉଛି ଆପଣଙ୍କର ଚିରନ୍ତନ ଯୋଜନାର ଗୋଟିଏ ମୌଳିକ ଅଂଶ; କିନ୍ତୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ମିଳନ ଭିତରେ ମୁଁ ସ୍ୱୟଂ ସେହି ଯୋଜନା ଏବଂ ସେହି ଇଚ୍ଛାଶକ୍ତି । ମୁଁ ଚିରନ୍ତନ ଆନନ୍ଦର ସ୍ୱାଦ ଚାଖି ପାରୁଛି; ଆପଣ ମୋତେ ଯେଉଁ ବିଶେଷ ଭୂମିକା ପ୍ରଦାନ କରିଛନ୍ତି, ସେଥିରେ ମୁଁ ଦୃଢ଼ତାର ସହିତ ଅଭିନୟ କରିପାରୁଛି – ଯତ୍ନର ସହ ସମସ୍ତ ଶକ୍ତି ଖଟାଇ ମୁଁ ତାହା କରୁଛି ଏହି ସଂସାରର ବିଭିନ୍ନତା ମଧ୍ୟରେ ।''

ମା' କହି ଚାଲିଛନ୍ତି, ''ମୋ ଭିତରେ ଥିବା ଶକ୍ତି ଗୋଟିଏ ଜୀବନ୍ତ ଜଳ-ଫୁଆରା, ଶକ୍ତି ଓ ପ୍ରାଚୁର୍ଯ୍ୟରେ ଭରପୂର, ପାହାଡ଼ର ପଶ୍ଚାତ୍‌ରେ ଘର୍ଘର ନାଦ ସୃଷ୍ଟି କରୁଛି, ଶକ୍ତି ସଞ୍ଚୟ କରି ଚାଲିଛି ସକଳ ପ୍ରତିବନ୍ଧକକୁ ଭାଙ୍ଗି ଚୁର୍‌ମାର କରିଦେବା ପାଇଁ ଏବଂ ଛଳଛଳ ନାଦରେ ସମତଳ ଭୂମି ଉପରେ ପ୍ଲାବିତ ହୋଇଯିବା ପାଇଁ । କଳକଳ ନାଦରେ ସମତଳ ଭୂମିର ସ୍ଥିତି ଉପରେ ଢାଳି ହୋଇଯାଇ ତାକୁ ଉର୍ବର କରିବା ପାଇଁ ।''

ମା ଏହି ସମୟକୁ ପ୍ରତୀକ୍ଷା କରି ରହିଛନ୍ତି । କେତେବେଳେ ଏହି ଶୁଭ ମୁହୂର୍ତ୍ତଟି ଆସିବ ?

ଏହି 'ପ୍ରତୀକ୍ଷା'କୁ ମା ବିଭିନ୍ନ ପ୍ରାର୍ଥନାରେ ତାଙ୍କର ଅପୂର୍ବ ସୌନ୍ଦର୍ଯ୍ୟମୟ ସୁମଧୁର ଭାଷାରେ ରୂପ ପ୍ରଦାନ କରିଛନ୍ତି, ତାହା ଏହିପରି –

"I await that blessed hour without impatience of any kind, letting myself flow irresistibly toward it as a peaceful stream flows toward the boundless ocean."

(December 7, 1912)

''କୌଣସି ପ୍ରକାର ଅଧୈର୍ଯ୍ୟ ଭାବ ପୋଷଣ ନକରି ମୁଁ ସେହି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି ରହିଛି, ପ୍ରଶାନ୍ତ ଝରଣାଟିଏ ଯେପରି କଳକଳ ନାଦରେ ସୀମାହୀନ ସାଗର ଆଡ଼କୁ ମାଡ଼ି ଚାଲିଥାଏ, ମୁଁ ସେହିପରି ନିଜକୁ ନିରବଚ୍ଛିନ୍ନ ଭାବରେ ଆପଣଙ୍କ ଆଡ଼କୁ ଭସେଇ ଦେଉଛି ।''

"In a most perfect surrender and a most entire trust I wait : Thy voice showing me Thy path."

(August 18, 1914)

''ସର୍ବୋତ୍ତମ ସମ୍ପୂର୍ଣ୍ଣ ସମର୍ପଣ ଏବଂ ସାମଗ୍ରୀକ ଆସ୍ଥା ଓ ବିଶ୍ୱାସ ଭିତରେ ମୁଁ ଅପେକ୍ଷା କରି ରହିଛି । ଆପଣଙ୍କ କଣ୍ଠସ୍ୱରହିଁ ମୋତେ ଆପଣଙ୍କ ପଥ ପ୍ରଦର୍ଶିତ କରୁଛି ।''

"In a potent and mute adoration, I wait."

(August 26, 1914)

''ଏକ ଗଭୀର ଏବଂ ନିଶ୍ଚଳତାର ଆରାଧନା ମଧ୍ୟରେ ମୁଁ ଅପେକ୍ଷା କରି ରହିଛି ।''

"The entire being is ready and waits in a passive silence until it is Thy Will to manifest."

(October 23, 1914)

''ଆପଣଙ୍କର ମହିମାନ୍ୱିତ ଇଚ୍ଛାଶକ୍ତି ପ୍ରକାଶିତ ନହେଲା ପର୍ଯ୍ୟନ୍ତ ମୋର ସମଗ୍ର ସତ୍ତା ପ୍ରସ୍ତୁତ ହୋଇ ରହିଛି ଏବଂ ସ୍ଥିର ନୀରବତା ମଧ୍ୟରେ ଅପେକ୍ଷା କରିଛି ।''

ଆତ୍ମନିବେଦନ ନିମନ୍ତେ ନୂତନ ସତ୍ୟଟି ହେଉଛି, ''ଏକନିଷ୍ଠ ହୋଇ ଅପେକ୍ଷା କରି ରହିବା ।'' ଏହାହିଁ ହେଉଛି ସମ୍ପୂର୍ଣ୍ଣ ପ୍ରତ୍ୟାଶା । ଏହି କଥାଟିକୁ ଯଦି କେହି ମାନବିକତା ଦୃଷ୍ଟିରୁ ବିଚାର କରେ, ତେବେ ଏହି ସତ୍ୟଟି ବର୍ତ୍ତମାନ ଅତ୍ୟାଧୁନିକ ଜୀବନର ମୁଣ୍ଡବ୍ୟଥା ବିରୋଧରେ ତ୍ରାଣକର୍ତ୍ତା ହୋଇ ଠିଆ ହେବ । ଅର୍ଥାତ୍ ନୀରବତାର ସହିତ ଅପେକ୍ଷା କରି ରହିଲେ ସକଳ ପ୍ରକାର ଉତ୍ତେଜନା ଦୂର ହୋଇଯିବ ।

ଅନ୍ୟତ୍ର ମା' କହିଛନ୍ତି, ''କିପରି ଅପେକ୍ଷା କରିବାକୁ ହେବ ଜାଣିବାକୁ ହେଲେ ସମୟକୁ ନିଜ ହାତମୁଠାରେ ରଖିବାକୁ ପଡ଼ିବ – ସମୟକୁ ଧରି ରଖିବାକୁ ହେବ ।'' (To know how to wait is to put time on your side.) ପ୍ରକୃତ ପ୍ରତୀକ୍ଷାର ଅର୍ଥ ସମୟର ଯଥାର୍ଥ ବିନିଯୋଗ କରି ଅଗ୍ରସର ହେବା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;

(୨) Notes on Prayers and Meditations - Goutam Ghosal

# ଆଦର୍ଶ ମାତାପିତା

## (୯)

## ଶ୍ରୀମା

**ଆମ ଶିକ୍ଷାକେନ୍ଦ୍ରର ଆଦର୍ଶ ଓ ଲକ୍ଷ୍ୟ :**

ଏହା ମୋତେ ଅପରିହାର୍ଯ୍ୟ ବୋଲି ବୋଧ ହେଉଛି । ଆମେ ଗୋଟିଏ ଚିଠି ଲେଖି ସମସ୍ତଙ୍କୁ ବିତରଣ କରିଦେବା ଉଚିତ ଯେ, ''ଯେଉଁ ମାଆବାପାମାନେ ସେମାନଙ୍କ ପିଲାମାନଙ୍କୁ ଗତାନୁଗତିକ ଧାରାରେ ଶିକ୍ଷା ଦେବାକୁ ଚାହୁଁଛନ୍ତି ଏବଂ ସେମାନେ ଭଲ ଚାକିରି କରିବା ଲାଗି, ସେମାନଙ୍କର ଜୀବିକା ଅର୍ଜନ କରିବା ଲାଗି, ଉନ୍ନତ ମେଧାସମ୍ପନ୍ନ ହେବା ଲାଗି ପାଠ ପଢ଼ାଇବାକୁ ଚାହାନ୍ତି ସେମାନେ ସେମାନଙ୍କ ପିଲାମାନଙ୍କୁ ଏଠାକୁ ପଠାଇବା ଉଚିତ ନୁହେଁ ।''

ଆମକୁ ଏହା କରିବାକୁ ହେବ... ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ଜାଣିଛ, ଏପରି ଅନେକ, ଅନେକ ମାଆବାପା ଅଛନ୍ତି, ଯେଉଁମାନେ କି ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ଏଠାରେ କମ୍ ଖର୍ଚ୍ଚ ପଡ଼ିବ ବୋଲି ନିଜ ପିଲାମାନଙ୍କୁ ଏଠାକୁ ପଠାଇଥା'ନ୍ତି । ଏବଂ ସେଇଟା ପ୍ରକୃତରେ ସବୁଠାରୁ ଖରାପ କଥା, ସବୁଠାରୁ ଖରାପ କଥା । ଆମକୁ... ଆମକୁ... ସେମାନଙ୍କୁ ସିଧା କହିଦେବାକୁ ପଡ଼ିବ : ''ତୁମ ପିଲାମାନେ ବଡ଼ ହୋଇ ଏକ ଚମତ୍କାର ଭବିଷ୍ୟ-ଜୀବିକା ଲାଗି ଉପଯୁକ୍ତ ହୁଅନ୍ତୁ ଓ ପଇସା ରୋଜଗାର କରନ୍ତୁ ବୋଲି ଯଦି ତୁମେମାନେ ଇଚ୍ଛା କରୁଥାଅ, ତେବେ ସେମାନଙ୍କୁ ଏଠାକୁ ପଠାଇବା ମୋଟେ ଉଚିତ ହେବ ନାହିଁ ।'' ବୁଝିଲ ?

*କ : ମାଆ, ଆମେ ସମସ୍ତଙ୍କ ପାଖକୁ ଏହିପରି ଗୋଟିଏ ଚିଠି ଲେଖିବା ଏବଂ ପଠାଇବା ଆଗରୁ ମୁଁ ସେଇଟିକୁ ଆପଣଙ୍କ ଆଗରେ ପଢ଼ି ଶୁଣାଇବି । 'ଖ' ଏବଂ ଅନ୍ୟମାନଙ୍କ ସହିତ ଏକାଠି ବସି ଆମେ ଏହିପରି ଗୋଟାଏ କିଛି ଲେଖିବୁ ।*

ଶ୍ରୀମା : ଏପରି ଅନେକ ପିଲା ଥିଲେ, ଯେଉଁମାନେ ଭାରି ଭଲ କରୁଥିଲେ, ଭାରି ଖୁସିରେ ବି ଥିଲେ । ସେମାନେ ଛୁଟି ସମୟରେ ମାଆବାପାଙ୍କ ପାଖକୁ ଯାଇ ଯେତେବେଳେ ଫେରିଆସିଲେ, ସେତେବେଳେ ଗୋଟାସୁଦ୍ଧା ବଦଳି ଯାଇଥିଲେ, ନଷ୍ଟ ବି ହୋଇ-ଯାଇଥିଲେ । ଏବଂ ଆମେ ଯଦି ସେମାନଙ୍କୁ ଯାଇ ଏହି କଥାଟିକୁ କହିବା, ତଦ୍ୱାରା ଆହୁରି ଖରାପ ହେବ, କାରଣ ସେମାନଙ୍କର ମାଆବାପାମାନେ ଆସି ସେମାନଙ୍କୁ କହିବେ, ''ଏ ଲୋକମାନେ ଭାରି ଖରାପ, ସେମାନେ ତୁମମାନଙ୍କୁ ଆମ ବିରୋଧରେ ମତାଇବାକୁ ଇଚ୍ଛା କରନ୍ତି ।'' ତେଣୁ ଏହି କଥାଟି ଅବଶ୍ୟ ହେବା ଉଚିତ, ପିଲାମାନଙ୍କୁ ଏଠାକୁ ପଠାଇବା ପୂର୍ବରୁ ମାଆବାପାଙ୍କର ଏହିକଥା ଅବଶ୍ୟ ଜାଣିବା ଉଚିତ ।

ଅନେକ, ଅନେକ, ଅନେକ ବର୍ଷ ଧରି ମୋ'ର ଠିକ୍ ଏହି ଅନୁଭୂତିଟିହିଁ ହୋଇଛି । ପ୍ରକୃତ ବିପଦ ପିଲାମାନେ ନୁହନ୍ତି, ଆଳସ୍ୟ ବି ନୁହେଁ; ପିଲାମାନେ ଯେ ମୋଟେ କଥା ମାନୁ ନାହାନ୍ତି, ସେଇଟି ମଧ୍ୟ ମୋଟେ ଯଥାର୍ଥ ବିପଦ ନୁହେଁ । ମାଆବାପାମାନେ ହେଉଛନ୍ତି ବିପଦ, ସବୁଠାରୁ ବଡ଼ ବିପଦ ।

ଯେଉଁମାନେ ନିଜ ପିଲାମାନଙ୍କୁ ଏଠାକୁ ପଠାଇବେ, ସେମାନେ ସବୁ ଜାଣି, ବିଚାର କରି ତାହା କରିବେ; ଏଠାରେ ଯେ ଅନ୍ୟସବୁ ଜାଗା ଅପେକ୍ଷା ଏକ ଅନ୍ୟ ପ୍ରକାରର ଶିକ୍ଷା ଦିଆଯାଉଛି, ସେମାନେ ସେହି କାରଣରୁହିଁ ପିଲାମାନଙ୍କୁ ଏଠାକୁ ପଠାଇବେ । ଏବଂ ଏପରି ହେଲେ ଅନେକ ପିଲା ଆଉ ଏଠାକୁ ଆସିବେ ନାହିଁ ।... ଏବଂ, ଏଠାରେ କମ୍ ଖର୍ଚ୍ଚ ଲାଗୁଛି ବୋଲି ଯେଉଁମାନେ ଏଠାକୁ ଆସୁଛନ୍ତି, ସେମାନଙ୍କୁ ସେମାନଙ୍କର ମାଆବାପା ଆଉ ଏଠାକୁ ମୋଟେ ପଠାଇବେ ନାହିଁ ।

(ଶିକ୍ଷକ ଜଣକ ବିଦାୟ ନେବାକୁ ଯାଉଥିବା
ସମୟରେ ମାଆ ପୁଣି କହିଲେ :)

ମୋ'ର ଇଚ୍ଛା... ମୋ'ର ଇଚ୍ଛା ଯେ ଲୋକମାନେ ନିଜ ପିଲାମାନଙ୍କୁ ଏଠାକୁ ପଠାଇବା ପୂର୍ବରୁ ଆମ ବିଦ୍ୟାଳୟର ବିଶେଷ ଦୃଷ୍ଟିକୋଣଟି ବିଷୟରେ ସେମାନଙ୍କୁ ଭଲକରି ଜଣାଇ ଦିଆଯିବା ଉଚିତ । କାରଣ, ଏହା ପ୍ରକୃତରେ ଏକ ଭାରି କ୍ଷୋଭର କଥା ଯେ, ଏଠାକୁ ଆସି ପିଲାମାନେ ବେଶ୍ ଖୁସିରେ ଥିବେ, ମାତ୍ର ସେମାନଙ୍କର ମାଆବାପା ଖୁସି ନଥିବେ; ଏବଂ ସେଥିରୁ କେବଳ ହାସ୍ୟାସ୍ପଦ ଏବଂ ଅନେକ ସମୟରେ

ବିପଜ୍ଜନକ ନାନା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଥିବ । ତେଣୁ ଏହି କଥାଟି କରିବା ଭାରି ମହତ୍ତ୍ୱପୂର୍ଣ୍ଣ, ଭାରି ମହତ୍ତ୍ୱପୂର୍ଣ୍ଣ !

(Cent. Vol. 12, P. 132-133)

**ଜନ୍ମ ଦେବା ହେଉଛି 'ପୋଛି ଫୋପାଡ଼ି ଦେବାର' ଏକ କ୍ରିୟା :**

ଅଧିକାଂଶ ବ୍ୟକ୍ତିଙ୍କ କ୍ଷେତ୍ରରେ ଯେଉଁମାନେ କୌଣସି ଇଚ୍ଛା ନକରି, ଖାଲି ସନ୍ତାନମାନଙ୍କୁ ଜନ୍ମ ଦେଇଥା'ନ୍ତି, ଏବଂ ଯେଉଁମାନଙ୍କ ଜୀବନରେ ଏକ ଶିକ୍ଷାପ୍ରାପ୍ତ ହୋଇଥାଏ, ଅର୍ଥାତ୍ ଯେଉଁସବୁ ଦୋଷକୁ ବର୍ଜନ କରିବାକୁ ହେବ ଏବଂ ଯେଉଁସବୁ ଗୁଣକୁ ଆହରଣ କରିବାକୁ ହେବ, ଏହିସବୁ ବିଷୟରେ ଯେଉଁମାନଙ୍କର ମସ୍ତିଷ୍କ ନାନା ଧାରଣାରେ ଭର୍ତ୍ତି ହୋଇ ରହିଥାଏ – ସେହିସବୁ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରେ ଆସି ପ୍ରବେଶ କରିଛି,– ସେହିମାନଙ୍କ ଭିତରେ ସେହି ସମସ୍ତ ଦୂଷିତ ପ୍ରବୃତ୍ତିଗୁଡ଼ିକର ଆବିର୍ଭାବ ଘଟିଛି । ଏକଥା ମୁଁ ଲକ୍ଷ୍ୟକରି ଦେଖିଛି ଏବଂ ଅନେକ ଦିନ ପୂର୍ବେ ପଢ଼ିଥିବା କେତେକ କଥା ମୋର ଏବେ ମଧ୍ୟ ମନେଅଛି – ବୋଧହୁଏ ସେମାନଙ୍କ ଲେଖାରେ ମୁଁ ତାହା ପଢ଼ିଛି : ସିଏ ଲେଖିଥିଲେ ଯେ ଯେଉଁ ମାତାପିତା ଭଲଥିଲେ ଓ ଅନେକ ସମ୍ମାନର ଯୋଗ୍ୟ ଥିଲେ ସେମାନଙ୍କୁ ପ୍ରକୃତରେ ଅବିଶ୍ୱାସ କରିବା ଉଚିତ, କାରଣ (*ମାଆ ହସିଲେ*) ଜନ୍ମ ଦେବା ହେଉଛି 'ପୋଛି ଫୋପାଡ଼ି ଦେବାର' ଏକ କ୍ରିୟା ।

ଏବଂ ସେ ଏକଥା ମଧ୍ୟ କହିଥିଲେ : ଖରାପ ଲୋକମାନଙ୍କର ପିଲାମାନଙ୍କୁ ସାବଧାନ ହୋଇ ଲକ୍ଷ୍ୟକଲେ ଦେଖିବ, ଅନେକ ସମୟରେ ଏକ ପ୍ରତିକ୍ରିୟାର ପରିଣାମ ରୂପରେହିଁ ସେମାନଙ୍କର ଜନ୍ମ ହୋଇଥାଏ । ଏବଂ ନିଜେ ଦେଖିସାରିବା ପରେ ଓ ଏକ ଅଭିଜ୍ଞତା ଲାଭ କରିବା ପରେ ମୁଁ ମନକୁ ମନ କହିଲି : ହଁ, ସେ ପ୍ରକୃତରେ ସତକଥା କହିଛନ୍ତି । ଏହିପରି ଏକ ଉପାୟରେ ମଣିଷମାନେ ନିଜ ଭିତରୁ ଖରାପ ଜିନିଷକୁ ପୋଛି ଫୋପାଡ଼ି ଦିଅନ୍ତି । ଯେଉଁସବୁ କଥାକୁ ସେମାନେ ଇଚ୍ଛା କରନ୍ତି ନାହିଁ ସେମାନେ ସେଗୁଡ଼ିକୁ ନିଜ ଭିତରୁ କାଢ଼ି ଫୋପାଡ଼ି ଦିଅନ୍ତି ।

(Cent. Vol. 11, P. 211)

ଜୀବନର ପ୍ରଥମାବସ୍ଥାରେ ଶିଶୁ ଯଦି ଉତ୍ତମ ଅଭ୍ୟାସଗୁଡ଼ିକୁ ଶିକ୍ଷାକରେ, ତେବେ ଏହା ତାକୁ ତା'ର ପରବର୍ତ୍ତୀ ଜୀବନର ଅନେକ ବାଧା ଓ ଅସୁବିଧାରୁ ରକ୍ଷା କରିବ; ଏବଂ ଏହାଛଡ଼ା ଶୈଶବ କାଳରେ ପିଲାକୁ ଲାଳନ ପାଳନ କରିବାର ଦାୟିତ୍ୱ ଯେଉଁମାନଙ୍କ ଉପରେ ଥାଏ ସେମାନଙ୍କର କାମ ମଧ୍ୟ ଭବିଷ୍ୟତକୁ ବହୁତ ସହଜ ହୋଇଯିବ ।

(Ideal Parent, P. 13)

**ଗୋଟିଏ ଶିଶୁକୁ ଯାହା ଶିକ୍ଷାଦେବା ଆବଶ୍ୟକ ତାହା ହେଲା :**

(୧) ପୂର୍ଣ୍ଣ ଐକାନ୍ତିକ ହେବାର ଆବଶ୍ୟକତା ।

(୨) ପରିଶେଷରେ ସତ୍ୟର ଯେ ବିଜୟ ହେବ, ଏ ସମ୍ବନ୍ଧେ ନିଶ୍ଚିତତା ।

(୩) ଭାବୀ ସମ୍ଭାବନା ଓ ଅଗ୍ରଗତି ଲାଗି ସଂକଳ୍ପ । ହେବ ଶାନ୍ତ ମିଜାଜର, ଉତ୍ତମ, ଖେଳୁଆଡ଼, ସତ୍ୟନିଷ୍ଠ । ହେବ ଧୈର୍ଯ୍ୟଶୀଳ, ସହନଶୀଳ, ଅଧ୍ୟବସାୟୀ । ହେବ ସମଭାବାପନ୍ନ, ସାହସୀ ଓ ପ୍ରସନ୍ନ ।

(Cent. Vol. 12, P. 16)

**ଦୁଇଟି ଜିନିଷ କରିବା ଆବଶ୍ୟକ । ଶିଶୁ ଶିଖିବା ଉଚିତ :**

(କ) ଫଳ ଯାହାହେଉ ପଛେ ମିଛ କହିବ ନାହିଁ ।

(ଖ) ହିଂସା, ଆଧିପତ୍ୟ ଓ କ୍ରୋଧକୁ ନିୟନ୍ତ୍ରଣ କରିବାକୁ ହେବ ।

ଯଦି ଏହି ଦୁଇଟି ଜିନିଷ କରାଯାଇପାରେ, ତେବେ ସେମାନେ ଅତିମାନବତ୍ୱ ଦିଗରେ ପରିଚାଳିତ ହୋଇଯାଇ ପାରିବେ ।

ଗୋଟିଏ ଧାରଣା ଅଛି ଯେ ସାମାଜିକ ପ୍ରଥା, ବାଧାବନ୍ଧନ ଆଦିକୁ ଭାଙ୍ଗିଦେଲେ ଜଣେ ସାଧାରଣ ମଣିଷର ସୀମିତତାରୁ ମୁକ୍ତ ହୋଇଥାଏ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ଯାହାକୁ 'ସୁପରମ୍ୟାନ' ବା ଅତିମାନବ ବୋଲି କୁହାଯାଏ ତାକୁ ପ୍ରାପ୍ତ କରିବାକୁ ହେଲେ ସେଇ ଦୁଇଟି ଜିନିଷକୁ ଅର୍ଜନ କରିବାକୁ ହେବ : ମିଛ ନକହିବା ଏବଂ ନିଜକୁ ନିୟନ୍ତ୍ରଣ କରିବା ।

ଭଗବାନଙ୍କ ପ୍ରତି ପରିପୂର୍ଣ୍ଣ ଭକ୍ତି ହେଲା ସର୍ବଶେଷ ସର୍ତ୍ତ, ମାତ୍ର ଏ ଦୁଇଟିକୁ ସର୍ବପ୍ରଥମେ ଅର୍ଜନ କରିବାକୁ ହେବ ।

(Cent. Vol. 12, P. 155)

**ଆଉ ଗୋଟିଏ କଥା :**

ପିଲାବେଳୁ ଶିଶୁକୁ ଆଉ ଗୋଟିଏ କଥା ଶିକ୍ଷାଦେବା ଉଚିତ : ପରିଷ୍କାର ପରିଚ୍ଛନ୍ନତାକୁ ସେ ଭଲ ପାଇବ ଏବଂ

ସ୍ୱାସ୍ଥ୍ୟକର ଅଭ୍ୟାସଗୁଡ଼ିକୁ ସେ ପାଳନ କରିବ । କିନ୍ତୁ ଶିଶୁଠାରୁ ଏହି ପରିଷ୍କାର ପରିଚ୍ଛନ୍ନତାକୁ ଏବଂ ସ୍ୱାସ୍ଥ୍ୟର ନିୟମସବୁକୁ ସମ୍ମାନ ଦେବା ବିଷୟ ଆଦାୟ କରିବାକୁ ଯାଇ ତା' ଭିତରେ ଯେପରି ରୋଗର ଭୟ ପ୍ରବେଶ ନକରେ ସେଥିପ୍ରତି ଆମକୁ କଡ଼ା ନଜର ରଖିବାକୁ ହେବ । ଏହି ବିଷୟଟି ହେଉଛି ଶିକ୍ଷାର ସବୁଠାରୁ ବଳି ଖରାପ ଉପାଦାନ ଏବଂ ଯାହା ଭୟାନକ ସେସବୁକୁ ଟାଣି ଆଣିବାର ଏହା ଏକ ନିଶ୍ଚିତ ମାର୍ଗ । ତଥାପି ରୋଗ ଭୟ ଯେତେବେଳେ ଆଦୌ ନଥିବ ସେତେବେଳେ ରୋଗ ଧରିବାର ସମ୍ଭାବନା ମଧ୍ୟ ନଥିବ ।

(Ideal Parent, P. 15)

**ଉପଯୋଗୀବାଦ :**

ବାସ୍ତବରେ ଅଧିକରୁ ଅଧିକ ଏହା ଦେଖାଯାଉଛି ଯେ, ଯେଉଁ ଜାତିସବୁ ନିଜକୁ ସଭ୍ୟ ଜାତି ବୋଲି ବିବେଚନା କରୁଛନ୍ତି ସେମାନେ ସେହିସବୁ ଜିନିଷକୁ ଉପଯୋଗୀ ବୋଲି ଗ୍ରହଣ କରୁଛନ୍ତି ଯାହା ଅଧିକ ପଇସା ବୋହି ଆଣିବାରେ ସାହାଯ୍ୟ କରେ, ଯାହା ଅଧିକ ପଇସା ରୋଜଗାର କରିବାରେ ବା ଅଧିକ ପଇସା ଉତ୍ପନ୍ନ କରିବାରେ ସାହାଯ୍ୟ କରେ । ସବୁକିଛି ପଇସାର ଦୃଷ୍ଟିକୋଣରୁହିଁ ବିବେଚନା କରାଯାଉଛି । ଏହାକୁହିଁ ମୁଁ ଉପଯୋଗୀବାଦ ବୋଲି କୁହେ । ଏବଂ ଏହି ରୋଗଟି ଭୀଷଣ ଭାବରେ ସଂକ୍ରାମକ, ଏପରିକି ଏହାର ସଂକ୍ରମଣରୁ ଛୋଟ ପିଲାମାନେ ବି ରକ୍ଷା ପାଇପାରୁ ନାହାନ୍ତି । ଯେଉଁ ବୟସରେ ସେମାନେ ସୌନ୍ଦର୍ଯ୍ୟ, ମହାନତା ଓ ପୂର୍ଣ୍ଣତାର ସ୍ୱପ୍ନ ଦେଖିବାର କଥା – ଯାହା ସାଧାରଣ ମାମୁଲି ଚେତନା ପକ୍ଷରେ ଅତି ମହାନ୍ ଓ ନିଶ୍ଚିତ ଭାବରେ ଏହା ସେହି ନୀଚତର ଭଲବୋଧ ଅପେକ୍ଷା ଅଧିକ ମହତ୍ତର – ସେତେବେଳେ ସେମାନେ ପଇସାର ସ୍ୱପ୍ନ ଦେଖୁଛନ୍ତି ଏବଂ କିଭଳି ପଇସା ରୋଜଗାର କରିବେ ସେହି ଚିନ୍ତାରେ ବ୍ୟସ୍ତ ରହୁଛନ୍ତି ।

(Education Booklet, Part - III, P. 24)

**ଅନୁଭୂତି ମାଧ୍ୟମରେ ଶିକ୍ଷାଲାଭ :**

ଏହା ମଧ୍ୟ ଠିକ୍ ପିଲାମାନଙ୍କୁ ଶିକ୍ଷା ଦେବା ସମସ୍ୟା ଭଳି ଗୋଟିଏ ସମସ୍ୟା । ଏ ସମ୍ବନ୍ଧରେ ସମସ୍ତ ପ୍ରକାର ଭିନ୍ନ ଓ ବିରୋଧାତ୍ମକ ତତ୍ତ୍ୱସବୁ ମଧ୍ୟ ଅଛି । କେତେକ ଲୋକ କୁହନ୍ତି, 'ସ୍ୱ-ଅନୁଭୂତି ଲାଗି ପିଲାମାନଙ୍କୁ ସ୍ୱାଧୀନଭାବେ ଛାଡ଼ିଦେବା ଆବଶ୍ୟକ, କାରଣ କେବଳ ଅନୁଭୂତି ମାଧ୍ୟମରେହିଁ ସେମାନେ ସର୍ବୋତ୍ତମ ଶିକ୍ଷା ପ୍ରାପ୍ତ ହୋଇପାରିବେ' । ଗୋଟିଏ ଚିନ୍ତାଧାରା ଭାବରେ ଏହା ଅତ୍ୟନ୍ତ ସନ୍ତୋଷଜନକ; ଏହାକୁ ଅଭ୍ୟାସ କରିବାରେ ଏହା କେତେକ ସୀମା ବା ସଂରକ୍ଷଣ ଆବଶ୍ୟକ କରୁଛି; କାରଣ ତୁମେ ଯଦି ଗୋଟିଏ ଶିଶୁକୁ ଗୋଟିଏ କାନ୍ଥର ଧାରରେ ଚାଲିବାକୁ ଛାଡ଼ିଦିଅ ଏବଂ ତଦ୍ୱାରା ସେ ଯଦି ପଡ଼ିଯାଇ ତା'ର ଗୋଡ଼ ଭାଙ୍ଗିଯାଏ ବା ମୁଣ୍ଡ ଫାଟିଯାଏ, ତେବେ ଏଠାରେ ଅନୁଭୂତି ଲାଭ କରିବା ଟିକେ କଷ୍ଟସାପେକ୍ଷ ହୋଇପଡ଼ିବ; କିଂବା ତୁମେ ଯଦି ତାକୁ ମୁଠାଏ ଦିଆଶିଳିରେ ଖେଳିବାକୁ ଛାଡ଼ିଦିଅ ଏବଂ ସେ ସେଥିରେ ତା'ର ଆଖିଗୁଡ଼ିକୁ ପୋଡ଼ିପକାଏ, ତେବେ ତୁମେ ଚିନ୍ତା କରି ଦେଖ, ସାମାନ୍ୟ ଜ୍ଞାନ ପାଇବା ପାଇଁ ଆମକୁ କେତେ ଅଧିକ ହରାଇବାକୁ ନପଡ଼ିବ । ମୁଁ ଏ ବିଷୟରେ କାହା ସଙ୍ଗେ ଆଲୋଚନା କରିଛି ... କାହା ସଙ୍ଗେ ଆଲୋଚନା କରୁଥିଲି ମୋର ମନେ ପଡ଼ୁନି ... ଜଣେ ଶିକ୍ଷାବିତ୍‌ଙ୍କ ସଙ୍ଗେ, ଶିକ୍ଷା ସହ ସଂପୃକ୍ତ ଜଣେ ବ୍ୟକ୍ତି, ଯିଏକି ଇଂଲଣ୍ଡରୁ ଆସିଥିଲେ । ଏବଂ ଯାହାଙ୍କର ପୂର୍ଣ୍ଣ ସ୍ୱାଧୀନତା ସମ୍ବନ୍ଧରେ ଭଲ ଧାରଣା ଥିଲା । ମୁଁ ତାଙ୍କୁ ଏହି ମନ୍ତବ୍ୟ ଦେଇ କହିଲି, ତା'ପରେ ସେ କହିଲେ, 'ସ୍ୱାଧୀନତାକୁ ଭଲ ପାଇବା ଲାଗି ଜଣେ ଅନେକ ଲୋକଙ୍କର ଜୀବନକୁ ମଧ୍ୟ ବଳି ଦେଇପାରେ' । ଏହା କେବଳ ଜଣକର ଗୋଟିଏ ମତ ।

(*ମାଆ ହସିଲେ*)

ତା' ସଙ୍ଗେ ସଙ୍ଗେ ଏହାର ବିରୋଧ ଦିଗଟା ମଧ୍ୟ ସବୁ ସମୟରେ ଅତ୍ୟଧିକ ହୋଇଥାଏ । ପିଲାକୁ ତା'ର ପରୀକ୍ଷା-ନିରୀକ୍ଷାରୁ ବାରଣ କରାଯାଏ, ତାକୁ କୁହାଯାଏ ଯେ, 'ଏଇଟା କରନା, କଲେ ଏମିତି ଘଟିବ, ସେଇଟା କରନା, କଲେ ସେମିତି ଘଟିବ'– ଫଳରେ ଶେଷକୁ ସେ ସବୁଆଡୁ ସଙ୍କୁଚିତ ହୋଇ ଆସେ ଏବଂ ସେତେବେଳକୁ ତା' ଜୀବନରେ ଆଉ ନା ଥାଏ ଉତ୍ସାହ ନା ଥାଏ ସାହସ । ତେଣୁ ଏଦିଗଟା ମଧ୍ୟ ସେହିଭଳି ଅତି ଖରାପ ।

ବାସ୍ତବରେ ଏହା ପୂର୍ବ ଅବସ୍ଥାକୁହିଁ ଫେରିଆସେ : ଆଦୌ କୌଣସି ନିୟମ ବାନ୍ଧିଦିଅ ନାହିଁ ।

(Cent. Vol. 7, P. 286)

(କ୍ରମଶଃ)

❑❑❑

# ଶାସ୍ତ୍ରଲବ୍ଧ ସିଦ୍ଧାନ୍ତର ଦୁଇଟି ବୃତ୍ତାନ୍ତ

## ସନ୍ତୋଷ କୁମାର ଯୋଗାଣିଆ

### - ପ୍ରଥମ -

ପୃଥିବୀରେ ଅନେକ ବୁଦ୍ଧ ଆର୍ବିଭୂତ ହୋଇଛନ୍ତି । ସେଥିମଧ୍ୟରୁ ବୋଧିଧର୍ମ ଉତ୍ତୁଙ୍ଗ ହିମାଳୟ ପରି ବିଦ୍ୟମାନ । ତାଙ୍କର ଜୀବନଯାପନର ଶୈଳୀ ଓ ପରିପ୍ରକାଶର ମାଧ୍ୟମ ଯେଉଁଭଳି ଥିଲା, ଠିକ୍ ସେହିପରି ସେ ଅତୁଳନୀୟ ଥିଲେ । ଏପରିକି ତାଙ୍କର ପ୍ରଭୁ ଗୌତମବୁଦ୍ଧଙ୍କୁ, ବୋଧିଧର୍ମଙ୍କ ସହ ତୁଳନା କରାଯାଇପାରିବ ନାହିଁ ।

ବୁଦ୍ଧଦେବ ଥିଲେ ଜଣେ ସୁରୁଚି ସମ୍ପନ୍ନ ଓ ମାଧୁର୍ଯ୍ୟମୟ ବ୍ୟକ୍ତି । କିନ୍ତୁ ପରିପ୍ରକାଶରେ ବୋଧିଧର୍ମ ଥିଲେ ଠିକ୍ ତାଙ୍କର ବିପରୀତ । ଯେମିତି ସେ ଜଣେ ମଣିଷ ନଥିଲେ, ଥିଲେ ଜଣେ ସିଂହ । ସେ କଥା କହୁ ନଥିଲେ । ସିଂହ ପରି ଗର୍ଜନ କରୁଥିଲେ । ସେ ଥିଲେ ଦୃଢ଼, କଞ୍ଚା, ଆଦିମ, ଖଣିରୁ ସଦ୍ୟ ଉତ୍ତୋଳିତ ହୋଇଥିବା ହୀରା ସଦୃଶ ମାତ୍ର ଚକଚକ ପାଲିସ ହୋଇଥିବା ହୀରା ପରି ନୁହେଁ । ତାହା ଥିଲା ତାଙ୍କର ସୌନ୍ଦର୍ଯ୍ୟ । ଯେଉଁ କରୁଣା ବୁଦ୍ଧଦେବଙ୍କ ଅଧିକାରଭୁକ୍ତ ଥିଲା ତାହା ତାଙ୍କଠାରେ ନଥିଲା । ବୁଦ୍ଧଦେବଙ୍କ ରମଣୀୟତା ତାଙ୍କର ନିଜସ୍ୱ । ସେ ଥିଲେ କମନୀୟ, ମାର୍ଜିତ, ଭଙ୍ଗୁର କିନ୍ତୁ ବୋଧିଧର୍ମ ପ୍ରସ୍ତର ପରି କଠିନ, ପୁରୁଷସୁଲଭ ଓ ଅବିନାଶୀ ।

ବୁଦ୍ଧଦେବ ଶକ୍ତି ବିକିରଣ କରୁଥିଲେ ମାତ୍ର ତାଙ୍କର ଶକ୍ତିଥିଲା ନୀରବ, ନିଶ୍ଚଳ, ମୃଦୁ ଶୀତଳ ସମୀରଣ ଭଳି । ବୋଧିଧର୍ମ ଥିଲେ ଝଡ଼, ବିଦ୍ୟୁତ୍ ଓ ବଜ୍ରର ଝଲକ ସଦୃଶ । ବୁଦ୍ଧଦେବ ବିନା ଶବ୍ଦରେ ତୁମ ପାଖକୁ ଆସନ୍ତି । ତୁମର ଦ୍ୱାର କରାଘାତ କରନ୍ତି ନାହିଁ । ତାଙ୍କର ପାଦଶବ୍ଦ ମଧ୍ୟ ତୁମକୁ ଶୁଭେ ନାହିଁ । କିନ୍ତୁ ବୋଧିଧର୍ମ ଆସିଲେ ତୁମ ଗୃହର ମୂଳଦୁଆ ଥରି ଉଠେ । ଯଦି ତୁମେ ନିଦ୍ରା ଯାଇଥାଅ, ବୁଦ୍ଧଦେବ ତୁମକୁ ଜାଗ୍ରତ୍ କରିବେ ନାହିଁ, ଅପେକ୍ଷା କରିବେ । କିନ୍ତୁ ବୋଧିଧର୍ମ କବରର କୋଠରି ମଧ୍ୟରୁ ତୁମକୁ ଜାଗ୍ରତ୍ କରାଇବେ । ଶକ୍ତ ଭାବରେ ତୁମକୁ ପ୍ରହାର କରିବେ ଏକ ହାତୁଡ଼ି ସଦୃଶ ।

ପରିପ୍ରକାଶରେ ସେ ଠିକ୍ ବୁଦ୍ଧଦେବଙ୍କ ବିପରୀତ କିନ୍ତୁ ବାର୍ତ୍ତାରେ ବୁଦ୍ଧଙ୍କ ସହ ତୁଳନୀୟ । ସେ ବୁଦ୍ଧଦେବଙ୍କୁ ନିଜ ଗୁରୁଭାବେ ପ୍ରଣିପାତ କରନ୍ତି । ସେ କହନ୍ତି ସବୁକିଛି ବୁଦ୍ଧଙ୍କର । ମୁଁ କେବଳ ତାଙ୍କର ବାର୍ତ୍ତାବହ, ତା' ବ୍ୟତୀତ ମୁଁ କିଛି ବି ନୁହେଁ । ମୁଁ ଗୋଟିଏ ପୋଲା ବାଉଁଶ । ଯାହାକୁ ବୁଦ୍ଧମାନେ ବଂଶୀଭାବେ ବାଛିଛନ୍ତି । ସେମାନେ ମୋ ମାଧ୍ୟମରେ ସଙ୍ଗୀତ ଗାନ କରୁଛନ୍ତି ।

୫୨୦ ଖ୍ରୀଷ୍ଟାବ୍ଦର କଥା, ଯେତେବେଳେ ବୋଧିଧର୍ମ ଚୀନରେ ପହଞ୍ଚିଲେ । ସମ୍ରାଟ 'ଉ' (Emperor Wu) ତାଙ୍କୁ ପାଛୋଟି ନେବା ପାଇଁ ରାଜ୍ୟର ଦ୍ୱାରଦେଶରେ ଅପେକ୍ଷା କରିଥିଲେ । ଜଣେ ମହାନ୍ ଆଲୋକଦୀପ୍ତ, ସୁଜ୍ଞାନୀ ବ୍ୟକ୍ତିଭାବେ ! ଅବଶ୍ୟ ସମ୍ରାଟ ତାଙ୍କୁ ଅନୁମାନ କରୁଥିଲେ – ସେ ନିଶ୍ଚିତ ଗୌତମ ବୁଦ୍ଧଙ୍କ ପରି ରାଜକୀୟ, କରୁଣାମୟ ଓ ମାଧୁର୍ଯ୍ୟମୟ ହୋଇଥିବେ !

କିନ୍ତୁ ବୋଧିଧର୍ମଙ୍କୁ ଦେଖି ଆକସ୍ମିକ ଭାବେ ସେ ଆଘାତ ପାଇଲେ । ସେ ଖାଲି ଆଦିମ, ଅମାର୍ଜିତ ପରି ଦେଖାଯାଉ ନଥିଲେ; ହାସ୍ୟାସ୍ପଦ ମଧ୍ୟ ଲାଗୁଥିଲେ । ସେ ଗୋଟିଏ ଜୋତା ପିନ୍ଧିଥିଲେ, ଆର ଗୋଟିକୁ ନିଜ ମୁଣ୍ଡ ଉପରେ ଥୋଇ ଥିଲେ !

ସମ୍ରାଟ ଲଜ୍ଜିତ ଅନୁଭବ କଲେ । ସେ ନିଜ ରାଜ ପରିଷଦ ଓ ରାଣୀମାନଙ୍କ ସହ ଆସିଥିଲେ ତାଙ୍କୁ ଦେଖା କରି ପାଛୋଟି ନେବା ପାଇଁ । ସେମାନେ କ'ଣ ଭାବିବେ ? କି ପ୍ରକାର ବ୍ୟକ୍ତିଙ୍କୁ ମୁଁ ନେବା ପାଇଁ ଆସିଲି ? ନିଜର ଭଦ୍ରତା ଦୃଷ୍ଟିରୁ ଏହାଙ୍କୁ ନଦେଖିଲା ପରି ଅଭିନୟ କଲେ । ସେ ପଚାରିବାକୁ ଚାହୁଁ ନଥିଲେ – କାହିଁକି ଆପଣ ଗୋଟିଏ ଜୋତା ପିନ୍ଧିଛନ୍ତି ଓ ଆର ଗୋଟିକୁ ନିଜ ମୁଣ୍ଡ ଉପରେ ରଖିଛନ୍ତି ?

କିନ୍ତୁ ବୋଧିଧର୍ମ ଛାଡ଼ିବାର ବ୍ୟକ୍ତି ନୁହନ୍ତି । ସେ କହିଲେ – 'ଏହାକୁ ନଦେଖିଲା ପରି ଚେଷ୍ଟା କର ନାହିଁ । ପ୍ରଥମରୁ ସିଧା ଭାବରେ, ସ୍ପଷ୍ଟ ଭାବରେ କ'ଣ ପଚାରିବାର ଅଛି ପଚାରିପାର । ତୁମ ମୁଣ୍ଡ ଭିତରେ କି ପ୍ରଶ୍ନ ଅଛି ତାହା ମୁଁ ପଢ଼ି ପାରୁଛି ।'

ସମ୍ରାଟ ହତବୁଦ୍ଧି ହେଲେ । ଅସୁବିଧାରେ ପଡ଼ିଲେ । ତାଙ୍କର ପ୍ରଥମରୁ ପଚାରିବାର ଥିଲା । ଏବେ ସେ କ'ଣ

କରିବେ, ଏପ୍ରକାର ମଣିଷକୁ ନେଇ ? ସମ୍ରାଟ କହିଲେ – 'ହଁ ଆପଣ ଠିକ୍ କହିଛନ୍ତି । ଏଇ ପ୍ରଶ୍ନ ମୋ ମନରେ ଉଠିଥିଲା – କାହିଁକି ଆପଣ ଗୋଟିଏ ଜୋତାକୁ ନିଜ ମୁଣ୍ଡରେ ଥୋଇଛନ୍ତି ?'

ବୋଧିଧର୍ମ କହିଲେ – 'ପ୍ରଥମ ଦେଖାରୁ ସବୁକିଛି ଠିକ୍ ପରିପ୍ରେକ୍ଷୀରେ ଆଣିବା ପାଇଁ ଯେ, ମୁଁ ଜଣେ ଅଖାଡୁଆ ଅଯୌକ୍ତିକ ମଣିଷ ବୋଲି ! ମୁଁ ଚାହେଁ ନାହିଁ ପରେ ଏଥିପାଇଁ କିଛି ଅସୁବିଧା ସୃଷ୍ଟି ହେଉ । ପ୍ରଥମରୁ ତୁମେ ମୋତେ ଗ୍ରହଣ କରିପାର, ମୁଁ ଯେମିତି ସେଇଭଳି ଭାବେ, କିଂବା ଗ୍ରହଣ ନକରିପାର । ଗ୍ରହଣ ନକରି ପାରିଲେ ମୁଁ ଏ ଜାଗାଛାଡ଼ି ଚାଲିଯିବି, ସେଇ ପର୍ବତାଞ୍ଚଳକୁ । ମୁଁ ସେଠାରେ ଅପେକ୍ଷା କରିବି, ଯେଉଁମାନେ ମୋ ଲୋକ ସେମାନେ ମୋ ପାଖକୁ ଆସିବାକୁ ଚାହିଁବେ । ଏହା କେବଳ ତୁମକୁ ଦେଖାଇବା ପାଇଁ ଯେ, ମୁଁ ଜଣେ ଅଯୌକ୍ତିକ ବ୍ୟକ୍ତି, ଯେକୌଣସି ସମୟରେ ତୁମକୁ ଅସୁବିଧାରେ ପକାଇପାରେ । ଏହା ମୋର କାମ କରିବାର ଶୈଳୀ । ଯାହା ତୁମର ମନର ଚିନ୍ତାକୁ ବିନାଶ କରିଦେଇପାରେ । ତୁମର ମନ ଚୁପ୍ ନହେଲେ ତୁମେ ଜାଣିପାରିବ କିପରି, ତୁମେ କିଏ ବୋଲି । ଏବେ ତୁମେ କ'ଣ କହୁଛ' ?

ସମ୍ରାଟ ପୁଣି ହତଭମ୍ବ ହେଲେ । ଅସୁବିଧାରେ ପଡ଼ିଲେ । ପ୍ରକୃତରେ ତାଙ୍କର କିଛି ପ୍ରଶ୍ନ ପଚାରିବାର ଥିଲା କିନ୍ତୁ ଏହିପରି ଅଖାଡୁଆ ବ୍ୟକ୍ତିଙ୍କୁ ପଚାରିବେ କି ନାହିଁ ? – କାରଣ ସେ ଉପହାସ କରି କିଛି ବି ବକ୍ତବ୍ୟ ଦେଇ ପାରନ୍ତି । କେବଳ ସେତିକି ନୁହେଁ କିଛି ବି ଉପହାସ ଯୋଗ୍ୟ କାର୍ଯ୍ୟ ବି କରିପାରନ୍ତି ।

ବୋଧିଧର୍ମ କହିଲେ – 'ଯେତେବେଳେ ତୁମେ ଏଠାକୁ ଆସିଛ ପାତ୍ର, ମନ୍ତ୍ରୀ ଓ ରାଣୀମାନଙ୍କ ସହ, ସବୁଠୁ ଭଲ ହେବ କ'ଣ ତୁମେ ପଚାରିବାକୁ ଚାହଁ ପଚାରି ଦିଅ । ସେମିତି ଫେରିବ କାହିଁକି ?'

ସାମ୍ରାଟ କହିଲେ – 'ପ୍ରଥମ ପ୍ରଶ୍ନ ହେଉଛି ମୁଁ ବହୁତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଛି...'

ବୋଧିଧର୍ମ ଗଭୀରଭାବେ ରାଜାଙ୍କ ଆଖିକୁ ଚାହିଁଲେ – ତୀକ୍ଷ୍ଣ ଚାହାଣି ମେରୁଦଣ୍ଡକୁ ଭୟରେ ଥରେଇ ଦେଲା ଭଳି ! – ଏବଂ କହିଲେ 'ଏସବୁ ଅବାନ୍ତର କଥା । ଧାର୍ମିକ କାର୍ଯ୍ୟ ତୁମେ କିପରି କରିପାରିବ ? ତୁମେ ଏପର୍ଯ୍ୟନ୍ତ ଜାଗ୍ରତ୍ ନୁହଁ । ଏପର୍ଯ୍ୟନ୍ତ ସଚେତନ ନୁହଁ । ଧାର୍ମିକ ହେବା ହେଉଛି ଜାଗ୍ରତ୍ ହେବାର ଗୋଟିଏ ଗୁଣ, ଗୋଟିଏ ବିଭାବ । ଧାର୍ମିକତା ବୋଇଲେ ତୁମେ କ'ଣ ବୁଝ ? ତୁମେ ତ ଗୋଟିଏ ନିର୍ବୋଧ ପରି ଦେଖାଯାଉଛ । ତୁମେ କିପରି ଧାର୍ମିକ କାର୍ଯ୍ୟ କରିପାରିବ ! ଧାର୍ମିକତା ବୁଦ୍ଧଙ୍କୁ ଅନୁସରଣ କରେ, ମୁଁ ତାଙ୍କର ଗୋଟିଏ ଛାୟା ସଦୃଶ । ବୋଧିଧର୍ମ କହିଲେ – ଯେହେତୁ ତୁମେ ଜାଗ୍ରତ୍ ନୁହଁ ତେଣୁ ତୁମର ସବୁ ଆଚରଣ ତ୍ରୁଟିପୂର୍ଣ୍ଣ । ତୁମେ ଧାର୍ମିକ ! ଏହା ଅସମ୍ଭବ ।'

ତଥାପି ସମ୍ରାଟ 'ଉ' ଚେଷ୍ଟା କରୁଥିଲେ ସେମିତି କିଛି କଥାବାର୍ତ୍ତା କରି ଭଦ୍ରତାର ସହ ଯଥା ସମ୍ଭବ ତାଙ୍କ ପାଖରୁ ଚାଲିଯିବା ପାଇଁ । ସେ ଚାହୁଁ ନଥିଲେ ତାଙ୍କୁ ଅପମାନ କରିବାକୁ । ତେଣୁ ସେ କହିଲେ – ' ''ଧାର୍ମିକ କାର୍ଯ୍ୟ'' – ମୁଁ ଏହା ହୃଦୟଙ୍ଗମ କରେ ଯେ – ମୁଁ ବହୁତ ମନ୍ଦିର ବୁଦ୍ଧଙ୍କ ପାଇଁ ନିର୍ମାଣ କରିଛି । ପୁଣ୍ୟପୀଠ ନିର୍ମାଣ କରିଛି । ବୌଦ୍ଧ ଭିକ୍ଷୁ ଓ ସନ୍ନ୍ୟାସୀମାନଙ୍କ ରହିବା ପାଇଁ ଆଶ୍ରମ ଗଠନ କରିଛି । ଶହ ଶହ ବିଦ୍ୱାନ୍‌ମାନଙ୍କୁ ନେଇ ବୌଦ୍ଧ ଧର୍ମ ଗ୍ରନ୍ଥକୁ ଚୀନ ଭାଷାରେ ଅନୁବାଦ କରିବା ପାଇଁ ନିୟୋଜନ କରିଛି । ଲକ୍ଷ ଲକ୍ଷ ଟଙ୍କା ପ୍ରଭୁ ଗୌତମ ବୁଦ୍ଧଙ୍କ କାର୍ଯ୍ୟ ପାଇଁ ଖର୍ଚ୍ଚ କରି ଆସୁଛି । ଏହାର ପରିଣାମ... ଫଳାଫଳ କ'ଣ ଧାର୍ମିକତା ନୁହେଁ । ହଜାର ହଜାର ଭିକ୍ଷୁ ରାଜ ପ୍ରାସାଦରୁ ପ୍ରତିଦିନ ଖାଦ୍ୟ ଗ୍ରହଣ କରୁଛନ୍ତି – ଏହାର ପରିଣାମ କ'ଣ ?'

ବୋଧିଧର୍ମ ହସିଲେ । ସମ୍ରାଟ ଏପରି ହସ କେବେ ବି ଶୁଣି ନଥିଲେ । ଉଚ୍ଚ ସ୍ୱରର ଅଟ୍ଟହାସ୍ୟ, ଯାହାକି ପାହାଡ଼ ପର୍ବତକୁ ଦୋହଲାଇ ଦେଇପାରେ । ସେ ହସି ଚାଲିଲେ... ଏବଂ କହିଲେ 'ତୁମେ ଗୋଟିଏ ବଡ଼ ନିର୍ବୋଧ । ତୁମର ସମସ୍ତ ପ୍ରଚେଷ୍ଟା ବିଫଳ ହୋଇଯାଇଛି । ଏହାର ଫଳାଫଳ ଶୂନ୍ୟ । କେବେ ଧାରଣା କର ନାହିଁ ଯେ ଏସବୁ ପୁଣ୍ୟ କାମ ପାଇଁ ତୁମେ ସପ୍ତମ ସ୍ୱର୍ଗକୁ ଯାଇପାରିବ । ଯାହା ତୁମକୁ ତୁମର ବୌଦ୍ଧ ଭିକ୍ଷୁମାନେ ନିଶ୍ଚିତଭାବେ କହିଥିବେ । ସେମାନେ ତୁମକୁ ବ୍ୟବହାର କରିଛନ୍ତି । ତୁମ ପରି ବ୍ୟକ୍ତିଙ୍କୁ ବୋକା ବନାଇବା ପାଇଁ ତାଙ୍କର ଏହା ଏକ କୌଶଳ । ତୁମର ଅନ୍ୟ ଜଗତ୍ ପ୍ରତି ଥିବା ଲୋଭକୁ ସେମାନେ ବ୍ୟବହାର କରିଛନ୍ତି । ଏପରିକି ସେମାନଙ୍କର ମହାନ୍ ପ୍ରତିଶ୍ରୁତି ଭୁଲ୍ ବୋଲି ପ୍ରମାଣିତ ହୋଇ ନପାରେ, କାରଣ ସେ ଜଗତ୍‌ରୁ କେହି କେବେ ଆସି ତୁମକୁ କହିବେ ନାହିଁ ଏହା ପରିପୂରଣ ହେଲା କି ନାହିଁ । ସେମାନେ ଶୋଷଣ କରିବାରେ ସିଦ୍ଧହସ୍ତ । ସେମାନେ ପରଜୀବୀ, ତୁମ ଉପରେ ନିର୍ଭର କରି ବଞ୍ଚନ୍ତି । ତୁମେ କେବଳ ଶିକାର ହେଉଛ ।

ତୁମେ କଳ୍ପନା କରୁଛ ଯେ ମୁଁ ଏକ ମହାନ୍ କାର୍ଯ୍ୟ କରୁଛି । ବୁଦ୍ଧଙ୍କ ପାଇଁ କାର୍ଯ୍ୟ କରୁଛି । ତୁମର କେବଳ ସପ୍ତମ ନର୍କକୁ ପତନ ହୋଇପାରେ – ଯେଉଁ ମଣିଷ ଏପରି ଏକ ଅଭିଳାଷ ନେଇ ବଞ୍ଚିଥାଏ, ସେଇ ପ୍ରଲୋଭନ ତୁମକୁ ସପ୍ତମ ନର୍କ ମଧ୍ୟକୁ ପଦଚ୍ୟୁତ କରିପାରେ ।'

ସମ୍ରାଟ ବିଷୟ ବସ୍ତୁ ବଦଳାଇ ଦେବାକୁ ଚେଷ୍ଟା କରୁଥିଲେ । କହିଲେ – 'ପବିତ୍ର ବୋଲି କିଛି ଅଛି କି ନାହିଁ ?'

ବୋଧିଧର୍ମ କହିଲେ – 'ପବିତ୍ର ବା ଅପବିତ୍ର ବୋଲି କିଛି ନାହିଁ । ସବୁକିଛି ସ୍ୱ ସ୍ଥାନରେ ଅଛନ୍ତି । ପବିତ୍ରତା-ଅପବିତ୍ରତା ହେଉଛି ତୁମ ମନର ଏକ ଧାରଣା । ଏକ ପୂର୍ବାପର ପ୍ରଭାବ । ଏହା ହେଉଛି ''ତଥାତ'' (Suchness) । ସବୁକିଛି ଠିକ୍ ଜାଗାରେ ଅଛନ୍ତି । କିଛିହିଁ ପାପ ନୁହେଁ କି ପୁଣ୍ୟ ନୁହେଁ । ଠିକ୍ ନୁହେଁ କି ଭୁଲ୍ ନୁହେଁ ।'

ସମ୍ରାଟ କହିଲେ – 'ଆପଣ ମୋ ପାଇଁ, ମୋ ଲୋକମାନଙ୍କ ପାଇଁ ସହ୍ୟ କରିବାର ପରିସୀମା ବାହାରେ । ବହୁତ ଅଧିକ ହୋଇଗଲା !'

ବୋଧିଧର୍ମ କହିଲେ – 'ବିଦାୟ ।' ପଛକୁ ବୁଲି ସେ ପର୍ବତ ଦିଗକୁ ଚାଲିଗଲେ । ନଅବର୍ଷ ଧରି ସେଇ ପର୍ବତମାଳା ଅଞ୍ଚଳରେ ପର୍ବତକୁ ମୁହଁ କରି ବସି ରହିଲେ ।

ଏଇଠି ଏହାକୁ ଶେଷ କରୁଛୁ । ତା'ପର କଥା ଏଠାକାର ବିଷୟ ବସ୍ତୁ ନୁହେଁ ।

ବୋଧିଧର୍ମ କହୁଥିଲେ – 'ବୁଦ୍ଧ ହେଉଛି ଏକ ମହାନ୍ ଚେତନା, ସେ ଏକ ବ୍ୟକ୍ତି ନୁହନ୍ତି । ଏକ ଦର୍ପଣ ସଦୃଶ : ଏହା କେବଳ ପ୍ରତିଫଳିତ କରେ, ଏହା ପରିକଳ୍ପନା କରେ ନାହିଁ, ଏହାର କୌଣସି ଧାରଣା ନଥାଏ, ବିଶ୍ୱାସ ନଥାଏ, ପରିଣାମ ନଥାଏ, ଭାବନା ନଥାଏ, ସ୍ମୃତିଶକ୍ତି ବି ନଥାଏ । ଏହା ନିତ୍ୟ ବର୍ତ୍ତମାନରେ ବାସ କରେ । ଯେତେବେଳେ ତୁମେ ସମ୍ପୂର୍ଣ୍ଣଭାବେ ବର୍ତ୍ତମାନରେ ବାସ କରିବ, ସେତେବେଳେ ମନର ଅସ୍ତିତ୍ୱ ଲୋପ ପାଇଯିବ । ମନ ତା'ର କ୍ଷୁଦ୍ର ପରିସୀମା ହରାଇ ବସିବ । ଏକ ମହାନ୍ ଶୂନ୍ୟତା ପରିଦୃଷ୍ଟ ହେବ । ଏହି ଶୂନ୍ୟତା ଅର୍ଥହୀନ ନୁହେଁ । ତାହା ସତ୍ୟକୁ ପ୍ରତିବିମ୍ବିତ କରେ, ଯେଉଁଥିରେ ଭରି ରହିଛି ପ୍ରାଚୁର୍ଯ୍ୟଭରା ପରିପୂର୍ଣ୍ଣତା ।

'କିନ୍ତୁ ମନ ହେଉଛି ଧୂର୍ତ୍ତ, ଚତୁର ଓ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ । ଏହା ନିଜର ଅବସ୍ଥିତି, ନିଜର ସତ୍ତାକୁ ଅନ୍ତରାୟ କରି ପ୍ରଶ୍ନମାନ ସୃଷ୍ଟି କରିଥାଏ । ଏହା ଏପରି ସୂକ୍ଷ୍ମ ଯେ ପ୍ରତି ମୁହୂର୍ତ୍ତରେ ତୁମକୁ ପ୍ରତାରିତ କରିଥାଏ । ଏହା ତୁମକୁ ଅନ୍ୱେଷଣକାରୀ, ଧାର୍ମିକ ବୋଲି ଅନୁଭବ କରିବାକୁ ଦେଇ ପ୍ରଶ୍ନମାନ କରିଥାଏ : ଭଗବାନ୍ କିଏ ? କିଏ ଏଇ ଜଗତ୍‌କୁ ସୃଷ୍ଟି କରିଛନ୍ତି ? ଏହାର ଭବିଷ୍ୟତ୍ କ'ଣ ? ଆମେ କାହିଁକି ଏଠାରେ ? ଆମ ଜୀବନର ଅଭିପ୍ରାୟ କ'ଣ ? ମୃତ୍ୟୁ ପରେ କେଉଁଠିକି ଯିବ ? – ଏ ସମସ୍ତ ପ୍ରଶ୍ନ ନିର୍ବୋଧତା ! ସମସ୍ତ ଦର୍ଶନ ନିହିତ ହୋଇ ରହିଛି ନିର୍ବୋଧତାର ପ୍ରଶ୍ନରେ । ତୁମେ ଏପରି ପ୍ରଶ୍ନ ପଚାରିଲେ ସଂପୂର୍ଣ୍ଣ ଠିକ୍ ଉତ୍ତର ପାଇପାରିବ ନାହିଁ । ଭୁଲ୍ ପ୍ରଶ୍ନର ଉତ୍ତର କେବେ ନିର୍ଭୁଲ୍ ହୋଇ ନପାରେ ।

କିନ୍ତୁ ଅନେକ ବ୍ୟକ୍ତି ପ୍ରସ୍ତୁତ ଅଛନ୍ତି ଉତ୍ତର ଦେବାକୁ । ତୁମେ ଯାହା ତୁମକୁ ସେହି ପ୍ରକାର ବୁଝାଇ ଦିଆଯିବ । ଚାହିଦା ଅନୁସାରେ ଯୋଗାଣ । ଏହା ଏକ ସାଧାରଣ ଅର୍ଥ ଶାସ୍ତ୍ର ସମ୍ବନ୍ଧୀୟ ନିୟମ : ଯେଉଁଠି ଚାହିଦା ଥାଏ ସେଠାରେ ଯୋଗାଇ ଦିଆଯାଏ । 'Where ever there is a demand there will be a supply' । କ'ଣ ଚାହିଁଲ ତାହା ବିଷୟ ବସ୍ତୁ ନୁହେଁ । ଯାହା କିଛି ତୁମେ ଚାହଁ, ଏ ଜଗତ୍ ହେଉଛି ଏକ ଖୋଲାବଜାର, କେହି ଜଣେ ତୁମର ଚାହିଦା ସୃଷ୍ଟି କରି ଆବଶ୍ୟକତା ପରିପୂରଣ କରିବ ।'

## - ଦ୍ୱିତୀୟ -

ଚୀନ ଦେଶର ଗୋଟିଏ ଗାଁରେ ଏକ ମେଳା ଚାଲିଥାଏ । ହଜାର ହଜାର ଲୋକ ମେଳାରେ ଏକାଠି ହୋଇଥା'ନ୍ତି । ମେଳା ପଡ଼ିଆରେ ଏକ ଛୋଟ କୂଅ ଥିଲା, ଯାହା ଚାରିପଟେ କାନ୍ଥ ନଥିଲା । ସେଇ ଭିଡ଼ ଭିତରୁ ଜଣେ ବ୍ୟକ୍ତି ସେହି କୂଅ ଭିତରେ ଅକସ୍ମାତ୍ ଗଳି ପଡ଼ିଲା । କୂଅ ଭିତରୁ ପାଟି କଲା – ମୋତେ ବଞ୍ଚାଅ, ମୋତେ ବଞ୍ଚାଅ । କୂଅଟି ଗୋଟିଏ କଡ଼ରେ ଥିଲା । ହେଲେ ଏତେ ଘୋ ଘା ଶବ୍ଦ ଭିତରେ କାହାରି କାନରେ ତା' କରୁଣ ଚିତ୍କାର ପଡୁ ନଥାଏ । କିନ୍ତୁ ସେତିକି ବେଳକୁ ଜଣେ ବୌଦ୍ଧ ଭିକ୍ଷୁ ସେହି କୂଅ ପାଖରେ ପାଣି ପିଇବାକୁ ଅଟକି ଗଲେ । କୂଅ ଭିତରକୁ ଚାହିଁ ଦେଖିଲେ ପାଣି ଭିତରେ ଜଣେ ଲୋକ ବଡ଼ ବିକଳରେ କହୁଛି – 'ମୋତେ ଶୀଘ୍ର ବଞ୍ଚାଅ । ମୁଁ ମରିଯିବି । ମୋ ହାତଗୋଡ଼ ଥଣ୍ଡାରେ କମ୍ପିଲାଣି । ଆଉ ବେଶୀ ସମୟ କୂଅ ଫନ୍ଦକୁ ଧରି ମୁଁ ରହିପାରିବି ନାହିଁ' ।

ବୌଦ୍ଧଭିକ୍ଷୁ ସବୁ ଶୁଣି ସାରିବା ପରେ କହିଲେ – 'ବନ୍ଧୁ

ତୁମକୁ ବୋଧେ ଜଣା ନାହିଁ ଭଗବାନ୍ ବୁଦ୍ଧ କ'ଣ କହିଛନ୍ତି । ବୁଦ୍ଧ କହିଛନ୍ତି – ଏ ଜୀବନ ହେଲା ଦୁଃଖପୂର୍ଣ୍ଣ, ଅସାର, ବ୍ୟର୍ଥ । ତୁମେ ଅଯଥାରେ ବଞ୍ଚିରହି କରିବ କ'ଣ ? ଜୀବନ ତ ଦୁଃଖର ଏକ ବଡ଼ କୂଅ । ଦୁଃଖରୁ ବାହାରି ଯିବ କୁଆଡ଼େ ? ବରଂ ଜୀବନର ଜଞ୍ଜାଳରୁ ଛୁଟି ପାଇବା ପାଇଁ ଚେଷ୍ଟା କରିବା ଦରକାର । ତେଣୁ ବ୍ୟର୍ଥ ବାସନାକୁ ଛାଡ଼ । ବଞ୍ଚିବାର ମୋହକୁ ପରିତ୍ୟାଗ କର । ଜୀବନ ପ୍ରତି ଏ ଯେଉଁ ତୀବ୍ର ବାସନା, ଏହାହିଁ ତ ପାପର ମୂଳଉତ୍ସ । ମୋକ୍ଷ କାମନା କର ।'

କୂଅ ଭିତରେ ପଡ଼ିଥିବା ବ୍ୟକ୍ତି ଚିତ୍କାର କରି କହିଲା – 'ଏ ସମୟ ଉପଦେଶ ଦେବାର ନୁହେଁ । ମୋତେ ପ୍ରଥମେ ଏଠାରୁ ବାହାର କର । ତା'ପରେ ମୁଁ ତୁମ ଉପଦେଶ, ବୁଦ୍ଧଙ୍କ ବାଣୀ ଶୁଣିବି ।'

କିନ୍ତୁ ବୌଦ୍ଧ ଭିକ୍ଷୁ ପୁଣି କହିବାକୁ ଲାଗିଲେ – ତୁମେ ମୋ କଥାକୁ ଠିକ୍‌ଭାବେ ବୁଝିପାରିଲ ନାହିଁ । ଭଗବାନ୍ ମଧ୍ୟ ଶାସ୍ତ୍ରରେ କହିଛନ୍ତି, ଯାହା ବି ଭୋଗିବାକୁ ପଡ଼ିଥାଏ ସେସବୁ ପୂର୍ବ ଜନ୍ମର ଫଳ ପାଇଁ । ତୁମେ ଯାହା କରିଥିବ, ସେଥିପାଇଁ ଭୋଗୁଛ । ତୁମେ କେବେ କାହାକୁ ହୁଏତ କୂଅରେ ପକାଇଥିବ । ଯିଏ ଯାହା କରେ ସେହି ଅନୁସାରେ ଫଳପାଏ । ତେଣୁ କୂଅରୁ ବାହାରି ପଡ଼ିବାର ଇଚ୍ଛା ତ୍ୟାଗ କର । ଏବେ ପୂରା କର୍ମକୁ ଭୋଗି ନିଅ । କର୍ମ ବନ୍ଧନରୁ ମୁକ୍ତ ହୋଇଯିବ । ଆଉ ମୁଁ ତୁମକୁ କୂଅରୁ ବାହାର କରି ଅଯଥାରେ କାହିଁକି ପାପର ଭାଗୀଦାର ହେବି ? ତୁମେ କୂଅରୁ ବାହାରିବା ପରେ ଯଦି କୌଣସି ଅପକର୍ମ କରିବସ, ତେବେ ମୁଁ ସେ ପାପରେ ମଧ୍ୟ ଅଂଶୀଦାର ହୋଇଯିବି । ମୁଁ ଅଯଥାରେ ଏଥିରେ ପଡ଼ିବାକୁ ଚାହୁଁ ନାହିଁ । ମୁଁ ଯାଉଛି । ନମସ୍କାର । ଭଗବାନ୍ ବୁଦ୍ଧ ତୁମକୁ ରକ୍ଷା କରନ୍ତୁ ।'

କୂଅ ଭିତରେ ପଡ଼ିଥିବା ବ୍ୟକ୍ତିଟି ଏହାପରେ ବିଚରା ବଡ଼ ବିଚଳିତ ହୋଇପଡ଼ିଲା । କିନ୍ତୁ ବୌଦ୍ଧଭିକ୍ଷୁ ଯାହାସବୁ କହିଲେ ସେସବୁ ଶାସ୍ତ୍ରରେ ଅବଶ୍ୟ ଲେଖାଯାଇଛି । ତେଣୁ ତୁମେ ଯଦି ଭିକ୍ଷୁର କଥାରେ ହସିବ ତେବେ ତୁମେ ଶାସ୍ତ୍ର ଉପରେହିଁ ହସିବ । ସବୁକିଛି ଶାସ୍ତ୍ରରେ ଲେଖାଅଛି, କୌଣସି ଗୋଟିଏ ଶବ୍ଦ ସେ ମନରୁ କହିନାହାନ୍ତି, ଯାହା ତା'ର ନିଜର । ଭିକ୍ଷୁଙ୍କ କଣ୍ଠରେ ଶାସ୍ତ୍ର ମୁଖସ୍ଥ ।

ବୌଦ୍ଧ ଭିକ୍ଷୁ ସେଠାରୁ ଚାଲିଯିବା ପରେ କନ୍‌ଫ୍ୟୁସିୟସଙ୍କୁ ମାନୁଥିବା ଆଉ ଜଣେ ଫକିର ସେଠାରେ ଆସି ପହଞ୍ଚିଲେ । ସେ ମଧ୍ୟ କୂଅ ଭିତରେ ପଡ଼ିଥିବା ବ୍ୟକ୍ତିଙ୍କୁ ଦେଖିଲେ । ବ୍ୟକ୍ତିଟି ବଡ଼ ବିକଳରେ ପାଟି କରି କହିଲା – ମୋତେ ଶୀଘ୍ର ବଞ୍ଚାଅ । ଉପରକୁ ଉଠାଇ ନିଅ । ଫକିର କହିଲେ – 'ଦେଖ, କନଫ୍ୟୁସିୟସ ନିଜ ପୁସ୍ତକରେ ଲେଖିଛନ୍ତି ଯେ, ପ୍ରତିଟି କୂଅ ଚାରିପାଖରେ କାନ୍ଥ ହେବା ନିହାତି ଜରୁରୀ । ଯେଉଁ ରାଜ୍ୟର କୂଅ ଚାରିପଟେ କାନ୍ଥ ଉଠି ନଥାଏ, ସେ ରାଜ୍ୟ ଲୋକଙ୍କପ୍ରତି ଅନ୍ୟାୟ କରାଯାଏ । କିନ୍ତୁ ତୁମେ ଚିନ୍ତା କର ନାହିଁ । ମୁଁ ଏଥିପାଇଁ ଆନ୍ଦୋଳନ କରିବି । ସମସ୍ତଙ୍କୁ ସଚେତନ କରାଇବି । ପ୍ରତି କୂଅ ଚାରିପଟେ କାନ୍ଥ ତିଆରି କରାଇବି ।'

ଏକଥା ଶୁଣି କୂଅ ଭିତରେ ପଡ଼ିଥିବା ବ୍ୟକ୍ତିଟି କହିଲା – 'ତୁମେ କି କଥା କହୁଛ ? ମୁଁ ତ କୂଅ ଭିତରେ ଗଳିପଡ଼ି ସାରିଲିଣି । ଏବେ କୂଅ ଚାରିପାଖରେ କାନ୍ଥ ତିଆରି କଲେ କ'ଣ ହେବ । ମୁଁ ତ ମରିଯିବି, ତୁମ ଆନ୍ଦୋଳନରୁ ମୋତେ କ'ଣ ମିଳିବ ? ଦୟାକରି ମୋତେ ପ୍ରଥମେ ଏ କୂଅରୁ ବାହାର କର । ତା'ପରେ ମୁଁ ତୁମ ଆନ୍ଦୋଳନ ସହ ଯୋଗ ଦେବି ।'

କିନ୍ତୁ ଫକିର କହିଲେ – 'ଜଣ ଜଣ କରି ପ୍ରତିଟି ମଣିଷ କଥା ଚିନ୍ତା କରିବାକୁ ମୋ ପାଖରେ ସମୟ କାହିଁ ? ମୁଁ ପୂରା ସମାଜର ପରିବର୍ତ୍ତନ ଚାହୁଁଛି । ଏଥିପାଇଁ ସମାଜରେ କ୍ରାନ୍ତିର ଆବଶ୍ୟକତା ରହିଛି । ସେଇ ଦୃଷ୍ଟିରୁ ଜଣେ ବ୍ୟକ୍ତି ମରିଗଲେ କିଛି ଯାଏ ଆସେ ନାହିଁ । ତୁମେ କୂଅ ଭିତରେ ମରି ସହିଦ ହୋଇଯାଅ । ତୁମକୁ ଏ ସମାଜ ମନେରଖିବ । ମୁଁ ଚାଲିଲି, କୂଅ ଚାରିପଟେ କାନ୍ଥ ତିଆରିର ସଚେତନତା ସୃଷ୍ଟି କରିବି । ଆନ୍ଦୋଳନ କରିବି । କନଫ୍ୟୁସିୟସଙ୍କ କଥା ନମାନିଲେ ମଣିଷ ଏହିଭଳି କଷ୍ଟ ପାଇବ ବୋଲି ଲୋକଙ୍କୁ ଜଣାଇବି ।' ଫକିର ତାଙ୍କ ବାଟରେ ଚାଲିଗଲେ ।

ଠିକ୍ ତା'ପରେ ପରେ ସେହି କୂଅ ପାଖରେ ଆସି ପହଞ୍ଚିଲେ ଜଣେ ଖ୍ରୀଷ୍ଟିଆନ ମିଶନାରୀ । ସେ କୂଅ ଭିତରକୁ ଚାହିଁଲେ । କୂଅ ଭିତର ମଣିଷ ସେତେବେଳକୁ କଥା କହିବା ଅବସ୍ଥାରେ ଆଉ ନଥିଲେ । ମିଶନାରୀ କହିଲେ – 'ବ୍ୟସ୍ତ ହେବାର କୌଣସି କାରଣ ନାହିଁ । ମୁଁ ଆସି ଯାଇଛି ।' ଏତକ କହି ସେ ତାଙ୍କ ଝୁଲାମୁଣିରୁ ଲମ୍ବା ଦଉଡ଼ିଟିଏ ବହାର କଲେ । ସେ ସବୁବେଳେ ତାଙ୍କ ଝୋଲା ଭିତରେ ଦଉଡ଼ିଟିଏ ରଖିଥା'ନ୍ତି, କାଳେ କିଏ କେବେ କୂଅ ଭିତରେ ଗଳିପଡ଼ିବ । ତାଙ୍କୁ ସୁବିଧା ମିଳିଯିବ ସେବା କରିବା ପାଇଁ । ମିଶନାରୀ ଜଣକ କୂଅ ଭିତରକୁ ଦଉଡ଼ି ପକାଇ କୌଣସି ପ୍ରକାରେ ସେହି ବ୍ୟକ୍ତିଟିକୁ ବାହାରକୁ ବାହାର କରି ଆଣିଲେ । ମରୁ ମରୁ ଜୀବନଦାନ ପାଇଥିବା

ବ୍ୟକ୍ତିଟି କହିଲା – 'ଆପଣ ସତରେ ଧନ୍ୟ । ଆପଣ ହେଉଛନ୍ତି ସଚ୍ଚା ମଣିଷ । ଏହା ପୂର୍ବରୁ ଦୁଇ ଜଣ ଭିକ୍ଷୁ ଆସିଥିଲେ । ସେମାନେ ମୋତେ ଉପଦେଶ ଦେଇ ତାଙ୍କ ବାଟରେ ଚାଲିଗଲେ । ଆପଣଙ୍କର ମଙ୍ଗଳ ହେଉ । ଆପଣ ବଡ଼ ଦୟାଳୁ ଯିଏକି ମୋତେ ଜୀବନଦାନ ଦେଲେ' ।

ଏକଥା ଶୁଣି ମିଶନାରୀ କହିଲେ – 'କ୍ଷମା କର । ତୁମେ ମୋତେ ଭୁଲ୍ ବୁଝିବ ନାହିଁ । ମୁଁ ପ୍ରକୃତରେ ତୁମକୁ ବଞ୍ଚାଇ ନାହିଁ । ଯିଶୁଖ୍ରୀଷ୍ଟ କହିଛନ୍ତି ଯିଏ ଅପରର ସେବା କରିବ ସେ ଭଗବାନଙ୍କ ପାଖରେ ପହଞ୍ଚିପାରିବ । ତୁମକୁ ବଞ୍ଚାଇବା ପଛରେ ମୋର କୌଣସି ଦୟାର ସମ୍ପର୍କ ନାହିଁ । କେବଳ ସେବା କଲେ ମୁଁ ସ୍ୱର୍ଗକୁ ଯାଇ ପାରିବି । ଆଉ ଆମେ ତ ବହୁତ ଖୁସି ହୋଇଯାଉ ଯେତେବେଳେ କାହାକୁ କୂଅରେ ଗଳିପଡ଼ିବାର ଦେଖୁ । ଆମକୁ ସେବା କରିବାର ସୁବିଧା ମିଳିଯାଏ । ଏଇଥିପାଇଁ ଆମେ ସବୁବେଳେ ଆମ ପାଖରେ ଦଉଡ଼ି ରଖିଥାଉ । ତୁମେ ଖୁବ୍ ଭଲ ମଣିଷ । ତୁମେ ମୋର ସ୍ୱର୍ଗପ୍ରାପ୍ତି ପଥରେ ବହୁତ ସାହାଯ୍ୟ କଲ । ପୁଣି କହିଲେ – ତୁମେ ତୁମ ପିଲା ଛୁଆ, ବନ୍ଧୁବାନ୍ଧବ ସଭିଙ୍କୁ କହିବ ସେମାନେ ଏଇମିତି କୂଅରେ ଗଳି ପଡ଼ି ଥାଆନ୍ତୁ ଆଉ ଆମେ ଏଇମିତି ସେବା କରିବାର ସୁଯୋଗ ପାଉଥାଉ' ।

*

ଶାସ୍ତ୍ର ବାକ୍ୟ କଦାପି ଭୁଲ୍ ନୁହେଁ; ମାତ୍ର, ଆମର ହୃଦୟ ଏବଂ ବୁଦ୍ଧି ସେହି ଶାସ୍ତ୍ର ବାକ୍ୟର ଯେଉଁ ବ୍ୟାଖ୍ୟାମାନ କରିଥା'ନ୍ତି, ସେଇଥିରୁହିଁ ତାହାର ପ୍ରମାଦ ଭାଗଟି ଜନ୍ମଲାଭ କରିଥାଏ ।

(M.C.W. 10, *On Thoughts and Aphorisms* - P. 99)

*

ମୁଁ ଯେତେବେଳେ କହେ, ସେଠାରେ ଏକ ଚେତନା ଅଭିବ୍ୟକ୍ତ କରିଥାଏ । ସେହି ଚେତନାହିଁ ଗୁରୁତ୍ୱପୂର୍ଣ୍ଣ – କିନ୍ତୁ ଲୋକମାନେ ଶବ୍ଦଗୁଡ଼ିକୁ ଧରିରଖନ୍ତି ଏବଂ ଚେତନାଟିକୁ ଛାଡ଼ିଦିଅନ୍ତି ! ତେଣୁ ତାହା ଏକ ଭୟାନକ ବିଶୃଙ୍ଖଳା ସୃଷ୍ଟିକରେ । ସେହି କାରଣରୁ କିଛି ନ କହିବା ସବୁଠୁ ନିରାପଦ ।

(Mother's Agenda : Sept. - 4, 1971)

❑❑❑


*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
(*Sri Aurobindo's handwriting*) – **Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ଗଙ୍ଗାଧର

## (୩)

୧୯୩୩ରେ ଗଙ୍ଗାଧର ପ୍ରଥମେ ଶ୍ରୀଅରବିନ୍ଦଙ୍କୁ ଲେଖି ଜଣାଇଲେ, ''ମୁଁ ଆଶ୍ରମରେ ରହିବାକୁ ଚାହେଁ।'' ଶ୍ରୀମା ତାଙ୍କୁ ପଚାରିଲେ, ''କାହିଁକି ? କାହିଁକି ତୁମେ ଆଶ୍ରମରେ ରହିବାକୁ ଚାହୁଁଛ ? କାରଣ କ'ଣ ?'' ସେଇଠୁ ଗଙ୍ଗାଧର ମା'ଙ୍କୁ କହିଲେ, ''ମା, ମୁଁ ଜାଣେନି; କାରଣ କ'ଣ ମୁଁ କହି ପାରିବି ନାହିଁ; ମୁଁ କେବଳ ଆଶ୍ରମରେ ରହିବାକୁ ଚାହେଁ।''– ଉପରୋକ୍ତ ସାକ୍ଷାତ୍‌କାର ସମ୍ବନ୍ଧେ କହୁ କହୁ ସେ କହିଉଠିଥିଲେ, ''ସେତେବେଳେ ମୋତେ କୌଣସି କୈଫିୟତ୍ ଜଣା ନଥିଲା, କାହିଁକି ମୁଁ ଆଶ୍ରମରେ ରହିବି। କିନ୍ତୁ ମୋ ଭିତରେ ଏମିତି ତୃଷ୍ଣା ଜାଗିଥିଲା ଯେ ମୁଁ ଆଶ୍ରମରେ ନରହିଲେ ବଞ୍ଚି ପାରିବି ନାହିଁ। ଅଗ୍ନିରେ ଦଗ୍‌ଧ ଗୃହଟି ଜଳ ପାଇଁ ତୀବ୍ର ଭାବରେ ତୃଷିତ ଥିବା ସଦୃଶ ମୁଁ ଆଶ୍ରମରେ ରହିବାକୁ ତୀବ୍ର ଭାବରେ ତୃଷିତ ଥିଲି; ଆଶ୍ରମର ପରିବେଶରେ ସଦାପ୍ରବହମାନ କୃପାବାରିରେ ଅବଗାହନ କରି ମୋର ତୃଷିତ ପ୍ରାଣ ଶୀତଳ, ଶାନ୍ତ ହୋଇଉଠିବ। – ଏମିତି ଥିଲା ମୋର ଆନ୍ତର ଅବସ୍ଥା।''

*ପ୍ରଶ୍ନ : ଏଥିରେ ଆପଣଙ୍କର ପରିବାରବର୍ଗ ବାଧା ତ ଦେଇଥିବେ !*

ଗଙ୍ଗାଧର : ମୁଁ ମୋ ସଂକଳ୍ପରେ ବେଶ୍ ଦୃଢ଼ ଥିଲି – ମୁଁ ଆଶ୍ରମକୁ ଆସି ରହିବି – ଏଥିରେ ମୋତେ ଆଉ କିଏ ବାଧା ଦେବ ? ମୁଁ ଆସିଲି ଆଉ ରହିଲି। ହଁ, ସେଦିନର କଥା ମୋର ବେଶ୍ ମନେ ଅଛି। ଯେଉଁଦିନ ଘରୁ ବାହାରିବି, ସେଦିନ ଭାଗ୍ୟକୁ ଆମ ପରିବାରର ସମସ୍ତେ ବାହାରକୁ ଯାଇଥିଲେ। ଦୁଇଟି ରାଜନୈତିକ ଦଳ ଭିତରେ ହାଙ୍ଗାମା ଚାଲିଥିଲା। କେବଳ ମୁଁ ଓ ମୋ ବଡ଼ ଭଉଣୀ ଘରେ ଥିଲୁ। ମୋ ଭଉଣୀ ଖୁବ୍ ଭଲ ସ୍ୱଭାବର ଥିଲେ; ସେ ମର୍ମେ ମର୍ମେ ବୁଝିଥିଲେ ଯେ ତା'ର ଛୋଟ ଭାଇଟି ଖୁବ୍ ଭଲ ପିଲା, ଆଉ ଯଦି ସିଏ ଛୋଟ ବେଳୁ ଭଗବତ୍ ମାର୍ଗରେ ଯିବାକୁ ଆଗ୍ରହ ରଖିଛି, ତେବେ ଏହା ତ ଖୁବ୍ ଖୁସିର କଥା। ତେଣୁ ସେଦିନ ମୋ ସକାଶେ ଆଶ୍ରମକୁ ଚାଲିଆସିବାକୁ ଏକ ସୁବର୍ଣ୍ଣ ସୁଯୋଗ ଥିଲା।

*

ଗଙ୍ଗାଧର ସେଇ ଯେ ୨୪ ଜୁଲାଇ ୧୯୩୩ରେ ମା଼ଶ୍ରୀଅରବିନ୍ଦଙ୍କ ଅନୁମତି ପ୍ରାପ୍ତ ହୋଇ ଆଶ୍ରମର ଅନ୍ତେବାସୀ ହୋଇଉଠିଥିଲେ, ତା'ପରେ ସେ ଗୋଟିଏ ରାତି ପାଇଁ ବି ଘରକୁ ଯାଇ ନଥିଲେ। କହିବାକୁ ଗଲେ ଆଶ୍ରମର ବାହାରକୁ ବି କେବେ ଯାଇ ନଥିଲେ। ଅବଶ୍ୟ ଶାରୀରିକ ଅସୁସ୍ଥତାରୁ ଆରୋଗ୍ୟଲାଭ ସକାଶେ ମା'ଙ୍କ ଅନୁମତି କ୍ରମେ ତାଙ୍କୁ ବାଙ୍ଗାଲୋର ହସ୍‌ପିଟାଲରେ କିଛି ଦିନ ପାଇଁ ରହିବାକୁ ପଡ଼ିଥିଲା। ପରେ ଏକଥା ବର୍ଣ୍ଣନା କରିବୁ।

ଆଗରୁ କହିଛୁ ଯେ ଶ୍ରୀମା ଆଶ୍ରମର 'ସାନିଟାରୀ ସର୍ଭିସ୍'ରେ ଗଙ୍ଗାଧରଙ୍କୁ କାମ ଦେଇଥିଲେ। ସେ ସେହି ବିଭାଗରେ ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଭାବରେ ମା'ଙ୍କୁ ତାଙ୍କର 'ସେବା' ଅର୍ପଣ କରିଥିଲେ (ଅବଶ୍ୟ 'ସେବା' ଶବ୍ଦଟିକୁ ଯଥାର୍ଥ ଅର୍ଥରେ ହୃଦୟଙ୍ଗମ କରି) କାମ କରିବାକୁ ଅପାରଗ ହୋଇ ଉଠିବା ପର୍ଯ୍ୟନ୍ତ। ବାର୍ଦ୍ଧକ୍ୟହିଁ ଥିଲା ଏହାର ମୁଖ୍ୟ କାରଣ, ତତ୍‌ପୂର୍ବରୁ ସେ କେବେହେଲେ କାମରୁ ବିରତ ହୋଇ ନଥିଲେ। ଯେତେଦୂର ସମ୍ଭବ ଅଶୀ ଦଶକର ଶେଷ କି ନବେ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ସେ କାର୍ଯ୍ୟରତ ଥିଲେ।

ସେ ତାଙ୍କର କାମକୁ କେବେହେଲେ ବିଭାଗୀୟ ବୃତ୍ତି ବା ଚାକିରି ବା ସ୍ୱେଚ୍ଛାରେ କରାଯାଉଥିବା ଆନନ୍ଦପ୍ରଦ କର୍ମ ହିସାବରେ ଦେଖୁ ନଥିଲେ, ତାଙ୍କର ଥିଲା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ମନୋଭାବ – ଅର୍ଥାତ୍, ମା'ଙ୍କ ପ୍ରଦତ୍ତ କର୍ମକୁ ସେବା ମନୋଭାବରେ ଯଥାସାଧ୍ୟ ସମ୍ପାଦନ କରିବା।

ତାଙ୍କର ଦୀର୍ଘଦିନର କର୍ମ-ଜୀବନରେ 'ସାନିଟାରୀ ସର୍ଭିସ୍' ବିଭାଗର ମୁଖ୍ୟଙ୍କର ବିଭିନ୍ନ ସମୟରେ ପରିବର୍ତ୍ତନ ଘଟିଛି। ଗଙ୍ଗାଧର କିନ୍ତୁ ପ୍ରତ୍ୟେକଙ୍କୁ ସମାନ ଦୃଷ୍ଟିରେ ଦେଖିଛନ୍ତି, ପ୍ରତ୍ୟେକଙ୍କୁ ଯଥାଯୋଗ୍ୟ ସମ୍ମାନ ଦେଇଛନ୍ତି, ଏପରିକି ସେମାନଙ୍କ ମଧ୍ୟରୁ କେତେକେ ତାଙ୍କର ଅଧା ବୟସର ହୋଇଥିଲେ ମଧ୍ୟ।

ଯଦି ଅବଶ୍ୟମ୍ଭାବୀ କାରଣରୁ କେବେ କାମକୁ ଆସିବାକୁ ବିଳମ୍ବ ହୋଇଯାଇଛି, ତେବେ ସେ ଉପସ୍ଥିତ ମୁଖ୍ୟଙ୍କ ନିକଟରେ ନିଶ୍ଚିତରୂପେ କ୍ଷମାପ୍ରାର୍ଥୀ ହୋଇଛନ୍ତି। ତାଙ୍କ ମତରେ ଯିଏ

ବିଭାଗର ମୁଖ୍ୟ ହିସାବରେ ଚେୟାରରେ ବସିଛନ୍ତି, ସିଏ ଆଉ କେହି ନୁହନ୍ତି, ଏପରିକି ସିଏ ମା'ଙ୍କର ନିର୍ବାଚିତ ପ୍ରତିନିଧି ନୁହନ୍ତି, ସିଏ ହେଉଛନ୍ତି ସ୍ୱୟଂ ଦିବ୍ୟଜନନୀ ।

'ସାନିଟାରୀ ସର୍ଭିସ୍' ବିଭାଗରେ ତାଙ୍କର କର୍ମ ଥିଲା ଆଶ୍ରମର ବିଭିନ୍ନ ବିଭାଗରେ ଥିବା ଆବର୍ଜନା ପାତ୍ର (ଡଷ୍ଟବିନ୍)ରୁ ଅଳିଆସବୁ ପରିଷ୍କାର କରି ଆଣୁଥିବା ବ୍ୟକ୍ତି (ସ୍କାଭେଞ୍ଜରସ୍)ମାନଙ୍କର କର୍ମ ତଦାରଖ କରିବା । କିଛିଦିନ ଧରି ତାଙ୍କର ବିଭାଗୀୟ ମୁଖ୍ୟ ଥିଲେ କୋଦଣ୍ଡରାମ ।

ଆଶ୍ରମରେ ଗଙ୍ଗାଧରଙ୍କର ପ୍ରଥମ ଘର ଥିଲା 'ଗଣପତି ହାଉସ୍'ରେ, ଗଣେଶ ମନ୍ଦିର ସାମନା କୋଠାର ଏକ ଗ୍ୟାରେଜ୍‌ରେ । ଏହି ବାସଭବନଟି ସେତେବେଳେ ଆଶ୍ରମର ଥିଲା । ଏବେ ସେଠାରେ ଅନେକ ପରିବର୍ତ୍ତନ ଘଟିଛି, ଏପରିକି 'ଗୋଲକୁଣ୍ଡା' କୋଠା ନିର୍ମିତ ହେବା ପୂର୍ବରୁ ତାହାର ମଡ଼େଲ ହିସାବରେ ଏହି କୋଠାର ପ୍ରାଙ୍ଗଣରେ ଏକ ଛୋଟ 'ଗୋଲକୁଣ୍ଡା' କୋଠା ରହିଛି ଯେଉଁଠି ଏବେ ଶିପ୍ରା-ଦି ରହୁଛନ୍ତି । ମା' ଏହି କୋଠାକୁ ବେଶ୍ କେତେଥର ଆସିଥିଲେ ।

ଯାହାହେଉ ସେହି ଗ୍ୟାରେଜ୍‌ରେ ଗଙ୍ଗାଧରଙ୍କୁ ରହିବାକୁ ଦିଆଯାଇଥିଲା । ତାଙ୍କରି ଉକ୍ତିରେ : ''ସେଇ ଗ୍ୟାରେଜ୍ ଘରଟିରେ ଝରକା ନଥିଲା, ବାୟୁଚଳାଚଳର କୌଣସି ବନ୍ଦୋବସ୍ତ ନଥିଲା, କେବଳ କାନ୍ଥରେ ବଡ଼ କଣାଟିଏ ଥିଲା । ଗୋଟିଏ ଛୋଟ ବାଉଁଶ ଖଟ, ଗୋଟିଏ ବେତର ଚେୟାର, ଗୋଟିଏ ବାଉଁଶ ଟେବୁଲ; ଗୋଟିଏ ସୁରେଇ (କୁଜା), ଏପରିକି ପାଣି ପିଇବା ପାଇଁ ଗୋଟିଏ ଗିଲାସ ବି ନଥିଲା, କୁଜା ଟେକି ପାଣି ପିଉଥାଏ ।

''ଏହି ଘରର ଅଗଣାରେ ଗାଧୁଆ ଘର ବା ପାଇଖାନା ଘର ନଥିଲା । ମୁଁ ଆଶ୍ରମକୁ ଯାଇ ସେଠାରେ ଥିବା ପାଇଖାନା ଘରଟି ବ୍ୟବହାର କରୁଥିଲି ଏବଂ କୋଦଣ୍ଡରାମଙ୍କ ବାସଭବନକୁ ଯାଇ ଗାଧୋଉ ଥିଲି । ମୋ ଘରଟିରେ ମୁଁ କେବଳ ଖିଆପିଆ କରୁଥିଲି ଏବଂ ରାତିରେ ଶୋଉଥିଲି । ଏହି ଗ୍ୟାରେଜ୍ ଘରେ ମୁଁ ଦୁଇ, ତିନି ବର୍ଷ ରହିଥିଲି ।...

''ଏହି ଗଣପତି ହାଉସ୍‌ରେ ମୁଁ ରହୁଥିବା ବେଳେ ମା ଥରେ ମୋ ଘର ଦେଖିବାକୁ ଆସିଥିଲେ, ବୋଧହୁଏ ୧୯୩୫ରେ । ମା ଯେତେବେଳେ ମୋ ଘର ଦେଖିବା ଉଦ୍ଦେଶ୍ୟରେ ଆଶ୍ରମରୁ ବାହାରୁଥିଲେ, ସେସମୟରେ ମୁଁ ମୋ କାମ-ଜାଗାରେ ଗୋଟିଏ କାମର ତଦାରଖ କରୁଥିଲି । ଠିକ୍ ଏହି ସମୟରେ ଜଣେ ସାଧକ ଦୌଡ଼ି ଆସି ମୋତେ କହିଲେ, 'ଏୟ, ବୋକା ! ମା ତୁମ ଘର ଦେଖିବାକୁ ଯାଉଛନ୍ତି, ଆଉ ତୁମେ ଏଠାରେ କାମ ଦେଖୁଛ ! ଯାଅ, ଶୀଘ୍ର ଦୌଡ଼ି ଦୌଡ଼ି ଯାଅ !...' ମୁଁ ତତ୍‌କ୍ଷଣାତ୍ ଅଣନିଃଶ୍ୱାସୀ ହୋଇ ଘରମୁହାଁ ଦୌଡ଼ିଲି । ଭାଗ୍ୟକୁ ଠିକ୍ ସମୟରେ ପହଞ୍ଚିଗଲି । ମୁଁ ମୋ ଘରର ଦରଜା ଖୋଲିଦେଲି । ମା ଭିତରକୁ ପ୍ରବେଶ କଲେ, ଚାରିଆଡ଼କୁ ଆଖି ପକାଇ ଦେଇ ଘରୁ ବାହାରି ଆସିଲେ । ସେତେବେଳେ ଆଶ୍ରମ ଘରସବୁର ଦେଖାଶୁଣା ଦାୟିତ୍ୱରେ ଥିଲେ ଚନ୍ଦୁଲାଲ । ମୋ ଘର ସାମନା ଅଗଣାରେ ତାଙ୍କ ସହିତ ଆଉ ଦୁଇ, ତିନି ଜଣ ସାଧକ-ସାଧିକା ବି ଉପସ୍ଥିତ ଥିଲେ । ମା ମୋ ଘରୁ ବାହାରି ଚନ୍ଦୁଲାଲଙ୍କ ଉପରେ ରାଗିଉଠି କହିଲେ, 'ଏମିତି ଘରେ ଘୁଷୁରି ବି ରହିପାରିବ ନାହିଁ ! ତୁମେ କେମିତି ଏଇ ପିଲାଟିକୁ ଯା'ରି ଭିତରେ ରହିବାକୁ ଦେଇଛ ! ଏ ଘରେ ଝରକା ଅଛି ? ଆଉ ଦରଜାଟିକୁ ବି ଦେଖ ! ଏଡ଼େ ଟିକିଏ !...' ଠିକ୍ ତା' ପରଦିନ ମୋ ଘର କାନ୍ଥରେ ଥିବା ବଡ଼ କଣାଟି ଝରକାରେ ପରିଣତ ହେଲା । (ମୃଦୁହାସ୍ୟ)

''ମୁଁ କେବେହେଲେ ମା'ଙ୍କୁ କିଛି ମାଗି ନାହିଁ । ଯାହା ମୋତେ ଦିଆଯାଉଥିଲା, ମୁଁ ସେଥିରେ ସନ୍ତୁଷ୍ଟ ରହୁଥିଲି । କେବଳ କଥାରେ ଯେ ମୁଁ ଏକଥା କହୁଛି, ତା' ନୁହେଁ, ମୁଁ ପ୍ରକୃତରେହିଁ କେବେ ବି ଅସନ୍ତୋଷ ଭାବ ପ୍ରକାଶ କରୁ ନଥିଲି, କେବେ ବି ଅଭିଯୋଗ କରୁ ନଥିଲି, କାୟମନୋବାକ୍ୟରେ ନୁହେଁ କି ମୋ ଅନ୍ତର ଭିତରେ ନୁହେଁ । ଆରେ, ମା ଯେ ମୋତେ ମୋର ଆବଶ୍ୟକତାଠାରୁ ବେଶ୍ ଅଧିକ ଦେଉଥିଲେ !! ମୁଁ ବାସ୍ତବିକ ଭିତରେ ଓ ବାହାରେ ସନ୍ତୁଷ୍ଟ ଥିଲି ।

''ଆରମ୍ଭରୁ ଏତେ ବର୍ଷ ଧରି ଆଶ୍ରମର ଖାଇବା ଖାଇଆସିଛି; ଯେତେବେଳେ ଯାହା ଦିଆଯାଏ, ତା' ଯଥେଷ୍ଟ ସନ୍ତୋଷ ମନରେ ଖାଇଥାଏ । ଏମିତି କି ଏତେ ବର୍ଷ ଭିତରେ ମୁଁ ଥରଟିଏ ବି ଆଶ୍ରମର ଖାଦ୍ୟ ଫୋପାଡ଼ି ନାହିଁ ।''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଗୁପ୍ତ ତଥ୍ୟର ଆବିଷ୍କାର

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ହଂସବାହିନୀ, ବୀଣାଧାରିଣୀ, ଜ୍ଞାନପ୍ରଦାୟିନୀ, ପ୍ରେରଣାଦାତ୍ରୀ ଏବଂ ଧ୍ୱନିର ସଞ୍ଚାଳିକା ବାଗ୍‌ଦେବୀ ମହାସରସ୍ୱତୀ ହେଉଛନ୍ତି ମାନବ ଚେତନାର ସର୍ବୋଚ୍ଚ ପରିଚାଳିକା । ସମଗ୍ର ଜୀବଜଗତର ଉଚ୍ଚାରିତ ଶବ୍ଦ ତାଙ୍କର ପରିସର ଅନ୍ତର୍ଭୁକ୍ତ । ପୁରାତନ ଯୁଗରେ ପୃଥିବୀପୃଷ୍ଠରେ ସେ ମଧ୍ୟ ଚିର ପ୍ରବାହିତା ନଦୀ ରୂପେ ପରିଚିତା । ବର୍ତ୍ତମାନ ସରସ୍ୱତୀ ନଦୀ ଲୁପ୍ତ ବୋଲି ମନେ ହେଉଥିଲେ ମଧ୍ୟ ପୃଥିବୀ ଅଭ୍ୟନ୍ତରର ବହୁ ଗଭୀରରେ ତାଙ୍କର ଏବେ ବି ଗୁପ୍ତ ପ୍ରବାହ ରହିଛି । ହିନ୍ଦୁଶାସ୍ତ୍ର ଅନୁଯାୟୀ ସେ ମନୁଷ୍ୟ ଅନ୍ତରରେ ସ୍ୱର୍ଗୀୟ ପ୍ରେରଣାର ସ୍ରୋତ ଭାବରେ ପ୍ରବାହିତା । ଏହି ଦେବୀଙ୍କର ଆରାଧନା କରି ମନୁଷ୍ୟ ଏହି ଲୁକ୍‌କାୟିତ ଶକ୍ତିସ୍ରୋତକୁ ନିଜ ଭିତରେ ସଞ୍ଚାରିତ କରିପାରେ ।

ମହାସରସ୍ୱତୀଙ୍କର ବର୍ଣ୍ଣନା ବେଦର ପୃଷ୍ଠାକୁ ମଣ୍ଡିତ କରିଛି । ବେଦର ପ୍ରତ୍ୟେକ ଶବ୍ଦର ଉଚ୍ଚାରଣ ସୃଷ୍ଟି କରେ ପରିବେଶରେ ସକାରାତ୍ମକ ଶବ୍ଦ ତରଙ୍ଗ ଯାହା ଆକାଶ, ବାୟୁ, ଅଗ୍ନି ଓ ଜଳକୁ ଏବଂ ଧରିତ୍ରୀର ଶକ୍ତି ବଳୟକୁ ସନ୍ତୁଳିତ କରିଥାଏ । ଏଣୁ ଏହାର ପ୍ରତ୍ୟେକ ଶବ୍ଦକୁ ମନ୍ତ୍ର ବା ଋକ୍ କୁହାଯାଏ । ଏହା ହେଉଛି ବେଦ ପଠନର ସର୍ବପ୍ରଥମ ଗୁପ୍ତ ରହସ୍ୟ । ତେବେ ବେଦରେ କେବଳ ଏଇ ଗୋଟିଏ ଗୁପ୍ତକଥା ନିହିତ ନାହିଁ । ବେଦର ସମସ୍ତ ମନ୍ତ୍ର ପ୍ରତୀକାତ୍ମକ ହୋଇଥିବାରୁ ଏସବୁଥିରେ ବହୁ ଗୁପ୍ତତଥ୍ୟ ମଧ୍ୟ ନିହିତ ଅଛି । ଯେପରି 'ମିତ୍ର' ହେଉଛନ୍ତି **ପୁତଦକ୍ଷ**, ଯିଏ ସତ୍ୟ ବିଚାରକୁ ଧାରଣ କରନ୍ତି । 'ବରୁଣ' ହେଉଛନ୍ତି **ରିଶଦସ**, ଯିଏ ସମସ୍ତ ଶତ୍ରୁକୁ ଧ୍ୱଂସ କରନ୍ତି । 'ଅଶ୍ୱିନୀଦ୍ୱୟ' ହେଉଛନ୍ତି **ଦିବ୍ୟ-ଆତ୍ମା**, ଯେଉଁମାନେ ଶକ୍ତିପୂର୍ଣ୍ଣ ଭାବନା ସୃଷ୍ଟି କରନ୍ତି ଏବଂ ପ୍ରାଣଶକ୍ତିରେ ଆନନ୍ଦ ଆଣିଥା'ନ୍ତି । 'ଇନ୍ଦ୍ର' ହେଉଛନ୍ତି **ଆଲୋକିତ ମନ**, ଯାହା ନିମ୍ନଚେତନାରେ ପତିତ ହୁଅନ୍ତି ନାହିଁ । ସେହିପରି 'ସପ୍ତଜଳ' ହେଉଛନ୍ତି **ଚେତନାର ଜଳ**, ଯେଉଁମାନେ ମାତା ସଦୃଶ ଏବଂ ଯାହାଙ୍କଠାରୁ ସମସ୍ତ ଜୀବଜଗତ୍ ଜନ୍ମ ନେଇଛନ୍ତି । 'ଗାଭୀ' ହେଉଛନ୍ତି **ଆଲୋକର** ପ୍ରତୀକ, ଯାହା ଚୋରି ହୋଇ ଯାଇଛି ଅନ୍ଧକାର ଶକ୍ତି ଦ୍ୱାରା । ଏହିପରି ଭାବରେ ବେଦରେ ଗୁପ୍ତ ଗରିମାମାନ ନିହିତ ରହିଛି ।

ଏହି ମହାନ୍ ଶାସ୍ତ୍ରର ଶବ୍ଦ ତରଙ୍ଗ ଏହାର ପରମ ଜ୍ଞାନାଲୋକକୁ ସମସ୍ତ ଦିଗରେ ବିଚ୍ଛୁରିତ କରି ମାନବସମାଜକୁ ଉନ୍ନତିର ପାହାଚରେ ଉତ୍‌ଥିତ କରାଏ । ଏଣୁ ସତ୍ୟରେ ପୂର୍ଣ୍ଣ– ବିଦ୍ୟାଶାସ୍ତ୍ରର ଅଧ୍ୟୟନ, ଅଧ୍ୟାପନା, ଶ୍ରବଣ ଓ ମନନ ଭାରତୀୟମାନଙ୍କର ପରମ ଧର୍ମ ଅଟେ ।

ଶ୍ରୀଅରବିନ୍ଦ କହନ୍ତି, "... Veda contains other truths of a science the modern world does not at all possess,..." । (*Early Cultural Writing* - p. 673) ଅର୍ଥାତ୍, ବେଦ ବିଜ୍ଞାନର ଅନ୍ୟ ସତ୍ୟଗୁଡ଼ିକୁ ଧାରଣ କରିଛି ଯାହା ଆଧୁନିକ ସଭ୍ୟତାରେ ଆଦୌ ଅନ୍ତର୍ଭୁକ୍ତ ହୋଇ ନାହିଁ ।

ଏପରିକି ଆଧୁନିକ ବିଜ୍ଞାନ ବି ବେଦରେ ଥିବା ଅନେକ ସତ୍ୟକୁ ପ୍ରକାଶ କରିପାରି ନାହିଁ । ଦେଖାଯାଏ ଯେ ବେଦରେ ମଣିଷର ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଜାତୀୟ ଓ ଅନ୍ତର୍ଜାତୀୟ କର୍ତ୍ତବ୍ୟ ସମ୍ବନ୍ଧରେ ପରିଷ୍କାର ଭାବରେ ଉଲ୍ଲିଖିତ ଅଛି । ପୁନଶ୍ଚ ବେଦରେ ଧର୍ମ, ନୀତି ଶିକ୍ଷା, ନୈତିକତା ଓ ଉତ୍ତମ ଆଚରଣ ବିଷୟରେ ମଧ୍ୟ ଉଲ୍ଲେଖ ଅଛି । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନୁଯାୟୀ ଏଥିରେ ନିହିତ ଅଛି ବାଷ୍ପଚାଳିତ ଇଞ୍ଜିନ ବା ରେଳ, ବିଦ୍ୟୁତ୍, ଟେଲିପାଥି ଓ ବେତାର ଯନ୍ତ୍ର ସମ୍ବନ୍ଧରେ ଅନେକ ତଥ୍ୟ ।

ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ ବେଦ ଅନ୍ତର୍ଭୁକ୍ତ କରିଛି ଶରୀର ଗଠନ ବିଜ୍ଞାନ, ଶରୀରତତ୍ତ୍ୱ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଜ୍ଞାନ, ଚିକିତ୍ସା ବିଜ୍ଞାନ, ଶଲ୍ୟ ଚିକିତ୍ସା ଏବଂ ସର୍ବୋପରି ଆୟୁର୍ବେଦ । ସେହିପରି ଧନୁର୍ବେଦ ଓ ଅନ୍ୟ ସାମରିକ ବିଜ୍ଞାନ, କଳା, ସଙ୍ଗୀତ, ସ୍ଥାପତ୍ୟ, ଯନ୍ତ୍ରବିଦ୍ୟା ଏବଂ ଗଣିତର ବିଭିନ୍ନ ବିଭାଗ ମଧ୍ୟ ଏଥିରେ ନିହିତ ।

ଏହିପରି ଭାବରେ ବେଦ କେବଳ ଆଧ୍ୟାତ୍ମିକତା ନୁହେଁ, ବରଂ ମାନବସମାଜର ଉନ୍ନତି, ଅଭିବୃଦ୍ଧି ଓ ସୁରକ୍ଷା ନିମିତ୍ତ ବୈଜ୍ଞାନିକ ସତ୍ୟତାକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି ।

ସମ୍ଭବତଃ ଏହି ବେଦ ସହିତ ତୁଳନୀୟ ଅନ୍ୟ ଏକ ବିଖ୍ୟାତ ସାହିତ୍ୟିକ କୃତି ମଧ୍ୟ ଅଛି, ଯାହାର ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ପଂକ୍ତି ହେଉଛି ମନ୍ତ୍ର, ଯାହାର ଉଚ୍ଚାରଣରେ ନିଜ ଜୀବନରେ, ନିଜ ପରିବେଶରେ ଏବଂ ନିଜ ସାଧନାରେ ସନ୍ତୁଳିତ ଅବସ୍ଥାର ପରିବେଶ ସୃଷ୍ଟି ହୁଏ । ଏହା ହେଉଛି ଶ୍ରୀଅରବିନ୍ଦଙ୍କ ଇଂରାଜୀ ମହାକାବ୍ୟ 'ସାବିତ୍ରୀ' । କିଂବଦନ୍ତୀ ଉପରେ ଆଧାରିତ 'ସାବିତ୍ରୀ'ର ମୂଳ ବିଷୟବସ୍ତୁ ପୁରାଣର ଏକ ଦାମ୍ପତ୍ୟ ଜୀବନର ଅଲୌକିକ ଘଟଣା ସମ୍ବଳିତ କାହାଣୀ ହୋଇଥିଲେ ମଧ୍ୟ 'ସାବିତ୍ରୀ' ମହାକାବ୍ୟ ମଧ୍ୟରେ ନିହିତ ଅଛି ଏକ ଗୋପନ ସନ୍ଦେଶ । ଏହାର ଚରିତ୍ରଗୁଡ଼ିକ ପ୍ରତୀକାତ୍ମକ । ଏଥିରେ ସତ୍ୟବାନ୍ ହେଉଛନ୍ତି ଆତ୍ମା, ଯିଏ ଦିବ୍ୟସତ୍ୟକୁ ବହନ କରୁଛନ୍ତି, ମାତ୍ର ମୃତ୍ୟୁ ଓ ଅଜ୍ଞାନତାର ଗର୍ଭରେ ପତିତ ହେଉଛନ୍ତି । ପରମସତ୍ୟର ଦେବୀ ସୂର୍ଯ୍ୟଙ୍କର କନ୍ୟା ସାବିତ୍ରୀ ପୃଥିବୀପୃଷ୍ଠରେ ଅବତରଣ କରିଛନ୍ତି ତାଙ୍କର ପାର୍ଥିବ ପିତା ଅଶ୍ୱପତିଙ୍କର ରକ୍ଷା ନିମିତ୍ତ । ଅଶ୍ୱପତି ହେଉଛନ୍ତି ତପସ୍ୟାର ପ୍ରଭୁ । ତାଙ୍କର କେନ୍ଦ୍ରୀଭୂତ ଆଧ୍ୟାତ୍ମିକ ଶକ୍ତି ମାନବଜାତିକୁ ନଶ୍ୱରତାରୁ ଅମରତ୍ୱକୁ ଉନ୍ନିତ କରିବା ପାଇଁ ସାହାଯ୍ୟ କରିଛି । ସତ୍ୟବାନଙ୍କର ପିତା ଦ୍ୟୁମତ୍‌ସେନ ହେଉଛନ୍ତି ଦିବ୍ୟମାନସ, ଯିଏ ଦୃଷ୍ଟିହୀନତାରେ ପତିତ ହୋଇଛନ୍ତି ଏବଂ ତାଙ୍କର ସମସ୍ତ ଗୌରବ ମଧ୍ୟ ହରାଇଛନ୍ତି ।

ଏହିପରି ଭାବରେ 'ସାବିତ୍ରୀ' ମହାକାବ୍ୟ ପ୍ରତୀକାତ୍ମକ ଅର୍ଥରେ ଲିଖିତ ହେଲେ ମଧ୍ୟ ଏହା କେବଳ ଏକ ରୂପକଥା ନୁହେଁ ।

'ସାବିତ୍ରୀ' ସମ୍ବନ୍ଧରେ ଶ୍ରୀମା କହନ୍ତି, "...everything is there; mysticism, occultism, philosophy, the history of evolution, the history of man, of the Gods, of creation, of Nature;..."

(*Sri Aurobindo's Savitri*, M. Nadkarni)

ଅର୍ଥାତ୍, ସେଥିରେ ସବୁକିଛି ନିହିତ ଅଛି : ରହସ୍ୟବାଦ, ଗୁହ୍ୟବାଦ, ଦର୍ଶନ, ବିବର୍ତ୍ତନର ଇତିହାସ ଏବଂ ମଣିଷ ସମାଜର, ସୃଷ୍ଟିର, ଦେବତାଙ୍କର ଓ ପ୍ରକୃତିର ଇତିହାସ ।

ପୁନଶ୍ଚ ଶ୍ରୀମା କହନ୍ତି, "...You can find all the answers to all your qestions there." ଅର୍ଥାତ୍, ତୁମେ ସେଥିରେ ତୁମର ସମସ୍ତ ପ୍ରଶ୍ନର ଉତ୍ତର ପାଇପାରିବ । ଏହିପରି ଭାବରେ 'ସାବିତ୍ରୀ'ରେ ଅଛି ଅନେକ ଗୁପ୍ତ ଦ୍ୱାର, ଗୁପ୍ତ ଗୁମ୍ଫା ଏବଂ ଅନେକ ସ୍ୱର୍ଗ ଓ ଅନେକ ଆଲୋକ ।

ପୁନଶ୍ଚ ଏ ପୃଥିବୀର ସ୍ଥାପତ୍ୟ ଜଗତରେ ବି ଅନେକ ଗୁପ୍ତତଥ୍ୟ ନିହିତ ଅଛି, ଯେପରି ତାମିଲନାଡୁର ଚିଦାମ୍ବରମ୍ ମନ୍ଦିରରେ । ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କର ଦୀର୍ଘ ଆଠବର୍ଷର ଗବେଷଣା ପରେ ଏହି ତଥ୍ୟ ଉପଲବ୍ଧ ହୋଇଛି ଯେ ଚିଦାମ୍ବରମ୍ ମନ୍ଦିରରେ ଅଧିଷ୍ଠିତ ନଟରାଜ ଶିବଙ୍କର ଦକ୍ଷିଣପାଦ ବୃଦ୍ଧାଙ୍ଗୁଷ୍ଠି ପୃଥିବୀର ଚୁମ୍ବକୀୟ-ବିଷୁବ କେନ୍ଦ୍ରକୁ ସ୍ପର୍ଶ କରୁଛି । ଏହି ମନ୍ଦିର ପଞ୍ଚମହାଭୂତରୁ **ଆକାଶ** ତତ୍ତ୍ୱକୁ ସୂଚିତ କରେ । ଅନ୍ୟ ଚାରୋଟି ମହାଭୂତର ପ୍ରତୀକ ହେଉଛନ୍ତି – 'କଳାହସ୍ତୀ' ମନ୍ଦିର ଯାହା **ବାୟୁ**କୁ ଏବଂ କାଞ୍ଚିର 'ଏକାମ୍ବରେଶ୍ୱର' ମନ୍ଦିର **ପୃଥିବୀ**କୁ ସୂଚିତ କରେ । ଏହି ତିନୋଟି ମନ୍ଦିର ଅଣାଅଶୀ ଡିଗ୍ରୀ ଏକଚାଳିଶ ମିନିଟ (୭୯° ୪୧') ଦ୍ରାଘିମାରେ ଏକ ସରଳ ରେଖାରେ ଅବସ୍ଥିତ । ଏହା ନିଶ୍ଚିତ ଭାବରେ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଏକ ଅଲୌକିକ ଘଟଣା ।

ତିରୁଚିରେ ଥିବା ଶ୍ରୀରଙ୍ଗମ୍ ମନ୍ଦିର ନିକଟବର୍ତ୍ତୀ 'ତୁରୁବାନିକାବାଲ' ମନ୍ଦିର **ଜଳ** ତତ୍ତ୍ୱକୁ ଏବଂ ତିରୁବନମଲାଇରେ ଥିବା 'ଅରୁଣାଚଳେଶ୍ୱର' ମନ୍ଦିର **ଅଗ୍ନି** ତତ୍ତ୍ୱକୁ ସୂଚିତ କରେ ।

ପୁନଶ୍ଚ ଚିଦାମ୍ବରମ୍ ମନ୍ଦିରର ଗଠନ ପ୍ରଣାଳୀ ମଣିଷ ଶରୀରର ଗଠନ ଓ କାର୍ଯ୍ୟକାରିତା ସହ ସାଦୃଶ୍ୟ ବହନ କରେ । ଏହି ମନ୍ଦିରର ନଅଟି ପ୍ରବେଶ ଦ୍ୱାର ଅଛି, ଯାହା ମଣିଷ ଶରୀରର **ନଅଟି ଦ୍ୱାର**କୁ ସୂଚିତ କରେ । ଏହାର ଛାତ ୨୧,୬୦୦ଟି ସ୍ୱର୍ଣ୍ଣ ଚାଦରରେ ନିର୍ମିତ, ଯାହା ମଣିଷର ପ୍ରତିଦିନର ଶ୍ୱାସକ୍ରିୟା ସଂଖ୍ୟା (୧୫ x ୬୦ x ୨୪ = ୨୧,୬୦୦) ସହିତ ସମାନ । ଏହିସବୁ ଚାଦର ଗୋପୁରମ୍‌ରେ ୭୨,୦୦୦ ସ୍ୱର୍ଣ୍ଣ କଣ୍ଟା ଦ୍ୱାରା ସଂଯୁକ୍ତ । ଯାହା ମଣିଷ ଶରୀରର ୭୨,୦୦୦ ନାଡ଼ିର ସଂଖ୍ୟା ସହିତ ସମାନ । ଏହି ନାଡ଼ିସବୁ ଶରୀରର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗକୁ ସୂକ୍ଷ୍ମ ଭାବରେ ଶକ୍ତିର ସ୍ରୋତକୁ ପରିବାହିତ କରିଥା'ନ୍ତି । ମନ୍ଦିରରେ ଥିବା 'ପୂର୍ଣ୍ଣାମ୍ବଲମ୍' ନାମକ ବୃହତ୍ କକ୍ଷଟି ସାମାନ୍ୟ ବାମକୁ ଢଳି କରି ରହିଛି, ଯାହା ମଣିଷର **ହୃତ୍‌ପିଣ୍ଡ**କୁ ସୂଚିତ କରେ । ମନ୍ଦିରର ଚାରୋଟି ସ୍ତମ୍ଭ କନକସଭାକୁ ଧରି ରଖିଛି, ଯାହା ଚାରୋଟି **ବେଦ**କୁ ସୂଚିତ କରେ । ପୂର୍ଣ୍ଣାମ୍ବଲମ୍‌ରେ ଅଛି ୬୪ଟି ସ୍ତମ୍ଭ, ଯାହା **୬୪** କଳାକୁ ସୂଚିତ କରେ । ମନ୍ଦିରର ସ୍ୱର୍ଣ୍ଣ ଛାତ ଉପରେ ୯ଟି କଳସ ଅବସ୍ଥାପିତ, ଯାହା ମଣିଷ ଶରୀରର **୯ଟି ଶକ୍ତି**କୁ ସୂଚିତ କରେ ଏବଂ ନଟରାଜଙ୍କର ନୃତ୍ୟ ସୂଚିତ

କରେ **ମହାଜାଗତିକ ନୃତ୍ୟ ।** ଏହା ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ, ମାତ୍ର ହଜାର ହଜାର ବର୍ଷ ପୂର୍ବରୁ ହିନ୍ଦୁ ଧର୍ମରେ ଏହା ବର୍ଣ୍ଣିତ ହୋଇଛି ।

ସେହିପରି ଶ୍ରୀଜଗନ୍ନାଥ ମନ୍ଦିରରେ ମଧ୍ୟ କେତେକ ଗୁପ୍ତ କଥା ଅଛି । ଶ୍ରୀମନ୍ଦିରର ଶିଖରରେ ଉଡୁଥିବା ଧ୍ୱଜା ସର୍ବଦା ବାୟୁଗତିର ବିପରୀତ ଦିଗରେ ଉଡୁଥାଏ । ସୁଦର୍ଶନଚକ୍ରର ଅବସ୍ଥିତି ଏପରି ଯେ ଜଣେ ଲୋକ ଏହାକୁ ଯେକୌଣସି ସ୍ଥାନରୁ ଦେଖିଲେ ବି ମନେହୁଏ ଏହା ସେହି ମଣିଷ ଆଡ଼କୁ ମୁଖ କରିଛି । ଶ୍ରୀମନ୍ଦିର ଉପର ଦେଇ କୌଣସି ପକ୍ଷୀ ଉଡ଼ିକରି ଯା'ନ୍ତି ନାହିଁ, ଯାହା ଅନ୍ୟ ସମସ୍ତ ମନ୍ଦିରରେ ହୋଇଥାଏ । ପୁନଶ୍ଚ ଦିନ ମଧ୍ୟରେ ସୂର୍ଯ୍ୟଙ୍କ ସ୍ଥିତି ଯେକୌଣସି ଅବସ୍ଥାରେ ଥିଲେ ମଧ୍ୟ ଶ୍ରୀମନ୍ଦିରର ଛାୟା କଦାପି ସୃଷ୍ଟି ହୁଏ ନାହିଁ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗେ ।

ଏପରିକି ମନୁଷ୍ୟର ମଧ୍ୟ କିଛି ସଂଗୁପ୍ତ ଶକ୍ତି ରହିଛି ଯାହା ତାକୁ ସ୍ୱତନ୍ତ୍ରତା ପ୍ରଦାନ କରେ । ଯେଉଁ ମନୁଷ୍ୟର ହୃଦୟ କରୁଣା ଓ କୃତଜ୍ଞତାରେ ପୂର୍ଣ୍ଣ, ତାକୁ ଯଥାର୍ଥରେ ଧନୀ ବୋଲି ଗଣ୍ୟ କରାଯାଏ । ଅପରପକ୍ଷରେ ଯେଉଁ ବ୍ୟକ୍ତି-ବିଶେଷ ନିଷ୍ଠୁରତା, ଈର୍ଷା ଓ ଘୃଣା ଦ୍ୱାରା ଆପଣା ହୃଦୟକୁ ବିଷାକ୍ତ କରିଦିଏ ସେତେବେଳେ ସେହି ବ୍ୟକ୍ତିକୁ ଦରିଦ୍ର କୁହାଯାଏ ।

ଏଣୁ ଭୌତିକ ସମ୍ପତ୍ତିକୁ ଦେଖି କୌଣସି ବ୍ୟକ୍ତିକୁ ଧନୀ ବା ନିର୍ଦ୍ଧନ କୁହାଯାଏ ନାହିଁ । ବରଂ ହୃଦୟ ସମ୍ପତ୍ତିର ମାପଦଣ୍ଡରେ ଏହାକୁ ନିର୍ଦ୍ଧାରଣ କରାଯାଏ ।

ଏକଦା ଦଲାଇଲାମା କହିଥିଲେ, ''ଏହା ହେଉଛି ମୋର ସରଳ ଧର୍ମ । ଆମ ନିଜର ମସ୍ତିଷ୍କ ଓ ଆମ ନିଜର ହୃଦୟ ହେଉଛି ଆମର ମନ୍ଦିର । ଏହାର ଦର୍ଶନ ତତ୍ତ୍ୱ ହେଉଛି କରୁଣା ।''

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଆମ ଭାଗବତ : ଭକ୍ତି, ଜ୍ଞାନ, ତତ୍ତ୍ୱ ଯହିଁ ଏକତ୍ର

## ଧର୍ମ କୁମାର ଶତପଥୀ

ଓଡ଼ିଆ ଜାତି ପ୍ରାଣରେ ବୈଷ୍ଣବୀୟ ଭାବଧାରାର ମନ୍ଦ ମରୁତ ବୁହାଇ କୃଷ୍ଣପ୍ରେମର ଫଲ୍‌ଗୁଧାରାରେ ପରିପ୍ଲାବିତ କରିପାରିଥିବା ସାହିତ୍ୟକାରମାନଙ୍କ ମଧ୍ୟରେ ପଞ୍ଚସଖା ଅନ୍ୟତମ । ଏଇ ପଞ୍ଚସଖା ହେଉଛନ୍ତି ସାହିତ୍ୟର କାଳନିର୍ଣ୍ଣୟର ଅନ୍ୟ ଏକ ମାଇଲଖୁଣ୍ଟ । ଓଡ଼ିଆ ସାହିତ୍ୟରେ 'ପଞ୍ଚସଖା ଯୁଗ' କହିଲେ ଯେଉଁ ଆଧ୍ୟାତ୍ମିକ ବାତାବରଣର ସାହିତ୍ୟ ମନକୁ ଆସେ ତାହା ଧାର୍ମିକ ପ୍ରବଣ ଶ୍ରୀ ଜଗନ୍ନାଥ ଦାସଙ୍କ ସହିତ ଓତପ୍ରୋତଭାବରେ ଜଡ଼ିତ । ପଞ୍ଚସଖା ଯୁଗର ଅନ୍ୟତମ ବରେଣ୍ୟ ସାଧକ ଜଗନ୍ନାଥ ଦାସ ପୁଣି ଥିଲେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସାମସମୟିକ, ଯିଏ ଜଗନ୍ନାଥ ଦାସଙ୍କୁ 'ଅତିବଡ଼ୀ' ଆଖ୍ୟାରେ ଓଡ଼ିଆ ପ୍ରାଣରେ ସମ୍ମାନାସ୍ପଦ କରାଇ ପାରିଥିଲେ ।

ଏଇ ପୁଣ୍ୟାତ୍ମା ପୁରୁଷ ଶ୍ରୀ ଜଗନ୍ନାଥ ଦାସ ହେଉଛନ୍ତି ଓଡ଼ିଆ ଭାଗବତର ଆଦିସ୍ରଷ୍ଟା । ସମଗ୍ର ଓଡ଼ିଆ ଜାତି ପାଇଁ ଭାଗବତ ପରି ଏକ ପବିତ୍ର ଗ୍ରନ୍ଥ ସର୍ଜନା କରି ସିଏ କାଳ କାଳକୁ ଅମର, ପୂଜ୍ୟ ହୋଇ ରହିଛନ୍ତି ।

ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବରେ ସମଗ୍ର ବଙ୍ଗଦେଶ ଓ ଉତ୍କଳରେ ବୈଷ୍ଣବ ଧର୍ମଧାରାର ମୃଦୁ-ମଳୟ ବୋହି ଚାଲିଥିଲା ସେତେବେଳେ ଓଡ଼ିଆ ଜାତିପ୍ରାଣର ପ୍ରଣମ୍ୟ ପୁରୁଷ ଜଗନ୍ନାଥ ଦାସଙ୍କ ଆବିର୍ଭାବ ଓ ତାଙ୍କ କୃତ 'ଭାଗବତ'ହିଁ ସେଇ ମଳୟ ଗନ୍ଧରେ ପ୍ରତ୍ୟେକ ଓଡ଼ିଆଙ୍କ ଚେତନାକୁ ଦ୍ରବିତ, ପ୍ଲାବିତ କରି ଭକ୍ତିରସ ସ୍ରାବିତ କରିପାରିଥିଲା ।

ସେଥିପାଇଁ ନମସ୍ୟ ଜଗନ୍ନାଥ ଦାସ, ଏ ଜାତିର ମହାପୁରୁଷ, ସମାଜ ସଂସ୍କାର ଦିଗରେ ଅଗ୍ରଣୀ ଜଣେ ଯୁଗଜନ୍ମା ।

ମୂଳ ସଂସ୍କୃତ ପଦାବଳୀର ଛାୟାରେ ଜଗନ୍ନାଥ ଦାସ ସ୍ୱତନ୍ତ୍ର ଭାବରେ ଭାଗବତ ରଚନା କରିଛନ୍ତି । ଏହାର ପଙ୍‌କ୍ତିରେ ପଙ୍‌କ୍ତିରେ ଭରି ରହିଛି କାବ୍ୟ ଚାତୁରୀ । ଏଣୁ ଏହାର କବିତ୍ୱର ପଟାନ୍ତର ନାହିଁ । ଏହାର ସାହିତ୍ୟ ରସ ନିଶୀଥର ତାରାଙ୍କିତ ଆକାଶପରି ଅନ୍ତହୀନ, ବିଶାଳ, ରହସ୍ୟମୟ; ଶିଶିରଭିଜା ସକାଳ ପରି ସ୍ନିଗ୍ଧ, କୋମଳ, ରୋମାଞ୍ଚିତ ଏବଂ ଗୋଧୂଳିର ସ୍ତିମିତ ଆଲୋକପରି ଭାବୋତ୍ତୀର୍ଣ୍ଣ, ପ୍ରାଣୋଚ୍ଛଳ ! ସ୍ୱଳ୍ପୋକ୍ତି ମଧ୍ୟରେ ଭାଗବତର ପଦାବଳୀ ସର୍ବତ୍ର ସହଜବୋଧ୍ୟ ନୁହେଁ । ତେବେ ବି ଏହାର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଓ ରହସ୍ୟଘନ କବିତ୍ୱ ମଧ୍ୟରେ ସୌକର୍ଯ୍ୟର ପୂର୍ଣ୍ଣଭାବ ପୁଷ୍ଟି ସାଧିତ ହୋଇଥାଏ । ଅନେକ ବୁଦ୍ଧିଜୀବୀ, ପ୍ରବଚକ ଭାଗବତର ବିସ୍ତୃତ ଜ୍ଞାନକୁ ବ୍ୟାଖ୍ୟା କରି ରାତି ରାତି ବ୍ୟୟ କରିଥା'ନ୍ତି । ଭାବ ବିମୁଗ୍ଧ ଶ୍ରୋତାବର୍ଗ ମନ୍ତ୍ରମୁଗ୍ଧ ହୋଇ ଭୁଲିଯାଆନ୍ତି ସେମାନଙ୍କର ପାରିପାର୍ଶ୍ୱିକ ସ୍ଥିତି, ଅବସ୍ଥା ଓ ଆଚରଣ । ଏହି ପ୍ରବଚକଙ୍କ ମତରେ ଭାଗବତର ଚାରି ଅକ୍ଷର – 'ଭା'ରୁ ଭାବ, 'ଗ'ରୁ ଜ୍ଞାନ, 'ବ'ରୁ ବୁଦ୍ଧି ଓ 'ତ'ରୁ ତତ୍ତ୍ୱ – ଏହିପରି ଭାବ, ଜ୍ଞାନ, ବୁଦ୍ଧି ଓ ତତ୍ତ୍ୱର ସମାହାରହିଁ ହେଉଛି ଭାଗବତ । ପୁଣି ଆଉ କେହି କେହି ମତ ଦିଅନ୍ତି ଭାଗବତର 'ଭା'ରୁ ଭାବ (ଚିନ୍ତାକର), 'ଗ'ରୁ ଗମ (ଭିତରକୁ ଯାଅ ବା ଅନ୍ତର୍ମୁଖୀ ହୁଅ) ଏବଂ 'ବତ' (ବତାଅ ବା ଅନ୍ୟକୁ ଶିଖାଅ)– ଏଣୁ ଏହା ଭାଗବତ । ଏ ଯୁକ୍ତି, ଏ ବ୍ୟାଖ୍ୟା ଯେତିକି ଉପଦେଶାତ୍ମକ, ଭାବପୂର୍ଣ୍ଣ ତତୋଽଧିକ ପାଳନୀୟ, ସୁଶ୍ରାବ୍ୟ ଓ କାର୍ଯ୍ୟୋପଯୋଗୀ । ନିଜେ ଶିଖିବା ଓ ଅନ୍ୟକୁ ଶିଖାଇବାର ନୈସର୍ଗିକ ପ୍ରେରଣା ଭାଗବତରୁ ମିଳିଥାଏ ।

ଭାଗବତରେ ବ୍ୟବହୃତ ଓଡ଼ିଆ ଭାଷାର ଶୁଦ୍ଧତା, ଶାଳୀନତା, ସୌନ୍ଦର୍ଯ୍ୟ ଓ ଗୁରୁ ଗମ୍ଭୀରତା ଅନ୍ୟତ୍ର କେଉଁଠି ହେଲେ ସମ୍ଭବ ହୋଇପାରି ନାହିଁ । ଭାଗବତର ମୂଳକଥା ସଂସ୍କୃତ ସାହିତ୍ୟରୁ ଅଣାଯାଇ ଥିଲେହେଁ ଏହାର ଅସାଧାରଣ କାବ୍ୟବିଭାର ବର୍ଣ୍ଣଛଟା ଉଭୟ ପାଠକ ଓ ଶ୍ରୋତାଙ୍କୁ ବିହ୍ୱଳିତ କରିଥାଏ । ଭକ୍ତି ପ୍ରଧାନ ଏହି ଗ୍ରନ୍ଥରେ ବିଭିନ୍ନ ଘଟଣା ବିନ୍ୟାସର ବର୍ଣ୍ଣନା ଚାତୁରୀ ଅଭିନବ ଓ ଅନବଦ୍ୟ ଅଟେ । ସାହିତ୍ୟର ନବ ରସର ବର୍ଣ୍ଣନା ସ୍ଥଳ ବିଶେଷରେ ଯେପରି ମାର୍ମିକ ଓ ହୃଦ୍ୟ ହୋଇଛି ତାହା ପାଠକ ଓ ଶ୍ରୋତାବର୍ଗଙ୍କୁ ମନ୍ତ୍ରମୁଗ୍ଧ, ବିହ୍ୱଳ ଓ ରସାପ୍ଳୁତ କରିଥାଏ ।

ଏହାର ଛନ୍ଦ୍ରେ ଛନ୍ଦ୍ରେ ସମୁଚିତ ଭାବ ଗାମ୍ଭୀର୍ଯ୍ୟତା ଓ ଓଜସ୍ୱିତା ବର୍ଣ୍ଣିତ ହୋଇଛି । ଏହାର ପ୍ରତ୍ୟେକ ପଙ୍‌କ୍ତିରେ ଶବ୍ଦ ସଂଯୋଜନା ଏକ ଐନ୍ଦ୍ରଜାଲିକ ବିଭୂତି ସମ୍ପନ୍ନ ହୋଇଛି । ସ୍ୱଳ୍ପ ଉକ୍ତିମୂଳକ ଅକ୍ଷର ସଂଯୋଜନା କରି ଏଥିରେ ଯେଉଁ ରୂପ-

ଲୋକ ଓ ଭାବାବେଗ ସୃଷ୍ଟି କରାଯାଇ ପାରିଛି ତାହା ସବୁ ବିଚାର ଓ ବିଶ୍ଳେଷଣର ଊର୍ଦ୍ଧ୍ୱରେ ଏକ ଅପୂର୍ବ କାବ୍ୟ ସୁଷମା ସୃଷ୍ଟି କରିଛି । ବିଶେଷତଃ ଏହା ସଂସ୍କୃତ ଭାଗବତର ଅନୁକରଣରେ ରଚିତ ହୋଇଥିଲେହେଁ ଏହାର ମୌଳିକତାହିଁ ଏହାକୁ ସ୍ୱକୀୟ ଦୀପ୍ତିରେ ଦୀପ୍ତିମନ୍ତ କରିଛି । ପ୍ରକୃତି, ମନୁଷ୍ୟ ଓ ଐଶ୍ୱରୀୟ ଚେତନାର ସମ୍ମିଶ୍ରଣରେ କବିତ୍ୱର କାବ୍ୟଚାତୁରୀର ଭାବୋଚ୍ଛ୍ୱାସ ଏଥିରେ ଏକୀଭୂତ ହୋଇ ଭକ୍ତିକୁ ଏକ ଅପୂର୍ବ କାବ୍ୟମୟ କମନୀୟତା ତଥା ନମନୀୟତା ପ୍ରଦାନ କରିଛି । ପାଠକର ଅନୁଚିନ୍ତାରେ ତାହା ହୃଦ୍‌ବୋଧ କରିହୁଏ ସିନା, ସମାଲୋଚକ ବା ଅନୁଶୀଳନର ବୁଦ୍ଧିଗ୍ରାହ୍ୟ ବିଶ୍ଳେଷଣରେ ନୁହେଁ । ଏହାକୁ ତିଳେ ତିଳେ, ମର୍ମେ ମର୍ମେ, ପ୍ରତି ଲୋମ କୂପରେ ଅନୁଭବ କରି ହୁଏ । ଏହା ମନଶ୍ଚେତନା ସ୍ତରର ବିଷୟ, ପରନ୍ତୁ ଚର୍ମ ଚକ୍ଷୁ ଦୃଷ୍ଟ ବସ୍ତୁବାଦୀ ମଣ୍ଡଳରେ ଆଦୌ ନୁହେଁ ।

ଭାବଭକ୍ତିର ସ୍ନିଗ୍ଧ ପୃଷ୍ଠଭୂମି ରୂପେ 'ସୁନ୍ଦର'ର ଅଭିବ୍ୟକ୍ତି ପାଇଁ ଏହା ଯେପରି ବର୍ଣ୍ଣିତ ହୋଇଛି ତାହା ଯଥାର୍ଥରେ ଅନୁପମ, ଅବର୍ଣ୍ଣନୀୟ । ବସ୍ତୁତଃ ଭାଗବତରେ ଈଶ୍ୱର ଓ ପ୍ରକୃତି ସୌନ୍ଦର୍ଯ୍ୟର ମହାମିଳନରେ ଏକ ରମଣୀୟ ଏକତ୍ୱବୋଧ ପ୍ରାପ୍ତ ହୋଇଛି ।

ନିମ୍ନରେ ଗୋଟିଏ ଉଦାହରଣ :

''ଜୀମୂତ ଗଣ ଯା'ର କେଶ । ସନ୍ଧ୍ୟା ଯାହାର ନିଜ ବାସ ॥
ପ୍ରକୃତି ହୃଦୟ ଯାହାର । ମନ ଯାହାର ନିଶାଚର ॥
ବିଜ୍ଞାନ ଶକ୍ତି ଯା' ମହିମା । ଅନ୍ତଃକରଣ ରୁଦ୍ର ସୀମା ॥''
(୨ୟ ସ୍କନ୍ଧ – ୧ମ ଅଧ୍ୟାୟ)

ସମଗ୍ର ଭାଗବତରେ ଏହିପରି ବହୁ ଅନବଦ୍ୟ କବିତ୍ୱ ସଂପୃଟିତ ହୋଇଛି । ଭକ୍ତମାନଙ୍କ ଚନ୍ଦନଛିଟା ତଳେ ବଲ୍ମୀକମାନଙ୍କର ଗର୍ଭରେ ଭାଗବତର ଅପୂର୍ବ କବିତ୍ୱ ଭସ୍ମାଚ୍ଛାଦିତ ବହ୍ନି ପରି ଦିକ୍ ଦିକ୍ ହୋଇ ଜଳିଉଠେ । ସାରସ୍ୱତ ଉପବନରେ ଅମଳିନ କମଳ ପରି ପ୍ରସ୍ଫୁଟିତ ହୋଇ ରସାମୋଦୀ ଭୃଙ୍ଗମାନଙ୍କୁ ଏହା ଆମୋଦିତ, ବିହ୍ୱଳିତ, ବିଗଳିତ କରି ଚାଲିଛି ପିଢ଼ି ପରେ ପିଢ଼ି ।

ଭାଗବତର ଛନ୍ଦକୁ ନବାକ୍ଷର ଛନ୍ଦ ବା ଗୁଜ୍ଜରୀ କୁହାଯାଏ । ସ୍ୱଭୋକ୍ତି ମାଧ୍ୟମରେ କ୍ଲିଷ୍ଟ ଭାବରାଶିର ସରଳ ଓ ନିରାଡ଼ମ୍ବର ପ୍ରକାଶଭଙ୍ଗୀ ଏହାର ବିଶେଷତ୍ୱ । ସମଗ୍ର ଭାଗବତର ଦ୍ୱାଦଶ ଖଣ୍ଡ ଯାହା ଦ୍ୱାଦଶ ସ୍କନ୍ଧ ନାମରେ ପରିଚିତ ଏଇ ଗୁଜ୍ଜରୀ ବୃତ୍ତରେହିଁ ଲିଖିତ । ଏ ଛନ୍ଦର ସାର୍ବଜନୀନ ଲୋକପ୍ରିୟତା ଭାଗବତରେ ଅର୍ଜନ କରିବା ପରେ ଏହା 'ଭାଗବତ ବାଣୀ' ବା 'ଭାଗବତ ବୃତ୍ତ' ନାମରେ ପ୍ରସିଦ୍ଧ ହୋଇଛି । ଜଗନ୍ନାଥ ଦାସ ଏହାକୁ ପ୍ରାକୃତ ଭାଷାରୁ ଆହରଣ କରିଥିବା ସ୍ୱୀକାର କରିଛନ୍ତି ଏକାଦଶ ସ୍କନ୍ଧରେ ।

ଓଡ଼ିଶାର ଜନତା ମୁଖରେ ଜଗନ୍ନାଥ ଦାସଙ୍କ ଭାଗବତର ପଙ୍କ୍ତିଗୁଡ଼ିକ କଥା ପ୍ରସଙ୍ଗରେ ଯେତେ ଉଦ୍ଧୃତ ହୋଇଥାଏ, ସେପରି ଅନ୍ୟ କୌଣସି ପୁସ୍ତକରେ ହୋଇ ନଥାଏ । କି ପାଠୁଆ, କି ଅପାଠୁଆ, ସବୁ ଓଡ଼ିଆ ପ୍ରାଣରେ ଅତ୍ୟନ୍ତ ପ୍ରଖର ଓ ପ୍ରାଞ୍ଜଳଭାବରେ ଉଙ୍କି ମାରୁଥାଏ ସେଇ ଉଦ୍ଧୃତିସବୁ । ସେସବୁକୁ ପ୍ରୟୋଗ କରି ଓଡ଼ିଆମାନେ ଯେ ପ୍ରସଙ୍ଗଟିର ମୌଳିକତା ଓ ଦୃଢ଼ତାର ପ୍ରମାଣ ଦେଇଥାଆନ୍ତି ତା' ନୁହେଁ ବରଂ ଏହାର ପ୍ରୟୋଗ ଛଳରେ ଓଡ଼ିଆ ଭାଗବତର ମହାନତାକୁ ସ୍ପଷ୍ଟ ଉପସ୍ଥାପନ କରିଥାଆନ୍ତି । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ଯଦି ଓଡ଼ିଆଙ୍କ ଭିତରେ ନୈତିକ ଭିତ୍ତିର କିଛି ମୂଳଉତ୍ଥାନ ହୋଇଛି, ତେବେ ଆମେ କୃତଜ୍ଞ ରହିବା ଜଗନ୍ନାଥ ଦାସଙ୍କ ଏଇ ଭାଗବତ ସକାଶେ । ଓଡ଼ିଆ ଜାତିର ଅବଚେତନାରେ ଭାଗବତ ଏପରି ଦୃଢ଼ ପ୍ରତିଷ୍ଠ ହୋଇଛି ଯେ, ଭାଗବତର ପଦାବଳୀରେ ସବୁ ପ୍ରକାରର ଯୁକ୍ତି ଓ ବିତର୍କର ଚରମ ସିଦ୍ଧାନ୍ତ ମିଳିଥାଏ । ଯେପରି :

''ଆତ୍ମାକୁଶଳେ ସର୍ବସିଦ୍ଧି । ତରଇ ସଂସାର ଜଳଧି ॥''

ଅଥବା

''ଧନ କାର୍ପଣ୍ୟ ସେବା ଫଳେ । କିବା ଅସାଧ ମହୀତଳେ ॥''

ପୁଣି –

''ତୁ ନାଥ ପରମ ଦୟାଳୁ । ଦୁଷ୍ଟ ନିବାରି ସନ୍ଥପାଳୁ ॥'' ଇତ୍ୟାଦି ।

ଭାଗବତର ପଦାବଳୀକୁ ଯେକୌଣସି ପ୍ରସଙ୍ଗରେ ଉଦ୍ଧାର କରିଦେଲେ ସବୁ ଭ୍ରମାତ୍ମକ ବିତର୍କର ସର୍ବସମ୍ମତ ସମାଧାନ ରୂପେ ତାହା ଗ୍ରହଣୀୟ ହୋଇଥାଏ । ପୁଣି ଓଡ଼ିଆରେ ଭାଗବତର ପଦାବଳୀ କ୍ଷେତ୍ର ପ୍ରସଙ୍ଗରେ ଯେତେ ଉଦ୍ଧୃତ ହୋଇଥାଏ, ଅନ୍ୟ ଭାଷାରେ ସେତେ ଉଦ୍ଧୃତ ହୋଇ ନଥାଏ । ଯଥାର୍ଥତଃ ଭାଗବତର ପଦାବଳୀ ଆବୃତ୍ତି କରି ଓଡ଼ିଆର ପ୍ରାଣସତ୍ତା ତୃପ୍ତ ହୋଇଥାଏ ।

ଓଡ଼ିଆ ଗ୍ରାମ୍ୟ ଜୀବନରେ 'ଭାଗବତ ଟୁଙ୍ଗି' ଏକ ଅବିଚ୍ଛେଦ୍ୟ ଅଙ୍ଗ । ଗ୍ରାମ୍ୟ ପରିବେଶରେ କର୍ମଜୀବୀ ଶ୍ରମିକ ବା ଗୃହକର୍ତ୍ତା ଯେତେବେଳେ ସନ୍ଧ୍ୟାର ଆଗମନୀରେ ଈଶ୍ୱର-ଚେତନା ଅଭିମୁଖୀ ହୁଏ, ସେତେବେଳେ ସିଏ ଭାଗବତରୁ

ଦୁଇ ପଦ ରସାଳ ଶବ୍ଦ ଶୁଣିବାକୁ ଧାଇଁ ଆସେ 'ଭାଗବତ ଟୁଙ୍ଗି'କୁ । ସେଇଠି ନିତି ସନ୍ଧ୍ୟାରେ ଭାଗବତ ପାଠ ହୁଏ । ତଦ୍ୱାରା ଗ୍ରାମର ସର୍ବସାଧାରଣ ଈଶ୍ୱର-ଚେତନାରେ ମଗ୍ନ ହୁଅନ୍ତି ଓ ଗ୍ରାମର ମଙ୍ଗଳ ସାଧନ ହେବ ବୋଲି ବିଶ୍ୱାସ କରନ୍ତି । ଗ୍ରାମ୍ୟ ଜୀବନର ସାମାଜିକ ଓ ସାଂସ୍କୃତିକ ଭାବଧାରାର ଏହା ଏକ ପ୍ରଧାନ ମୁଖଶାଳା । ଓଡ଼ିଆର ପ୍ରାଣ ତଥା ଚେତନାର ଊର୍ଦ୍ଧ୍ୱକୁ ସଞ୍ଜୀବିତ ହେବାର ଏକ ସରଳ ଓ ସଳଖ ମାର୍ଗ ଥିଲା ଏଇ ଭାଗବତ ଟୁଙ୍ଗି ।

ସଂସ୍କୃତ ଭାଗବତର ଆକ୍ଷରିକ ସରଳୀକୃତ ପ୍ରତିରୂପ ରୂପେ ଓଡ଼ିଆ ଭାଗବତ ତୁଳନୀୟ ନୁହେଁ । ପ୍ରଣମ୍ୟ ପୁରୁଷ ଭାଗବତକାର ଜାଣି ଜାଣି ବୋଧହୁଏ ନିରକ୍ଷର ଜନସାଧାରଣ ହୃଦ୍‌ବୋଧ କରିପାରିବା ଭଳି ଏହାକୁ ଖୁବ୍ ସରଳ ଓ ମନୋଜ୍ଞ ଶବ୍ଦ ସମ୍ଭାରରେ ଗୁନ୍ଥିଛନ୍ତି । ଏହା ଅନେକାଂଶରେ ମୂଳ ଭାଗବତଠାରୁ ଅଧିକ ମୂଲ୍ୟବାନ୍ ଓ ହୃଦ୍ୟ, କାରଣ ଏଥିରେ ମୂଳଗ୍ରନ୍ଥର ବହୁ ଗଳ୍ପ ପରିବର୍ତ୍ତେ ବିଷ୍ଣୁପୁରାଣ, ପଦ୍ମପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଇତ୍ୟାଦି ଗ୍ରନ୍ଥମାନଙ୍କରୁ ବହୁଗଳ୍ପ ଆହରଣ କରି ଏହାକୁ ଅଧିକ ଶ୍ରୀସମ୍ପନ୍ନ ଓ ଗାନଯୋଗ୍ୟ କରିଛନ୍ତି । ଭାଗବତରେ ରହିଛି ଏକ ମୌଳିକ ମାନସିକ ଚେତନା ସହିତ ଏକ ସାଧୁ, ନିଷ୍ପାପ, ନିର୍ମଳ ବ୍ୟକ୍ତିତ୍ୱର ଓତପ୍ରୋତ ସ୍ପର୍ଶ । ଭାଗବତର ଲେଖା ସରିବା ବେଳକୁ ଓଡ଼ିଶାରେ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ଏବଂ ତତ୍‌ସହିତ ଏ ଦେଶରେ କୃଷ୍ଣ ଆରାଧନାର ଅଭୂତପୂର୍ବ ପ୍ରସାର ହେତୁ ଏ ଗ୍ରନ୍ଥ ପ୍ରତି ଅଧିକ ଆଦର ଦେଖା ଦେଇଛି । ବିଶ୍ୱ ସାହିତ୍ୟ ଇତିହାସରେ ଲେଖା, ଲେଖକ ଓ ଅନୁକୂଳ ପରିସ୍ଥିତିର ଭବ୍ୟ ସମାହାର ଯାହା କ୍ୱଚିତ୍ ସଙ୍ଗଠିତ ହୋଇଥାଏ; ତାହା ସମ୍ଭବ ହୋଇଛି ଓଡ଼ିଆ ଭାଗବତରେ ।

ଭାଗବତରେ ଘଟଣା ବିନ୍ୟାସର ଉପସ୍ଥାପନା ପ୍ରସଙ୍ଗରେ ଉପମା ଓ ଉପମେୟ ଆଦିର ଯେଉଁ ଅପୂର୍ବ ରୂପକଳ୍ପ ପରିଲକ୍ଷିତ ହୁଏ ତାହା ଅନନ୍ୟ, ଅସାଧାରଣ ଓ ମର୍ମସ୍ପର୍ଶୀ । ଉଦାହରଣ ସ୍ୱରୂପ :

''ଜୀବନ ଦିନୁଦିନ କ୍ଷୀଣ । ଦରିଦ୍ର କୁଟୁମ୍ବ ଯେସନ ।।
ମଣ୍ଡୁକେ ମେଘନାଦ ଶୁଣି । ଗର୍ଜନ୍ତି ଆବୋରିଣ ପାଣି ।।
ରଜନୀ ଅନ୍ତେ ବିପ୍ର ଜନେ । କରନ୍ତି ବେଦଧ୍ୱନି ଯେହ୍ନେ ।।
ଛତୁଏ ଛତ୍ରପ୍ରାୟ ହୋଇ । ରାଜାଙ୍କ ପ୍ରାୟ ଦିଶେ ମହୀ ।।''
(୧୦ମ ସ୍କନ୍ଧ – ୨୧ ଅଧ୍ୟାୟ)

ସଂସ୍କୃତ ଭାଷା ବିମଣ୍ଡିତ ଓ ସଂସ୍କୃତ ଭାଗବତ ଅବଲମ୍ବନରେ ଓଡ଼ିଆ ଭାଗବତର ସର୍ଜନା ହୋଇଥିଲେ ମଧ୍ୟ ଏଥିରେ ଅନେକ ଭାବପୂର୍ଣ୍ଣ ଓ ପ୍ରାଚୀନ ଓଡ଼ିଆ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ଭାଗବତର ଭାଷାକୁ ଭାବଦ୍ୟୋତକ କରିବା ପାଇଁ ଏଥିରେ ନୂତନ ଶବ୍ଦ ଗଠନର ଯେଉଁ କୁଶଳତା ପ୍ରକାଶ ପାଇଛି ତାହା ସ୍ରଷ୍ଟା ଜଗନ୍ନାଥ ଦାସଙ୍କ ବଳିଷ୍ଠ ଆତ୍ମପ୍ରତ୍ୟୟ ସମ୍ପନ୍ନ କବିତ୍ୱର ପରିଚାୟକ ଅଟେ । ଶବ୍ଦ ଗଠନର ନମନୀୟତା ଓ ତାହାର କୋମଳ ପ୍ରୟୋଗ ଭାଗବତର ଭାବ ରାଜ୍ୟକୁ କୋମଳତର କରିବା ସହିତ ରୁଚିମନ୍ତ, ଋଦ୍ଧିମନ୍ତ କରିଛି ।

ଓଡ଼ିଆର ଜାତୀୟ ଜୀବନ ତଥା ସାହିତ୍ୟର ଇତିହାସରେ ଭାଗବତର ସ୍ଥାନ ଖୁବ୍ ଉଚ୍ଚରେ । ଏହାର ବହୁତ ପଦ ସଦୁକ୍ତି ବା ସୁଭାଷିତ ରୂପେ ଜନସମାଜର ଦୈନନ୍ଦିନ ଜୀବନର ବିଭିନ୍ନ ପରିସ୍ଥିତିରେ ଉଚ୍ଚାରିତ ହୋଇଥାଏ । ଆଉ ସେଇ ଉଚ୍ଚାରଣ ପରିସ୍ଥିତିର ପ୍ରତିକୂଳତାକୁ ଓଲଟପାଲଟ କରିଦିଏ । ଅର୍ଥାତ୍ କଠୋର ପରିସ୍ଥିତିକୁ ମାନସିକ ସ୍ତରରେ ହାଲୁକା ବା ଲାଘବ କରିଥାଏ ପୁଣି ହତୋତ୍ସାହିତ ଦୁର୍ବଳ ମାନସିକତାକୁ ଦୃଢ଼ ଦାମ୍ଭିକତାରେ ଭରି ଆସ୍ଥା, ବିଶ୍ୱାସର ଉଦ୍ରେକ କରାଏ । ଓଡ଼ିଆର ଜାତୀୟ ଚରିତ୍ର ଗଠନ କରିବାରେ ଏହା ଯେ ଏକ ନିର୍ଭରଯୋଗ୍ୟ ଭିତ୍ତିଭୂମି ନିର୍ମାଣ କରିଛି – ଏଥିରେ ଦ୍ୱିମତ ନାହିଁ ।

ପୂର୍ବକାଳରେ ଚାହାଳିରେ ପିଲାମାନେ ଭାଗବତକୁ ପାଠ୍ୟ ପୁସ୍ତକର ମାନ୍ୟତା ଦେଉଥିଲେ । ଭାଗବତକୁ ନିର୍ଭୁଲ୍ ପାଠକରୁଥିବା ଛାତ୍ରହିଁ ପୂର୍ଣ୍ଣାଙ୍ଗ ଓ ତା'ର ପାଠ ଅଭ୍ୟାସ ପୂର୍ଣ୍ଣତା ପ୍ରାପ୍ତ ହେଲା ବୋଲି ବିବେଚନା କରାଯାଉଥିଲା । କୌଣସି ରୁଗ୍‌ଣ, ଶଯ୍ୟାଶାୟୀ ବ୍ୟକ୍ତିର ଆସନ୍ନ ମୃତ୍ୟୁ ବେଳ ଜାଣି ଆତ୍ମୀୟ ସ୍ୱଜନମାନେ ଭାଗବତ ପାଠ କରିବା ଆବଶ୍ୟକ ବୋଲି ମନେ କରିଥା'ନ୍ତି । ଭାଗବତ ଶୁଣି ଶୁଣି ମୃତପ୍ରାୟ ବ୍ୟକ୍ତିଟି ପ୍ରାଣତ୍ୟାଗ କରୁଥିବାରୁ ସେ ସ୍ୱର୍ଲୋକରେ ସୁଖରେ ରହିବା ବିଶ୍ୱାସ ରହିଛି । ଆହୁରି ମଧ୍ୟ ଗ୍ରାମରେ ବିସୂଚିକା, ମହାମାରୀ ଇତ୍ୟାଦି ଦୁର୍ବିପାକର ଆତଙ୍କ ଦେଖାଦେଲେ ସେସମୟରେ ଲୋକମାନେ ହରିହାଟ, ଭାଗବତ ପାଠ ଇତ୍ୟାଦି ଅନୁଷ୍ଠାନ କରୁଥିଲେ । ଏହା ଦ୍ୱାରା ଲୋକାଳୟରୁ କାଳଭୟ ଓ ଅଶରୀରୀମାନଙ୍କ ପଳାୟନ କରିବା ବିଶ୍ୱାସ ରହିଥିଲା ।

ଅନେକ ଧର୍ମପ୍ରାଣ ବ୍ୟକ୍ତି ସକାଳ ସ୍ନାନ ପରି ସନ୍ଧ୍ୟାରେ ଭାଗବତ ପାଠ ଏକ ନିତ୍ୟ ନୈମିତ୍ତିକ କାର୍ଯ୍ୟ ବୋଲି ଧାରଣା କରିଥା'ନ୍ତି । ଭାଗବତର ଭାବରେ ଗଦ୍‌ଗଦ ହୋଇ ସେମାନଙ୍କର ଦୈନିକ କାର୍ଯ୍ୟ ସମାପ୍ତ ହୋଇଥାଏ । ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୦)

## ସାହାନା ଦେବୀ

**ସାହାନା :** ମା' ମୋର, ଶ୍ରୀଅରବିନ୍ଦଙ୍କ ପତ୍ରଟି ପାଇ ମନଟା ଖୁବ୍ ହାଲୁକା ଓ ସୁସ୍ଥ ହୋଇ ଯାଇଛି, ଭିତରଟା ମୋର ପୂରାପୂରି ରୁଦ୍ଧ ହୋଇ ଯାଇଥିଲା । ମୋର ଅଭିମାନ ତୁମ ଉପରେ ବଢ଼ି ବଢ଼ି ଶେଷରେ ବିଦ୍ରୋହରେ ଏବଂ ପରେ ଏକ ପ୍ରକାର ପାଗଳାମିରେ ପରିଣତ ହୋଇ ଯାଇଥିଲା । ସେଥି ମଧ୍ୟରୁ ବାହାରି ଆସିବା ପାଇଁ କୌଣସି ଇଚ୍ଛା ମଧ୍ୟ ନଥିଲା; ଫଳରେ ଅମାନୁଷିକ ଯନ୍ତ୍ରଣା ଆହୁରି ବେଦନାଦାୟକ ହୋଇ ଉଠିଲା । ଆଜି ଆଉ ଲେଖିପାରୁ ନାହିଁ । ଶରୀର ମୋର ଏକେବାରେ ଅବଶ ହୋଇ ପଡ଼ୁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ଜାଣି ଆମେ ଅତ୍ୟନ୍ତ ଆନନ୍ଦିତ ଯେ ତୁମେ ସୁସ୍ଥ ହୋଇ ଉଠିଛ । ତୁମର ଅସଲ ସତ୍ତାଟି ବାହ୍ୟଶକ୍ତିର ଏକ ଭୀଷଣାକାର ଘନ କଳାମେଘ ଦ୍ୱାରା ଢାଙ୍କି ହୋଇ ଯାଇଥିଲା । ସେ ତୁମ ଯୁକ୍ତିକୁ ଆବୃତ କରି ତୁମ ପାଖରୁ ତୁମର ଇଚ୍ଛାଶକ୍ତିକୁ ବାହାର କରି ନେଇଥିଲା । ଯେଉଁସବୁ କାର୍ଯ୍ୟକଳାପ ଏଇମାନଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଇଥାଏ ଭବିଷ୍ୟତରେ ନିଶ୍ଚିତରୂପେ ସର୍ବଦା ସେମାନଙ୍କ ଆଡ଼କୁ ପଛ କରି ଦୂରେଇ ଛିଡ଼ା ହେବ । ସାମାନ୍ୟତମ ଅସୁବିଧାରେ ଆମର ସୁରକ୍ଷା ଏବଂ ଭଲ ପାଇବା ଦିଗକୁ ମୁହଁ କରି ଛିଡ଼ା ହୁଅ ।

୮.୧୧.୩୩

**ସାହାନା :** ମା ମୋର, ମୁଁ ଖୁବ୍ ଭଲ ଅଛି, ଆନନ୍ଦରେ ମଧ୍ୟ ଅଛି କିନ୍ତୁ ତାହା ଅବଶ୍ୟ ପ୍ରାଣିକ ଆନନ୍ଦ – କାହିଁକି ନା ଖୁବ୍ ଗପସପ, କଥାବାର୍ତ୍ତା ନିରନ୍ତର ଚାଲିଛି । ଏତେ କଷ୍ଟ ପରେ ସତେଯେପରି ଏଠାରେ କଥାର ଝଡ଼ ଉଠିଛି । ତୁମର ଆଦର, ସ୍ନେହ ପାଇ ମୋ ଭିତର ଯେପରି ପରିପୂର୍ଣ୍ଣ ହୋଇଉଠିଛି । ଆଶ୍ରମ ସାରା ସମସ୍ତେ ଜାଣନ୍ତି ଯେ ମୁଁ ପ୍ରାୟ ଏଠାରୁ ଚାଲିଯାଇଛି – କି ଅଭିନୟ ହୋଇଗଲା ! ଅତି ସାଂଘାତିକଭାବେ ମୁଁ ସଙ୍କୁଚିତ ହୋଇ ଯାଇଥିଲି । ସେଇ ଭାବ କଟିଯାଇ ପୁଣି ମନ ଆନନ୍ଦିତ ହୋଇ ଉଠୁଛି ୨୪ ଦର୍ଶନ ଆସୁଛି ବୋଲି । କେମିତି ମୋତେ କାବୁ କରି ପକାଇଥିଲା ସେଇ 'ଅପଶକ୍ତି'ଟି ଶ୍ରୀଅରବିନ୍ଦ ଯାହାକୁ କହନ୍ତି black being ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯାହାହେଉ ବର୍ତ୍ତମାନ ତୁମେ ସବୁ ବୁଝିପାରିଛ ଏବଂ ଜାଣିଛ, ତେଣୁ ସତର୍କ ରହି ପାରିବ – ଯେଉଁଥି ପାଇଁ ସେମାନେ ସୁଯୋଗ ପାଇବେ ନାହିଁ ।

ବର୍ତ୍ତମାନ ଯେତେବେଳେ ଅତିମାନସ ଅବତରଣର ସମ୍ଭାବନା ଆସନ୍ନ ହୋଇ ଉଠୁଛି ସେତେବେଳେ ଏଇସବୁ ଶକ୍ତି ଆଶ୍ରମ ପରିବେଶ ଉପରେ ସେମାନଙ୍କର ଅଧିକାର ବଜାୟ ରଖିବାକୁ ଅଧିକ ଆଗ୍ରହାନ୍ୱିତ ହୋଇ ଉଠିଛନ୍ତି ଏବଂ ଯେଉଁମାନଙ୍କୁ ନିଜ କବଳରେ ଧରି ରଖି ପାରୁଛନ୍ତି ସେମାନଙ୍କର ସାଧନା ଭଙ୍ଗ କରିବାକୁ ଚାହୁଁଛନ୍ତି । ସେମାନଙ୍କର ଲକ୍ଷ୍ୟ ହେଉଛି ଯେତେଜଣଙ୍କୁ ପାରିବେ ଆଶ୍ରମରୁ ବହିଷ୍କାର କରିଦେବାକୁ ଯେମିତିକି ସେମାନେ ଅବତରଣରେ ଅଂଶ ଗ୍ରହଣ କରି ନପାରନ୍ତି । ଯାହାକି ଅବତରଣକୁ ବିଳମ୍ବ କରିଦେଇପାରେ ଏବଂ ଅବତରଣରେ ବିଘ୍ନ ଘଟାଇ ପାରେ ଓ ପରିବେଶ ମଧ୍ୟରେ ସେମାନେ ସର୍ବଦା ନାନା ଝଡ଼ଝଞ୍ଜା ସୃଷ୍ଟି କରି ପାରନ୍ତି ମଧ୍ୟ । ତେଣୁ ମୁଁ 'ନୋଟିସ' ଦେଇଛିଏଇ ପ୍ରସ୍ତାବ ଦେଇ ଯେ ସାଧକଗଣ ଏହିସବୁ ଶକ୍ତିସମୂହକୁ ଯେପରି ପ୍ରବେଶ କରିବାକୁ ନଦିଅନ୍ତି ଏବଂ ସେମାନଙ୍କର ଆଦୌ କୌଣସି ପ୍ରୟୋଜନ ମଧ୍ୟ ନାହିଁ । ନିଜେ ସତର୍କ ରହିବା, କୌଣସି ପ୍ରକାର ଭୟାନକ, ଅଯୌକ୍ତିକ ଗତିବୃତ୍ତିକୁ ପ୍ରବେଶ କରିବାକୁ ନଦେବା, ଶାନ୍ତ ହୋଇ ରହିବା ଏବଂ ଆମ ପ୍ରତି ଆସ୍ଥା ଏବଂ ଆତ୍ମ-ଉନ୍ମୀଳନ ସହ ଅଟଳ ରହିବା – ଏହାହିଁ ହେଉଛି ପ୍ରକୃତରେ ଯାହା ଅତ୍ୟାବଶ୍ୟକ । (୧୨.୧୧.୩୩)

**ସାହାନା :** ମା ଗୋ, ଆଜି ଜଣେ ଦୁଇଜଣ ସାଧକଙ୍କ କଥୋପକଥନରୁ ଯାହା ଶୁଣିଲି, ମନେହେଲା ଏହା ନଶୁଣିଥିଲେ ଭଲ ହୋଇ ଥାଆନ୍ତା । ଏସବୁ ଆମର ନଶୁଣିବା ଉଚିତ । ସେମାନେ ଯାହା କହୁଥିଲେ ତାହା ଯେ ଅଶ୍ରଦ୍ଧାଭାବରେ କହୁଥିଲେ ତାହା ବି ନୁହେଁ, ତେବେ ମନେ ହେଉଥିଲା – 'ଅତିମାନସ ଯଦି ଅବତରଣ କରିଥାଏ ତେବେ ମା'ଙ୍କର ଚକ୍ଷୁର ଅସୁସ୍ଥତା କାହିଁକି ?' – ଏଇ ଧରଣର କଥାବାର୍ତ୍ତସବୁ ନେଇ ଆମମାନଙ୍କର ମୁଣ୍ଡ ଖେଳାଇବାର ଆବଶ୍ୟକତା ବା କ'ଣ ? ପୁଣି ଭାବୁଥିଲି – ଯେଉଁସବୁ କଥାର ମୂଳଉତ୍ସ ମିଳେ ନାହିଁ

*(ଅବଶିଷ୍ଟାଂଶ ପୃଷ୍ଠା ୫୩ରେ ଦେଖନ୍ତୁ)*

# ଆମ ସ୍ୱାସ୍ଥ୍ୟ

## (୨୩)

## ଭୋଲେଶ୍ୱର ଭୂୟାଁ

### ଚେତନାର ପରିବର୍ତ୍ତନ ଆମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଉପାୟ

ଆମେ ଯେତେ ଉତ୍ତମ ଖାଦ୍ୟ ଖାଇଲେ ମଧ, ଯେତେ ଆସନ, ପ୍ରାଣାୟାମ, ବ୍ୟାୟାମ କଲେ ମଧ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବୁ ନାହିଁ – ଯେପର୍ଯ୍ୟନ୍ତ ଆମର ଚେତନାର ରୂପାନ୍ତର ନହୋଇଛି । ମା' ଏ ବିଷୟରେ କହୁଛନ୍ତି : "Purity in the cells cannot be obtained except through conquest of desires, it is the true condition for good health." (MCW - 14, P. 360)

ଅର୍ଥାତ୍ : ''କାମନାବାସନାକୁ ଜୟ ନକଲା ପର୍ଯ୍ୟନ୍ତ ଶରୀରର କୋଷମାନଙ୍କ ମଧରେ ବିଶୁଦ୍ଧତା ଅଣାଯାଇ ପାରିବ ନାହିଁ – ଏହା ହେଲା ଉତ୍ତମ ସ୍ୱାସ୍ଥ୍ୟର ଯଥାର୍ଥ ସର୍ତ୍ତ ।''

ଅତଏବ ଶାରୀରିକ ବ୍ୟାୟାମ କରିବା ସଙ୍ଗେ ସଙ୍ଗେ ଆମକୁ ଆମର ଚେତନାର ପରିବର୍ତ୍ତନ କରିବାକୁହିଁ ପଡ଼ିବ । ଚେତନା ପରିବର୍ତ୍ତନର ପ୍ରଥମ ପଦକ୍ଷେପ ହେଲା ଆମ ଅନ୍ତରାତ୍ମା ଅର୍ଥାତ୍ ଚୈତ୍ୟସତ୍ତା ସହିତ ସମ୍ପର୍କ ସ୍ଥାପନ କରିବା । କାରଣ ଚୈତ୍ୟସତ୍ତା ହେଲେ ଆମ ଭିତରେ ଭଗବାନଙ୍କ ପ୍ରତିନିଧି । ଆମର ସକଳ ସତ୍ତାମାନଙ୍କ ମଧରୁ କେବଳ ଚୈତ୍ୟସତ୍ତାହିଁ ଆମକୁ ଯଥାର୍ଥ ପଥରେ ଚାଲିବାରେ ସାହାଯ୍ୟ କରିଥାଆନ୍ତି । ଚୈତ୍ୟସତ୍ତାହିଁ ଆମ ଭିତରେ ମା'ଙ୍କର ଉପସ୍ଥିତି । ସେ ବିଷୟରେ ଅଧିକ ଜ୍ଞାନ ପାଇବା ପାଇଁ ଯଥା – ଚୈତ୍ୟସତ୍ତାର ଗଠନ, ତା'ର ଜାଗରଣ ଓ ଚୈତ୍ୟ-ରୂପାନ୍ତର ଆଦି ବିଷୟରେ 'ଭବିଷ୍ୟତର ମଣିଷ' ବା 'ମାତୃ ରଚନାବଳୀ' ଅଧ୍ୟୟନ କରାଯାଇପାରେ । ଚେତନା ପରିବର୍ତ୍ତନର ଦ୍ୱିତୀୟ ପଦକ୍ଷେପ ହେଲା ଜୀବନର ଲକ୍ଷ୍ୟ ବିଷୟରେ ସଚେତନ ହେବା । ଲକ୍ଷ୍ୟହୀନ ଜୀବନ ହେଲା ଏକ ଭାସମାନ ସୋଲ ଭଳି ଯାହା ଏହି ଭବ-ସାଗରରେ ଭାସି ଚାଲୁଥାଏ ଏବଂ ଦୁଃଖ-କଷ୍ଟ, ରୋଗ-ଯନ୍ତ୍ରଣା ଆଦି ପ୍ରତିଘାତରେ ସେ ଏପଟ ସେପଟ ହେଉଥାଏ । ଜୀବନ ତା'ର ଜଟିଳ ଓ ଅସୁରକ୍ଷିତ ହୋଇ ଶେଷରେ କରାଳ ମୃତ୍ୟୁର କବଳିତ ହୁଏ । ତେଣୁ ଜୀବନର ଲକ୍ଷ୍ୟ ବିଷୟରେ ସଚେତନ ହେବା ଅତ୍ୟନ୍ତ ଜରୁରୀ । ଏଥିପାଇଁ ପାଠକମାନେ ଆମ ପୂଜ୍ୟ ବାବାଜି ମହାରାଜଙ୍କ ଲିଖିତ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ବହିଟିକୁ ପଢ଼ିବା ଦରକାର । ପ୍ରକୃତରେ ଆମମାନଙ୍କ ଜୀବନର ଲକ୍ଷ୍ୟ ହେଲା ଭଗବତ୍ ପ୍ରାପ୍ତି । ଆଧାତ୍ମିକତା ଆମମାନଙ୍କୁ ଆମ ଲକ୍ଷ୍ୟ ଦିଗରେ ନେଇ ଯିବାରେ ସାହାଯ୍ୟ କରିଥାଏ । କିନ୍ତୁ ଆଜି ପର୍ଯ୍ୟନ୍ତ ମଣିଷର ଏହି ଲକ୍ଷ୍ୟ ପୂରଣ ହୋଇପାରି ନାହିଁ । କେବଳ ଆମର ମନ, ପ୍ରାଣ ତଥା ଚେତନାରେ ଭଗବତ୍ ଉପଲବ୍ଧି କରାଯାଇ ପାରିଛି । ପୂର୍ବରୁ କିନ୍ତୁ ଏ ଶରୀରକୁ ଏ ପଥରୁ ବାଦ୍ ଦିଆ ହୋଇଥିଲା । କିନ୍ତୁ ମା' ଓ ଶ୍ରୀଅରବିନ୍ଦ ପ୍ରଥମଥର ପାଇଁ ସୂଚନା ଦେଲେ ଯେ ଶରୀରର ମଧ ଭଗବତ୍ ପ୍ରାପ୍ତି ହୋଇପାରେ । ଏହି ଶରୀର ଦିବ୍ୟତା ପ୍ରାପ୍ତ ହୋଇ ରୋଗ, ଯନ୍ତ୍ରଣା, ଜରା, ମୃତ୍ୟୁରୁ ମୁକ୍ତ ହୋଇ ଏ ପୃଥିବୀ ଅମର ଧାମରେ ପରିଣତ ହେବ । ଏହାକୁ ସମ୍ଭବ କରିବା ପାଇଁ ଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତିକୁ ଗ୍ରହଣ କରି ରୂପାନ୍ତର ଯୋଗର ଯୋଗ୍ୟ ହେବା ଦରକାର । ଏହି ସାଧନାର ସମସ୍ତ ପଥ ମା' ଶ୍ରୀଅରବିନ୍ଦ ପ୍ରସ୍ତୁତ କରିଦେଇ ଯାଇଛନ୍ତି । ଆମକୁ ଏହି ମାର୍ଗରେ ଅଧିକ ସାହାଯ୍ୟ କରିବା ପାଇଁ ଦୁହେଁ ନିଜ ଶରୀରକୁ ଆତ୍ମବଳି ଦେଇ ନିଶ୍ଚେତନା ଗର୍ଭରେ ଲମ୍ଫ ଦେଇଛନ୍ତି । କାରଣ ଏ ଶରୀର ନିଶ୍ଚେତନା ଗର୍ଭରୁ ଉତ୍ପତ୍ତି ହୋଇଛି ଏବଂ ନିଶ୍ଚେତନାରୁ ଏହା ଶକ୍ତି ଆହରଣ କରି ଜୀବିତ ରହେ । ଏହାର ଆମୂଳ ପରିବର୍ତ୍ତନ କରିବା ପାଇଁ ଆଜି ଏହି କଳିଯୁଗର ଶେଷରେ ମା' ଶ୍ରୀଅରବିନ୍ଦ ଯେକି ଗୁରୁଙ୍କର ଗୁରୁ, ଦେବଙ୍କର ଦେବ ମହା କଳ୍କି ଅବତାର ରୂପେ ଏ ପୃଥିବୀରେ ତାଙ୍କ ଅତିମାନସ ଶକ୍ତିକୁ ନେଇ କାମ କରୁଛନ୍ତି । ସେମାନେ ଏ ଅକ୍ଷମ, ଅପାରଗ ମଣିଷ ଜାତି ପାଇଁ ସବୁ କିଛି କରିଦେବା ପାଇଁ ଆସିଛନ୍ତି – ଏପରିକି ମହା କଠିନ ରୂପାନ୍ତର ଯୋଗ ମଧ । ତାଙ୍କ ପ୍ରତି ଟିକିଏ ଉନ୍ମୁକ୍ତ ହେଲେ ଆମ ଭିତରେ ସେମାନେ ତାଙ୍କ କରୁଣାର ସ୍ରୋତ ପ୍ରବାହିତ କରି, ଆମକୁ ବର୍ମାବୃତ କରି ଏ ମାର୍ଗରେ ହାତ ଧରି ନେଇଯିବେ । ଏହି

କଠିନ ରୂପାନ୍ତର ଯୋଗରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହାଯ୍ୟ ବିନା ଟିକିଏ ବି ଅଗ୍ରସର କରାଯାଇପାରେ ନାହିଁ । ଆମେ ଯଦି ଆମ ସାଧନାର ଭାର ଅର୍ଥାତ୍ ଆମ ପ୍ରକୃତିର ରୂପାନ୍ତର ଓ ପ୍ରତ୍ୟେକ ସତ୍ତାର ପୂର୍ଣ୍ଣତାର ଭାର ମା' ଶ୍ରୀଅରବିନ୍ଦଙ୍କ ହାତରେ ଛାଡ଼ି ଦେଉ ତେବେ ଯାଇ ଆମେ ସଫଳତା ଲାଭ କରିଥାଉ । ଅର୍ଥାତ୍ ଆମକୁ ମା' ଶ୍ରୀଅରବିନ୍ଦଙ୍କୁ ସମର୍ପଣ କରିବାକୁ ହେବ । ରୂପାନ୍ତର ଯୋଗର ଆରମ୍ଭ ହୁଏ ସମର୍ପଣରେ ଓ ସମାପ୍ତ ମଧ୍ୟ ହୁଏ ସମର୍ପଣରେ ।

ପୁରାତନ ଯୋଗରେ ମନୁଷ୍ୟ ଶରୀରର ଆମୂଳ ପରିବର୍ତ୍ତନ ହେଉ ନଥିଲା । ଆମ ଭିତରେ ସ୍ଥିତ ବିକୃତ ପ୍ରକୃତିକୁ ପ୍ରକାଶିତ ହେବାକୁ ନଦେଇ ତାକୁ ଆମ ଭିତରେ ଚାପି ରଖୁ । କେବଳ ବାହ୍ୟ ରୂପରେ ନିଜକୁ ଶୁଦ୍ଧ, ପୂତ ରଖିବାକୁ ଚେଷ୍ଟା କରିଥାଉ । କିନ୍ତୁ ଆମେ ଚାପି ରଖିଥିବା ବିକୃତି ଆମ ଅବଚେତନାରେ ସେହିପରି ରହିଯାଏ । ହୁଏତ ସୁଯୋଗ ପାଇ ଏହିସବୁ ବିକୃତି ବାହାର ପ୍ରକୃତିରେ ପ୍ରକାଶ ପାଇଥାଏ – ଯାହାକୁ ଆମେ ସ୍ଖଳନ ବୋଲି କହିଥାଉ । କିନ୍ତୁ ରୂପାନ୍ତର ଯୋଗରେ ଏହିସବୁ ବିକୃତିକୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ରୂପାନ୍ତର କରାଯାଇଥାଏ । ଯେତେବେଳେ ନିମ୍ନ ପ୍ରକୃତିର ବିକୃତିମାନ ବାହାରକୁ ପ୍ରକାଶ ପାଏ ସେତେବେଳେ ବିବ୍ରତ ନହୋଇ ଆମେ ଏହାକୁ ସମର୍ପଣ କରିବାର ସୁଯୋଗ ଦେବା ଉଚିତ । ସମର୍ପଣ କଲେ ଏସବୁ ବିକୃତିର ରୂପାନ୍ତର ହୋଇଥାଏ ।

ରୂପାନ୍ତର ଯୋଗ ବ୍ୟକ୍ତିଗତ ଯୋଗ ନୁହେଁ । ଏହି ଯୋଗର ଉଦ୍ଦେଶ୍ୟ ହେଲା ସମଗ୍ର ବିଶ୍ୱ-ପ୍ରକୃତିର ରୂପାନ୍ତର କରିବା । ତେଣୁ ଏ ଯୋଗରେ ବ୍ୟକ୍ତି ଯେତେ ଅଗ୍ରସର ହେଲେ ମଧ୍ୟ ବିଶ୍ୱ-ପ୍ରକୃତିର ଏହିସବୁ ବିକୃତି ତା' ଭିତରେ ପ୍ରବେଶ କରିବାର ସମ୍ଭାବନା ରହିଥାଏ । ସେଥିପାଇଁ ଏ ଯୋଗ ଏତେ କଠିନ ହୋଇଥାଏ । କିନ୍ତୁ ବ୍ୟକ୍ତି ନିଜ ଭିତରେ ଯଦି ଟିକିଏ ବି କାମନାବାସନା ନରଖି, କେବଳ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ଏବଂ ତାଙ୍କ ଇଚ୍ଛାର ପୂରଣ ପାଇଁ ନିଜକୁ ଦେଇଦିଏ ତେବେ ବିଶ୍ୱ-ପ୍ରକୃତିର କୌଣସି ବିକୃତି ଆଉ ବ୍ୟକ୍ତି ଭିତରେ ପ୍ରବେଶ କରିବାର ସମ୍ଭାବନା ନଥାଏ । ଏପରି ପରିସ୍ଥିତିକୁ ଆଣିବା ପାଇଁ ବ୍ୟକ୍ତିକୁ ସମ୍ପୂର୍ଣ୍ଣ ନିରବ ଓ ଶାନ୍ତ ରହିବାକୁ ହେବ । ଶ୍ରୀଅରବିନ୍ଦଙ୍କ ପରି ନିଜ ଭିତରେ ଏକ ଶାନ୍ତ ଓ ନିରବତାର ସ୍ଥିତିକୁ ବଜାୟ ରଖି ପାରିଲେ ବିଶ୍ୱ-ପ୍ରକୃତିରୁ ଆସୁଥିବା ବିଭିନ୍ନ ବିକୃତି ଓ କାମନାବାସନାର ପ୍ରକମ୍ପ ବ୍ୟକ୍ତିକୁ ଟିକିଏ ବି ବିଚଳିତ କରି ପାରିବ ନାହିଁ । କେବଳ ଶାନ୍ତି ଓ ନିରବତା ମଧ୍ୟରେହିଁ ଊର୍ଦ୍ଧ୍ୱ ସ୍ତରରେ ଥିବା ବିଭିନ୍ନ ଚେତନାର ଅବତରଣ ବ୍ୟକ୍ତି ଭିତରେ ସଂଗଠିତ ହୋଇଥାଏ । ଶେଷରେ ବିଶାଳ ଓ ଶକ୍ତିଶାଳୀ ଅତିମାନସ ଶକ୍ତି ବ୍ୟକ୍ତିର ଶରୀରରେ ଅବତରଣ କରି ତାକୁ ନୂତନ ଭାବରେ ଗଢ଼ି ତୋଳିଥାଏ । ଆମକୁ ଦିବ୍ୟ-ଅତିମାନବରେ ରୂପାନ୍ତରିତ କରିଥାଏ । ଏହି ଅତିମାନବ ଜାତି ପୃଥିବୀପୃଷ୍ଠରେ ପରବର୍ତ୍ତୀ ଜୀବଜାତିର ବିବର୍ତ୍ତନ ରୂପ ନେବ । ଏପରି ଭାବେ କଳିଯୁଗର ସମାପ୍ତି ହୋଇ ସୁବର୍ଣ୍ଣ ଯୁଗର ଆରମ୍ଭ ହେବ । ସେତେବେଳେ ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣାପୂର୍ଣ୍ଣ ଏହି ମର ଧାମରେ ସୃଷ୍ଟି ହେବ ଅମର ଧାମ । ଏ ପୃଥିବୀ ସ୍ୱର୍ଗରେ ପରିଣତ ହେବ ।

ଚେତନାର ରୂପାନ୍ତର ହେଲେ ସ୍ଥୂଳ ରୂପାନ୍ତର ସହଜ ହୋଇଥାଏ । କିନ୍ତୁ ଚେତନାର ରୂପାନ୍ତର ନକରି କେବଳ ସ୍ଥୂଳର ରୂପାନ୍ତର ପାଇଁ ଚେଷ୍ଟା କଲେ ଏହାର ସ୍ଥାୟିତ୍ୱ ଦୀର୍ଘକାଳ ହୋଇ ନଥାଏ । ଚେତନାର ରୂପାନ୍ତର ଓ ପ୍ରକୃତିର ପରିବର୍ତ୍ତନ ପାଇଁ କଳିଯୁଗର ମହାନ୍ ଅବତାର ବୁଦ୍ଧଦେବ ଆମକୁ କେତେକ ସୂତ୍ର ବତାଇଛନ୍ତି । ଏହି ସୂତ୍ର ସବୁ 'ଧମ୍ମପଦ' ବହିରେ ରଚିତ ହୋଇଛି – ଯାହାର ବ୍ୟାଖ୍ୟା ମା ନିଜେ କରିଛନ୍ତି । ମା'ଙ୍କ ବ୍ୟାଖ୍ୟାଯୁକ୍ତ ଏହି 'ଧମ୍ମପଦ' ପୁସ୍ତକଟିକୁ ଆମର ପାଠକବୃନ୍ଦ ପଢ଼ିବା ଉଚିତ ।

ବୁଦ୍ଧଦେବ କହୁଛନ୍ତି : ''ଯାହା ସୁଖଦାୟକ ତାହା ଦୁଃଖକୁ ବି ଆଣିଥାଏ; ଯାହା ସୁଖଦାୟକ ତାହା ଭୟର ଉଦ୍ରେକ କରିଥାଏ । ଯେ ଏହି ସୁଖରୁ ମୁକ୍ତ ହୋଇଥାଏ ସେ ଦୁଃଖବରଣ କରେ ନାହିଁ । ତା'ର ଆଉ ଭୟ କାହାକୁ ?''

''ମମତା ଦୁଃଖକୁ ଜନ୍ମଦିଏ; ମମତା ଯୋଗୁଁ ଭୟର ଉଦ୍ରେକ ହୁଏ । ଯେ ମମତାରୁ ମୁକ୍ତ ହୋଇଛି ସେ ଦୁଃଖବରଣ କରେ ନାହିଁ, ତା'ର ଆଉ ଭୟ କ'ଣ ?''

''ଆସକ୍ତି ଦୁଃଖଦାୟକ ହୋଇଥାଏ; ଆସକ୍ତି ଭୟର ଉଦ୍ରେକ କରିଥାଏ । ଯେ ଆସକ୍ତିରୁ ମୁକ୍ତ ହୋଇଛି ତା'ର ଆଉ ଦୁଃଖ ରହେ ନାହିଁ, ତା'ର ଆଉ ଭୟ କ'ଣ ?''

''କାମନା ଦୁଃଖର ଉଦ୍ରେକ କରିଥାଏ; କାମନା ଯୋଗୁଁ ଭୟର ଉଦ୍ରେକ ହୁଏ । ଯେ କାମନାବାସନାରୁ ମୁକ୍ତ ସେ ଆଉ ଦୁଃଖବରଣ କରେ ନାହିଁ; ତା'ର ଆଉ ଭୟ କାହାକୁ ?''

(*Mother India*, July 2017, p. 24)

ଏହିପରି ବୁଦ୍ଧଦେବ ମଣିଷର ପ୍ରତ୍ୟେକ ଦୁର୍ବଳତା ବିଷୟରେ କହିଛନ୍ତି । ମୋଟାମୋଟି ଭାବେ ସେ କହୁଛନ୍ତି କାମନା-ବାସନାର ନିବୃତ୍ତିହିଁ ଦୁଃଖ-କଷ୍ଟ, ରୋଗ, ଯନ୍ତ୍ରଣାରୁ ମୁକ୍ତି ।

ବୁଦ୍ଧଦେବଙ୍କ ଏହି ନୀତି ବାକ୍ୟ ଅବଶ୍ୟ ଅତି ଉତ୍ତମ । କିନ୍ତୁ ଏହା ଏକ ପ୍ରକାର ନାସ୍ତିବାଚକ ଉପଦେଶ । ସେ ଯାହା କହିଛନ୍ତି ସେହି ଲକ୍ଷ୍ୟରେ ଉପନୀତ ହେବାର କୌଣସି ଉପାୟ ଦେଇ ନାହାନ୍ତି । ଯେପରି ସେ କରିବାକୁ ଚାହିଁଛନ୍ତି 'ଯେ କାମନାବାସନାରୁ ମୁକ୍ତ ହୋଇଛି ସେ...' ଏହି କାମନାବାସନାରୁ କିପରି ମୁକ୍ତି ମିଳେ ତା'ର ଉପାୟ ସେ ଦେଇ ନାହାନ୍ତି । ବ୍ୟକ୍ତିକୁ କେବଳ ଚେଷ୍ଟା କରି ଏହି ଲକ୍ଷ୍ୟରେ ଉପନୀତ ହେବାକୁ ପଡ଼ିବ । ସମର୍ପଣର ଭାବ ନରଖି ଚେଷ୍ଟା କରିବା ଏକ ପ୍ରକାର ଅହଂକାରର ପ୍ରକ୍ରିୟା । ଅହଂକାର ସହିତ ଭଗବତ୍ ଇଚ୍ଛାଶକ୍ତି କାମ କରିପାରେ ନାହିଁ ।

ମା' ବୁଦ୍ଧଦେବଙ୍କ ଉପଦେଶଗୁଡ଼ିକରେ ଯେଉଁସବୁ ବସ୍ତୁର ଅଭାବ ରହିଛି ସେସବୁକୁ ଦର୍ଶାଇ ଏହି ଲକ୍ଷ୍ୟକୁ ପାଇବା ଦିଗରେ ଯଥାର୍ଥ ମାର୍ଗ ଦେଖାଇଛନ୍ତି । ମା' କହୁଛନ୍ତି : '' 'ଏହା କର ନାହିଁ, ଏହା ତୁମ ପାଇଁ ଯନ୍ତ୍ରଣା ଆଣିବ; ତାହା କର ନାହିଁ ଏହା ତୁମ ଭିତରେ ଭୟ ଉଦ୍ରେକ କରିବ'... ଏବଂ ଏହା ଦ୍ୱାରା ତୁମ ଚେତନା ଅଧିକରୁ ଅଧିକ ଶୁଷ୍କ ହୋଇଯାଇଥାଏ, ଏହା କଠିନ ହୋଇଯାଏ କାରଣ ଏହା ଦୁଃଖକୁ ଭୟ କରେ ଏବଂ ଯନ୍ତ୍ରଣାକୁ ଭୟ କରେ ।''

(*Mother India*, July 2017, p. 25)

ଶ୍ରୀମା ପୁଣି କହୁଛନ୍ତି : ''ମୁଁ ମନେ କରେ ଏହା ଆହୁରି ଭଲ ହୁଅନ୍ତା ଯଦି କୁହାଯାଆନ୍ତା ଚେତନାର ଏପରି ଏକ ଅବସ୍ଥା ଅଛି ଯାହା ଦ୍ୱାରା ଆସ୍ପୃହା ମାଧ୍ୟମରେ ଏବଂ ନିରନ୍ତର ଆନ୍ତର ଚେଷ୍ଟା ଦ୍ୱାରା ଯେଉଁଥିରେ ଆନନ୍ଦ ଓ ଛାୟାହୀନ ଆଲୋକ ରହିଥାଏ, ଯାହା ଦ୍ୱାରା ସମସ୍ତ ପ୍ରକାରର ଭୟ ମିଳାଇ ଯାଇଥାଏ ।''

(*Mother India*, July 2017, p. 25)

ମା' ପୁଣି କହୁଛନ୍ତି : ''ଏପରି ଏକ ସ୍ଥିତି ଅଛି ଯେଉଁଥିରେ ତୁମେ ସର୍ବଦା ବାସ କରି ନପାର କିନ୍ତୁ ତୁମେ ଯାହା କର, ତୁମେ ଯାହା ଅନୁଭବ କର, ସମସ୍ତ ଗତିବୃତ୍ତିକୁ ଏକ ପୂର୍ଣ୍ଣ ନିର୍ଭରତା ସହ ପରମପ୍ରଭୁଙ୍କୁ ସମର୍ପଣ କରିଥାଅ ଓ ଅନୁଭବ କର ନିଜର ସମସ୍ତ ଦାୟିତ୍ୱ ଓ ବୋଝ ତାଙ୍କୁ ଦେଇ ଦେଇଛ ସେତେବେଳେ ସେହି ବୋଝ ଆଉ ବୋଝ ହୋଇ ରହେ ନାହିଁ ।''

(*Mother India*, July 2017, p. 25)

ମା'ଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟା ଆମକୁ ସର୍ବଦା ଏକ ନୂତନ ପଥ ପ୍ରଦର୍ଶିତ କରିଥାଏ । ଯେଉଁ ପଥରେ ଚାଲି ଆମର ସମସ୍ତ ବିକୃତି ଅତି ସହଜରେ ମିଳାଇ ଯାଇଥାଏ, ଆମର ସମସ୍ତ ଅପାରଗତା ସାମର୍ଥ୍ୟରେ ପରିଣତ ହୋଇଥାଏ । ଏବଂ ଆମେ ରୂପାନ୍ତର ପଥରେ ଆଗେଇ ଯାଇ ଏକ ନୂଆ ଦୁନିଆରେ ଉପନୀତ ହୋଇ ପାରିବାର ସମ୍ଭାବନା ଉତ୍ପନ୍ନ ହୋଇଥାଏ ।

(କ୍ରମଶଃ) ❑

---

*(ପୃଷ୍ଠା ୫୦ ର ଅବଶିଷ୍ଟାଂଶ)*

ସେସବୁକୁ ଆମର ଏଇ ଦୃଷ୍ଟି, ଏଇ ବୁଦ୍ଧି, ଏଇ ଚେତନାକୁ ନେଇ ବିଚାର କରିବାର ମନୋବୃତ୍ତି ଆମ ଭିତରେ ଆସେ କେମିତି ! ଜାଣେନା ଏ ହୁଏତ ମୋର ସେଇ ଉତ୍କର୍ଷତାର (Superior) ଭାବ, ଅନ୍ୟକୁ ଦେଖାଇବାର ସେଇ ଅହଂକାର ପ୍ରସୂତ ମନୋଭାବ – ତେବେ, କହିଥିଲି ଯେ 'ସେମାନେ କେଉଁଠି ଏପରି କିଛି କହିଥିଲେ କି । ''ଅତିମାନସ'' ସେମାନଙ୍କ ଶରୀରରେ ବା କେଉଁଠି ଅବତରଣ କରିଛି ?'

**ଶ୍ରୀଅରବିନ୍ଦଙ୍କ ପତ୍ର :** ନା, ମୁଁ କେବେ ବି ଏହା କହି ନାହିଁ । ଯେତେଦିନ ପର୍ଯ୍ୟନ୍ତ ମନ ଏବଂ ପ୍ରାଣର ପୂର୍ଣ୍ଣ ଅତିମାନସିକ ପରିବର୍ତ୍ତନ ନହୋଇଛି ସେତେଦିନ ଯାଏଁ ଶରୀରରେ କାର୍ଯ୍ୟ କରିବା ଅତିମାନସ ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ । 'ଗ' ଏବଂ ଅନ୍ୟମାନେ ବୋଧହୁଏ ସର୍ବଦାହିଁ ଆଶା କରନ୍ତି କୌଣସି ପ୍ରକାରର ଅବୋଧଗମ୍ୟ, ଅଲୌକିକ ବ୍ୟାପାର କିଛି – ସେମାନେ ବୁଝିପାରନ୍ତି ନାହିଁ ଯେ ଏହା ଏକ ଘନୀଭୂତ କ୍ରମବିବର୍ତ୍ତନ, ଦ୍ରୁତ, କିନ୍ତୁ ସୃଷ୍ଟିର ବିଧାନ ଅନୁସରଣ କରି ଚାଲେ ଏବଂ ସେଇ ବିଧାନ ଅନୁଯାୟୀହିଁ ତାହାକୁ ଆସିବାକୁ ହେବ । କିଛି ଏକ ଅଲୌକିକ ଘଟଣା କେବଳ ଏକ ମୁହୂର୍ତ୍ତର ବିସ୍ମୟହିଁ ହୋଇପାରେ, କିନ୍ତୁ ଭଗବାନଙ୍କର ବିଧିମତ ପରିବର୍ତ୍ତନହିଁ କେବଳ ମାତ୍ର ସଂପୂର୍ଣ୍ଣ ସ୍ଥାୟୀ ହୋଇପାରେ ।

୧୪.୧୧.୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ସେବାବୃକ୍ଷର ଛାୟାସ୍ନାନ

## ରଜନୀକାନ୍ତ ମିଶ୍ର

ବୃକ୍ଷର ମୂଳ ଏତେ ଦୃଢ଼ ଯେ ସେ ତା'ର ନିଜସ୍ୱ ସ୍ଥିତିରେ ଅଟଳ ରହିଥାଏ । ଅତି ଦୃଢ଼ଭାବେ ବର୍ଷ, ମାସ, ଋତୁ, ଖରା, ଶୀତ, ବର୍ଷାର ଆଗମନରେ ସେ ଭୀତତ୍ରସ୍ତ ହୁଏ ନାହିଁ । ଜଣେ ଦୃଢ଼ ସଂକଳ୍ପ ଯୋଗୀପରି, କୃତ-ନିଶ୍ଚୟ ଅକୁତୋଭୟ ଯୋଦ୍ଧାପରି ନିଜ ସ୍ଥାନରୁ ହଟେ ନାହିଁ । ତା'ର ଶାଖାପ୍ରଶାଖାଦିର ସମ୍ପ୍ରସାରଣ, ପୁଷ୍ପ ଓ ଫଳର ଉଦ୍‌ଗମ, ଶାଖାସବୁରେ ପକ୍ଷୀ, କ୍ଷୁଦ୍ର କ୍ଷୁଦ୍ର କୀଟ ଓ ଜୀବମାନଙ୍କର ଆତଯାତ, ବସାବନ୍ଧା ଓ ବଂଶବୃଦ୍ଧି, ତା'ର ଛାୟାରେ ଘଟିଯାଉଥିବା ଜୀବନ ନାଟକର ସୁଖଦ ଓ ଦୁଃଖଦ ଅଭିନୟ କିଛି ବି ତାକୁ ନିଜ ସ୍ଥାନରୁ ହଟିବାରେ ପ୍ରବର୍ତ୍ତାଇ ପାରନ୍ତି ନାହିଁ, ବିଚଳିତ କରିପାରନ୍ତି ନାହିଁ । କେତେ ବସନ୍ତର ପୁଷ୍ପଭାରା ସେ ସହିନିଏ; ସହିନିଏ ବର୍ଷାରେ କୋମଳ ସବୁଜ ପତ୍ର ଭାର; ଖରାଝାଞ୍ଜିରେ ଦୁର୍ଦ୍ଦମ କାଳ-ବୈଶାଖୀର କସରତର ଭାର । ହୁଏତ ତା'ର ଅନେକ ଶାଖା ପ୍ରଶାଖା ହୁଏ ଭୂଲୁଣ୍ଠିତ । ସେ ରହେ ଅଚଳ ଅଟଳ । ତାକୁ ସ୍ୱସ୍ଥାନରୁ ହଟାଇବାକୁ ହେଲେ କେବଳ ତା'ର ଉନ୍ମୂଳନହିଁ ଏକମାତ୍ର ବିକଳ୍ପ ପନ୍ଥା ଯେଉଁଥିରେ ସେ କୌଣସି ହୋହାଲ୍ଲା କରେ ନାହିଁ, ନିର୍ବିକାର ରହେ ।

କେହି ହେତୁବାଦୀ ଏହାକୁ ଏକ ଜୈବ ଅସାମର୍ଥ୍ୟ ବୋଲି କହିପାରେ । କେହି ଏହାକୁ ଉଦ୍ଭିଦ-ଚେତନାର ଅପାରଗ ଅବଶ୍ୟମ୍ଭାବୀ ଅବସ୍ଥା କହିପାରେ । ମାତ୍ର ଏହା ଏହି ସଜୀବ ଜଗତରେ ସ୍ଥିରତାର, ସମତାର ଓ ଦୃଢ଼ପ୍ରତିଜ୍ଞାରେ ନିତ୍ୟ ପ୍ରତିଷ୍ଠାର ଚିହ୍ନ ନୁହେଁ କି ? କଦାଚିତ୍ କର୍ତ୍ତବ୍ୟ-କରଣରୁ ନଘୁଞ୍ଚିବାର ଏକ ଚରମ ଇଚ୍ଛାର ମୂର୍ତ୍ତ ଅବସ୍ଥା ନୁହେଁ କି ?

ଆଶ୍ରମର ମୁଖ୍ୟ ଦ୍ୱାର ଦେଇ ସମାଧି ଦିଗରେ ଅଗ୍ରସର ହେଲେ ଯେଉଁ ରାଧାଚୂଡ଼ା ଗଛଟି ସମାଧି ଉପରେ ଛତ୍ରାକାରରେ କର୍ତ୍ତବ୍ୟରତ; ତାହାକୁ ସମସ୍ତେ 'ସେବାବୃକ୍ଷ' ବୋଲି ଜାଣୁ । ଅସୀମ କରୁଣାରେ ମା' ତା'ର ନାମ ଏପରି ରଖିଛନ୍ତି । ପ୍ରଭୁ ଓ ମା'ଙ୍କର ମାନବୀୟ ଆଧାରକୁ ସେ ଛାୟା ପ୍ରଦାନ କରିବା ସହ ସତେଅବା ହସ୍ତ ପ୍ରସାରଣ କରି ମାତୃ ସନ୍ତାନମାନଙ୍କୁ ଆହ୍ୱାନ କରୁଛି ତା'ର ସ୍ନିଗ୍ଧ, ଶୀତଳ ଛାୟାକୁ । ତା'ର ସେଇ ଦିବ୍ୟବାହୁରାଜି ମାତୃଚେତନାର ଛାୟା ଓ ପୁଲକରେ ଚିର ପୁଲକିତ । ଏଣୁ ଆକର୍ଷିତ କରି ନେଉଛି ତା'ର ସୁରମ୍ୟ ପ୍ରାଣବନ୍ତ ପ୍ରଭାବ ଭିତରକୁ ସ୍ପର୍ଶାତୁର ଆତ୍ମାଗୁଡ଼ିକୁ ସମଭାବରେ ଶୀତଳ ଓ ପୁଲକିତ କରିବାକୁ ।

ମାଆ ଓ ପ୍ରଭୁଙ୍କର ଯେତେ ଯେତେ ଭୌତିକ ସ୍ପର୍ଶ ଜଡ଼ିତ ବସ୍ତୁ ଓ ସ୍ପନ୍ଦନ ଆଶ୍ରମର ମୁଖ୍ୟ ପ୍ରାସାଦ, ଖେଳପଡ଼ିଆ, ବିଶ୍ୱବିଦ୍ୟାଳୟ, ବିଦ୍ୟାଳୟ, ଶ୍ରୀସ୍ମୃତି, ଅରୋଭିଲ୍ ଆଦିରେ ରହିଛି; ପୁଣି ରହିଛି ମା'ଙ୍କ କଣ୍ଠସ୍ୱର, ଫଟୋ, ଯନ୍ତ୍ରବାଦନ, ହସ୍ତଲେଖ ଓ ଅନ୍ୟ ଅନେକ କିଛିରେ, ସେସବୁ ମଧ୍ୟରେ ଏହା ଏକ ଜୀବନ୍ତ ଓ ବିକାଶଶୀଳ ଭୌତିକ ସ୍ପର୍ଶର ଉପସ୍ଥିତିଟିଏ । ମା' ଓ ଶ୍ରୀଅରବିନ୍ଦଙ୍କର ଭୌତିକ ଆଧାରର ସର୍ବାପେକ୍ଷା ନିରବଧି ନୈକଟ୍ୟ ଲାଭ କରି ଏହା ହୋଇଉଠିଛି ପ୍ରଭୁମୟ । ନିଜର ଉଦ୍ଭିଦସୁଲଭ ପୂର୍ଣ୍ଣ ଆତ୍ମଦାନ ମାଧ୍ୟମରେ ଏହା ଗୋଟିଏ ଦୃଷ୍ଟିରୁ ହୋଇଉଠିଛି ମାତୃବନ୍ତ ।

ଆମେ ଯଦି ଭାଗ୍ୟ ଓ ତା'ର ପ୍ରତିଫଳନ ଦୃଷ୍ଟିରୁ ସେବାବୃକ୍ଷକୁ ଦେଖିବା ତେବେ କେତେ ଅସଂଖ୍ୟ ତା'ର ସମଗୋତ୍ରୀୟ ଓ ଅସମ ଗୋତ୍ରୀୟ ମହାବୃକ୍ଷମାନଙ୍କ ମଧ୍ୟରୁ ସେହି ଆପାତନଗଣ୍ୟ ବୃକ୍ଷର ସ୍ୱର୍ଣ୍ଣିମ ଭାଗ୍ୟ ଆମକୁ ଚମତ୍କୃତ କରିବ । ତା'ର ଜନ୍ମକାଳ, ତା'ର ସ୍ଥାନଚୟନ ଓ ପରିବର୍ତ୍ତନ ପଛରେ ଯେ ମହତ୍ତମା ଶକ୍ତିଙ୍କର ଏକ ଦିବ୍ୟ-ସ୍ୱୀକୃତି ଅଛି — ତାହା ସବୁ ବାହ୍ୟ ଘଟଣାବଳୀ ପରି ଯାନ୍ତ୍ରିକ ମନେହୁଏ ନାହିଁ, ସବୁର ରହିଛି ଯେପରି ଏକ ପୂର୍ବାପର ସଙ୍ଗତି । ସେହିପରି ଏହା କହିବା ବାହୁଲ୍ୟ ଯେ ଏଇ ବୃକ୍ଷର ଅନୁପମ ଭାଗ୍ୟରେ ରହିଛି ଦିବ୍ୟଧାତ୍ରୀଙ୍କର ଅନୁକମ୍ପାର ମୋହର । ସେ ଗୃହୀତ ହୋଇଛି, ଅନୁଗୃହୀତ ହୋଇଛି ଦିବ୍ୟକରୁଣାରେ ।

ତା' ତଳେ ବସିଲେ ବା ଛିଡ଼ା ହେଲେ ତା'ର ଉପସ୍ଥିତି ମସ୍ତକ ଉର୍ଦ୍ଧ୍ୱରେ ଏକ ଉଚ୍ଚତର ଅସ୍ତିତ୍ୱର ସ୍ୱାଭାବିକ ଅବସ୍ଥାନ ବିଷୟରେ ନିଶ୍ଚୟତା ପ୍ରଦାନ କରେ । ତା'ର ସୁକୋମଳ ଛାୟା ବ୍ୟତିରେକ ଏହା ଦିବ୍ୟ-ଉପସ୍ଥିତିରେ ଏକ ସହଯୋଗୀ ସମର୍ପଣର ପ୍ରେରଣା । ସେ ଆଣିଦିଏ 'ମୁଁ ଅଛି ପୁଣି ନାହିଁ', 'ହେଲେ ସେ ଅଛନ୍ତି ଏଇଠି, ଆମ ନିକଟରେ, ଆମରି ଭିତରେ, ଏବେ ସବୁବେଳେ'ର ଭାବନା ଓ ପ୍ରତ୍ୟୟ ।

*(ଅବଶିଷ୍ଟାଂଶ ପୃଷ୍ଠା ୫୫ରେ ଦେଖନ୍ତୁ)*

# ଆସ ଆଗେଇ ଯିବା

## କିଶୋରୀ ଦାଶ

ଆସ ଆମେ ଆଗେଇ ଯିବା...
ସଭିଏଁ ମିଶି ଆଗେଇ ଯିବା
ହାତ ଧରାଧରି ହୋଇ
ହୃଦୟରେ ହୃଦୟ ମିଳାଇ
ଆମେ ଆଗେଇ ଯିବା ।
ଆଉ ଡେରି କାହିଁକି ଯେ ?
ପଛକଥା ଭାବି ବସିଲେ କ'ଣ
ସମୟ ବଦଳେ
ଥୁଣ୍ଟା ଗଛରେ ପତ୍ର କଅଁଳେ
ବାରଂବାର ପଛକୁ ଚାହିଁଲେ
କ'ଣ ବାଟ କମିଯାଏ
ନା ତଟ ମିଳିଯାଏ ?

ଅବା ଯାହା ହଜିଯାଇଛି
ତା'ର ପୁନରୁଦ୍ଧାର ହୁଏ ।
ତେବେ ଚିନ୍ତା କାହିଁକି ?

ସତରେ ଯଦି ହୁଅନ୍ତା
ଆଗାମୀ ଦିନର ସ୍ୱପ୍ନରେ
କେହି ବିଭୋର ହୁଅନ୍ତେନି
ନୂଆ ସକାଳର ପହିଲି କିରଣକୁ
ସ୍ୱାଗତିବା ଲାଗି ମୁରୁଜ ପକାନ୍ତେନି ।

ତା'ହେଲେ ଆଉ ଅପେକ୍ଷା କାହାକୁ ?



ବିଳମ୍ବ କାହିଁକି ?
ଆସ ! କିଛି ନଭାବି ଆମେ ଆଗେଇ ଯିବା
ଆଗକୁ ମାଡ଼ି ଚାଲିବା ।
ସୁଡ଼ଙ୍ଗ ଦୁଆରେ ପାଦ ଥାପି ଥାପି
ଆଗକୁ ଚାଲିବା...
ସୁଡ଼ଙ୍ଗ ଶେଷରେ ରହିଛି ଅମାପ ଆଲୁଅ
ଯୁଦ୍ଧର ଶେଷରେହିଁ ତ ବିଜୟ...
ତା'ହେଲେ ଚିନ୍ତା କାହିଁକି ?

ବାକ୍ୟ ନୁହେଁ.... କର୍ମହିଁ ତ ରାଜରାସ୍ତା
ଆଲୋକ ପଥର
ଘୋଷଣା ନୁହଁ... ସାଧନାହିଁ ତ ଦିବ୍ୟପଥ
ଆଗକୁ ମାଡ଼ିବାର...

ତା'ହେଲେ ଆଉ ଭାଳେଣି କାହିଁକି ?
ଆସ ! ସଭିଏଁ ମିଶି ସୁଡ଼ଙ୍ଗ ପଥର ଯାତ୍ରୀ ହେବା
ଧୀରେ ଧୀରେ ପାଦ ଥାପି ସୁଡ଼ଙ୍ଗେ ପଶିବା
ଅନ୍ଧକାରର ବୁକୁଚିରି ଆଗକୁ ଚାଲିବା ।
ସୁଡ଼ଙ୍ଗର ଯାତ୍ରାହିଁ ତ ସାଧନାର ପଥ
ଯନ୍ତ୍ରଣାର ସମାପ୍ତିରେ ଆନନ୍ଦ ଅନନ୍ତ ।
ଆସ ! ଆମେ ଆଗେଇ ଯିବା
ଆନନ୍ଦମୟୀ ଜନନୀଙ୍କୁ
ନିଜ ଭିତରେ
ଆବିଷ୍କାର କରିବା... ॥ ❑

---

*(ପୃଷ୍ଠା ୫୪ର ଅବଶିଷ୍ଟାଂଶ)*

ସତତ ଓ ନିରବଚ୍ଛିନ୍ନ ସେବାର ପ୍ରତୀକଭାବେ ସେ ଯାହା କରେ ମଣିଷ ଭିତରେ ଅହୋରାତ୍ର ତା'ର ପ୍ରତିଷ୍ଠା ପାଇଁ ଆମ ଉପରେ ତା'ର ବିରଳ ଛାୟା ଏକ କମ୍ର କୋମଳ ଅଥଚ ନିଶ୍ଚୟ ଚାପ ଦିଏ ।

ଧନ୍ୟ ଏହି ମାତୃସନ୍ତାନ । ଧନ୍ୟ ତା'ର ସେବା । ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ବର୍ତ୍ତମାନ ଏହି ଯୁଗ-ପରିବର୍ତ୍ତନ ସମୟରେ ଛାତ୍ରମାନଙ୍କ କର୍ତ୍ତବ୍ୟ କ'ଣ ?*

**ଉତ୍ତର :** ଛାତ୍ରମାନଙ୍କର କର୍ତ୍ତବ୍ୟ ହେଲା ଜୀବନରେ ପୂର୍ଣ୍ଣତା ନିମିତ୍ତ ନିଜ ମନ, ପ୍ରାଣ, ଶରୀର ତଥା ଆତ୍ମା – ଏହି ଚାରି ସତ୍ତାର ବିକାଶ ସକାଶେ ବ୍ୟାୟାମ, କଳା ଏବଂ ବିଦ୍ୟାଶିକ୍ଷାଦି ସମସ୍ତ କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବେ । ଏହାରି ଦ୍ୱାରା ସେମାନଙ୍କ ଅହଂ, ସ୍ୱାର୍ଥ, ହିଂସାଦି ଦୁର୍ଗୁଣ ଦୂର ହେବ । ସେହିମାନଙ୍କ ଦ୍ୱାରା ଦେଶରେ ଶୃଙ୍ଖଳା ସ୍ଥାପିତ ହେବ । ଦାରିଦ୍ର୍ୟ ଦୂର ହେବ । ଦେଶ ଉନ୍ନତ ହେବ । ସେହିମାନେ ହେବେ ନୂତନ ଯୁଗର ଅଗ୍ରଦୂତ ତଥା ଆଦର୍ଶ ।

*ପ୍ରଶ୍ନ : ଛାତ୍ର ଜୀବନରେ 'ସଂଯମ' ଗୋଟିଏ ପ୍ରଧାନ ଗୁଣ । କେଉଁ କେଉଁ କ୍ଷେତ୍ରରେ କିପରି ଭାବରେ ସଂଯତ ହେବାକୁ ପଡ଼ିବ ?*

**ଉତ୍ତର :** ସଂଯତ ହେବାକୁ ହେବ ଜୀବନର ଲକ୍ଷ୍ୟ ସର୍ବାଙ୍ଗୀଣ ବିକାଶର ପ୍ରତିକୂଳ କର୍ମରେ ।

ନିରର୍ଥକ ଗପ, ସମୟର ଦୁରୁପଯୋଗ, ରାଜନୈତିକ ନେତାଙ୍କ ସ୍ୱାର୍ଥ-ସାଧନର ଯନ୍ତ୍ର ହୋଇ ଧର୍ମଘଟ କରିବା, ବ୍ରହ୍ମଚର୍ଯ୍ୟର ପ୍ରତିକୂଳ ଆଚରଣ କରିବା, ବିବାଦ, ଝଗଡ଼ା, ଅନ୍ୟର ଅନିଷ୍ଟ କରିବାରେ ଛାତ୍ର-ଛାତ୍ରୀମାନଙ୍କୁ ସଂଯତ ହେବାକୁ ହେବ । ଅର୍ଥାତ୍ ଏହିସବୁ ପ୍ରତିକୂଳ ଆଚରଣ ବର୍ଜନ କରିବାକୁ ହେବ ।

*ପ୍ରଶ୍ନ : ଛାତ୍ରମାନଙ୍କ ଉପରେ ସଂସାରର ଉନ୍ନତି ନିର୍ଭର କରେ । ରାଜ୍ୟ-ଶାସନ ବା ଅନ୍ୟାନ୍ୟ କାର୍ଯ୍ୟରେ ଅନ୍ୟାୟ ବ୍ୟବସ୍ଥା ତଥା ଅନିୟମିତ ଶାସନ ବିରୋଧରେ ଯଦି ଛାତ୍ରମାନେ ଧର୍ମଘଟ ନ କରିବେ ତେବେ ଅନ୍ୟାୟକୁ ପ୍ରଶ୍ରୟ ଦେବାକୁ ହେବ । ଅତଏବ ଧର୍ମଘଟ ନକରିବା ସକାଶେ କହିଲେ କାହିଁକି ?*

**ଉତ୍ତର :** ତୁମ ଧର୍ମଘଟ ଦ୍ୱାରା ଅନ୍ୟାୟ ଏବଂ ବିଶୃଙ୍ଖଳା ଦୂର ହେବ ନାହିଁ । ଅନ୍ୟ ଶାସକ ବା ତୁମେ ସ୍ୱୟଂ ଶାସନରେ ଆସିଲେ ଉପସ୍ଥିତ ଶାସକମାନଙ୍କର ଯେଉଁ ଭୁଲ୍ ଉପରେ ଅଭିଯୋଗ କରୁଛ, ସେହି ଭୁଲ୍ ତୁମେମାନେ ବି କରିବ । କାରଣ ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ଯେଉଁ ନୈତିକତା ଦ୍ୱାରା ସଂସାର ପରିଚାଳିତ ହେଉଥିଲା ସେ ନୈତିକତା ଭାଙ୍ଗିଯାଇଛି । ଅର୍ଥାତ୍ ନୈତିକତାର ଯୁଗ ଶେଷ ହୋଇସାରିଛି । ଏହାର ପ୍ରମାଣ ସ୍ୱରୂପ ଉପସ୍ଥିତ ରାଜନୈତିକ ନେତାମାନେ ଯେତେ ଚେଷ୍ଟା କରୁଛନ୍ତି, ଯଥାର୍ଥ ଶୃଙ୍ଖଳା ଆଣି ପାରୁ ନାହାନ୍ତି । ତୁମ ଚେଷ୍ଟା ବି ବ୍ୟର୍ଥ ହେବ ।

ବର୍ତ୍ତମାନ ସତ୍ୟଯୁଗ । ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେବାର ସମୟ ଆସିଛି । ଏହି ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା' ଶ୍ରୀଅରବିନ୍ଦ ପୃଥିବୀକୁ ଆସିଛନ୍ତି ଓ ଅତିମାନସ ସତ୍ୟକୁ ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ମା' କାର୍ଯ୍ୟ କରୁଅଛନ୍ତି । ଆମେମାନେ ସେହି ସତ୍ୟକୁ ଗ୍ରହଣ କଲେ ନିଜ ଆଦର୍ଶ ଏବଂ କର୍ମ ଦ୍ୱାରା ବର୍ତ୍ତମାନ ଅସତ୍ୟ, ଅନ୍ୟାୟ, ବିଶୃଙ୍ଖଳା ଦୂର କରିପାରିଲେ ପୃଥିବୀରେ ସୁଖ-ଶାନ୍ତି ପ୍ରତିଷ୍ଠା ହେବ । ଧର୍ମଘଟରେ ବିଶୃଙ୍ଖଳାର ସୁଧାର ହେବ ନାହିଁ ବରଂ ବଢ଼ିବ । ସେହି ସକାଶେ ବ୍ୟର୍ଥ ହୋଇ ଆସୁଥିବା ପ୍ରଣାଳୀକୁ ଛାଡ଼ି ନୂତନ ସତ୍ୟକୁ ଗ୍ରହଣ କରିବା ହେଲା ଛାତ୍ରମାନଙ୍କର ବିଶେଷ କର୍ତ୍ତବ୍ୟ ।

*ପ୍ରଶ୍ନ : ପଢ଼ାରେ ମୋତେ ଆନନ୍ଦ ମିଳେ ନାହିଁ କାହିଁକି ?*

**ଉତ୍ତର :** ଆନ୍ତରିକ ନିଷ୍ଠା ସହ ପଢ଼ିବାରେ ପ୍ରାଣ ସହଯୋଗ କରେ ନାହିଁ । ସେହି ସକାଶେ ପଢ଼ାରେ ଆନନ୍ଦ ଆସେ ନାହିଁ ।

ଯଦି ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଆନ୍ତରିକତା ସହ ଗ୍ରହଣ କରି ପଢ଼ାକୁ ତା'ର ସାଧନା ମାନି ପାର, ତେବେ ପଢ଼ାରେ ଆନନ୍ଦ ଆସିବ । ଏହି ଆନନ୍ଦ ଯଥାର୍ଥରେ ଆନନ୍ଦ । ଅନ୍ୟଥା ବୃତ୍ତି ପାଇବା, ଫାଷ୍ଟ ଡିଭିଜନରେ ପାସ୍ କରିବା କିଂବା ବିଦ୍ୟାକୁ ଉତ୍ତମ ଗୁଣ ରୂପେ ଗ୍ରହଣ କରି ପଢ଼ିଲେ ପ୍ରାଣରେ ପ୍ରସନ୍ନତା ଆସିପାରେ ।

*ପ୍ରଶ୍ନ : ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରି ପଢ଼ୁଛି । ବୃତ୍ତି ପାଇବି କି ନାହିଁ ?*

**ଉତ୍ତର :** ଯଦି ବୃତ୍ତି ପାଇବାର ବିପରୀତ ଚିନ୍ତାକୁ ପ୍ରଶ୍ରୟ ନ ଦିଅ ଅଥବା ବିପରୀତ ଚିନ୍ତା ଆସିଲେ ପରୁଆ ନକରି ମା'ଙ୍କୁ ଡାକ, ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ପଢ଼

ତେବେ ବୃତ୍ତି ପାଇପାରିବ । ଯଦି ପଢ଼ିବାରେ ତୁମର ଗ୍ରହଣ କରିବାର ସତ୍ତା ଦୁର୍ବଳ ଥାଏ, ତେବେ ମା'ଙ୍କ ଉପରେ ଦୃଢ଼ବିଶ୍ୱାସ ରଖିଲେ ମା'ଙ୍କ ଶକ୍ତି ଏବଂ କୃପାରେ ଦୁର୍ବଳ ସତ୍ତା ସବଳ ହୋଇପାରିବ ।

*ପ୍ରଶ୍ନ : ଲକ୍ଷ୍ୟରେ ପହଞ୍ଚିବା ତଥା ଆଦର୍ଶ ଛାତ୍ର ହେବା ସକାଶେ କେଉଁ ନିୟମ ପାଳନ କରିବି ?*

**ଉତ୍ତର :** ଆଦର୍ଶ ଛାତ୍ର ହେବା ତଥା ଲକ୍ଷ୍ୟରେ ପହଞ୍ଚିବା ସକାଶେ ଶ୍ରୀଅରବିନ୍ଦଙ୍କ ଶିକ୍ଷାନୁସାରେ ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶ ସକାଶେ ବ୍ୟାୟାମ, ବିଦ୍ୟାଧ୍ୟୟନ ତଥା ଅଧ୍ୟାତ୍ମ ସାଧନ – ଅଭୀପ୍ସା, ସମସ୍ତ କର୍ମ ମା'ଙ୍କୁ ସମର୍ପଣ ତଥା ପ୍ରତିକୂଳ କର୍ମ ଓ ବିଚାରର ବର୍ଜନ କରିବା ଆବଶ୍ୟକ । ଏହିସବୁ ବିଷୟ 'ଛାତ୍ର ଜୀବନରେ ଉନ୍ନତିର ମାର୍ଗ' ପୁସ୍ତକରେ ଆଲୋଚନା କରାଯାଇଛି ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,* ତୃତୀୟ ଖଣ୍ଡ, ପୃଷ୍ଠା : ୧୦୯-୧୧୪)

**– ରାମକୃଷ୍ଣ ଦାସ** ❑

# ଅଭୀପ୍ସା

## ହରପ୍ରିୟା ସାହୁ



ତୁମେ ମୋ ହୃଦୟର
ନିଭୃତ ଗୁମ୍ଫାରେ
ରହିଛ ବୋଲି
ଜାଣି ସାରିଲା ପରେ
ମୋର ଇଚ୍ଛାମାନେ ଦାନା ବାନ୍ଧିଲେଣି
ଅଭୀପ୍ସାର ଶିଖା ହୋଇ
ଜଳି ଉଠିବାକୁ ।
ନୀରୋଳା ଭକ୍ତି ଓ
ଅନୁଭୂତିର ଇନ୍ଧନ ହୋଇ
ତୁମ ସହ ପ୍ରକୃତି ଯଜ୍ଞରେ
ନୈବେଦ୍ୟ ହେବାକୁ ।।
ଏବେ ମୋ ଆତ୍ମପ୍ରତ୍ୟୟର
ପ୍ରବାଳଗୁଡ଼ିକ
ମହୋଦଧିର ବିନ୍ଦୁ ବିନ୍ଦୁ ଜଳରେ
ଦେଖୁଛନ୍ତି ତୁମ ଉପସ୍ଥିତି
ଆଉ ଏ ମନ ଚାହୁଁଛି
ତୁମ ସନାତନୀ ଚେତନାର
ସଫେଦ କାଗଜରେ
ଲେଖିବାକୁ ଅର୍ଥପୂର୍ଣ୍ଣ ସଂସାରର
ଚିରନ୍ତିନୀ ଗୀତି ।। ❑

ଚେତନାର ଦିଗ୍‌ବଳୟ :

# ନାସ୍ତିକ ଓ ଆସ୍ତିକ : ଦୁଇ ସାମ୍ପ୍ରତିକ ଗବେଷଣାର ସିଦ୍ଧାନ୍ତ

ପ୍ରାୟ ତିରିଶ ବର୍ଷ ତଳର କଥା । ମହାନଗରୀରେ ଏ ଲେଖକର କିଛି କାର୍ଯ୍ୟକ୍ରମ ଥାଏ । ସେସବୁ ଭିତରେ ଜଣେ ଯୁବକ ମୋ ସହ ଏକାନ୍ତରେ ସାକ୍ଷାତ୍ କଲେ ।

ଯୁବକ ଉଚ୍ଚ ଶିକ୍ଷିତ ଓ ବୁଦ୍ଧିମାନ୍ । ନିଜର ସମସ୍ୟା ଭାବରେ ସେ ଯାହା ମୋ ଆଗରେ ଉପସ୍ଥାପନ କଲେ, ତାହା ହେଲା, ସେ ନାସ୍ତିକ; ଭଗବାନଙ୍କ ଅସ୍ତିତ୍ୱରେ ସେ ବିଶ୍ୱାସ କରନ୍ତି ନାହିଁ । କହୁ କହୁ କହିପକାଇଲେ, ସେ ଭଗବାନଙ୍କ ବିରୋଧରେ ବିଦ୍ରୋହୀ ।

''ଯଦି ଭଗବାନ୍ ନାହାନ୍ତି, ତେବେ ତାଙ୍କ ବିରୋଧରେ ବିଦ୍ରୋହ କରୁଛନ୍ତି କେମିତି ?'' ପ୍ରଶ୍ନ କଲି ।

ସାମାନ୍ୟ ଅପ୍ରସ୍ତୁତ ହୋଇ ସେ କହିଲେ, ''ମାନେ, ଭଗବାନ୍ ଅଛନ୍ତି ବୋଲି ଯେଉଁ ଧାରଣା, ମୋ ବିଦ୍ରୋହ ତାହାରି ବିରୋଧରେ ।''

''ସମସ୍ୟାଟି କ'ଣ ?'' ପୁଣି ପ୍ରଶ୍ନ କଲି ।

ସେ ଏଣୁତେଣୁ ଦାର୍ଶନିକ ସୁଲଭ ବାକ୍ୟମାନ କହି ଚାଲିଲେ; ସାମାନ୍ୟ ଉତ୍ତେଜିତ ଭାବରେ । ମୁଁ ତାଙ୍କୁ ନିରସ୍ତ କରି କହିଲି, ''ଆପଣ ଚମତ୍କାର କଥାମାନ କହୁଛନ୍ତି । ଆପଣଙ୍କ ବିଦ୍ରୋହ ଜାରି ରଖନ୍ତୁ । ଭଗବାନ୍ ଜମାରୁ କିଛି ମନେ କରିବେ ନାହିଁ ।''

ହଠାତ୍ ସେ କହି ପକାଇଲେ, ''କିଛି ମନେ କରିବେ ନାହିଁ ତ ?'' ସଂଳାପ ଶେଷ ହେଲା । ଯାହା ବୁଝିଲି, ଭଗବାନଙ୍କ ନାମରେ ସମାଜରେ ଯେତେ ଧର୍ମକର୍ମ ହେଉଛି, ଯେତେ ଅନୀତି ଦୁର୍ନୀତିରେ ଲିପ୍ତ ରହନ୍ତି ତାଙ୍କର ତଥାକଥିତ ସେବକମାନେ, ଯୁବକଙ୍କୁ ସେସବୁ ବ୍ୟଥିତ ଓ ବିଦ୍ରୋହୀ କରିଛି, କିନ୍ତୁ ସେ ନିଜକୁ ନାସ୍ତିକ ହିସାବରେ ପରିଚିତ କରୁଥିଲେ ମଧ ତାଙ୍କ ଚେତନାରୁ ସେ ଭଗବତ୍ ବିଶ୍ୱାସକୁ ଉତ୍ପାଟିତ କରି ପାରିନାହାନ୍ତି । କିଛି ଗ୍ଲାନିବୋଧ ସହିତ ଭୟ ରହିଛି – କୌଣସି ଅତିଭୌତିକ ଶକ୍ତି ତାଙ୍କ ଉପରେ କ୍ରୁଦ୍ଧ ହେଉ ନାହିଁ ତ ? ତାଙ୍କର ସେହି ଅର୍ଦ୍ଧଚେତନ ଆଶଙ୍କା ତାଙ୍କୁ ବିବ୍ରତ କରୁଥିଲା । ସେ ଆଶ୍ୱାସନା ପାଇଲେ ଆପାତତଃ । ପରେ ଅବଶ୍ୟ ସେ ଆପଣାର 'ସ୍ୱାଦେନ୍ଦ୍ରିୟ ସ୍ଖଳନ' ବା slip of tongue ସମ୍ପର୍କରେ ଚେତି ଉଠିଥିବେ ।

ଆଜି ବିଲୁପ୍ତ ସୋଭିଏତ୍ ଶାସନ ବେଳେ ରୁଷିଆର ପ୍ରାଥମିକ ପାଠ୍ୟ-ପୁସ୍ତକମାନଙ୍କରେ ଧର୍ମର ବ୍ୟାଖ୍ୟା ''ଜନସାଧାରଣଙ୍କ ପାଇଁ ଅଫିମ'' ଏବଂ ଭଗବାନଙ୍କ ବ୍ୟାଖ୍ୟା ''ମନଗଢ଼ା ଅଳୀକ ଶକ୍ତି'' ବା ସେମିତି ଭାବରେ ଲିପିବଦ୍ଧ ହୋଇଥାଏ । ଥରେ ଜଣେ ବିଦେଶୀ ସାମ୍ବାଦିକ ଗୋଟାଏ ବିଦ୍ୟାଳୟ ପରିଦର୍ଶନରେ ଯାଇଥା'ନ୍ତି । ଯୋଗାଯୋଗକୁ ସେଦିନ କୃତୀ ଛାତ୍ରମାନଙ୍କୁ ଜଣ ଜଣ କରି ଡାକି ଶିକ୍ଷାବିଭାଗୀୟ ହାକିମ କିଛି କିଛି ପ୍ରଶ୍ନ କରୁଥା'ନ୍ତି । ସେମିତି ଜଣେ ଛାତ୍ରକୁ ଉପରୋକ୍ତ ଦୁଇ ବିଷୟ ଉପରେ ପ୍ରଶ୍ନ କରାହୋଇଥାଏ । ସେ ପାଠ୍ୟପୁସ୍ତକର ବ୍ୟାଖ୍ୟା ଅବିକଳ ଆଉଡ଼ାଇ ପ୍ରଶଂସା ପାଇ କୋଠରି ବାହାରକୁ ବାହାରି ଆସି ତା' ସାଙ୍ଗକୁ ଚୁପ୍‌ଚାପ୍ କହି ପକାଇଲା, ''ଠିକ୍ ଉତ୍ତର ଦେଇଛି – ଭଗବାନଙ୍କୁ ଅଶେଷ ଧନ୍ୟବାଦ !''

କହିବା ବାହୁଲ୍ୟ, ପୂର୍ବକଥିତ ଯୁବକ ଏବଂ ନାସ୍ତିକ ଏକଛତ୍ରବାଦୀ ଦେଶର ଛାତ୍ରଛାତ୍ରୀମାନେ ପ୍ରକୃତ ନାସ୍ତିକ ନୁହନ୍ତି । କିନ୍ତୁ ପ୍ରକୃତ ନାସ୍ତିକ ବା Atheist ଅବଶ୍ୟ ଅଛନ୍ତି । ସେମାନଙ୍କ ଭିତରେ ଶ୍ରେଣୀଭେଦ ରହିଛି । କେହି କେହି Agnostic ବା ଅଜ୍ଞେୟବାଦୀ । ସେମାନଙ୍କ ମତରେ, ଭଗବାନ୍ ବା ସେହି ଅର୍ଥରେ କୌଣସି ମହାଶକ୍ତି ଅଛନ୍ତି କି ନାହିଁ, ସେ ସମ୍ପର୍କରେ କିଛି ଜାଣିବା ସମ୍ଭବପର ନୁହେଁ । ସେତିକି ।

ଅଛନ୍ତି ପୁଣି Pragmatist ବା ପ୍ରୟୋଗବାଦୀମାନେ । ଆମ ଜୀବନ ପାଇଁ, ସମାଜ ପାଇଁ ଯାହା ଆବଶ୍ୟକ, ସେହିସବୁର ଉପଯୁକ୍ତ ବିଧିବ୍ୟବସ୍ଥା କରିବାରେ ସେମାନଙ୍କ ଆଦର୍ଶ ସୀମିତ । ସେ ଦୃଷ୍ଟିରୁ ଭଗବାନ୍, ଧର୍ମ, ଏସବୁର ବାସ୍ତବ ଭୂମିକା ନାହିଁ । ତେଣୁ ସେମାନେ ସେସବୁକୁ ନେଇ ଚର୍ଚ୍ଚାର ପକ୍ଷପାତୀ ନୁହନ୍ତି ।

ଏତଦ୍‌ବ୍ୟତୀତ ଅଛନ୍ତି Nihilist ବା ଉତ୍କଟ ନାସ୍ତିକ ଗୋଷ୍ଠୀ । ଏକଦା, ଜାର୍(Czar) ଅମଳର ରୁଷିଆରେ,

ଏମାନେ କିଛିକାଳ ପାଇଁ ପ୍ରବଳ ଥିଲେ । କୌଣସି ଧାର୍ମିକ ବିଶ୍ୱାସ ବା ଅନୁଷ୍ଠାନ ବିରୋଧରେ ହିଂସାଚରଣ କରିବାକୁ ସେମାନେ ପଶ୍ଚାତ୍‌ପଦ ହେଉନଥିଲେ ।

ଆଜି 'ନିହିଲିଷ୍ଟ୍' ବା ଉତ୍କଟ ନାସ୍ତିକ ପ୍ରାୟ ନାହାନ୍ତି । ସେମାନଙ୍କ ସ୍ଥାନ ନେଇଛନ୍ତି ଉତ୍କଟ ଧର୍ମାନ୍ଧ ଗୋଷ୍ଠୀ । ସେମାନେ ଯେଉଁ ଧର୍ମ ବା ମତରେ ବିଶ୍ୱାସୀ, ତାହାଠୁଁ ଭିନ୍ନ ଧର୍ମବାଦୀ ବା ମତବାଦୀମାନଙ୍କ ବିରୋଧରେ ହିଂସାଚରଣକୁ ସେମାନେ ଆଦର୍ଶ ମନେ କରନ୍ତି ।

ପ୍ରକୃତରେ ଭଗବାନଙ୍କ ନାମରେ, ଧର୍ମନାମରେ ସମାଜରେ ଯେତେ କୁସଂସ୍କାର ପ୍ରାଧାନ୍ୟ ବିସ୍ତାର କରିଛି, ଜଣେ ବିବେକୀ ବ୍ୟକ୍ତି ଭାବପ୍ରବଣତାବଶତଃ ନାସ୍ତିକ ହେବାରେ ବିସ୍ମୟ କିଛି ନାହିଁ । ଭାରତର ପରମ୍ପରାରେ ସଚ୍ଚା ନାସ୍ତିକମାନେ ମଧ ଦାର୍ଶନିକ ରୂପେ ପରିଗଣିତ ହେଉଥିଲେ । ତାହା ଏକ ଭିନ୍ନ ପ୍ରସଙ୍ଗ । ଭଗବାନ୍ ବୋଇଲେ ଆମେ କ'ଣ ବୁଝୁଁ, ତାହାରି ଉପରେ ସବୁ ନିର୍ଭର କରେ । ଆଧ୍ୟାତ୍ମିକତା ଦୃଷ୍ଟିରୁ ଜଣେ ଦେବା-ଦେବୀ, ପୂଜାର୍ଚ୍ଚନାରେ ବିଶ୍ୱାସ କରୁ ବା ନକରୁ, ଜଣେ ଯଦି ଏ ଅସୀମ ସୃଷ୍ଟି ପଶ୍ଚାତରେ ତଥା ଏହି ସୃଷ୍ଟି ଭିତରେ ନିହିତ ଶକ୍ତିର ସନ୍ଧାନ କରୁଥିବ, ସୃଷ୍ଟିର ଓ ଜୀବନର ରହସ୍ୟ ସମ୍ପର୍କରେ ସନ୍ଧାନୀ ହୋଇଥିବ, ତେବେ ସେ ଆଉ ଯାହା ହେଉ ବା ନହେଉ, ନାସ୍ତିକ ନୁହେଁ । ନିଜ ଅନୁସନ୍ଧିତ୍ସାର ଗୋଟାଏ ପର୍ଯ୍ୟାୟରେ ଜଣେ ସମଗ୍ର ସୃଷ୍ଟିକୁ ଗୋଟାଏ ''ଯୋଗାଯୋଗ'' ବା ନିର୍ବୋଧ ସ୍ଥୂଳ ପ୍ରାକୃତିକ ଶକ୍ତିସମୂହର ଅନର୍ଥକ ଆଦାନପ୍ରଦାନ ବୋଲି ମନେ କରିପାରେ । ସେତେବେଳେ ସେ ନାସ୍ତିକ । କିନ୍ତୁ ନିଜ ଜିଜ୍ଞାସାବୋଧର ପରବର୍ତ୍ତୀ ପର୍ଯ୍ୟାୟରେ ସେ ସେହି ''ଯୋଗାଯୋଗ'' ପଶ୍ଚାତରେ ଏକ ସଚେତନ ଯୋଜନା ଏବଂ ଆଭିମୁଖ୍ୟର ସନ୍ଧାନ ପାଇପାରେ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଏକ ସମାଜତାତ୍ତ୍ୱିକ ଲେଖାରେ ଆମେ ପଢୁଁ : ''ବହୁ ସମୟରେ ଆମେ ଦେଖୁଁ ବ୍ୟକ୍ତିଟିଏ ଓ ସମାଜ ଭିତରେ ନାସ୍ତିକତା ଏକ ଗଭୀରତର ଧର୍ମ ଏବଂ ଆଧ୍ୟାତ୍ମିକ ସତ୍ୟ ଅଭିମୁଖେ ମାର୍ଗର ଭୂମିକା ତୁଲାଇଛି; କେବେ କେବେ ଜଣେ ଭଗବାନଙ୍କୁ ଅସ୍ୱୀକାର କରେ ତାଙ୍କୁ ଆବିଷ୍କାର କରିବା ନିମନ୍ତେ; ସମସ୍ତ ନିଷ୍ଠାପର ସଂଶୟ ଏବଂ ଅସ୍ୱୀକାରର ପରିଣତିରେ ସେ ଆବିଷ୍କାର ଅନିବାର୍ଯ୍ୟ ।'' (Often we find Atheism both in individual and society a necessary passage to deeper religious and spiritual truth: one has sometimes to deny God in order to find Him; the finding is inevitable at the end of all earnest scepticism and denial. – *The Human Cycle*)

ଏତକ କହିବାର କାରଣ ହେଲା, ସଂପ୍ରତି ବେଲ୍‌ଜିଅମ୍‌ର ଲୁଭାଁଠାରେ ଅବସ୍ଥିତ ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଗୋଟିଏ ଗବେଷଣାର ଫଳ ପ୍ରକାଶ ପାଇଛି ଗତ ମାସ (ଜୁଲାଇ ୨୦୧୭) ପ୍ରଥମ ସପ୍ତାହରେ । ଗବେଷଣା ଏହାହିଁ ପ୍ରତିପାଦିତ କରେ ଯେ ଭଗବାନ୍-ବିଶ୍ୱାସୀମାନଙ୍କ ତୁଳନାରେ ନାସ୍ତିକମାନେ ଅଧିକ ଅସହିଷ୍ଣୁ । ସେମାନେ ସହଜରେ ଉତ୍‌କ୍ଷିପ୍ତ ହୁଅନ୍ତି । ନାସ୍ତିକମାନେହିଁ କୌଣସି ନୂତନ ଧାରଣା ପ୍ରତି ଉନ୍ମୁକ୍ତ ହେବାରେ କୁଣ୍ଠାବୋଧ କରନ୍ତି । ସେମାନେ ଅଧିକ ଉତ୍ତେଜିତ ଭାବରେ ନିଜ 'ଅବିଶ୍ୱାସ' ଜାହିର କରନ୍ତି !

ସାଧାରଣତଃ ଧରି ନିଆଯାଏ ଯେ ନାସ୍ତିକମାନେ ହେତୁବାଦୀ; ତେଣୁ ସେମାନେ ଅନ୍ୟମାନଙ୍କ ହେତୁବୋଧ ପ୍ରତି ସହନଶୀଳ । କିନ୍ତୁ ଗବେଷଣା ଦେଖାଉଛି, ତାହା ଠିକ୍ ନୁହେଁ ।

ଆମେରିକାର ଦଳେ ଗବେଷକ (ଏକାଧିକ ସଂସ୍ଥା ଓ ବିଶ୍ୱବିଦ୍ୟାଳୟର ସହଯୋଗ କ୍ରମେ) ସପ୍ତାହଟିଏ ପରେ, ଗତମାସ ୧୨ ତାରିଖରେ ପ୍ରକାଶ କରିଛନ୍ତି ଆଉ ଏକ ତଥ୍ୟ – ଯାହା ଏଠାରେ ପ୍ରାସଙ୍ଗିକ : ଯେଉଁମାନେ ଜୀବନର ଏକ ଅର୍ଥ ଅଛି ବୋଲି ବିଶ୍ୱାସ କରନ୍ତି, ଅର୍ଥାତ୍ ଯେଉଁମାନେ ସଚ୍ଚା ଆଶାବାଦୀ, ସେମାନେ ଅପେକ୍ଷାକୃତ ସ୍ୱାଭାବିକ ନିଦ୍ରା ଉପଭୋଗ କରନ୍ତି । ଗବେଷଣାର ପ୍ରକାଶିତ ଅଂଶର ଗୋଟିଏ ବାକ୍ୟ : ''ଜୀବନର ଏକ ଆଭିମୁଖ୍ୟ ରହିଛି, ଲୋକଙ୍କ ମନରେ ଏହି ବିଶ୍ୱାସ ଜନ୍ମାଇ ପାରିଲେ ସେମାନଙ୍କ ନିଦ୍ରାରେ ବିନା ଔଷଧରେ ଗୁଣଗତ ଉତ୍କର୍ଷ ସାଧିତ ହେବ – ବିଶେଷତଃ ବର୍ତ୍ତମାନ ଯେତେବେଳେ ଅଧିକରୁ ଅଧିକ ବ୍ୟକ୍ତି ନିଦ୍ରାହୀନତାକୁ ସାମନା କରୁଛନ୍ତି । "Helping people cultivate a purpose in life could be an effective drug-free strategy to improve sleep quality, particularly for a population that is facing more insomnia,..."

ଏ ଦୁଇ ଗବେଷଣାଲବ୍ଧ ତଥ୍ୟ ଯେ ପରସ୍ପର ଗଭୀର ସମ୍ପର୍କିତ, ଏକଥା ଦର୍ଶାଇବା ବାହୁଲ୍ୟ ମାତ୍ର ।

**– ମନୋଜ ଦାସ** ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com




He has come to bid the earth
to prepare for its luminous future.

*15 August 1964* – The Mother

ସେ ଆଗମନ କରିଛନ୍ତି ଏ ଧରିତ୍ରୀକୁ ତା'ର ଜ୍ୟୋତିର୍ମୟ ଭବିଷ୍ୟତ୍
ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ।

— ଶ୍ରୀମା

**Vol. XLVIII, No. 8** **R.N.I. No. 18163/70.**
Navaprakash, August, 2017 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2015-17


## ବିଶେଷ ସୂଚନା

# ପୂର୍ଣ୍ଣାଙ୍ଗ ନିରାମୟତା




ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚନାବଳୀ ଏବଂ କଥୋପକଥନ-ମୂଳକ ଗ୍ରନ୍ଥରୁ ସଂକଳିତ 'Integral Healing' ପୁସ୍ତକର ଓଡ଼ିଆ ଅନୁବାଦ 'ପୂର୍ଣ୍ଣାଙ୍ଗ ନିରାମୟତା' ପ୍ରକାଶ ପାଇଲା । ଏହି ପୁସ୍ତକଟିରେ ଶ୍ରୀମା ଓ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚିକିତ୍ସା ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି ।

ଆଶାକରୁ ଜିଜ୍ଞାସୁ ପାଠକମାନେ ଏହି ପୁସ୍ତକଟିକୁ ଅଧ୍ୟୟନ କରି ଉପକୃତ ହେବେ ।

୨୮୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : (ଟ. ୧୫୦/-) ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**